

ଦୀପିକାଙ୍କ ନୂଆ ପଦକ୍ଷେପ

▶ପୃଷ୍ଠା 9 ଦେଖନ୍ତୁ...


RNI REGD NO: 42041/83

www.sakalaepaper.com

/sakalanews

/sakalanews

www.thesakala.in

ସକାଳ

THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-193 ◆THURSDAY ◆8 JANUARY 2026 ◆PAGE-12 ◆₹ 7.00 | BHUBANESWAR | ◆ବର୍ଷ-୪୩ ◆ସଂଖ୍ୟା-୧୯୩ ◆ଗୁରୁବାର ◆୮ ଜାନୁଆରୀ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦


# ଏପ୍ରିଲରୁ ଓଡ଼ିଶାରେ ଜନଗଣନା

## ପ୍ରଥମେ ହେବ ଗୃହ ତାଲିକା, ଆସବାବପତ୍ର ଗଣନା

■ ଭୁବନେଶ୍ୱର, ୭।୧ (ସମିସ): ସାରା ଦେଶରେ ଆସନ୍ତା ଏପ୍ରିଲରୁ ସେପ୍ଟେମ୍ବର ମଧ୍ୟରେ ପ୍ରଥମ ପର୍ଯ୍ୟାୟ ଜନଗଣନା ହେବ । ବିଭିନ୍ନ ରାଜ୍ୟମାନେ ନିଜର ସୁବିଧା ଅନୁସାରେ ୩୦ ଦିନ ମଧ୍ୟରେ ଗୃହ ତାଲିକା ଓ ଘର ଗଣନା କରିପାରିବା ନେଇ ନିର୍ଦ୍ଦେଶ ରହିଥିବା ବେଳେ ଓଡ଼ିଶାରେ ଏପ୍ରିଲରୁ ମେ ମାସ ମଧ୍ୟରେ ଗୃହ ତାଲିକା ଓ ଗୃହ ଗଣନା କରାଯିବ । ଏନେଇ ବୁଧବାର ଲୋକସେବା ଭବନରେ ରାଜ୍ୟସ୍ତରୀୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି ।

ସୂଚନା ଅନୁସାରେ ଗତ ଡିସେମ୍ବର ୩୧ ତାରିଖ ସୁଦ୍ଧା ଘୋଷିତ ହୋଇଥିବା ନିର୍ଦ୍ଦେଶିତ ଅଞ୍ଚଳ ବ୍ୟତୀତ ଏହି ଜନଗଣନା ସମୟରେ ନୂଆ ଗାଁ, ନୂଆ ସହର, ଗାଁ ସହରରେ ମିଶିବା ଭଳି ସୀମା ପୁନଃ ନିର୍ଦ୍ଧାରଣ କାର୍ଯ୍ୟ ହେବନାହିଁ । ଜନଗଣନା କାର୍ଯ୍ୟର ସୁସମ୍ପାଦନ ପାଇଁ ଜାତୀୟ ସ୍ତରରେ ରେଜିଷ୍ଟ୍ରାର ଜେନେରାଲ ଓ ଜନଗଣନା ଆୟୁକ୍ତ ଥିବା ବେଳେ ରାଜ୍ୟସ୍ତରରେ ମୁଖ୍ୟ ଶାସନ ସଚିବ ରାଜ୍ୟ ନୋଡାଲ ଅଧିକାରୀ ଓ ଏବଂ ଜିଲ୍ଲାସ୍ତରରେ ଜିଲ୍ଲାପାଳମାନେ ଜିଲ୍ଲାର ଏବଂ ମହାନଗର ନିଗମ ଅଞ୍ଚଳରେ ମ୍ୟୁନିସିପାଲ କମିସନରମାନେ ପ୍ରମୁଖ ଜନଗଣନା ଅଧିକାରୀ ଭାବେ ନିୟୋଜିତ ରହିବେ । ଉପଖଣ୍ଡ ବା ସହରାଞ୍ଚଳରେ ତହସିଲଦାର ଓ ଡେପୁଟି କମିସନରମାନେ ଚାର୍ଜ ଅଧିକାରୀ ଭାବେ

### ୨୦୦ ଘର ପାଇଁ ନିଯୁକ୍ତି ପାଇବେ ଜଣେ ଅଧିକାରୀ

### ନାଗରିକ ଚାହିଁଲେ ୱେବସାଇଟରେ ଦେଇପାରିବେ ତଥ୍ୟ



କାର୍ଯ୍ୟ କରିବେ । ଶିକ୍ଷକ , ରାଜ୍ୟ ସରକାର ଓ ସ୍ଥାନୀୟ ସ୍ୱାୟତ୍ତଶାସନ ସଂସ୍ଥାର ଅନ୍ୟ କ୍ଷେତ୍ରସ୍ତରୀୟ ଅଧିକାରୀମାନେ ଜନଗଣନାକାରୀ (ଏନ୍ୟୁମେରେଟର) ଏବଂ ସୁପରଭାଇଜର ଦାୟିତ୍ୱ ତୁଲାଇବେ । ଜନଗଣନା ପାଇଁ ପୂର୍ବରୁ ମାଷ୍ଟର ଟ୍ରେନର ଏବଂ କ୍ଷେତ୍ରସ୍ତରୀୟ ପ୍ରଶିକ୍ଷକଙ୍କ ପାଇଁ ବ୍ୟାପକ ପ୍ରଶିକ୍ଷଣ ଦିଆଯିବ ।

ଜନଗଣନା ନିର୍ଦ୍ଦେଶକ ନିଖିଲ ପୱନ କଲ୍ୟାଣ କହିଛନ୍ତି ଯେ ପ୍ରତି ୨୦୦ ଘର ପାଇଁ ଜଣେ ଲେଖାଏଁ ଅଧିକାରୀ ନିୟୋଜିତ ହେବେ । ପ୍ରତି ୬ ଜଣ ଅଧିକାରୀଙ୍କ ପାଇଁ ଜଣେ ଲେଖାଏଁ ସୁପରଭାଇଜର ନିୟୋଜିତ ହେବେ । ଜଣେ ଜନଗଣନା ଅଧିକାରୀଙ୍କୁ ସରକାର ୨୫ ହଜାର ଟଙ୍କା ପ୍ରଦାନ କରିବେ । ବ୍ୟବସ୍ଥା ଅନୁଯାୟୀ ଜଣେ ଲୋକ ନିଜେ ଚାହିଁଲେ ନିଜର ତଥ୍ୟ ଦେଇପାରିବେ, ୱେବସାଇଟ ଜରିଆରେ ପଞ୍ଜିକୃତ ମଧ୍ୟ କରିପାରିବେ । ସମସ୍ତ ପ୍ରକ୍ରିୟା ମୋବାଇଲ ନମ୍ବରରେ ଓଟିପି ବେସଡ୍ ହେବ । ଗୋଟିଏ ନମ୍ବର ଦୁଇ ଥର ବ୍ୟବହାର କରି ପାରିବେନି କି ଆପରୁ ସ୍କ୍ରିନ ସଟ ମଧ୍ୟ ବ୍ୟବହାରକାରୀ ▶ପୃଷ୍ଠା-୭

# 'ଏସ୍‌ମା'କୁ 'ଓମ୍‌ସା'ର ବେଖାତିର

## ଦାବି ପୂରଣ ନ ହେବା ଯାଏଁ ଜାରି ରହିବ ଆନ୍ଦୋଳନ: ସଂଘ

■ ଭୁବନେଶ୍ୱର, ୭।୧ (ସମିସ): ଡାକ୍ତରଙ୍କ ଆନ୍ଦୋଳନ ବିରୋଧରେ ମଙ୍ଗଳବାର ରାଜ୍ୟ ସରକାର ଏସ୍‌ମା ଲଗାଇଥିବା ବେଳେ ଏହାକୁ ଖାତିର କରିନାହିଁ ଓଡ଼ିଶା ମେଡିକାଲ ସର୍ଭିସ ଆସୋସିଏସନ(ଓମ୍‌ସା) । ବୁଧବାର ରାଜ୍ୟବ୍ୟାପୀ ସରକାରୀ ହସ୍ପିଟାଲରେ ଦୁଇ ଘଣ୍ଟା ଓପିଡି ସେବା ବର୍ଜନ କରିଛି ସଂଘ । ରାଜ୍ୟ ସରକାରଙ୍କ ନିଷ୍ପତ୍ତି ଉପରେ ସଂଘ କ୍ଷୋଭ ପ୍ରକାଶ କରିବା ସହ ସମାଲୋଚନା କରିଛି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିଜ ଜନ୍ମଦିନରେ ଡାକ୍ତରମାନଙ୍କୁ ଏସ୍‌ମା ଉପହାର ଦେଇଛନ୍ତି । ସରକାରଙ୍କ ନିଷ୍ପତ୍ତି ଗଣତନ୍ତ୍ର ପାଇଁ ହିତକର ନୁହେଁ ବୋଲି ସଂଘର ସଭାପତି ଡାକ୍ତର କିଶୋର ଚନ୍ଦ୍ର ମିଶ୍ର କହିଛନ୍ତି । ଡାକ୍ତର ମିଶ୍ର କହିଛନ୍ତି ଯେ ରାଜ୍ୟରେ ୧୫୦୦୦ ଡାକ୍ତରଙ୍କ ସ୍ଥାନରେ ମାତ୍ର ୬୦୦୦ ଡାକ୍ତର ରୋଗୀସେବା କରୁଛନ୍ତି । ଆମକୁ ଆମର ନ୍ୟାଯ୍ୟ ପଦୋନ୍ନତି, ପ୍ରୋତ୍ସାହନ ରାଶି ମିଳୁନାହିଁ । ଆମେ କିପରି ସରକାରଙ୍କ ଦ୍ୱାରା ପ୍ରତାରିତ ହୋଇ ଆସୁଛୁ, ତାହା ଜନତାଙ୍କୁ ସୂଚିତ କରିବାକୁ ଚାହୁଁଥିଲୁ । ସେଥିପାଇଁ ଆମେ ଜରୁରୀକାଳୀନ ସେବା ବନ୍ଦ କରି ନ ଥିଲୁ । ପ୍ରଥମେ କଳାବ୍ୟାଚ ପିନ୍ଧି ପ୍ରତିବାଦ କରିବା ପରେ ଏକ ଘଣ୍ଟା ଓପିଡି ସେବା ବର୍ଜନ କରିଥିଲୁ । ମାତ୍ର ସରକାର ଆମ ଦାବି ପ୍ରତି କର୍ଣ୍ଣପାତ ନ କରିବା କାରଣରୁ ବାଧ ହୋଇ ୨ ଘଣ୍ଟା ଓପିଡି ସେବା ବର୍ଜନ ନିଷ୍ପତ୍ତି ନେଇଥିଲୁ । ମାତ୍ର ସରକାର ଆମ ଦାବି ଗ୍ରହଣ କରିବା ପରିବର୍ତ୍ତେ ଆମ ଉପରେ ଏସ୍‌ମା ଲଗାଇଦେଲେ । ଗଣତନ୍ତ୍ର ପାଇଁ ଏହା ହିତକର ନୁହେଁ । ରାଜ୍ୟ ସରକାରଙ୍କ ଉପରୋକ୍ତ ନିଷ୍ପତ୍ତିକୁ ଓମ୍‌ସା ନାପସନ୍ଦ କରୁଛି ବୋଲି ଡାକ୍ତର ▶ପୃଷ୍ଠା-୭

### ସରକାରଙ୍କ ନିଷ୍ପତ୍ତି ଗଣତନ୍ତ୍ର ପାଇଁ ଶୁଭସୂଚନା ନୁହେଁ

### ମୁଖ୍ୟମନ୍ତ୍ରୀଙ୍କ ଜନ୍ମଦିନରେ ଡାକ୍ତରଙ୍କୁ 'ଏସ୍‌ମା' ଉପହାର

# ଗଞ୍ଜେଇ ମାଫିଆଙ୍କ ୫ କୋଟି ଟଙ୍କାର ସମ୍ପତ୍ତି ବାଜ୍ୟାପ୍ତ

■ ଫୁଲବାଣୀ, ୭।୧ (ସମିସ): ବେଆଇନ ଗଞ୍ଜେଇ କାରବାରରେ ସଂପୃକ୍ତ ଥିବା ଏବଂ ଏଥିରୁ ବିପୁଳ ଅର୍ଥ ଠୁଳ କରିଥିବା ଅଭିଯୋଗରେ ଜଣେ ଗଂଜେଇ ମାଫିଆର ୫ କୋଟି ଟଙ୍କାର ସମ୍ପତି ବାଜ୍ୟାପ୍ତ କରିଛି ଅର୍ଥ ମନ୍ତ୍ରଣାଳୟର ରାଜସ୍ୱ ବିଭାଗ । ମାଫିଆ ସମେତ ସମ୍ପର୍କୀୟ ୫ ଜଣଙ୍କ ବେଆଇନ ସମ୍ପତ୍ତି ମଧ୍ୟ ଜବତ ହୋଇଛି । ବହୁ ଆକାଉଣ୍ଟ ଅଚଳ ପାଇଁ ଫୁଲବାଣୀ ସଦର ଥାନାକୁ ନିର୍ଦ୍ଦେଶ ଦେଇଛି ବିଭାଗ । ଫୁଲବାଣୀ ସଦର ଥାନା ପୁଲିସ ୪ ଜୁନ ୨୦୨୫ ତାରିଖରେ ବିଶେଷ ସୂତ୍ରରୁ ଖବର ପାଇ ଦିନ ପ୍ରାୟ ୧୨ଟାରେ ଧୋବଣିଖୋଲରେ ଏକ ଟ୍ରକ୍ ରେଜିଷ୍ଟ୍ରେସନ୍ ନମ୍ବର ଓଡି-୦୨-ବିଡବ୍ଲୁ-୦୭୨୦ରୁ ୫୧୬ କିଲୋଗ୍ରାମ ଗଂଜେଇ ଜବ୍ତ କରିଥିଲା । ଏହି ଘଟଣାରେ ମିଥୁନ ନାୟକ ଏବଂ ଜ୍ୟୋତି ଜ୍ୟୋତିଷ ବେହେରା ନାମକ ଦୁଇଜଣ ଗିରଫ ▶ପୃଷ୍ଠା-୭

### ସମ୍ପର୍କୀୟଙ୍କ ଆକାଉଣ୍ଟ ଅଚଳ

### ବହୁ ଦାମୀ କାର ବାଇକ୍ ଜବତ

## ପ୍ରଦୂଷଣକୁ ବଳିଗଲାଣି ପ୍ରମାଣପତ୍ର ଯନ୍ତ୍ରଣା

# ଲୋକଙ୍କୁ କାଳ ସରକାରଙ୍କ 'ଟାର୍ଗେଟ'

■ ଭୁବନେଶ୍ୱର, ୭।୧ (ସମିସ): ଗାଡ଼ି ପ୍ରଦୂଷଣ କରୁଛି କି ନାହିଁ ତାହା ଜଣାନାହିଁ, ମାତ୍ର ପ୍ରଦୂଷଣ ପ୍ରମାଣପତ୍ର ଯାତନାରେ ରାଜ୍ୟବାସୀ ହନ୍ତସନ୍ତ । ୭୦ ଟଙ୍କା ଦେଇ ବାଇକ୍ ବା ସ୍କୁଟର, ୧୨୦ ଟଙ୍କା ଦେଇ ଚାରିଚକିଆ ଯାନର ପ୍ରମାଣପତ୍ରଟିଏ ଆଣିଲେ ରାଜ୍ୟରେ ପ୍ରଦୂଷଣ କିପରି କମିବ ତାହା କେହି ବୁଝିପାରୁ ନାହାନ୍ତି । ସୋସିଆଲ ମିଡ଼ିଆ ଖୋଲିଲେ ମାଳମାଳ ଅଭିଯୋଗ ଆସୁଛି । ଜୋରିମାନା ଆଦାୟ ପାଇଁ ସରକାରୀ ଅଧିକାରୀ, ପୁଲିସ ଉପରେ ରାଜ୍ୟ ସରକାର ଦେଇଥିବା ଟାର୍ଗେଟ ଏବେ ସାଧାରଣ ଲୋକଙ୍କ ପାଇଁ କାଳ ହୋଇଛି । ପ୍ରଦୂଷଣ ପ୍ରମାଣପତ୍ର ନ ଥିଲେ ଗୋଟିଏ ଗୋଟିଏ ଗାଡ଼ି ଉପରେ ଗୋଟିଏ ଦିନରେ ୪୦ରୁ ୬୦ ହଜାର ଟଙ୍କା ଜୋରିମାନା ଭିଡ଼ା ଯାଉଛି । ପ୍ରଶ୍ନ କଲେ ପୁଲିସ, ଟ୍ରାଫିକ୍ କର୍ମଚାରୀମାନେ ସରକାରଙ୍କ ଟାର୍ଗେଟ ଅଛି ବୋଲି ଉତ୍ତର ଦେଉଛନ୍ତି ।

ଗତକାଲି ପିପିଲି ନିକଟରେ ଦୁର୍ଘଟଣାରେ ମୃତ୍ୟବରଣ କରିଥିବା ଜଣେ ମହିଳା ସାମ୍ବାଦିକ ଶୀଲା ପଟ୍ଟନାୟକଙ୍କ ମୃତ୍ୟୁ ପଛରେ ଏହି ଟାର୍ଗେଟ ହିଁ ନିହିତ ଥିବା କୁହାଯାଉଛି । ତାଙ୍କ ଗାଡ଼ି ଉପରେ ପ୍ରାୟ ୧୮ ହଜାର ଟଙ୍କା ଚାଲାଣ ଥିବାରୁ କୁଆଡ଼େ ତାଙ୍କର ପ୍ରଦୂଷଣ ପ୍ରମାଣପତ୍ର ହୋଇ ପାରି ନ ଥିଲା । ଯେଉଁଥିପାଇଁ ସେ ବାଧ ହୋଇ ଜରୁରୀ କାର୍ଯ୍ୟ ପାଇଁ ସ୍କୁଟରରେ ପୁରୀ ଯିବାବେଳେ ଦୁର୍ଘଟଣାରେ ପ୍ରାଣ ହରାଇଲେ । ଯଦି ତାଙ୍କ ଗାଡ଼ି ଉପରେ ଜୋରିମାନା ନ ଥାନ୍ତା ବା ଜୋରିମାନା ପାଇଁ ▶ପୃଷ୍ଠା-୭

### ୧୩୦୦ କୋଟି ଚାଲାଣ ରାଶି ଆଦାୟ ପାଇଁ ଫନ୍ଦି

### ପ୍ରସଙ୍ଗରୁ ଦୃଷ୍ଟି ହଟାଇବାକୁ ଯୋଜନାବଦ୍ଧ ଷଡ଼ଯନ୍ତ୍ର

### ଗାଡ଼ି ଉପରେ ଲକ୍ଷଲକ୍ଷ ଟଙ୍କା ଜୋରିମାନାକୁ ନେଇ ପ୍ରଶ୍ନ

## ୨୮ ରୁ ସଂସଦର ବଜେଟ ଅଧିବେଶନ

# ଫେବୃଆରୀ ପହିଲାରେ ବଜେଟ

■ ନୂଆଦିଲ୍ଲୀ, ୭।୧ (ଏଜେନ୍ସି): ୨୦୨୬-୨୭ ଆର୍ଥିକବର୍ଷ ପାଇଁ କେନ୍ଦ୍ର ବଜେଟ ଆସନ୍ତା ଫେବୃଆରୀ ପହିଲାରେ ଆଗତ ହେବ । ବୁଧବାର ଅନୁଷ୍ଠିତ ସଂସଦୀୟ ବ୍ୟାପାର ସମ୍ପର୍କିତ କ୍ୟାବିନେଟ୍ କମିଟି (ସିସିପିଏ) ବୈଠକରେ ଏ ସମ୍ପର୍କରେ ନିଷ୍ପତ୍ତି ନିଆଯାଇଛି । ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଫେବୃଆରୀ ପହିଲା ରବିବାର ବଜେଟ ଉପସ୍ଥାପନ କରିବେ । ତେବେ ଚଳିତଥର ସବୁଠାରୁ ବଡ଼ କଥା ହେଉଛି ଯେ, ପ୍ରଥମ ଥର ପାଇଁ ରବିବାର ବଜେଟ ଆଗତ ହେବ । ଜାନୁଆରୀ ୨୮ରେ ରାଷ୍ଟ୍ରପତିଙ୍କ ଅଭିଭାଷଣ ସହିତ ବଜେଟ ଅଧିବେଶନ ଆରମ୍ଭ ହେବ । ଏହି ବଜେଟ୍ ଅଧିବେଶନ ଦୁଇଟି ପର୍ଯ୍ୟାୟରେ ହେବ । ସଂସଦୀୟ ବ୍ୟାପାର କମିଟି ଆଜି ବଜେଟ ଦିନ ଧାର୍ଯ୍ୟ କରିବା ପରେ ଏ ନେଇ ପୂର୍ବରୁ ରହିଥିବା ସଂଶୟ ହଟିଛି । କାରଣ ଫେବୃଆରୀ ୧ ତାରିଖ ରବିବାର ଦିନ ପଡୁଛି । ତେଣୁ ରବିବାର ଛୁଟି ଦିନରେ ବଜେଟ ଆଗତ କରାଯିବ କିମ୍ବା ତାହାର ଦିବସ ପରିବର୍ତ୍ତନ ହେବ ▶ପୃଷ୍ଠା-୭

### ପ୍ରଥମ ଥର ପାଇଁ ରବିବାର ହେବ ଆଗତ

## ପୂରଣ ହେଲା ଗୋଟିଏ ଦାବି; ଆଉ ତିନିଟି ବିଚାରାଧୀନ

# ସରକାରଙ୍କୁ ମିଲରଙ୍କ ୧୫ ଦିନିଆ ମହଲତ

■ ଭୁବନେଶ୍ୱର, ୭।୧ (ସମିସ): ସର୍ତ୍ତମୂଳକ ଭାବେ ସରକାରଙ୍କୁ ୧୫ ଦିନିଆ ମହଲତ ଦେଇ ଆନ୍ଦୋଳନ ପ୍ରତ୍ୟାହାର କରିଛି ମିଲର ସଂଘ । ଫଳରେ ଗତ ୩ ଦିନ ହେବ ବନ୍ଦ ରହିଆସିଥିବା ଧାନ କିଣା ଗୁରୁବାରଠାରୁ ସ୍ୱାଭାବିକ ହେବ ବୋଲି ଆଶା କରାଯାଉଛି । ଚାଷୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଏହି ନିଷ୍ପତ୍ତି ନିଆଯାଇଛି ବୋଲି ମିଲର୍ସ ସଂଘ କହିଛି । ସଂଘ ପକ୍ଷରୁ କୁହାଯାଇଛି ଯେ ସରକାରଙ୍କ ନିକଟରେ ୪ ଦଫା ଦାବି ରଖାଯାଇଥିଲା । ଏଥି ମଧ୍ୟରୁ ଗୋଟିଏ ଦାବି ସରକାର ମାନି ନେଇଛନ୍ତି । ବାକି ଦାବିଗୁଡ଼ିକ ପୂରଣ ପାଇଁ ସରକାର ୧୫ ଦିନ ସମୟ ମାଗିଛନ୍ତି । ତେଣୁ ସରକାରଙ୍କୁ ସମୟ ଦିଆଯାଇଛି ଓ ଏହି ଦାବି ପୂରଣ ନେଇ ସରକାର ପଦକ୍ଷେପ ନେବେ ବୋଲି ସଂଘ ଆଶାବାଦୀ ରହିଛି । ସଂଘ ଆହୁରି କହିଛି, ବର୍ତ୍ତମାନ ସୁଦ୍ଧା ୧୪ ଲକ୍ଷ ମେଟ୍ରିକ ଟନ୍ ଧାନ ସଂଗ୍ରହ କରାଯାଇଛି । ଆଜିକୁ ୩ ଦିନ ହେଲାଣି ଆମର ଧାରଣା ଚାଲିଥିଲା । ବିଭାଗୀୟ ମନ୍ତ୍ରୀ ଆମର ଗୋଟିଏ ଦାବିକୁ ପୂରଣ କରିବା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି । ମକର ସଂକ୍ରାନ୍ତି ଥିବାରୁ ଆସନ୍ତା ୧୫ ଦିନ ପର୍ଯ୍ୟନ୍ତ ▶ପୃଷ୍ଠା-୭

### ଆନ୍ଦୋଳନ ସ୍ଥଗିତ, ଆଜିଠାରୁ ସ୍ୱାଭାବିକ ହେବ ଧାନକିଣା






# ଗଛରେ ପିଟିହେଲା ବାଇକ୍; ୨ ମୃତ


■ ପାତ୍ରପୁର, ୭।୧ (ସମିସ): ଜରଡ଼ା ଥାନା ଖାରିଆଗୁଡା ଫାଣ୍ଡି ଅନ୍ତର୍ଗତ ମନ୍ଦରଡା ତିତିଗାଁ ରାସ୍ତା ନିକଟରେ ଏକ ବାଇକ୍ ରାସ୍ତାକଡ଼ ଗଛରେ ପିଟି ହେବାରୁ ୨ ଜଣ ମୃତ୍ୟୁ ଘଟିଥିବା ବେଳେ ଜଣେ ଆହତ ହୋଇଛନ୍ତି । ମୃତକ ହେଲେ ତିତିଗାଁ ଗ୍ରାମର ନାଥ ନାଇକଙ୍କ ପୁଅ କେଦାର ନାଇକ ଓ ବନମାଳୀ ଗ୍ରାମର ଝଡ଼ିଆ ନାଇକଙ୍କ ପୁଅ ରଞ୍ଜନ ନାଇକ । ଆହତ ଜଣକ ହେଲେ ଜୁରିଆ ନାଇକଙ୍କ ପୁଅ ରାହୁଲ ନାଇକ ।

ପ୍ରକାଶ ଯେ ତିନିଜଣ ବାଇକ ଯୋଗେ କୌଣସି କାମରେ ଯିବାବେଳେ ତିତିଗାଁ ନିକଟରେ ଭାରସାମ୍ୟ ହରାଇ ରାସ୍ତା କଡ଼ର ଏକ ଗଛକୁ ଧକ୍କା ଦେଇଥିଲେ । ଘଟଣାସ୍ଥଳରେ କେଦାରଙ୍କ ମୃତ୍ୟୁ ହୋଇଥିବା ବେଳେ ସ୍ଥାନୀୟ ଲୋକେ ପାତ୍ରପୁର ଦମକଳ ବାହିନୀକୁ ଖବର ଦେଇଥିଲେ । ଅଗ୍ନିଶମ କର୍ମଚାରୀ ପହଞ୍ଚି ସମସ୍ତ ଆହତଙ୍କୁ ପାତ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ । ସେଠାରେ ରଞ୍ଜନଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ ।





ଆଜି ଆସିଥିଲେ

# ଓଡ଼ିଶୀ ନୃତ୍ୟଗୁରୁ କେଲୁଚରଣ ମହାପାତ୍ର



ଓଡ଼ିଶୀର ପୁନରୁତ୍ଥାନ ଓ ଶାସ୍ତ୍ରୀୟ ମାନ୍ୟତା ପ୍ରଦାନ କରାଇବାରେ ଗୁରୁ କେଲୁଚରଣ ମହାପାତ୍ରଙ୍କ ପ୍ରମୁଖ ଭୂମିକା ରହିଥିଲା । ପଦ୍ମ ବିଭୂଷଣ ପୁରସ୍କାର ପାଇବାରେ ସେ ପ୍ରଥମ ଓଡ଼ିଆ । ସେ ପ୍ରାୟ ୨୦୦ ଏକକ ପ୍ରଦର୍ଶନ ଓ ୫୦ଟି ନୃତ୍ୟ ନାଟିକା ସଂଯୋଜନ କରିଛନ୍ତି । ବିଶ୍ୱସ୍ତରରେ ଓଡ଼ିଶୀ ନୃତ୍ୟକୁ ପ୍ରଚାର ଓ ପ୍ରସାର କରାଇବାରେ ତାଙ୍କ ଯୋଗଦାନ ଅତୁଳନୀୟ । କେଲୁଚରଣ ପୁରୀ ଜିଲ୍ଲା ରଘୁରାଜପୁରରେ ଏକ ଶିଳ୍ପୀ ପରିବାରରେ ୧୯୨୬ ମସିହା ଆଜିର ଦିନରେ ଜନ୍ମଗ୍ରହଣ କରିଥିଲେ । ତାଙ୍କ ପିତା ଚିନ୍ତାମଣି ମହାପାତ୍ର ଜଣେ ଚିତ୍ରଶିଳ୍ପୀ ଓ ମର୍ଦ୍ଦଳ ବାଦକ ଥିଲେ । ପିଲାଦିନରୁ କେଲୁଚରଣ ଗୋଟିପୁଅ ନାଚପ୍ରତି ଆକର୍ଷିତ ହୋଇଥିଲେ । ତାଙ୍କ ପିତାଙ୍କୁ କିନ୍ତୁ ପୁଅର ଗୋଟିପୁଅ ନୃତ୍ୟ କରିବା ପସନ୍ଦ ନ ଥିଲା । ସେ ତାଙ୍କୁ ଏଥିରୁ ନିବୃତ୍ତ କରି ପୁରୀର 'କୁଞ୍ଜ ବିହାରୀ ରାସ ଲୀଳା' ଦଳରେ ଛାଡ଼ି ଦେଇଥିଲେ । କେଲୁଚରଣ ଏହି ଦଳରେ ପାଖାପାଖି ୧୦ ବର୍ଷ ରହିଥିଲେ । ପିତାଙ୍କ ଦେହାନ୍ତ ପରେ ସେ ଦଳ ଛାଡ଼ି ଗାଁକୁ ଜୀବିକା ନିର୍ବାହ ପାଇଁ ପଳାଇ ଆସିଥିଲେ । ତାଙ୍କ କଳାକାର ମନ ମାନି ନ ଥିଲା । ଏହାପରେ ସେ ଗାଁ ଛାଡ଼ି କଟକ ପଳାଇ ଆସିଥିଲେ । କଟକ ଆସି କବିଚନ୍ଦ୍ର କାଳୀଚରଣ ପଟ୍ଟନାୟକଙ୍କ ଓଡ଼ିଶା ଥିଏଟର୍ସରେ ଯୋଗ ଦେଇଥିଲେ । ଏହାପରେ ସେ ଅନ୍ନପୂର୍ଣ୍ଣା-ବି' ଦଳରେ ଯୋଗ ଦେଲେ । ଏଠାରେ ଗୁରୁ ପଙ୍କଜ ଚରଣ ଦାସଙ୍କ ସଂସ୍ପର୍ଶରେ ଆସି ତାଙ୍କ ନୃତ୍ୟ ପ୍ରତିଭାର ବିକାଶ ହୋଇଥିଲା । ନୃତ୍ୟ ନାଟିକା 'ଭସ୍ମାସୁର'ରେ 'ନଟରାଜ' ଭୂମିକାରେ ଅଭିନୟ କରି ଚର୍ଚ୍ଚାକୁ ଆସିଥିଲେ ଗୁରୁ କେଲୁଚରଣ । ଏଥିରେ ମୋହିନୀ ଭୂମିକାରେ ଅଭିନୟ କରିଥିଲେ ଲକ୍ଷ୍ମୀପ୍ରିୟା । ଏହାପରେ ଲକ୍ଷ୍ମୀପ୍ରିୟା କେଲୁଚରଣଙ୍କ ଯୁଗଳବନ୍ଦୀ ଆରମ୍ଭ ହୋଇଥିଲା । ସେ ୨୮ ବର୍ଷ ବୟସରେ ଲକ୍ଷ୍ମୀପ୍ରିୟାଙ୍କୁ ବିବାହ କରିଥିଲେ । ଏହାପରେ ଉଭୟ ପୁରୀ ଚାଲିଗଲେ । ପୁରୀରେ ମାହାରୀ ଓ ଗୋଟିପୁଅ ନୃତ୍ୟ ଉପରେ ଗବେଷଣା କରି ସେସବୁକୁ ଆୟତ୍ତ କରି ନିଜର ଏକ ପରିଚୟ ସୃଷ୍ଟି କରିପାରିଥିଲେ । ୧୯୫୩ ମସିହାରେ ସେ କଟକ କଳାବିକାଶ କେନ୍ଦ୍ରରେ ଯୋଗଦେଲେ । କଳାବିକାଶ କେନ୍ଦ୍ରରେ ସେ ଦୀର୍ଘ ୧୫ ବର୍ଷ ଓଡ଼ିଶୀ ଶିକ୍ଷାଦାନ କରି ବହୁ ଛାତ୍ରଛାତ୍ରୀ ସୃଷ୍ଟି କରିପାରିଥିଲେ । ସଂଯୁକ୍ତା ପାଣିଗ୍ରାହୀ, ମିନତି ମିଶ୍ର, ପ୍ରିୟମ୍ବଦା ମହାନ୍ତି ଆଦିଙ୍କୁ ବ୍ୟକ୍ତିଗତ ଭାବେ ଓଡ଼ିଶୀ ନୃତ୍ୟଶିକ୍ଷା ପ୍ରଦାନ କରିଥିଲେ । ବହୁ ବିଦେଶୀ ଶିଷ୍ୟ କଟକ ଆସି ଗୁରୁ କେଲୁଚରଣଙ୍କ ଘରେ ରହି ଓଡ଼ିଶୀ ନୃତ୍ୟ ଶିକ୍ଷା କରୁଥିଲେ । ସେ ଭୁବନେଶ୍ୱରସ୍ଥିତ ଓଡ଼ିଶୀ ଗବେଷଣା କେନ୍ଦ୍ର ସହିତ ଦଶବର୍ଷ ଧରି ଜଡ଼ିତ ଥିଲେ । ୧୯୯୫ ମସିହାରେ ସେ ଓଡ଼ିଶୀ ଗବେଷଣା କେନ୍ଦ୍ର ଛାଡିବା ପରେ ନିଜସ୍ୱ ଅନୁଷ୍ଠାନ 'ସୃଜନ'ର ଆରମ୍ଭ କରିଥିଲେ । ଓଡ଼ିଶୀ ନୃତ୍ୟର ଏହି ଅପ୍ରତିଦ୍ୱନ୍ଦ୍ୱୀ ସମ୍ରାଟଙ୍କୁ ଦେଶବାସୀ ସମ୍ମାନିତ କରିଥିଲେ ପଦ୍ମବିଭୂଷଣରେ । ଓଡ଼ିଶୀ ନୃତ୍ୟ ପ୍ରତି ନିଷ୍ଠାପର ଅବଦାନ ପାଇଁ ତାଙ୍କୁ କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ସମ୍ମାନ, ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାର, ସଙ୍ଗୀତ ନାଟକ ଏକାଡେମୀ ଫେଲୋସିପ୍, ମଧ୍ୟପ୍ରଦେଶ ସରକାରଙ୍କଠାରୁ କାଳିଦାସ ସମ୍ମାନ, ଡକ୍ଟରେଟ ସମ୍ମାନରେ ସମ୍ମାନିତ କରାଯାଇଛି । ୨୦୦୪ ମସିହା ଅପ୍ରେଲ ୭ ତାରିଖରେ କେଲୁଚରଣ ଇହଧାମ ତ୍ୟାଗ କରିଥିଲେ ।

# ଉତ୍କଳଘଣ୍ଟ ଯଦୁମଣି ମହାପାତ୍ର



ନିରୁତା ଜୀବନରେ ହାସ୍ୟରସ ଭରି ଜୀବନକୁ ହାସ୍ୟମୟ କରିବାରେ କବି ଯଦୁମଣି ମହାପାତ୍ର ଥିଲେ ସିଦ୍ଧହସ୍ତ । ରୀତିଯୁଗରେ ହାସ୍ୟ ଓ ବ୍ୟଙ୍ଗ ସାହିତ୍ୟର ଥିଲେ ସେ ସ୍ରଷ୍ଟା । ଉପସ୍ଥିତ ବୁଦ୍ଧି ଦ୍ୱାରା ଶବ୍ଦ ସଂଯୋଜନା କରି ବ୍ୟଙ୍ଗ ମାଧ୍ୟମରେ କୌଣସି ଘଟଣାକୁ ଉପସ୍ଥାପନା କରିବାରେ ସେ ସିଦ୍ଧହସ୍ତ ଥିଲେ । ପୁରାଣ, କାବ୍ୟ, ଅଳଙ୍କାର, ଶିଳ୍ପଶାସ୍ତ୍ର, ସଙ୍ଗୀତଶାସ୍ତ୍ର, ଜ୍ୟୋତିଷ ଓ ଦର୍ଶନଶାସ୍ତ୍ରରେ ତାଙ୍କର ଗଭୀର ପାଣ୍ଡିତ୍ୟ ଥିଲା । ଘଣ୍ଟର ଧ୍ୱନୀ ଭଳି ତାଙ୍କ କବିତା ସମସ୍ତଙ୍କୁ ସତର୍କ କରାଇ ଦେଉଥିବାରୁ ଯଦୁମଣି ନିଜକୁ ନିଜେ 'ଉତ୍କଳ ଘଣ୍ଟ' ନାମରେ ପରିଚୟ ଦେଉଥିଲେ ବୋଲି ଲୋକମତ ରହିଛି । କବି ସମ୍ରାଟ୍ ଉପେନ୍ଦ୍ର ଭଞ୍ଜଙ୍କୁ ଅନୁକରଣ କରି ସେ ତାଙ୍କର ରଚନାଶୈଳୀକୁ ସ୍ୱତନ୍ତ୍ର ଓ ମୌଳିକ କରି ପାରିଥିଲେ । ସେ ତାଙ୍କ ହାସ୍ୟ ରସାତ୍ମକ ଲେଖା ମଧ୍ୟରେ ଜଣେ ନିର୍ବାକ ଲୋକକୁ ବି ହସେଇ ପାରୁଥିଲେ । ଗ୍ରାମୀଣ ଶବ୍ଦର ପ୍ରୟୋଗ କରି ସେ ପ୍ରତି ପାଠକଙ୍କ ନିକଟତର ହୋଇଥିଲେ ଓ ସାଧାରଣ ଲୋକଙ୍କ ମନରେ ଆନନ୍ଦ ସୃଷ୍ଟି କରିପାରୁଥିଲେ । ଯଦୁମଣି ୧୭୮୧ ମସିହା ଆଜିର ଦିନରେ ଗଞ୍ଜାମ ଜିଲ୍ଲା ଆଠଗଡ଼ରେ ଜନ୍ମଗ୍ରହଣ କରିଥିଲେ । କବି ଗଞ୍ଜାମର ଆଠଗଡ଼ଠାରେ ଜନ୍ମ ଗ୍ରହଣ କରିଥିଲେ ମଧ୍ୟ ତାଙ୍କର ସମ୍ପୂର୍ଣ୍ଣ କର୍ମମୟ ଜୀବନ ନୟାଗଡ଼ର ଇଟାମାଟିଠାରେ ହିଁ ବିତିଥିଲା । ତାଙ୍କ ପିତାଙ୍କ ନାମ ଥିଲା ମୁକୁନ୍ଦ ମହାପାତ୍ର ଏବଂ ମା'ଙ୍କ ନାମ ଶୋଭାଦେଈ । ପିଲାଦିନରୁ ସେ ସଂସ୍କୃତ ଭାଷାର କାବ୍ୟ, ନାଟକ, ଅମରକୋଷ ଆଦି ପାଠ କରିଥିଲେ । ସ୍ଥପତି ପରିବାରରେ ଜନ୍ମ ହୋଇଥିବାରୁ ଦେବ ବିଗ୍ରହମାନଙ୍କର ରୂପ ଚିତ୍ରଣ, କାଠ ଓ ପ୍ରଥର ବିଗ୍ରହ ନିର୍ମାଣ, ପଟ୍ଟଚିତ୍ର ଅଙ୍କନ ଆଦିରେ ମଧ୍ୟ ସେ ଧୁରନ୍ଧର ଥିଲେ । ସେ ବିଭିନ୍ନ ରାଗରାଗିଣୀ, ଅଳଙ୍କାର ସମନ୍ୱିତ କାବ୍ୟ, ଚଉପଦୀ, ଭଜନ ଜଣାଣ ଓ ଗୀତ, କବିତା ମାନ ସୃଷ୍ଟି କରି ଓଡ଼ିଆ ସାହିତ୍ୟକୁ ଋଦ୍ଧିମନ୍ତ କରିଛନ୍ତି । ତାଙ୍କର ସାହିତ୍ୟ ସୃଷ୍ଟି ମଧ୍ୟରେ 'ପ୍ରବନ୍ଧ ପୂର୍ଣ୍ଣଚନ୍ଦ୍ର' ଏବଂ 'ରାଘବ ବିଳାସ' ହେଉଛି ଓଡ଼ିଆ ସାହିତ୍ୟର ଅମୂଲ୍ୟ ସମ୍ପଦ । କବି ହେବା ପାଇଁ ପିଲାଦିନରୁ ଯଦୁମଣିଙ୍କର ପ୍ରବଳ ଆଗ୍ରହ ଥିଲା । ଗାଁ ଚାଟଶାଳୀରେ ଶିକ୍ଷା ଶେଷ କରି ସଂସ୍କୃତ ଶିକ୍ଷା ପାଇଁ ସେ ମାନଧାତାପୁର ଗ୍ରାମର ଜଣେ ସଂସ୍କୃତ ପଣ୍ଡିତଙ୍କ ନିକଟକୁ ଯାଇଥିଲେ । ସେଠାରେ ଶିକ୍ଷା ସମାପ୍ତ ପରେ ସେ ସଂସ୍କୃତରେ ଉଚ୍ଚଶିକ୍ଷା ପାଇଁ ଘୁମୁସର ନିକଟବର୍ତ୍ତୀ ବିଷ୍ଣୁଚକ୍ର ଗ୍ରାମକୁ ଗଲେ । ସେଠାରେ ସେ ପଞ୍ଚମୁଖ ଭଗବାନ କବିରାଜ ବାହିନୀପତି ନାମକ ବିଖ୍ୟାତ ସଂସ୍କୃତ ପଣ୍ଡିତଙ୍କ ପାଖରୁ ଶିକ୍ଷା ଲାଭ କରିଥିଲେ । ସେଠାରୁ ଯଦୁମଣି 'ହୟଗ୍ରୀବ' ମନ୍ତ୍ର ପ୍ରାପ୍ତ ହୋଇ ସାଧନା ଆରମ୍ଭ କରିଥିଲେ । ଯଦୁମଣି ନୟାଗଡ଼ର ରାଜା ବିନାୟକ ସିଂହ ମାନଧାତାଙ୍କ ଦରବାରରେ ରାଜକବି ଥିଲେ । କବି ଯଦୁମଣି ହାସ୍ୟକବି ଭାବେ ଖୁବ୍ ପରିଚିତ ଥିଲେ । ୧୮୬୬ ମସିହା ଜୁଲାଇ ୨ ତାରିଖରେ କବି ଯଦୁମଣିଙ୍କର ଦେହାନ୍ତ ହୋଇଥିଲା ।

# ଗାଈଙ୍କୁ ଜଗିବ ରୋବଟ୍



ବଡ଼ ବଡ଼ କାରଖାନାରେ ଏବେ ରୋବଟ୍ ଲୋକଙ୍କୁ ସାହାଯ୍ୟ କରୁଥିବା ବେଳେ ଏଣିକି ଏହା ଚାଷୀଙ୍କ ସହାୟକ ମଧ୍ୟ ପାଲଟିବ । ଅଷ୍ଟ୍ରେଲିଆର ବୈଜ୍ଞାନିକମାନେ 'ସ୍ୱାଗବଟ୍' ନାମକ ଏକ ସ୍ମାର୍ଟ ରୋବଟ୍ ବିକଶିତ କରିଛନ୍ତି । ଏହା କୌଣସି ସାଧାରଣ ରୋବଟ୍ ନୁହେଁ, ବରଂ ଏହା କ୍ଷେତ ସହିତ ଗାଈଙ୍କ ଦେଖାଶୁଣା ବି କରିବ । ଏହି ସ୍ମାର୍ଟ ରୋବଟ୍ କେବଳ ଗୋରୁଗାଈଙ୍କୁ ଗୋଟିଏ ସ୍ଥାନରୁ ଅନ୍ୟ ଏକ ସ୍ଥାନକୁ ସହଜରେ ନେବ ନାହିଁ, ବରଂ ଜମିର ସ୍ଥିତି, ଘାସର ଗୁଣବତ୍ତା ଏବଂ ପ୍ରାଣୀଙ୍କ ଗତିବିଧି ଉପରେ ବି ନଜର ରଖିବ । ଏଆଇ ଏବଂ ସେନସର୍ ଟେକ୍ନୋଲୋଜି ଯୋଗୁଁ ଏହା ଚାଷ ଓ ପଶୁପାଳନ ଜଗତରେ ନୂଆ ପରିବର୍ତ୍ତନ ଆଣିବ ବୋଲି ଆଶା କରାଯାଉଛି । ଏହା ହେଉଛି ଏକ ନାଲି ରଙ୍ଗର ଚାରି ଗୋଡ଼ ବିଶିଷ୍ଟ ରୋବଟ୍ । ଏହା ଗାତ ତଥା ଆବଡ଼ାଖାବଡ଼ା ରାସ୍ତା ଏବଂ କାଦୁଅରେ ବି ସହଜରେ ଚାଲିପାରିବ । ଏଥିରେ ଏଆଇ ଏବଂ ସ୍ମାର୍ଟ ସେନସର୍ ଲାଗିଛି । ସେହିପରି ମଣିଷର ସହାୟତା ବିନା ଏହି ରୋବଟ୍ କ୍ଷେତରେ ବୁଲିପାରିବ ଏବଂ ଗାଈ ପଲଙ୍କୁ ଗୋଟିଏ ସ୍ଥାନରୁ ଅନ୍ୟ ଏକ ସ୍ଥାନକୁ ନେଇପାରିବ । ଏହାବାଦ୍ ଏହି ରୋବଟ୍ ଘାସର ଗୁଣବତ୍ତା ତଥା ମାଟିର ଆର୍ଦ୍ରତାକୁ ଆଡଭାନ୍ସ ସେନସର୍ ମାଧ୍ୟମରେ ଜାଣିପାରିବ । ଏହାର ଅନ୍ୟତମ ବିଶେଷତ୍ୱ ହେଉଛି ଗାଈଗୋରୁଙ୍କୁ ଆବଶ୍ୟକତାରୁ ଅଧିକ ଚରିବାକୁ ମଧ୍ୟ ରୋକିପାରିବ । ସାଧାରଣତଃ ଗାଈ ଗୋଟିଏ ସ୍ଥାନରେ ଅଧିକ ଘାସ ଚରିଲେ, ସେହି ସ୍ଥାନର ମାଟି ଖରାପ ହୋଇଯାଏ । ତେଣୁ ସମୟ ପୂର୍ବରୁ ଉକ୍ତ ରୋବଟ୍ ଗାଈଙ୍କୁ ଚରିବା ଲାଗି ଅନ୍ୟତ୍ର ଛାଡ଼ିଦିଏ । ଏହା ପ୍ରାଣୀଙ୍କ ସ୍ୱାସ୍ଥ୍ୟ ଉପରେ ମଧ୍ୟ ଧ୍ୟାନ ଦିଏ । ଗାଈଗୋରୁ ରୋଗାକ୍ରାନ୍ତ କିମ୍ବା ଆହତ ହୋଇଥିଲେ, ଏହି ରୋବଟ୍ ତୁରନ୍ତ ଏହି ତଥ୍ୟ ଚାଷୀର ଫୋନ୍ ତଥା କମ୍ପ୍ୟୁଟରକୁ ପଠାଇଦିଏ । ସେହିପରି ଗର୍ଭବତୀ ଗାଈଙ୍କୁ ଭଲ ଘାସ ଥିବା ସ୍ଥାନରେ ନେଇ ଚରାଏ । ଏହିପ୍ରକାରେ ଉକ୍ତ ରୋବଟ୍ ଚାଷୀଙ୍କ ସମୟ ବଞ୍ଚାଇବା ସହ ଏହା ସ୍ୱଳ୍ପ ସମ୍ବଳରେ ଅଧିକ ଉତ୍ପାଦନ କରିବାରେ ମଧ୍ୟ ସାହାଯ୍ୟ କରିପାରିବ ।

# ଦୀପିକାଙ୍କ ନୂଆ ପଦକ୍ଷେପ



ବଲିଉଡ୍‌ର ଲୋକପ୍ରିୟ ଅଭିନେତ୍ରୀ ଦୀପିକା ପାଦୁକୋନ ତାଙ୍କର ୪୦ତମ ଜନ୍ମଦିନ ଅବସରରେ ଏକ ନୂଆ ପଦକ୍ଷେପ ଗ୍ରହଣ କରିଛନ୍ତି । ସେ ନୂଆ ପିଢ଼ିର କଳାକାରଙ୍କୁ ସୁଯୋଗ ଦେବା ଲାଗି ଏକ କାର୍ଯ୍ୟକ୍ରମ ଲଞ୍ଚ୍ କରିଛନ୍ତି । ଏହାର ନାଁ ରଖିଛନ୍ତି 'ଦ ଅନସେଟ୍ ପୋଗ୍ରାମ୍' । ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ହେଉଛି, ଏଥିରେ ନୂଆପିଢ଼ିର କଳାକାରଙ୍କୁ ସୁଯୋଗ ଦେବା । ବିଶେଷକରି ଭାରତୀୟ ସିନେମା, ଟିଭି ଏବଂ ବିଜ୍ଞାପନ ଦୁନିଆରେ କ୍ୟାରିୟର ଗଢ଼ିବାକୁ ଇଚ୍ଛା ରଖିଥିବା ଯୁବପ୍ରତିଭାମାନଙ୍କୁ ସୁଯୋଗ ଦେବା । ତେବେ ସେମାନଙ୍କ ପ୍ରତିଭା ଯେପରି ଲୋକଲୋଚନକୁ ଆସିପାରିବ, ଏଥିପାଇଁ ଏହି ପ୍ଲାଟ୍‌ଫର୍ମ ତିଆରି କରାଯାଇଥିବା ସେ କହିଛନ୍ତି । ଏହାର ପ୍ରଥମ ପର୍ଯ୍ୟାୟରେ ସାଉଣ୍ଡ, ଆର୍ଟ, ଡ୍ରେସ୍ ଡିଜାଇନ୍, ହେୟାର ଷ୍ଟାଇଲିଂ, ମେକ୍‌ଅପ୍ ଏବଂ ପ୍ରଡକସନ ଭଳି କାମ ସାମିଲ ରହିବ । ଏନେଇ ଦୀପିକା ସାମାଜିକ ଗଣମାଧ୍ୟମରେ ଏକ ଭିଡିଓ ବି ସେୟାର୍ କରି କହିଛନ୍ତି, 'ବର୍ଷେ ହେବ ଦେଶ ତଥା ଦେଶ ବାହାରର ପ୍ରତିଭାଶାଳୀ କଳାକାରମାନଙ୍କୁ ଦେଖିବା ତଥା ଶୁଣିବା ଲାଗି ଏକ ମଞ୍ଚ ପ୍ରଦାନ କରିବା ବାବଦରେ ମୁଁ ଚିନ୍ତା କରୁଥିଲି । ଏବେ ଏହି କାର୍ଯ୍ୟକ୍ରମର ଘୋଷଣା କରି ଖୁବ୍ ଖୁସି ଲାଗୁଛି ।' ଅନ୍ୟପଟେ 'ଅନ୍‌ସେଟ୍‌ପୋଗ୍ରାମ ଡଟ୍‌ଇନ୍'ରେ ଏହାକୁ ଦେଖି ହେବ । ଏହା ମାଧ୍ୟମରେ ଲୋକେ ନିଜର କାମ ପଠାଇପାରିବେ ଏବଂ ଇଣ୍ଡଷ୍ଟ୍ରୀର ଜଣାଶୁଣା ଲୋକଙ୍କ ସହ କାମ କରିବାର ସୁଯୋଗ ପାଇପାରିବେ ବୋଲି ଦୀପିକା କହିଛନ୍ତି । ଦୀପିକା ଶେଷ ଥର ପାଇଁ 'ସିଂଘମ୍ ଏଗେନ୍' ଫିଲ୍ମରେ ନଜର ଆସିଥିଲେ ।

## ଆଜିର ଇତିହାସ

- ୧୭୯୦- ପଥମ ଥର ପାଇଁ ଦେଶକୁ ସମ୍ବୋଧନ କଲେ ଆମେରିକାର ପ୍ରଥମ ରାଷ୍ଟ୍ରପତି ଜର୍ଜ ୱାଶିଂଟନ୍ ।
- ୧୮୮୪-ସମାଜ ସଂସ୍କାରକ କେଶବଚନ୍ଦ୍ର ସେନ୍‌ଙ୍କ ଜନ୍ମ ।
- ୧୯୨୯- ନେଦରଲ୍ୟାଣ୍ଡ ଓ ୱେଷ୍ଟଇଣ୍ଡିଜ୍ ମାଧ୍ୟମରେ ପ୍ରଥମ ଟେଲିଫୋନ୍ ସମ୍ପର୍କ ସ୍ଥାପନ ।
- ୧୯୪୨- ପ୍ରସିଦ୍ଧ ବ୍ରିଟିଶ୍ ଭୌତିକ ବିଜ୍ଞାନୀ ଷ୍ଟିଫେନ୍ ହକିଂଙ୍କ ଜନ୍ମ ।
- ୨୦୦୮ - ପ୍ରଧାନମନ୍ତ୍ରୀ ମନମୋହନ ସିଂହ ଷଷ୍ଠ ପ୍ରବାସୀ ଭାରତୀୟ ଦିବସ ସମ୍ମିଳନୀର ଉଦ୍‌ଘାଟନ କଲେ ।

# ଝିଟିପିଟି ପରି ମୁହଁ



ଅନେକ ଲୋକ ସେମାନଙ୍କର ଅଦ୍ଭୁତ କାର୍ଯ୍ୟ ପାଇଁ ଚର୍ଚ୍ଚାରେ ରହିଥାନ୍ତି । କିଏ ବାଲି, ଇଟା ଖାଇ ତ ଆଉ କିଏ ଇଞ୍ଜିନ୍ ତେଲ ପିଇ ଦୃଷ୍ଟି ଆକର୍ଷଣ କରିଥାନ୍ତି । ହେଲେ ଇଣ୍ଡୋନେସିଆର ମୁରାଙ୍ଗ ପରିବାରରେ ସମସ୍ତଙ୍କ ଚେହେରାରେ ଏକ ଅଜବ ପରିବର୍ତ୍ତନ ଦେଖାଯାଏ । ଏହି ପରିବାରର ସଦସ୍ୟମାନଙ୍କ ମୁହଁ ସବୁଦିନ ବଦଳୁଥାଏ । ସ୍ଥାନୀୟ ଲୋକେ ସେମାନଙ୍କୁ ମଣିଷ ପରିବର୍ତ୍ତେ ଝିଟିପିଟି ଭାବନ୍ତି । ଏହି ପରିବାରର ସୂର୍ଯ୍ୟ ମୁରାଙ୍ଗଙ୍କ ଚେହେରା ପିଲାଦିନରୁ ସ୍ୱାଭାବିକ ଥିଲା । ୧୨ ବର୍ଷ ବୟସରେ ହଠାତ୍ ତାଙ୍କ ଚେହେରାରେ ପରିବର୍ତ୍ତନ ହୋଇଥିଲା । ତାଙ୍କ ଆଖି ବାହାରକୁ ବାହାରି ଆସିବା ସହ ଚର୍ମ ପୂରା କଠିନ ହୋଇ ଯାଇଥିଲା । ସେ ଅବିକଳ ଝିଟିପିଟି ପରି ଦେଖାଯାଇଥିଲେ । ତେବେ ପ୍ରତିଦିନ ସକାଳ ଏବଂ ସନ୍ଧ୍ୟାରେ ତାଙ୍କ ଶରୀରରେ ଏଭଳି ପରିବର୍ତ୍ତନ ହେଉଥିଲା । ଏହି ସମସ୍ୟା କେବଳ ସୂର୍ଯ୍ୟଙ୍କର ଥିଲା ତାହା ନୁହେଁ, ତାଙ୍କ ପିଲାମାନଙ୍କ ସହ ବି ଏଭଳି ହେବାକୁ ଲାଗିଲା । କେବେ ନାକର ଆକାର ବଦଳୁଥିଲା ତ ଆଉ କେବେ ଥୋଡ଼ି, ଆଖିରେ ମଧ୍ୟ ପରିବର୍ତ୍ତନ ହେଉଥିଲା । ତେଣୁ ଆଖପାଖରେ ଲୋକେ ସେମାନଙ୍କୁ ଦେଖି ଭୟ କରୁଥିଲେ । ଏହି ପରିବାରର ଲୋକେ ରାତିରେ ଝିଟିପିଟି ହୋଇ ଯାଉଥିବା ଗୁଜବ ମଧ୍ୟ ସ୍ଥାନୀୟ ଲୋକଙ୍କ ମଧ୍ୟରେ ପ୍ରଚାରିତ ହେବାକୁ ଲାଗିଲା । ତେଣୁ ଏହି ପରିବାରର ଲୋକଙ୍କ ପାଖକୁ ଯିବାକୁ ସ୍ଥାନୀୟ ଅଞ୍ଚଳର ଲୋକେ ଭୟ କରନ୍ତି । ଅନ୍ୟପଟେ ଡାକ୍ତର ଏହି ସମସ୍ୟାକୁ ବଂଶାନୁଗତ ରୋଗ ବୋଲି କହୁଛନ୍ତି । ଏହି ପରିବାରର ଲୋକେ ଏକ ଦୁର୍ଲଭ ବଂଶାନୁଗତ ରୋଗରେ ପୀଡ଼ିତ ବୋଲି ଡାକ୍ତର କହୁଛନ୍ତି । ଏହି ରୋଗରେ ଚେହେରା, ଅସ୍ଥି ଏବଂ ତ୍ୱଚାରେ ଅସାଧାରଣ ଭାବେ ପରିବର୍ତ୍ତନ ଲକ୍ଷ୍ୟ କରାଯାଏ । ବର୍ତ୍ତମାନ ଏହି ରୋଗର ନାଁ କିମ୍ବା ଏହାର ଚିକିତ୍ସା ପଦ୍ଧତି ବିଷୟରେ କିଛି ଜଣାପଡ଼ିନି । ତେଣୁ କାହିଁକି ଚେହେରା ପରିବର୍ତ୍ତନ ହେଉଛି ଏହା ଏବେ ବି ରହସ୍ୟ ଘେରରେ ରହିଛି । ଅନ୍ୟପଟେ ମୁରାଙ୍ଗ ପରିବାରର କାହାଣୀ ଅନେକଙ୍କ ପାଇଁ ଭୟ ସୃଷ୍ଟି କରିଛି ।

# ପାଣିରେ ଭାସୁଥିବା ମୁଦ୍ରା



ମୁଦ୍ରା ବା କଏନକୁ ପାଣିରେ ଫିଙ୍ଗିଲେ ଏହା ବୁଡ଼ିଯାଏ । ଏହା ଏକ ସାଧାରଣ କଥା । ହେଲେ ଦୁନିଆରେ ଏମିତି ଏକ ମୁଦ୍ରା ରହିଛି ଯାହା ପାଣିରେ ପଡ଼ିଲେ ବି ଭାସିଥାଏ । ଏମିତି ଏକ ମୁଦ୍ରା ଜାପାନରେ ଦେଖିବାକୁ ମିଳେ । ଏହା ପାଣିରେ ଭାସିବା ପଛରେ ବୈଜ୍ଞାନିକ କାରଣ ଅଛି । ସାଧାରଣତଃ ଜାପାନ ନୂଆ ନୂଆ ଟେକ୍ନୋଲୋଜି ପ୍ରୟୋଗରେ ସବୁବେଳେ ଆଗରେ ରହିଥାଏ । ଏବେ ଜାପାନର ଏହି ମୁଦ୍ରାକୁ ନେଇ ସାମାଜିକ ଗଣମାଧ୍ୟମରେ ବେଶ୍ ଚର୍ଚ୍ଚା ହେଉଛି । ଜାପାନର ୧ ୟେନ୍‌ର ମୁଦ୍ରାର ସ୍ୱତନ୍ତ୍ରତା ହେଉଛି ଏହା ବହୁତ ହାଲୁକା । ଏହାର ଓଜନ ମାତ୍ର ୦.୯୯୯୨ ଗ୍ରାମ୍ । ଏହାର ବ୍ୟାସ ୨୦.୦୦ ମିଲିମିଟର ହୋଇଥିବାବେଳେ ଓସାର ୧.୪୬ ମିଲିମିଟର । ଏହି ମୁଦ୍ରାଟି ଆଲମୁନିୟମ୍‌ରେ ତିଆରି ହୋଇଥିବାରୁ ଏହା ବେଶ୍ ହାଲୁକା ହୋଇଥାଏ, ଏଥିପାଇଁ ସହଜରେ ପାଣିରେ ବୁଡ଼ି ନଥାଏ । ପାଣି ଉପରେ ଏହି ମୁଦ୍ରାକୁ ରଖିଲେ ଏହା ଭାସିବାକୁ ଲାଗିଥାଏ । ଯଦି ମୁଦ୍ରାଟି ଉପରେ ଅତ୍ୟଧିକ ବଳ ପ୍ରୟୋଗ କରାଯାଏ, ତେବେ ଏହା ପାଣି ଭିତରକୁ ଚାଲିଯାଏ । ୧୮୭୦ ମସିହାରେ ୧ ୟେନ୍ ମୁଦ୍ରା ରୂପା ଏବଂ ସୁନାରେ ତିଆରି କରାଯାଉଥିଲା । ସେତେବେଳେ ମୁଦ୍ରାର ଓଜନ ଅଧିକ ରହୁଥିଲା । ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଆଲୁମିନିୟମ୍‌ର ଘନତ୍ୱ ୨.୭ ଗ୍ରାମ୍ ପ୍ରତି ସେଣ୍ଟିମିଟର ହୋଇଥାଏ । ପାଣିର ଘନତ୍ୱ ୧ ଗ୍ରାମ୍ ପ୍ରତି ସେଣ୍ଟିମିଟର ତେଣୁ ୧ ୟେନ୍ ଏତେ ହାଲୁକା ଯେ, ଏହା ପାଣିରେ ବୁଡ଼ି ପାରେନାହିଁ । ଜାପାନରେ ମୋଟ୍ ୫ ପ୍ରକାର ମୁଦ୍ରା ପ୍ରଚଳିତ । ତନ୍ମଧ୍ୟରେ ୧ ୟେନ୍, ୫ ୟେନ୍, ୧୦ ୟେନ୍, ୫୦ ୟେନ୍, ୫୦୦ ୟେନ୍ ରହିଛି । ଏଥିରୁ ୧ ୟେନ୍ ଏବଂ ୫ୟେନ୍ ମୁଦ୍ରା ଭେଣ୍ଡିଂ ମେସିନ୍‌ରେ ବ୍ୟବହାର କରା ଯାଇପାରେ ନାହିଁ । ଅନ୍ୟ ମୁଦ୍ରାଗୁଡ଼ିକ ସାଧାରଣତଃ ଦୈନନ୍ଦିନ କିଣାବିକାରେ ବ୍ୟବହାର କରାଯାଏ ।

## ଆଜିର ରାଶିଫଳ

**ମେଷ:** ନିଜ ରୁଚି ଅନୁସାରେ କାମ କରିବେ । ବନ୍ଧୁ ମିଳନ ଯୋଗ ରହିଛି । ଛାତ୍ରଛାତ୍ରୀମାନେ ସଫଳତା ପାଇବାକୁ କଠିନ ପରିଶ୍ରମ କରିବେ । ପରିବାରର ବରିଷ୍ଠ ସଦସ୍ୟଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ନେଇ ଚିନ୍ତିତ ରହିପାରନ୍ତି ।

**ବୃଷ:** ଭାବିଚିନ୍ତି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଅନ୍ତୁ । ନକାରାତ୍ମକ ପ୍ରବୃତ୍ତିର ଲୋକଙ୍କ ସମ୍ପର୍କରେ ଆସିପାରନ୍ତି । ଅଚାନକ କୌଣସି ପ୍ରକାର ସମସ୍ୟାରେ ପଡ଼ିପାରନ୍ତି । ଅଫିସ୍ ସହକର୍ମୀଙ୍କ ସହଯୋଗ ମିଳିବ ।

**ମିଥୁନ:** ଦୀର୍ଘ ଦିନର ଆଶା ପୂରଣ ହେବ । ମାନସିକ ଶାନ୍ତି ମିଳିବ । ଦୂରସମ୍ପର୍କୀୟଙ୍କ ସହ ଭେଟ ହୋଇପାରେ । ଅଫିସ କାମ ପାଇଁ ଦୂରସ୍ଥାନକୁ ଯାତ୍ରା କରିପାରନ୍ତି । ପରିଶ୍ରମ ଅନୁସାରେ ଫଳ ମିଳିବ ।

**କର୍କଟ:** ଆଜି ପ୍ରଭାବଶାଳୀ ଲୋକଙ୍କ ସଂସ୍ପର୍ଶରେ ଆସିପାରନ୍ତି । ନୂତନ ଦାୟିତ୍ୱ ମିଳିପାରେ । ସୃଜନାତ୍ମକ କାର୍ଯ୍ୟରେ ସମୟ ଅତିବାହିତ କରିବେ । କାର୍ଯ୍ୟକ୍ଷେତ୍ରରେ ସଫଳ ହେବେ । ଜମି କିଣିବା ଯୋଗ ଅଛି ।

**ସିଂହ:** ଦିନଟି ହସଖୁସିରେ ବିତିବ । ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦେବେ । ପ୍ରେମ ମାମଲାରେ ଦିନଟି ଭଲ । ବନ୍ଧୁଙ୍କ କଥା ଆଘାତ ଦେବ । ନିଜ ସାମର୍ଥ୍ୟ ମୁତାବକ ଅନ୍ୟମାନଙ୍କୁ ସାହାଯ୍ୟ କରିବେ ।

**କନ୍ୟା:** କଳା ଓ ସଙ୍ଗୀତ ପ୍ରତି ରୁଚି ବଢ଼ିବ । ନିଜର କ୍ରୋଧ ଉପରେ ନିୟନ୍ତ୍ରଣ ରଖନ୍ତୁ । ଖର୍ଚ୍ଚାନ୍ତ ହୋଇପାରନ୍ତି । ଆର୍ଥିକ ସ୍ଥିତିରେ ଉନ୍ନତି ପରିଲକ୍ଷିତ ହେବ । ନିଯୁକ୍ତିକୁ ନେଇ ଖୁସି ଖବର ମିଳିବ ।

**ତୁଳା:** ପରିଶ୍ରମର ଫଳ ମିଳିବ । ନିଜ ଲୋକ ଶତ୍ରୁ ସାଜି ପାରନ୍ତି । ବ୍ୟକ୍ତିଗତ କଥାକୁ ଅନ୍ୟମାନଙ୍କ ଆଗେ ପ୍ରକାଶ କରନ୍ତୁନି । ଶାରୀରିକ ଏବଂ ମାନସିକ ଥକ୍କାପଣ ଅନୁଭବ କରିପାରନ୍ତି ।

**ବିଛା:** ବ୍ୟବସାୟ ବୃଦ୍ଧି ପାଇଁ ନୂଆ ଯୋଜନା କରିବେ । ସନ୍ତାନଙ୍କ ସହ ବୁଲିବାକୁ ଯିବେ । ସ୍ୱାଦିଷ୍ଟ ଖାଦ୍ୟ ଖାଇବେ । ବନ୍ଧୁମିଳନ ଯୋଗ ଅଛି । ମାଲିମକଦ୍ଦମା ଲାଗି ସମୟ ଅନୁକୂଳ ନୁହେଁ ।

**ଧନୁ:** ଯୋଜନାମୁତାବକ ସମସ୍ତ କାର୍ଯ୍ୟ କରିବେ । ଚିନ୍ତାଗ୍ରସ୍ତ ରହିବେ । ଛାତ୍ରଛାତ୍ରୀ ସ୍ୱାସ୍ଥ୍ୟ ପାଇଁ ଯତ୍ନବାନ ହେବେ । ବିରୋଧୀଙ୍କଠାରୁ ଦୂରେଇ ରହିବେ । ପତି-ପତ୍ନୀଙ୍କ ମଧ୍ୟରେ ଅଶାନ୍ତି ସୃଷ୍ଟି ହୋଇପାରେ ।

**ମକର:** ଆଣ୍ଠୁଗଣ୍ଠି ସମସ୍ୟା ଦେଖା ଦେବ । ସମୟର ସଠିକ ଉପଯୋଗ କରିବେ । ପ୍ରେମିକ ପ୍ରେମିକାଙ୍କ ପାଇଁ ଦିନଟି ଉତ୍ତମ । ଯାନବାହନ ଚଳାଇବା ବେଳେ ସତର୍କତା ଅବଲମ୍ବନ କରିବେ ।

**କୁମ୍ଭ:** ଦୀର୍ଘଦିନରୁ ଲାଗି ରହିଥିବା ସମସ୍ୟାର ସମାଧାନ ହେବ । ଗୁରୁଜନଙ୍କ ଆଶୀର୍ବାଦ ନେଇ ନୂତନ ବ୍ୟବସାୟ ଆରମ୍ଭ କରନ୍ତୁ । ଅଫିସ୍‌ରେ କାର୍ଯ୍ୟଭାର କମ୍ ହୋଇପାରେ । ବୈବାହିକ ଜୀବନ ମଜଭୁତ୍ ହେବ ।

**ମୀନ:** ଇଞ୍ଜିନିୟରିଂ କ୍ଷେତ୍ରରେ ସଫଳତା ମିଳିବ । ବନ୍ଧୁ ମିଳନ ଯୋଗ ଅଛି । ପୈତୃକ ସମ୍ପତ୍ତିକୁ ନେଇ ଭାଇ ଭାଇ ମଧ୍ୟରେ ମତ ଭେଦ ହୋଇପାରେ । ଛାତ୍ରଛାତ୍ରୀ ମନୋରଞ୍ଜନ କାର୍ଯ୍ୟରେ ସମୟ ଅତିବାହିତ କରିବେ ।

# ଆହୁରି ୩ ଦିନ କଲବଲ କରିବ ଶୀତ

## ୧୦ ଡିଗ୍ରୀ ତଳେ ରାଜ୍ୟର ୨୩ ସହର

ଭୁବନେଶ୍ୱର, ୭ ।୧ (ସମିସ): ରାଜ୍ୟରେ ଜାରି ରହିଛି ଅସହ୍ୟ ଶୀତ। ଗତ ୩ ଦିନ ମଧ୍ୟରେ ରାଜ୍ୟର ଅନେକ ସ୍ଥାନରେ ତାପମାତ୍ରା ପ୍ରାୟ ୬-୭ ଡିଗ୍ରୀ ପର୍ଯ୍ୟନ୍ତ କମିଛି। ଫଳରେ ଗତ ୨୪ ଘଣ୍ଟାରେ ରାଜ୍ୟର ୨୩ ଟି ସହରରେ ତାପମାତ୍ରା ୧୦ ଡିଗ୍ରୀ ତଳେ ରହିଥିବା ବେଳେ ୩୮ ଟି ସହରରେ ତାପମାତ୍ରା ୧୨ ଡିଗ୍ରୀ ତଳେ ରେକର୍ଡ ହୋଇଛି। ଚଳିତ ବର୍ଷ ପ୍ରଥମ ଥର ପାଇଁ ଜି. ଉଦୟଗିରିରେ ପାରଦ ୩ ଡିଗ୍ରୀକୁ ଖସିଛି। ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ମଙ୍ଗଳବାର ରାତିରୁ ବୁଧବାର ସକାଳ ମଧ୍ୟରେ ଜି.ଉଦୟଗିରି ୩ ଡିଗ୍ରୀ ସହ ରାଜ୍ୟର ସବୁଠୁ ଥଣ୍ଡା ସହର ପାଲଟିଛି। ସେହିପରି ସେମିଳିଗୁଡା ୪.୧, ଫୁଲବାଣୀ ୫, ରାଉରକେଲା ୫.୧, ଝାରସୁଗୁଡା ୫.୪, ଦାରିଙ୍ଗବାଡ଼ି ୭, ସୁନ୍ଦରଗଡ଼ର କିରେଇ ୭.୪, କେନ୍ଦୁଝର ୭.୬, ସୁନ୍ଦରଗଡ ୭.୮, ଭବାନୀପାଟଣା ୭.୮, ଚିପିଲିମା ୭.୭, ଅନୁଗୁଳ ୮, କୋରାପୁଟ ୮.୫, ବଲାଙ୍ଗୀର ୮.୫, ବାରିପଦା ୮.୬, ଢେଙ୍କାନାଳ ୮.୬, ନବରଙ୍ଗପୁର ୯.୫, କଟକ ୯.୬, ସୋନପୁର ୯.୬, ବାଲେଶ୍ୱର ୯.୮, ସମ୍ବଲପୁର ୯.୯ ଓ ରାୟଗଡ଼ାରେ ତାପମାତ୍ରା ୧୦ ଡିଗ୍ରୀ ରେକର୍ଡ ହୋଇଛି। କଟକ-ଭୁବନେଶ୍ୱରରେ ତାପମାତ୍ରା ଯଥେଷ୍ଟ ତଳକୁ ଖସିବା ସହ ପ୍ରଥମ ଥର ପାଇଁ କଟକରେ ପାରଦ ୯.୬ ଡିଗ୍ରୀ ରେକର୍ଡ ହୋଇଛି। ଏହା ପ୍ରଭାବରେ ଦ୍ୱୈତ ନଗରୀରେ ପ୍ରବଳ ଶୀତ ଅନୁଭୂତ ହୋଇଛି।

ପାଣିପାଗ କେନ୍ଦ୍ର କହିଛି ଯେ ଗତ ୩ ଦିନ ମଧ୍ୟରେ ରାଜ୍ୟର ୬ ଟି ସ୍ଥାନରେ ତାପମାତ୍ରା ୫-୭ ଡିଗ୍ରୀ ହ୍ରାସ ହୋଇଛି। ଏଥିରେ ଝାରସୁଗୁଡାରେ ୬.୨ ଡିଗ୍ରୀ ଖସିଥିବା ବେଳେ କେନ୍ଦୁଝରରେ ୬.୪, ବାଲେଶ୍ୱର ୫.୬, ଭୁବନେଶ୍ୱର ୭.୨, ଚାନ୍ଦବାଲି ୫.୬ ଓ ପାରାଦୀପରେ ତାପମାତ୍ରା ୬.୨ ଡିଗ୍ରୀ କମିଛି। ଗତ ୨୪ ଘଣ୍ଟାରେ ଝାରସୁଗୁଡ଼ାରେ ତାପମାତ୍ରା ସ୍ୱାଭାବିକ ତୁଳନାରେ ୬.୪ ଡିଗ୍ରୀ ତଳେ ରେକର୍ଡ କରାଯାଇଛି। ଅନ୍ୟପଟେ ଏଭଳି ସ୍ଥିତି ୧୦ ତାରିଖ ସକାଳ ପର୍ଯ୍ୟନ୍ତ ଜାରି ରହିବା ନେଇ ପାଣିପାଗ କେନ୍ଦ୍ର ଆକଳନ କରିଛି। ଏହାକୁ ଦୃଷ୍ଟିରେ ରଖି ଆସନ୍ତା ୩ ଦିନ ପାଇଁ ବିଭିନ୍ନ ଜିଲ୍ଲାକୁ ଶୀତ ଲହରୀ (କୋଲ୍ଡ ୱେଭ୍) ସତର୍କ ସୂଚନା ଜାରି କରାଯାଇଛି। ଜଗତସିଂହପୁର, କଟକ, ବାଲେଶ୍ୱର, ଖୋର୍ଦ୍ଧା, ଅନୁଗୁଳ, ଝାରସୁଗୁଡ଼ା, କେନ୍ଦୁଝର, ଢେଙ୍କାନାଳ, ସୁନ୍ଦରଗଡ଼, କଳାହାଣ୍ଡି, କନ୍ଧମାଳ, ସୋନପୁର ଓ ନବରଙ୍ଗପୁର ଜିଲ୍ଲାରେ ପ୍ରବଳ ଥଣ୍ଡା ଅନୁଭୂତ ହେବ ବୋଲି ପାଣିପାଗ କେନ୍ଦ୍ର କହିଛି। ଆସନ୍ତା ୩ ଦିନ ପରେ ରାଜ୍ୟର କିଛି ସ୍ଥାନରେ ବିଶେଷ କରି ଉପକୂଳବର୍ତ୍ତୀ ଜିଲ୍ଲାରେ ତାପମାତ୍ରା ୨-୩ ଡିଗ୍ରୀ ବୃଦ୍ଧି ପାଇବ। ୨ ଦିନ ପର୍ଯ୍ୟନ୍ତ ଏଭଳି ସ୍ଥିତି ଅପରିବର୍ତ୍ତିତ ରହି ପୁଣି ଏହା ପରେ ତାପମାତ୍ରାରେ ହ୍ରାସ ଘଟିବ ବୋଲି ପାଣିପାଗ କେନ୍ଦ୍ର ନିଜ ବୁଲେଟିନ୍‌ରେ ଦର୍ଶାଇଛି। ଶିମିଳିପାଳରେ ଚଳିତ ବର୍ଷ ସର୍ବନିମ୍ନ ତାପମାତ୍ରା ଶୂନ୍(୦) ଡିଗ୍ରୀ ସେଲ୍‌ସିୟସ୍‌ରେ ପହଞ୍ଚିଛି।

**ଶିମିଳିପାଳରେ ଶୂନ ଡିଗ୍ରୀକୁ ଖସିଲା ପାରଦ**

ଅନ୍ୟପଟେ ମଙ୍ଗଳବାର ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ଅଧିକ ଘନୀଭୂତ ହୋଇ ଅବପାତରେ ପରିଣତ ହୋଇଛି ମାତ୍ର ଏହାର ସିଧାସଳଖ ପ୍ରଭାବ ଓଡ଼ିଶା ଉପରେ ରହିବ ନାହିଁ ବୋଲି ଆକଳନ କରାଯାଇଛି।

## ସଂଘକୁ ବିଭାଜିତ କଲା ରାଜନଗର ବିଡିଓଙ୍କୁ ଆକ୍ରମଣ ଘଟଣା

# ରାଜ୍ୟ ଓଏଏସ୍ ସଂଘରେ 'ବରିଷ୍ଠ'- 'କନିଷ୍ଠ' ବିଭେଦ

ଭୁବନେଶ୍ୱର, ୭ ।୧ (ସମିସ): କେନ୍ଦ୍ରାପଡ଼ା ରାଜନଗର ବ୍ଲକ୍ ବିଡିଓଙ୍କୁ ଆକ୍ରମଣ ଘଟଣାକୁ ୭ ଦିନ ବିତିବାକୁ ବସିଛି। ଏହି ଆକ୍ରମଣ ଘଟଣାର ସିସିଟିଭି ଫୁଟେଜ୍ ରାଜ୍ୟବ୍ୟାପୀ ଘୂରି ବୁଲୁଛି। ଜଣେ ମହିଳା ସରକାରୀ ଅଧିକାରୀଙ୍କୁ ଏକାଧିକ ବ୍ୟକ୍ତି ଘେରିଯାଇ ଭୟଭୀତ କରାଇବା ସହ ଆକ୍ରମଣ କରିବକୁ ଉଦ୍ୟମ ସାଧାରଣ ଲୋକଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି କରିଛି। ମାତ୍ର ଏହି ଘଟଣାରେ ରାଜ୍ୟ ଓଏଏସ୍ ସଂଘର ରହସ୍ୟମୟ ନିରବତା ସବୁଠାରୁ ବଡ଼ ପ୍ରଶ୍ନ ଭାବରେ ଉଭା ହୋଇଛି। ରାଜ୍ୟର ଏକ ପ୍ରମୁଖ ସ୍ଥାନରେ ଜଣେ ମହିଳା ଓଏଏସ୍ ଅଧିକାରୀଙ୍କୁ ଏଭଳି ଆକ୍ରମଣ ଉଦ୍ୟମରେ ରାଜ୍ୟ ଓଏଏସ୍ ସଂଘ କାହିଁକି ପାଟି ଫିଟାଉନାହିଁ, ତାହାକୁ କନିଷ୍ଠ ବର୍ଗ ଅଧିକାରୀଙ୍କ ମନରେ ତୀବ୍ର ଅସନ୍ତୋଷ ସୃଷ୍ଟି କରିଛି । ବିଏମ୍‌ସିରେ ଜଣେ ବରିଷ୍ଠ ଓଏଏସ୍‌ଙ୍କୁ ମାଡ଼ ଘଟଣାରେ ସଂଘ ଏକାଠି ହୋଇ ପ୍ରତିବାଦ କରିଥିବାବେଳେ ରାଜନଗର ବିଡ଼ିଓଙ୍କ ଆକ୍ରମଣ ଘଟଣାରେ ତାହାର ବିପରୀତ ଦେଖିବାକୁ ମିଳୁଛି। ବରିଷ୍ଠ ଅଧିକାରୀ ଓ କନିଷ୍ଠ ଅଧିକାରୀଙ୍କ ପ୍ରତି ସଂଘର ଭିନ୍ନଭିନ୍ନ ଆଭିମୁଖ୍ୟ ସଂଗଠନରେ ବିଭାଜନ ସୃଷ୍ଟି କରିଛି । ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ଓଏଏସ୍ ସଂଘର ଏଭଳି ନିରବତାକୁ ନେଇ ଅସନ୍ତୋଷ କୁହୁଳିବା ଆରମ୍ଭ କରିଛି। ବିଶେଷ କରି କନିଷ୍ଠ ଓଏଏସ୍‌ମାନେ ଏହି ଘଟଣାରେ ପ୍ରତିକ୍ରିୟାଶୀଳ ରହିଥିବା ବେଳେ ରାଜ୍ୟ ସଂଘର ଏହି ଘଟଣାରେ ଆଭିମୁଖ୍ୟ ସ୍ପଷ୍ଟ କରିବାର ଆବଶ୍ୟକତା ରହିଛି ବୋଲି ଦାବି କରୁଛନ୍ତି। ଅନ୍ୟପଟେ ସଂଘର ୨ ବର୍ଷିଆ

**କର୍ମକର୍ତ୍ତାଙ୍କ ଆଭିମୁଖ୍ୟକୁ ନେଇ ସଂଗଠନରେ ଅସନ୍ତୋଷ**

କାର୍ଯ୍ୟକାଳ ଶେଷ ହୋଇଥିବା ବେଳେ ଆଗାମୀ ନିର୍ବାଚନକୁ ନେଇ ମଧ୍ୟ ଛକାପଞ୍ଝା ଲାଗିଥିବା ଚର୍ଚ୍ଚା ହେଉଛି। ଏହି ମାମଲାରେ କେନ୍ଦ୍ରାପଡ଼ା ଜିଲ୍ଲା ଓଏଏସ୍ ସଂଘ ଜିଲ୍ଲାପାଳଙ୍କୁ ସାକ୍ଷାତ କରି କାର୍ଯ୍ୟାନୁଷ୍ଠାନ ଦାବି କରି ସାରିଥିଲେ ମଧ୍ୟ ରାଜ୍ୟ ସଂଘ ଘଟଣାରେ ଅସମ୍ଭବ ନିରବତା ପ୍ରଦର୍ଶନ କରିବା କନିଷ୍ଠ ଅଧିକାରୀଙ୍କ ମନରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ଏହା ପୂର୍ବରୁ ବିଏମ୍‌ସି ଅତିରିକ୍ତ କମିସନର ରତ୍ନାକର ସାହୁଙ୍କ ଆକ୍ରମଣ ଘଟଣାରେ ଓଏଏସ୍ ସଂଘ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଥିଲା। ଏମିତି କି ସାରା ରାଜ୍ୟରେ ଓଏଏସ୍‌ମାନେ କାର୍ଯ୍ୟ ବନ୍ଦ ଡାକରା ଦେଇଥିଲେ। ଓଏଏସ୍ ସଂଘକୁ ଆଇଏଏସ୍ ସଂଘ ଓ ରାଜ୍ୟ ଅମଲା ସଂଘ ମଧ୍ୟ ସମର୍ଥନ ଜଣାଇଥିଲା। ଅନୁରୂପ ଭାବରେ ଏଏସ୍‌ଓ ବୈକୁଣ୍ଠ ପ୍ରଧାନଙ୍କୁ ତତ୍‌କାଳୀନ ରାଜ୍ୟପାଳଙ୍କ ପୁଅ ମାଡ଼ ମାରିବା ଘଟଣାରେ ମଧ୍ୟ ଏଏସ୍‌ଓ ସଂଘ ମୁଖର ହୋଇଥିଲା। ରାଜ୍ୟପାଳଙ୍କ ପୁଅଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି ସହ ସଂଘ ପ୍ରବଳ ଚାପ ସୃଷ୍ଟି କରିଥିଲା। ମାତ୍ର ରାଜନଗର ବିଡିଓଙ୍କ କ୍ଷେତ୍ରରେ ଏହାର ଓଲଟା ଦୃଶ୍ୟ ଦେଖିବାକୁ ମିଳିଛି। ନିଜ ସଂଘର ଜଣେ ମହିଳା ସଦସ୍ୟାଙ୍କୁ ଆକ୍ରମଣ ଉଦ୍ୟମ ହେବା ଓ ସେବେଠାରୁ ସମ୍ପୃକ୍ତ ମହିଳା ଅଧିକାରୀ ଛୁଟିରେ ଚାଲିଯାଇଥିଲେ ମଧ୍ୟ ରାଜ୍ୟ ସଂଘ ଚୁପ୍‌ଚାପ୍ ବସି ରହିବା ଅନ୍ୟ ସଦସ୍ୟଙ୍କୁ ଆଚମ୍ବିତ କରିଛି।

ରାଜ୍ୟର ଆଇନ୍ ଶୃଙ୍ଖଳା ସ୍ଥିତି ଓ ସରକାରୀ ଅଧିକାରୀ ଓ କର୍ମଚାରୀଙ୍କ ସୁରକ୍ଷା ପ୍ରତି ଏହି ଘଟଣା ଏକ ବଡ଼ ଆହ୍ୱାନ ସୃଷ୍ଟି କରିଛି। ବିଶେଷ କରି ଯେଉଁଠାରେ ଶାସକ ବିଜେପିର ପ୍ରାର୍ଥୀମାନେ ପରାଜିତ ହୋଇଛନ୍ତି, ସେଠାରେ ସ୍ଥିତି ସମ୍ବେଦନଶୀଳ ରହିଛି। ବିଏମ୍‌ସି ଅତିରିକ୍ତ କମିସନରଙ୍କ ମରଣାନ୍ତକ ଆକ୍ରମଣ ଘଟଣାରେ ସରକାରୀ ଦଳର ଜଣେ ପରାଜିତ ପ୍ରାର୍ଥୀଙ୍କ ସମ୍ପୃକ୍ତି ନେଇ ଅଭିଯୋଗ ହେବା ସହ ସେ ଗିରଫ ହୋଇଥିଲେ। ଏହାର ମାସ କେଇଟା ନ ପୁରୁଣୁ ପୁଣି ଏକ ସମାନ ଧରଣର ଘଟଣା ଘଟିବା ଓ ଏଥିରେ ମଧ୍ୟ ଜଣେ ସରକାରୀ ଦଳର ପରାଜିତ ପ୍ରାର୍ଥୀଙ୍କ ଉପରେ ଅଙ୍ଗୁଳି ଉଠିବା ମାମଲାର ଗୁରତ୍ୱକୁ ବଢ଼ାଇ ଦେଇଛି। ଏହି ଘଟଣା ବିଜେଡି ସାମ୍ବାଦିକ ସମ୍ମିଳନୀ କରିବା ସହ ଅଭିଯୁକ୍ତଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଦାବି କରିଛି। ଏହାସହିତ ରାଜନଗରର ବ୍ଲକ୍ ଅଧ୍ୟକ୍ଷା ମଧ୍ୟ ଥାନାରେ ଏତଲା ଦେଇଛନ୍ତି। ଏମିତି କି ଘଟଣାରେ ରାଜନଗର ସରପଞ୍ଚ ଓ ସମିତିସଭ୍ୟମାନେ ବ୍ଲକ୍ କାର୍ଯ୍ୟାଳୟ ଆଗରେ ଧାରଣାରେ ବସିଥିଲେ ମଧ୍ୟ ସରକାର ଏପର୍ଯ୍ୟନ୍ତ କାହିଁକି ଏହି ଘଟଣାରେ ଚୁପ୍ ବସିଛନ୍ତି ତାକୁ ନେଇ ମଧ୍ୟ ସନ୍ଦେହ ସୃଷ୍ଟି ହୋଇଛି।

# କୃଷି ଯନ୍ତ୍ରପାତି ସବ୍‌ସିଡି ଭେଳିକି

## ମେଳା ସରିଲା; ମାତ୍ର ଟାର୍ଗେଟ୍ ଦେଲେନି ସରକାର

ଭୁବନେଶ୍ୱର,୭ ।୧(ସମିସ): କୃଷି କାର୍ଯ୍ୟରେ କୃଷକଙ୍କୁ ସହଯୋଗ କରିବା ପାଇଁ ଅତ୍ୟାଧୁନିକ ଯନ୍ତ୍ରପାତି ବ୍ୟବହାରକୁ ସରକାର ପ୍ରୋତ୍ସାହନ ଦେଉଛନ୍ତି। ବ୍ଲକ୍ ଓ ଜିଲ୍ଲା ସ୍ତରରେ କୃଷି ଯନ୍ତ୍ରପାତି ମେଳା କରି କୃଷକଙ୍କୁ ଆଧୁନିକ ଯନ୍ତ୍ରପାତି ପ୍ରତି ଆକୃଷ୍ଟ କରୁଛନ୍ତି। ଚାଷ ପାଇଁ ବ୍ୟବହୃତ ଯନ୍ତ୍ରପାତି କିଣିବାରେ ରିହାତି (ସବ୍‌ସିଡି) ଦେବାର ବ୍ୟବସ୍ଥା ମଧ୍ୟ କରିଛନ୍ତି। ମାତ୍ର ଦୀର୍ଘ ମାସରୁ ଚାଷୀଙ୍କୁ ଯନ୍ତ୍ରପାତି ଯୋଗାଇବାକୁ କୌଣସି ଟାର୍ଗେଟ୍ ଉପଲବ୍ଧ ନାହିଁ। ଅର୍ଥାତ୍ ଟାର୍ଗେଟ୍ ନ ଥିବାରୁ ଚାଷୀମାନେ ରିହାତି ଦରରେ ଯନ୍ତ୍ରପାତି କିଣିପାରୁ ନାହାନ୍ତି। ଫଳରେ ଅତ୍ୟାଧୁନିକ ଯନ୍ତ୍ରପାତି ବ୍ୟବହାର କରି ଚାଷ କରିବାକୁ ଅପେକ୍ଷା କରିଥିବା ଚାଷୀ ସବ୍‌ସିଡି ଟାର୍ଗେଟ୍‌କୁ ଚାତକ ପରି ଚାହିଁ ରହିଛନ୍ତି।

ରାଜ୍ୟର ପ୍ରାୟ ସମସ୍ତ ଜିଲ୍ଲାରେ ବ୍ଲକ୍ ସ୍ତରୀୟ କୃଷି ଯନ୍ତ୍ରପାତି ମେଳା ସମେତ ଜିଲ୍ଲା ସ୍ତରୀୟ ମେଳା ମଧ୍ୟ ସରିଛି। ଟ୍ରାକ୍ଟର, ପାୱାରଟିଲର୍, ରୋଟାଭେଟର୍, ପାଣି ପମ୍ପ ପରି ଅନେକ ଅତ୍ୟାଧୁନିକ ଯନ୍ତ୍ରପାତି ପ୍ରଦର୍ଶିତ ହୋଇଛି। କୃଷକମାନେ ସେସବୁ ବୁଲି ଦେଖିବା ସହ ତାହାର ଉପଯୋଗ ସମ୍ପର୍କରେ ଜାଣିଛନ୍ତି। ମାତ୍ର ମେଳା ସରିଥିଲେ ମଧ୍ୟ ସରକାର ମେଳା ଟାର୍ଗେଟ୍ ଦେଇ ନ ଥିବାରୁ ବହୁ ଚାଷୀ ସେମାନଙ୍କ ଆବଶ୍ୟକ ଯନ୍ତ୍ରପାତିକୁ ରିହାତିରେ କିଣି ପାରି ନାହାନ୍ତି। ରିହାତି ଦରକୁ ବାଦ୍ ଦେବା ପରେ ଆବଶ୍ୟକ ଅର୍ଥ ପୈଠ କରି ଡିଲର୍ ଠାରୁ ମେସିନାରୀ କିଣିବାର ପ୍ରାବଧାନ ରହିଛି। ଏଣୁ ଆଗୁଆ ଯନ୍ତ୍ରପାତି ଦେଇ ପରେ ସବ୍‌ସିଡି ଆବେଦନ କରିବାକୁ ଡିଲର୍‌ମାନେ ରିସ୍କ ବୋଲି ଭାବୁଛନ୍ତି। ଫଳରେ ରିହାତିରେ ଚାଷୀଙ୍କୁ ମେସିନାରୀ ଦେବାକୁ ସେମାନେ କୁଣ୍ଠାବୋଧ କରୁଛନ୍ତି। ଏପରିକି ମେଳା ସମୟରେ ଅନେକ ଚାଷୀ ଡିଲର୍‌ଙ୍କ ଠାରୁ ସମ୍ପୂର୍ଣ୍ଣ ଦାମ୍ ଦେଇ ମେସିନାରୀ କିଣିଛନ୍ତି। ସରକାର ଟାର୍ଗେଟ୍ ଦେବା ପରେ ବୁକ୍ କରି ସେମାନଙ୍କ ବ୍ୟାଙ୍କ ଖାତାକୁ ସବ୍‌ସିଡି ଅର୍ଥ ପଠାଯିବ ବୋଲି ଡିଲର୍‌ମାନେ କହୁଛନ୍ତି। ଫଳରେ ଗରୀବ ଚାଷୀମାନେ ସରକାରୀ ସୁବିଧା ପାଇବାରୁ ବଞ୍ଚିତ ହୋଇଛନ୍ତି।

ପୂର୍ବରୁ ବାର୍ଷିକ ଟାର୍ଗେଟ୍ ସମେତ ମେଳା ଆରମ୍ଭ ସମୟରେ ଜିଲ୍ଲାୱାରୀ ମେଳା ଟାର୍ଗେଟ୍ ଦିଆଯାଉଥିଲା। ଫଳରେ ମେଳାରୁ ଯନ୍ତ୍ରପାତି ଦେଖି କିଣିବାକୁ ଚାହୁଁଥିବା ଚାଷୀ ସବସିଡିରେ ମେସିନାରୀ କିଣି ପାରୁଥିଲେ। ଚଳିତ ବର୍ଷ ମେଳା ସମୟରେ ସରକାର ଟାର୍ଗେଟ୍ ଦେଇ ନ ଥିବାରୁ ମେଳା କେବଳ ଯନ୍ତ୍ରପାତି ଦେଖିବା ପାଇଁ ଉଦ୍ଦିଷ୍ଟ, କିଣିବା ପାଇଁ ନୁହେଁ ବୋଲି ଚାଷୀମାନେ କ୍ଷୋଭର ସହ ମତବ୍ୟକ୍ତ କରିଛନ୍ତି। ସେହିପରି ଟ୍ରାକ୍ଟର, ରୋଟାଭେଟର୍, ପାୱାର ଟିଲର୍‌ର ଚାହିଦା ବହୁ ଅଧିକ ରହିଛି। ସମସ୍ତ ଟାର୍ଗେଟ୍ ସରିବା ସହ ଅଗ୍ରୀମ ବୁକିଂ ମଧ୍ୟ ହେଲାଣି। ଏଣୁ ସରକାର ସମସ୍ତ ୬୬ ପ୍ରକାର ଯନ୍ତ୍ରପାତି କ୍ରୟ ପାଇଁ ତୁରନ୍ତ ଟାର୍ଗେଟ ଦେବାକୁ ଚାଷୀମାନେ ଦାବି କରିଛନ୍ତି। ବିଭାଗୀୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଚଳିତ ସପ୍ତାହରେ ଟ୍ରାକ୍ଟର ପାଇଁ ରାଜ୍ୟ ଭିତ୍ତିକ ଟାର୍ଗେଟ୍ ଦିଆଯିବ। ଏହି ସମୟରେ ଚାଷୀମାନେ ନୂତନ କ୍ରୟ ପାଇଁ ବୁକଂ କରିପାରିବେ। ମାତ୍ର ରୋଟାଭେଟର୍, ପାଣି ପମ୍ପ ପରି ଅନ୍ୟ ଯନ୍ତ୍ରାଂଶ ଟାର୍ଗେଟ୍ କେବେ ଦିଆଯିବ ସେନେଇ କୌଣସି ନିଷ୍ପତ୍ତି ହୋଇ ନ ଥିବା ଜଣାପଡ଼ିଛି।

## ଯୁବକଙ୍କ ଆକ୍ରମଣ: ବାପା ଓ ପଡ଼ୋଶୀ ମୃତ

ରାଇରଙ୍ଗପୁର/କରଞ୍ଜିଆ, ୭।୧ (ସମିସ): ଜଣେ ମାନସିକ ବିକାରଗ୍ରସ୍ତ ଯୁବକଙ୍କ ଆକ୍ରମଣରେ ଦୁଇ ଜଣଙ୍କର ମୃତ୍ୟୁ ହୋଇଛି। କରଞ୍ଜିଆ ଥାନା ଅନ୍ତର୍ଗତ କୁଶପଦା ଗ୍ରାମରେ ଘଟିଛି ଏପରି ହୃଦୟ ବିଦାରକ ଘଟଣା। ମୃତକଦ୍ୱୟ ହେଲେ ବାପା ପ୍ରଫୁଲ୍ଲ ପାତ୍ର ଓ ପଡ଼ୋଶୀ ଗଣେଶ୍ୱର ପାତ୍ର। ସୂଚନା ଥାଉକି, ସେହି ଗ୍ରାମର ଯୁବକ ମଣ୍ଟୁ ପାତ୍ର ବୁଧବାର ଅପରାହ୍ଣ ୪ଟାରେ ଏକ କୁରାଢ଼ିରେ ପଡ଼ୋଶୀ ଗଣେଶ୍ୱର ପାତ୍ର, ବାପା ପ୍ରଫୁଲ୍ଲ ପାତ୍ର ଓ ନିଜ ଭାଇକୁ ଆକ୍ରମଣ କରିଛି। ଘଟଣାସ୍ଥଳରେ ଗଣେଶ୍ୱର ପାତ୍ର ଓ ବାପା ପ୍ରଫୁଲ୍ଲ ପାତ୍ରଙ୍କର ମୃତ୍ୟୁ ହୋଇଥିବାବେଳେ ଭାଇ ଗୁରୁତର ଆହତ ହୋଇ ମେଡିକାଲରେ ଭର୍ତ୍ତି ହୋଇଛନ୍ତି। ଖବର ପାଇ କରଞ୍ଜିଆ ଥାନା ପୁଲିସ ପହଞ୍ଚି ଯୁବକଙ୍କୁ ଅଟକ ରଖିବା ସହିତ ଅଧିକ ତଦନ୍ତ ଜାରି ରଖିଛି।

## ରାଜ୍ୟରେ କାର୍ଯ୍ୟାନ୍ୱୟନ ହେବ ଆୟୁଷ୍ମାନ ଭାରତ ଡିଜିଟାଲ ମିଶନ

ଭୁବନେଶ୍ୱର,୭।୧(ସମିସ): ରାଜ୍ୟରେ ଆୟୁଷ୍ମାନ ଭାରତ ଡିଜିଟାଲ ମିଶନର କାର୍ଯ୍ୟାନ୍ୱୟନ ପ୍ରକ୍ରିୟା ପ୍ରଥମେ କେଉଁଝର ଜିଲ୍ଲାରେ ଏକ ପାଇଲଟ୍ ପ୍ରକଳ୍ପ ଭାବରେ ଆରମ୍ଭ କରାଯିବ। ପରବର୍ତ୍ତୀ ପର୍ଯ୍ୟାୟରେ ଏହାର ସଫଳତାକୁ ଅନୁଧ୍ୟାନ କରାଯାଇ ସମଗ୍ର ରାଜ୍ୟରେ ଏହାର ସଂପ୍ରସାରଣ କରାଯିବ। ସ୍ୱାସ୍ୟ ବିଭାଗର ସମୀକ୍ଷା ବୈଠକରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉପରୋକ୍ତ ନିଷ୍ପତ୍ତି ନେଇଛନ୍ତି। ସୂଚନା ଅନୁଯାୟୀ, ଡିଜିଟାଲ୍ ମିଶନ ଦ୍ୱାରା ଆପଏଣ୍ଟମେଣ୍ଟ, ବୁକିଙ୍ଗ୍, ରେଫରାଲ୍ ଓ ଫଲୋଅପ୍ ଭଳି ଅଧିକାଂଶ ସ୍ୱାସ୍ଥ୍ୟସେବା କାର୍ଯ୍ୟ ଡିଜିଟାଲ ମାଧ୍ୟମରେ କରାଯିବ। ଏହାଦ୍ୱାରା ରୋଗୀମାନଙ୍କ ପ୍ରତୀକ୍ଷା ସମୟ କମିବ ଏବଂ ସ୍ୱାସ୍ଥ୍ୟସେବା ଭିତ୍ତିଭୂମିର ସର୍ବୋତ୍ତମ ବ୍ୟବହାର ହୋଇପାରିବ। ଏଥିସହିତ ଡାକ୍ତରମାନଙ୍କ ଦକ୍ଷତା ବୃଦ୍ଧି ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟଗୁଡ଼ିକରେ ଡିପ୍ଲୋମା ଅଫ୍ ନ୍ୟାସନାଲ ବୋର୍ଡ(ଡିଏନ୍‌ବି) ପାଠ୍ୟକ୍ରମ ଆରମ୍ଭ ହେବ ବୋଲି ମୁଖ୍ୟମନ୍ତ୍ରୀ ନିଷ୍ପତ୍ତି ନେଇଛନ୍ତି। ଏଥିରେ ଡାକ୍ତରମାନେ ପ୍ରାକ୍ଟିକାଲ୍ ଓ କ୍ଲିନିକାଲ୍ ଟ୍ରେନିଂ ପାଇ ସ୍ପେସିଆଲାଇଜେସନ୍ କରିପାରିବେ। ସାରା ରାଜ୍ୟରେ ଆୟୁଷ ଔଷଧକୁ ଲୋକପ୍ରିୟ କରିବା ପାଇଁ ଆୟୁଷ ଡାକ୍ତରମାନେ କେବଳ ଆୟୁର୍ବେଦିକ ଔଷଧ ହିଁ ଲେଖିବେ ଏବଂ କୌଣସି ଏଲୋପାଥିକ ଔଷଧ ପ୍ରେସ୍‌କ୍ରାଇବ୍ କରିବେ ନାହିଁ। ତତ୍‌ସହିତ ଓଡ଼ିଶାରେ ଆୟୁଷ ଡାକ୍ତରମାନଙ୍କର ସେବାକୁ ଅଗ୍ରାଧିକାର ଦେବା ନିମନ୍ତେ ଆୟୁଷ୍ମାନ ଆରୋଗ୍ୟ ମନ୍ଦିରଗୁଡ଼ିକରେ ଆୟୁର୍ବେଦିକ ଓ ହୋମିଓପାଥି ମେଡିସିନ ଉପଲବ୍ଧ କରିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।

**କେବଳ ଆୟୁର୍ବେଦିକ ଔଷଧ ଲେଖିବେ ଆୟୁଷ ଡାକ୍ତର**

## ସମ୍ବଲପୁର-ଝାରସୁଗୁଡ଼ା ବିକଳ୍ପ ରାଜପଥ ନିର୍ମାଣ ଲାଗି ଧର୍ମେନ୍ଦ୍ରଙ୍କ ପ୍ରସ୍ତାବ

ଭୁବନେଶ୍ୱର,୭।୧(ସମିସ): ଶିଳ୍ପ ସମୃଦ୍ଧ ସମ୍ବଲପୁର ଓ ଝାରସୁଗୁଡ଼ା ମଧ୍ୟରେ ଯୋଗାଯୋଗକୁ ଅଧିକ ସୁଦୃଢ଼ କରିବା ପାଇଁ ଏକ ବୈକଳ୍ପିକ ଜାତୀୟ ରାଜପଥ ନିର୍ମାଣ କରାଯାଉ। ବୁଧବାର କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ନୂଆଦିଲ୍ଲୀରେ



କେନ୍ଦ୍ର ସଡ଼କ ପରିବହନ ଓ ରାଜପଥ ମନ୍ତ୍ରୀ ନିତିନ ଗଡ଼କରୀଙ୍କୁ ସାକ୍ଷାତ୍ କରି ଉପରୋକ୍ତ ଅନୁରୋଧ କରିଛନ୍ତି।

ଶ୍ରୀ ପ୍ରଧାନ କହିଛନ୍ତି ଯେ ସମ୍ବଲପୁର ଏବଂ ଝାରସୁଗୁଡ଼ା ଜିଲ୍ଲା ଓଡ଼ିଶାର ଅର୍ଥନୀତିର ପେଣ୍ଠସ୍ଥଳ। ଏହି ନୂତନ ଜାତୀୟ ରାଜପଥ ନିର୍ମାଣ ହେବା ଫଳରେ ଏହି ଅଞ୍ଚଳରେ ଶିଳ୍ପାୟନର ଗତି ତ୍ୱରାନ୍ୱିତ ହେବ ଏବଂ ନୂତନ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ଏହି ଜାତୀୟ ରାଜପଥ ସମ୍ବଲପୁର ଓ ଝାରସୁଗୁଡ଼ାକୁ ସଂଯୋଗ କରିବା ସହ ଓଡ଼ିଶାର ଶିଳ୍ପ ଓ ଆଞ୍ଚଳିକ ବିକାଶ କ୍ଷେତ୍ରରେ ଏକ ମାଇଲଖୁଣ୍ଟ ହେବ। ଏହା କେବଳ ପରିବହନ ନୁହେଁ ବରଂ ବ୍ୟବସାୟ ଓ ବାଣିଜ୍ୟ କ୍ଷେତ୍ରରେ ମଧ୍ୟ ବୈପ୍ଳବିକ ପରିବର୍ତ୍ତନ ଆଣିବ। ଶ୍ରୀ ପ୍ରଧାନ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ 'ପୂର୍ବୋଦୟ' ପରିକଳ୍ପନାରେ ଓଡ଼ିଶାର ଭିତ୍ତିଭୂମି ବିକାଶକୁ ସର୍ବାଧିକ ଗୁରୁତ୍ୱ ଦିଆଯାଉଛି । ଏହି ବୈକଳ୍ପିକ ରାଜପଥ ନିର୍ମାଣ ହେଲେ ଏହା ଜନସାଧାରଣଙ୍କ ସାମାଜିକ ଓ ଅର୍ଥନୈତିକ ଜୀବନଶୈଳୀରେ ବ୍ୟାପକ ସୁଧାର ଆଣିବ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି।

## ପୂର୍ବତନ ଆର୍‌ଆଇଙ୍କୁ ୨ ବର୍ଷ ଜେଲ୍

କଟକ ,୭ ।୧(ସମିସ): କେନ୍ଦ୍ରାପଡ଼ା ଜିଲ୍ଲା ମହାକାଳପଡ଼ା ତହସିଲ ଅନ୍ତର୍ଗତ ପେଟଛେଲା ରାଜସ୍ୱ ମଣ୍ଡଳର ପୂର୍ବତନ ରାଜସ୍ୱ ନିରୀକ୍ଷକ (ଆରଆଇ) ଗୁଣନିଧି ବେହେରା ଆଜି ଏକ ଦୁର୍ନୀତି ମାମଲାରେ ଦୋଷୀ ସାବ୍ୟସ୍ତ ହୋଇଛନ୍ତି। କଟକ ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟ ତାଙ୍କୁ ୨ ବର୍ଷ ସଶ୍ରମ କାରାଦଣ୍ଡ ସହ ଜରିମାନା ଆଦେଶ ଦେଇଛନ୍ତି। ଆରଆଇ ଥିବା ବେଳେ ଶ୍ରୀ ବେହେରା ଜଣେ ଅଗ୍ନିବିପନ୍ନ ବ୍ୟକ୍ତିଙ୍କୁ ତାଙ୍କର ସରକାରୀ ସହାୟତା ରାଶି ପ୍ରଦାନ କରିବା ପାଇଁ ତହସିଲଦାରଙ୍କ ଆଗରେ ଚିହ୍ନଟ କରିବା ବଦଳରେ ଲାଞ୍ଚ ଦାବି କରିଥିଲେ। ସହାୟତା ପାଇବା ପାଇଁ ଜଣେ ଦୁର୍ଦ୍ଦଶାଗ୍ରସ୍ତ ବ୍ୟକ୍ତିଙ୍କଠାରୁ ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ତାଙ୍କୁ ଧରିଥିଲା। ସେ ବର୍ତ୍ତମାନ ଅବସରପ୍ରାପ୍ତ ଗ୍ରହଣ କରିସାରିଥିବାରୁ ଭିଜିଲାନ୍ସ ବିଭାଗ ତାଙ୍କର ପେନସନ ବନ୍ଦ କରିବା ପାଇଁ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କୁ ସୁପାରିସ କରିବ ବୋଲି କହିଛି।

## ନାବାଳିକାକୁ ପ୍ରେମ ପାଇଁ ପ୍ରେମିକ ଦଣ୍ଡିତ

# କଙ୍ଗାରୁ କୋର୍ଟରେ ଉଲଗ୍ନ କରି ମାଡ଼

ରାଇରଙ୍ଗପୁର,୭।୧(ସମିସ): ନାବାଳିକା ସହ ଯୁବକଙ୍କ ପ୍ରେମ ସମ୍ପର୍କ ଘଟଣାକୁ ନେଇ କଙ୍ଗାରୁ କୋର୍ଟ ହୋଇଛି। ଲୋକେ ଆଇନକୁ ହାତକୁ ନେଇ ଜଣେ ଯୁବକଙ୍କୁ ଉଲଗ୍ନ କରି ମାଡ଼ମାରି ରକ୍ତାକ୍ତ କରିଛନ୍ତି। ଏହାପରେ ଦଉଡ଼ିରେ ହାତ ବାନ୍ଧି ରାସ୍ତାରେ ଉଲଗ୍ନ କରି ବୁଲାଇଛନ୍ତି। ଏଭଳି ଏକ ଘଟଣା ବହଳଦା ଥାନା ଅଞ୍ଚଳରେ ଘଟିଛି।

ସୂଚନା ଅନୁଯାୟୀ, ଜନୈକା ସଂଖ୍ୟାଲଘୁ ସମ୍ପ୍ରଦାୟର ଯୁବତୀଙ୍କ ଜଣେ ଯୁବକଙ୍କ ସହିତ ପୂର୍ବରୁ ପ୍ରେମ ସମ୍ପର୍କ ରହିଥିଲା। ଯାହାକୁ ନେଇ ଗଣ୍ଡଗୋଳ ହୋଇଥିବାବେଳେ ଥାନାରେ ମାମଲା ହୋଇଥିଲା। ଗତ ଜାନୁଆରୀ ୨ ତାରିଖରେ ଉଭୟ ଯୁବକ ଓ ଯୁବତୀ ଭେଟ କରିବାକୁ ଆସିଥିବାବେଳେ ଯୁବତୀଙ୍କ ସମ୍ପର୍କୀୟମାନେ ଦେଖି ଅଟକାଇଥିଲେ। ଯୁବକଙ୍କ କାର୍‌କୁ ଭାଙ୍ଗିବା ସହ ମାଡ଼ ମାରି ରକ୍ତାକ୍ତ କରିଥିଲେ। ଉଲଗ୍ନ କରି ତାଙ୍କ ହାତକୁ ଦଉଡ଼ିରେ ବାନ୍ଧି ରାସ୍ତାରେ ଚଲାଇ ଚଲାଇ ବୁଲାଇଥିଲେ। ଯାହାର ଭିଡିଓ ମୋବାଇଲରେ ଉତ୍ତୋଳନ କରିଥିବାବେଳେ ମୋବାଇଲ୍‌ରୁ ମୋବାଇଲ୍ ଘୂରି ବୁଲୁଛି। ଜଣେ ସଂଖ୍ୟାଲଘୁ ଯୁବକଙ୍କୁ ଏହିପରି ସର୍ବସାଧାରଣ ସମ୍ମୁଖରେ ଲଜ୍ଜିତ କରିବା ଘଟଣା ନେଇ ଯୁବକଙ୍କ ପରିବାର ଲୋକେ ଜିଲ୍ଲାପାଳଙ୍କୁ ଅଭିଯୋଗ କରିଛନ୍ତି। ଏହାର ନକଲ ଅତିରିକ୍ତ ଜିଲ୍ଲାପାଳ, ଉପଜିଲ୍ଲାପାଳ, ଅତିରିକ୍ତ ଏସ୍‌ପି, ଏସ୍‌ଡିପିଓ, ମାନବାଧିକାରୀ କମିଶନ ଓ ହାଇକୋର୍ଟ ବିଚାରପତିଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଛି। ଉକ୍ତ ଘଟଣା ନେଇ ବହଳଦା ଥାନା ପୁଲିସ ପକ୍ଷରୁ ୨ଜଣକୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି ବୋଲି ରାଇରଙ୍ଗପୁର ଏସ୍‌ଡିପିଓ ଗୋକୁଳାନନ୍ଦ ସାହୁ କହିଛନ୍ତି। ତେବେ ଘଟଣାରେ ଅନ୍ୟ ସମସ୍ତ ସମ୍ପୃକ୍ତଙ୍କୁ ତୁରନ୍ତ ଗିରଫ କରି ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପରିବାର ଲୋକେ ଦାବି କରିଛନ୍ତି। ଉକ୍ତ ଘଟଣାରେ ଲୋକେ ଆଇନ ହାତକୁ ନେଇ ଆକ୍ରମଣ କରିବା ଅତି ନିନ୍ଦନୀୟ ଅଟେ।

**ଦଉଡ଼ିରେ ହାତ ବାନ୍ଧି ବୁଲାଇଲେ**

## '୫-ଟି'ରେ ଦୁର୍ନୀତି ସଂକ୍ରାନ୍ତ ମୁଖ୍ୟମନ୍ତ୍ରୀଙ୍କ ଟିପ୍ପଣୀକୁ ତୀବ୍ର ସମାଲୋଚନା

# ୧୮ ମାସରେ ବିଜେପି ସରକାରଙ୍କ ବିଫଳତା ଶିଖର ଛୁଇଁଛି: ବିଜେଡି

ଭୁବନେଶ୍ୱର,୭।୧(ସମିସ): ବାଣପୁରରେ ଆଦର୍ଶ ବିଦ୍ୟାଳୟ ଭିତ୍ତିପ୍ରସ୍ତର ସ୍ଥାପନ ସଭାରେ ଉଦବୋଧନ ଦେବା ସମୟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପୂର୍ବ ସରକାରରେ '୫-ଟି' ସ୍କୁଲ ନାମରେ ଦୁର୍ନୀତି ହୋଇଥିବା ଟିପ୍ପଣୀକୁ ତୀବ୍ର ସମାଲୋଚନା କରିଛି ବିଜେଡି। ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଓ ତାଙ୍କ ସରକାର ନିଜର ବିଫଳତାକୁ ଲୁଚାଇବାକୁ ଯାଇ ବାରମ୍ବାର ପୂର୍ବ ସରକାରଙ୍କ ନାମରେ ମିଛ ଅଭିଯୋଗ କରୁଛନ୍ତି। ମୋହନ ସରକାରଙ୍କ ଏହି ମିଛ ପ୍ରୋପାଗଣ୍ଡାକୁ ରାଜ୍ୟବାସୀ ବୁଝିସାରିଛନ୍ତି ବୋଲି ବିଜେଡି କହିଛି।

ଦଳର ମୁଖପାତ୍ର ତଥା ମିଡିଆ ସଂଯୋଜକ ଡ. ଲେନିନ ମହାନ୍ତି କହିଛନ୍ତି ଯେ ଗତ ୧୮ ମାସର ଶାସନରେ ସମସ୍ତ କ୍ଷେତ୍ରରେ, ବିଜେପି ସରକାରଙ୍କ ବିଫଳତା ଶିଖର ଛୁଇଁଛି। ବଡ଼ ବଡ଼ କଥା କହି ଓ ପୂର୍ବ ସରକାରଙ୍କ ନାରେ ବିଭିନ୍ନ ମିଥ୍ୟା ଅଭିଯୋଗ ଆଣି ବିଜେପି ଲୋକଙ୍କୁ ପ୍ରଭାବିତ ସହ କ୍ଷମତା ଦଖଲ କରିଥିଲା। ହେଲେ ବିଜେପି ସରକାରଙ୍କ ଅପାରଗପଣିଆ ଓ ବିଫଳତା ଏବେ ହାଟରେ ପଡ଼ି ଦାଣ୍ଡରେ ଗଡୁଛି। ରାଜ୍ୟକୁ ଏକ ନମ୍ବର କରିବ ବୋଲି ଦାବି କରି କ୍ଷମତାକୁ ଆସିଥିବା ରାଜ୍ୟ ବିଜେପି ସରକାର ଏବେ ଅପାରଗତାରେ ଦେଶରେ ଏକ ନମ୍ବର ହୋଇଛି ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ । ରାଜ୍ୟ ବଜେଟରେ ବିଭିନ୍ନ ବିଭାଗ ପାଇଁ ନିର୍ଦ୍ଧାରିତ ଅର୍ଥରୁ ଅଧିକାଂଶ ବିଭାଗରେ ଚାଳିଶ ପ୍ରତିଶତରୁ ଅଧିକ ଖର୍ଚ୍ଚ ହୋଇ ପାରୁନାହିଁ । ରାଜ୍ୟ ସରକାରଙ୍କ ତୋଗଲକି ନିଷ୍ପତ୍ତି ଯୋଗୁ ରାଜ୍ୟବାସୀ ହନ୍ତସନ୍ତ ହେଉଛନ୍ତି। ଓଡ଼ିଶାକୁ କେନ୍ଦ୍ର ଅନୁଦାନ ୧୮.୧୯ ପ୍ରତିଶତ କମିଛି। ରାଜ୍ୟରେ ଲଘୁ ଓ ଗୁରୁ ଖଣିଜ ସମ୍ପଦରେ ବିଜେପି ସରକାରଙ୍କ ସମୟରେ ବ୍ୟାପକ ଚୋରି ବୃଦ୍ଧି କାରଣରୁ ଲଘୁ ଖଣିଜ ସମ୍ପଦରେ ରାଜସ୍ୱ ୧୮୮୫ କୋଟିରୁ ୬୦୦ କୋଟି ଟଙ୍କାକୁ ଖସି ଆସିଛି । ଗୁରୁ ଖଣିଜ ସମ୍ପଦରେ ରାଜସ୍ୱ ୫୦, ୦୦୦ କୋଟି ଟଙ୍କାରୁ ୩୪, ୦୦୦ କୋଟି ଟଙ୍କାକୁ ହ୍ରାସ ପାଇଛି। ମହିଳାମାନଙ୍କୁ ସୁରକ୍ଷା ଦେବାରେ ରାଜ୍ୟ ସରକାର ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି । କୃଷକମାନେ ନ୍ୟାୟ ନପାଇ ଏବେ ରାଜରାସ୍ତାରେ ରହିଛନ୍ତି।

**ଅପାରଗ ପଣିଆରେ ଦେଶରେ ଓଡ଼ିଶା ସରକାର ଏକ ନମ୍ବର**

ରାଜ୍ୟ ସରକାରଙ୍କ ବିଫଳତା ଶିଖର ଛୁଇଁଥିବା ବେଳେ ମୁଖ୍ୟମନ୍ତ୍ରୀ ଲମ୍ବା ଭାଷଣ ମାରୁଛନ୍ତି ଓ ପୂର୍ବ ସରକାରଙ୍କ ନାମରେ ମିଥ୍ୟା ଆରୋପ କରୁଛନ୍ତି । କ୍ଷମତାକୁ ଆସିବାର ୧୮ ମାସ ବିତି ଯାଇଥିଲେ ମଧ୍ୟ କୌଣସି ଗୋଟିଏ ବି ଦୁର୍ନୀତିକୁ ସାମ୍ନାକୁ ଆଣିବାରେ ସରକାର ସକ୍ଷମ ହୋଇ ନାହାନ୍ତି। କିନ୍ତୁ ବାରମ୍ବାର ମିଥ୍ୟା ଆରୋପ ଲୋକଙ୍କ ଆଗରେ ଗପି ଚାଲିଛନ୍ତି। ଗୋଟିଏ ପଟେ ୫-ଟି ନାଁରେ ଦୁର୍ନୀତି ହୋଇଛି ବୋଲି ମୁଖ୍ୟମନ୍ତ୍ରୀ କହୁଛନ୍ତି, ଅପର ପକ୍ଷରେ ଉତ୍କର୍ଷ ଓଡ଼ିଶା କାର୍ଯ୍ୟକ୍ରମରେ ଶିଳ୍ପାନୁଷ୍ଠାନ ଗୁଡ଼ିକୁ ଆକର୍ଷିତ କରିବା ପାଇଁ ଓଡ଼ିଶାରେ ୫-ଟି ଭଳି ସୁଦୃଢ ବ୍ୟବସ୍ଥା ରହିଛି ବୋଲି ରାଜ୍ୟ ବିଜେପି ସରକାର ଲିଖିତ ଭାବେ ଦେଇଛନ୍ତି। ଏହା ରାଜ୍ୟ ସରକାରଙ୍କ ଦୋମୁହାଁ ନୀତିକୁ ଦର୍ଶାଉଛି ବୋଲି ଶ୍ରୀ ମହାନ୍ତି କହିଛନ୍ତି।

## ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର ୨୭ତମ ପ୍ରତିଷ୍ଠା ଦିବସ

# ସଂସ୍କୃତି ସର୍ବଦା ଗତିଶୀଳ ଓ ସମୟ ସହିତ ବିକଶିତ ହୁଏ: ଭେଙ୍କୟା

ଭୁବନେଶ୍ୱର/ବଡ଼ରଘୁନାଥପୁର,୭ ।୧(ସମିସ): ସାମାଜିକ ସମନ୍ୱୟ, ପରିବେଶଗତ ସ୍ଥିରତା, ଶ୍ରମର ମର୍ଯ୍ୟାଦା ଏବଂ ଅନ୍ତର୍ଭୁକ୍ତିମୂଳକ ଅଭିବୃଦ୍ଧି ଭଳି ପ୍ରକୃତ ମାନବୀୟ ମୂଲ୍ୟବୋଧ ସହିତ ଜଡ଼ିତ ରହିଲେ ସଂସ୍କୃତି ପ୍ରକୃତରେ ବିକଶିତ ହୁଏ ବୋଲି କହିଛନ୍ତି ପୂର୍ବତନ ଉପରାଷ୍ଟ୍ରପତି ଏମ୍. ଭେଙ୍କୟା ନାଇଡୁ। ବୁଧବାର ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର ୨୭ତମ ପ୍ରତିଷ୍ଠା ଦିବସର ଉଦଯାପନୀ ସମାରୋହରେ ଯୋଗ ଦେଇ ପୂର୍ବତନ ଉପରାଷ୍ଟ୍ରପତି ଶ୍ରୀ ନାଇଡୁ କହିଛନ୍ତି ଯେ ଓଡ଼ିଶା ଭାରତର ସଭ୍ୟତା ବିକାଶରେ ଏକ ଅନନ୍ୟ ସ୍ଥାନ ଅଧିକାର କରିଛି। ଯେଉଁଠାରେ ସଂସ୍କୃତିକୁ ସର୍ବଦା ସାମୂହିକ ଜୀବନକୁ ଗଠନ କରୁଥିବା ଏକ ଜୀବନ୍ତ ଶକ୍ତି ଭାବରେ ଦେଖାଯାଇଥାଏ। ରୀତିନୀତି ଏବଂ ପ୍ରଥାରୁ ଆରମ୍ଭ କରି ସ୍ଥାପତ୍ୟ, ସାହିତ୍ୟ, ସଙ୍ଗୀତ, ନୃତ୍ୟ ଏବଂ କାରିଗରୀ ପର୍ଯ୍ୟନ୍ତ ଓଡ଼ିଶାର ସଂସ୍କୃତି ଦୈନନ୍ଦିନ ଜୀବନକୁ ଆଚ୍ଛନ୍ନ କରିଛି। ଏହି ପୃଷ୍ଠଭୂମିରେ ସାଂସ୍କୃତିକ ଅଧ୍ୟୟନ ପାଇଁ ସମର୍ପିତ ଦେଶର ପ୍ରଥମ ବିଶ୍ୱବିଦ୍ୟାଳୟ ଓଡିଶାରେ ପ୍ରତିଷ୍ଠିତ ହେବା ଉପଯୁକ୍ତ ପଦକ୍ଷେପ ବୋଲି ଶ୍ରୀ ନାଇଡୁ କହିଛନ୍ତି।

ସେ ପୁଣି କହିଛନ୍ତି ଯେ ଛାତ୍ରଛାତ୍ରୀମାନେ ଏକ ସମୃଦ୍ଧ ସାଂସ୍କୃତିକ ଐତିହ୍ୟର ଉତ୍ତରାଧିକାରୀ ଏବଂ ଏହାର ଭବିଷ୍ୟତର ରୂପକାର। ପରମ୍ପରାକୁ ସମ୍ମାନ ଦେବା ସହିତ ଶିକ୍ଷା ଦ୍ୱାରା ନବସୃଜନକୁ ଗ୍ରହଣ କରିବା, ପ୍ରଶ୍ନ କରିବା, ସର୍ଜନା କରିବା ଏବଂ ସେବା କରିବା ଛାତ୍ରମାନଙ୍କ ଦାୟିତ୍ୱ। ସଂସ୍କୃତି ସର୍ବଦା ଗତିଶୀଳ ଏବଂ ସମୟ ସହିତ ବିକଶିତ ହୁଏ। ବିଶ୍ୱବିଦ୍ୟାଳୟର ଦାୟିତ୍ୱ କେବଳ ସଂସ୍କୃତିର ସଂରକ୍ଷଣରେ




ସୀମିତ ନୁହେଁ ବରଂ ଗବେଷଣା, ଡକ୍ୟୁମେଣ୍ଟେସନ୍, ସୃଜନଶୀଳ ପରୀକ୍ଷଣ ଏବଂ ଶୈକ୍ଷିକ ଆଲୋଚନା ମାଧ୍ୟମରେ ପରମ୍ପରାର ଅର୍ଥପୂର୍ଣ୍ଣ ପୁନଃବ୍ୟାଖ୍ୟାନ ପର୍ଯ୍ୟନ୍ତ ବିସ୍ତାରିତ । ବିଶ୍ୱବିଦ୍ୟାଳୟର ଆଭିମୁଖ୍ୟ, ପ୍ରସାର କାର୍ଯ୍ୟକ୍ରମ ଏବଂ ଗୋଷ୍ଠୀ ସମ୍ପୃକ୍ତିକୁ ପ୍ରଶଂସା କରିବା ସହିତ ଶୈକ୍ଷିକ ଉତ୍କର୍ଷତା, ନୈତିକତା ଏବଂ ସୃଜନଶୀଳ ସମ୍ବେଦନଶୀଳତାର ସନ୍ତୁଳନ ସୁନିଶ୍ଚିତ ଦିଗରେ ଶିକ୍ଷକମାନଙ୍କୁ ମାର୍ଗଦର୍ଶକ ଏବଂ ମଶାଲବାହକ ଭାବରେ ଶ୍ରୀ ନାଇଡୁ ବର୍ଣ୍ଣନା କରିଥିଲେ। କାର୍ଯ୍ୟକ୍ରମରେ ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି ଉଦବୋଧନ ଦେଇ ସଂସ୍କୃତିକୁ ଏକ ଦ୍ରୁତ ପରିବର୍ତ୍ତିତ, ପ୍ରଯୁକ୍ତିବିଦ୍ୟା ଚାଳିତ ବିଶ୍ୱରେ ନବସୃଜନ, ଉଦ୍ୟୋଗ ଏବଂ ସ୍ଥାୟୀ ଜୀବିକାର ବାହକ ଭାବରେ ଦେଖିବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ଛାତ୍ରଛାତ୍ରୀମାନେ କେବଳ ପରମ୍ପରାର ରକ୍ଷକ ନୁହଁନ୍ତି ବରଂ ସମ୍ଭାବ୍ୟ ସାଂସ୍କୃତିକ ଉଦ୍ୟୋଜୀ ଏବଂ ନବସୃଜନକାରୀ। ସଂସ୍କୃତି କେବଳ ସଂରକ୍ଷଣ କରିବାର ବସ୍ତୁ ନୁହେଁ, ଏହା ଏକ ଜୀବନ୍ତ ସମ୍ପଦ ଯାହା ନିଯୁକ୍ତି, ସାମାଜିକ ସଂହତି ଏବଂ ସ୍ଥାୟୀ ବିକାଶ ସୃଷ୍ଟି କରିପାରିବ ବୋଲି ରାଜ୍ୟପାଳ କହିଥିଲେ। ଏହି ସମାରୋହରେ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ବିଶିଷ୍ଟ ଲେଖିକା ତଥା ଜ୍ଞାନପୀଠ ପୁରସ୍କାର ବିଜେତା ପ୍ରତିଭା ରାୟ, ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁ, ରେଜିଷ୍ଟ୍ରାର ଅନାମିକା ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ସାତକୋଶିଆ ଗଣ୍ଡରେ କୁମ୍ଭୀର ଗଣନା ଆରମ୍ଭ

ଅନୁଗୋଳ, ୭ ।୧(ସମିସ)

ଅନୁଗୋଳ ଜିଲ୍ଲା ସାତକୋଶିଆ ଗଣ୍ଡରେ କୁମ୍ଭୀର ଗଣନା ଆରମ୍ଭ ହୋଇଛି। ବନ ବିଭାଗର ସୂଚନା ଅନୁଯାୟୀ, ଏହି ଗଣନା କାର୍ଯ୍ୟ ୮ ତାରିଖ ପର୍ଯ୍ୟନ୍ତ ଚାଲିବ। ସାତକୋଶିଆ ବନ୍ୟପ୍ରାଣୀ ବନଖଣ୍ଡରେ ଥିବା ୫ ବନାଞ୍ଚଳରେ କମ୍ଭୀର ଗଣନା କରାଯିବ। ଏଥିପାଇଁ ୧୪ଟି ୟୁନିଟ୍ ଗଠନ କରାଯାଇଛି। ପ୍ରତି ୟୁନିଟ୍‌ରେ ୫ ଜଣ ଲେଖାଏଁ ସଦସ୍ୟ ରହିଛନ୍ତି। ସାତକୋଶିଆ ବନଖଣ୍ଡ, ମହାନଦୀ ବନ୍ୟପ୍ରାଣୀ ବନଖଣ୍ଡ ଓ ଆଠମଲ୍ଲିକ ବନଖଣ୍ଡର ଟିକରପଡ଼ାରୁ ବିନିକେଇ, ବିନିକେଇରୁ ପତାକା, ଟିକରପଡ଼ାରୁ କଟରଙ୍ଗ, କଟରଙ୍ଗରୁ ବାଲିପୁଟ, ବାଲିପୁଟରୁ ଚକ୍ରଗଡ଼, ଆଠମଲ୍ଲିକର ହରଭଙ୍ଗାରୁ ଅଏଡ଼ା, ଲୁଣାହାଣ୍ଡି, ବେଲପୁଞ୍ଜି ମଠ, ଶିଶୁପଥର ଡ୍ୟାମ ସମେତ ଆଖପାଖର ବିଭିନ୍ନ ଜଳାଶୟରେ ଏହି ଗଣନା ଆରମ୍ଭ କରାଯାଇଛି। ଗତବର୍ଷ ଗଣନା ବେଳେ, ମୋଟ ୯୭ଟି ମଗର ଓ ୧୮ଟି ଘଡ଼ିଆଳ କୁମ୍ଭୀର ଚିହ୍ନଟ ହୋଇଥିବା ବେଳେ ଏବର୍ଷ ତାହା କେତେ ସଂଖ୍ୟାରେ ବୃଦ୍ଧି ପାଇଛି ଗଣନା ପରେ ଜଣାପଡ଼ିବ ବୋଲି ଆରସିସିଏଫ ସଞ୍ଜୟ ସ୍ୱାଇଁ ପ୍ରକାଶ କରିଛନ୍ତି। ଏନେଇ ବନବିଭାଗ ପକ୍ଷରୁ ମୋବାଇଲ ଟ୍ରାକିଂ, ଜିପିଏସ, ବାଇନାକୁଲାର୍ ଓ ସ୍ୱତନ୍ତ୍ର କ୍ୟାମେରା, ଏବଂ ଖାତା ପେନ୍ ବ୍ୟବସ୍ଥା କରାଯାଇଥିବା ସାତକୋଶିଆ ବନଖଣ୍ଡ ଅଧିକାରୀ ଗଦାଧର ପାତ୍ର ସୂଚନା ଦେଇଛନ୍ତି।




## ମହିଳାଙ୍କ ମୃତଦେହ ଉଦ୍ଧାର, ହତ୍ୟା ଅଭିଯୋଗ



ପାଲଲହଡ଼ା, ୭ ।୧(ସମିସ): ପାଲଲହଡ଼ା ଥାନା ଝାରବେଡ଼ା ପଞ୍ଚାୟତ ସୁସବନାଳୀ ଗାଁ ମୁଣ୍ଡରେ ଥିବା ପରିତ୍ୟକ୍ତ ପତ୍ରଫଡ଼ି ଘର ନିକଟରୁ ମହିଳାଙ୍କ ଗଳିତ ମୃତଦେହ ଉଦ୍ଧାର ହୋଇଛି। ମୃତକ ହେଲେ ଗ୍ରାମର ସ୍ୱର୍ଗତ ଗୁରୁ ମୁଣ୍ଡାଙ୍କ ସ୍ତ୍ରୀ ଜାନ ମୁଣ୍ଡା। ସୂଚନା ଅନୁଯାୟୀ, ଗୁରୁଙ୍କର ଆଜକୁ ୪ ବର୍ଷ ହେବ ମୃତ୍ୟୁ ହୋଇଛି। ଜାନ ନିଜର ତିନି ଝିଅ ଗୋଟିଏ ପୁଅ ସହିତ ମୂଲମଜୁରି କରି ପରିବାର ପ୍ରତିପୋଷଣ କରନ୍ତି। ସବୁଦିନ ପରି ଗତ ସୋମବାର ସକାଳେ କାମ କରିବାକୁ ଯାଇଥିଲେ। ମାତ୍ର ସନ୍ଧ୍ୟା ପର୍ଯ୍ୟନ୍ତ ଘରକୁ ଫେରି ନ ଥିଲେ। ପରିବାର ଲୋକେ ବହୁ ଖୋଜା ଖୋଜି କରିବା ପରେ ତାଙ୍କୁ ପାଇ ନ ଥିଲେ। ମଙ୍ଗଳବାର ସନ୍ଧ୍ୟାରେ ଗାଁ ମୁଣ୍ଡରେ ଥିବା ପରିତ୍ୟକ୍ତ ପତ୍ରଫଡ଼ି ଘର ନିକଟରେ ତାଙ୍କ ମୃତ ଦେହ ପଡ଼ିଥିବା ଗ୍ରାମବାସୀ ଦେଖିଥିଲେ। ଜାନଙ୍କ ମୁହଁକୁ କୌଣସି ଭାରି ପଦାର୍ଥରେ ଆଘାତ କରାଯାଇଥିବା ବେଳେ ଗଳାକୁ ମଧ୍ୟ ଧାରୁଆ ଅସ୍ତ୍ରରେ ଆଘାତ କରାଯାଇଛି। ତାଙ୍କୁ ହତ୍ୟା କରାଯାଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ଘଟଣାସ୍ଥଳରେ ପାଲଲହଡ଼ା ଥାନା ପୁଲିସ ଓ ସାଇଣ୍ଟିଫିକ ଟିମ ପହଞ୍ଚି ତଦନ୍ତ ଜାରି ରଖିଛି। ତେବେ ଚାରି ବର୍ଷ ତଳେ ବାପାଙ୍କୁ ହରାଇଥିବା ବେଳେ ଏବେ ମା'ଙ୍କ ମୃତ୍ୟୁ ପରେ ଚାରି ସନ୍ତାନ ଅସହାୟ ହୋଇ ପଡ଼ିଛନ୍ତି। ଜଙ୍ଗଲ ପାଦଦେଶରେ ଘର ହୋଇଥିବାରୁ ସବୁଦିନ ହାତୀ, ଭାଲୁ ଅଦି ବନ୍ୟଜନ୍ତୁଙ୍କ ଭୟ ରହିଛି। ଘରର ଛାତ ଓ କାନ୍ଥ ସମ୍ପୂର୍ଣ୍ଣ ଭାଙ୍ଗିଯାଇଥିବା ବେଳେ ତା' ଭିତରେ ୪ ଛୁଆ କିପରି ରହିବେ ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅନ୍ୟପଟେ ଘଟଣାର ତଦନ୍ତ ଜାରି ରହିଥିବା ଥାନା ଅଧିକାରୀ ପ୍ରଦୀପ ମହାନ୍ତ କହିଛନ୍ତି।

## ପାଣି ପଞ୍ଚାୟତ ପକ୍ଷ ସଚେତନତା ରଥ

ଅନୁଗୋଳ, ୭ ।୧(ସମିସ): ଜଳର ସୁପରିଚାଳନା ଓ ସୁବିନିଯୋଗ ପାଇଁ ଜନସଚେତନତା ସୃଷ୍ଟି କରିବା ନିମନ୍ତେ ରାଜ୍ୟ ଜଳସମ୍ପଦ ବିଭାଗ ତରଫରୁ ପାଣି ପଞ୍ଚାୟତ ପକ୍ଷ ପାଳନ କରାଯାଉଛି। ଏହି ଉପଲକ୍ଷେ ଜିଲ୍ଲା କାର୍ଯ୍ୟାଳୟ ପରିସରରୁ ଅତିରିକ୍ତ ଜିଲ୍ଲାପାଳ ଉଦୟ କୁମାର ମହାପାତ୍ର ସଚେତନତା ରଥକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି ରଥ ଚଳିତମାସ ଜିଲ୍ଲାର ସମସ୍ତ ବ୍ଲକ ମୁଖ୍ୟାଳୟ ସହ ଅନ୍ୟାନ୍ୟ ଜଳସେଚନ ବିଭାଜନର ଜନସାଧାରଣଙ୍କୁ ସଚେତନ କରାଇବ। ଏହି କାର୍ଯ୍ୟକ୍ରମରେ ଅନୁଗୋଳ ଜଳସେଚନ ବିଭାଗର କର୍ମଚାରୀ, ପାଣି ପଞ୍ଚାୟତର ସଦସ୍ୟ, ଉଠାଜଳସେଚନ ବିଭାଜନର ନିର୍ବାହୀଯନ୍ତ୍ରୀ, କ୍ଷୁଦ୍ର ଜଳସେଚନ ବିଭାଜନର କର୍ମଚାରୀ ଉପସ୍ଥିତ ଥିଲେ।

## ପଠାଣି ସାମନ୍ତ ମେଧାବୃତ୍ତିରେ ଜ୍ଞାନରଞ୍ଜନ ବ୍ଲକ ଟପ୍ପର

ଖମାର, ୭ ।୧(ସମିସ): ପାଲଲହଡ଼ା ବ୍ଲକ ମୁଣ୍ଡୁରିବେଡା ପଞ୍ଚାୟତ ମୁଣ୍ଡୁରିବେଡ଼ା ଜନତା ହାଇସ୍କୁଲର ଛାତ୍ର ଜ୍ଞାନରଞ୍ଜନ ସାହୁ ଶିକ୍ଷାବର୍ଷ ୨୦୨୪-୨୫ରେ ନବମ ଶ୍ରେଣୀ ପଠାଣି ସାମନ୍ତ ଗଣିତ ମେଧାବୃତ୍ତି ପରୀକ୍ଷାରେ ବ୍ଲକ ଟପ୍ପର ହୋଇଛନ୍ତି। ଶ୍ରୀ ସାହୁ ଜାତୀୟ ଗ୍ରାମାଞ୍ଚଳ ମେଧାବୃତ୍ତି ପରୀକ୍ଷାରେ ମଧ୍ୟ ପ୍ରଥମ ସ୍ଥାନ ଅଧିକାର କରିବା ସହ ବିଜ୍ଞାନ ପତ୍ରବାଚନରେ ବ୍ଲକରେ ପ୍ରଥମ ଓ ଜିଲ୍ଲାରେ ତୃତୀୟ ସ୍ଥାନରେ ରହିଥିଲେ। ଏହି ସଫଳତା ପାଇଁ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଗୀତାଞ୍ଜଳି ପ୍ରଧାନ ଓ ଅନ୍ୟ ଶିକ୍ଷକବୃନ୍ଦ ଶୁଭେଚ୍ଛା ଜଣାଇଛନ୍ତି। ଶ୍ରୀ ସିବିପି ହାଇସ୍କୁଲର ଶିକ୍ଷକ ଅଜୟ କୁମାର ସାହୁ ଓ ସରସ୍ୱତୀ ଶିଶୁ ମନ୍ଦିର ଓଡ଼ଶର ଗୁରୁମା ସସ୍ମିତା ମଞ୍ଜରୀ ସାହୁଙ୍କ ସୁପୁତ୍ର ଅଟନ୍ତି।

## ଆୟୁଷ ଡାକ୍ତରଙ୍କ ବଦଳିକୁ ନେଇ ଉତ୍ତେଜନା

ଛେଣ୍ଡିପଦା, ୭ ।୧(ସମିସ): ଅନୁଗୋଳ ଜିଲ୍ଲା ବାଗଡ଼ିଆ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଆୟୁଷ ଡାକ୍ତରଙ୍କ ବଦଳିକୁ ନେଇ ଉତ୍ତେଜନା ପ୍ରକାଶ ପାଇଛି। ଆୟୁଷ ଡାକ୍ତର ଶୁଭଲକ୍ଷ୍ମୀ ସାହୁଙ୍କ ବଦଳି ତୁରନ୍ତ ବାତିଲ ଦାବିରେ ସ୍ୱାସ୍ଥ୍ୟକେନ୍ଦ୍ର ଆଗରେ ହୋହାଲ୍ଲା କରିଥିଲେ ଶତାଧିକ ଗ୍ରାମବାସୀ। ପରିସ୍ଥିତିକୁ ଦେଖି ଘଟଣାସ୍ଥଳରେ ବାଗଡ଼ିଆ ଥାନା ପୁଲିସ ପହଞ୍ଚିଥିଲା। ଡାକ୍ତର ସାହୁ ଦୀର୍ଘଦିନ ହେବ ସ୍ୱାସ୍ଥ୍ୟକେନ୍ଦ୍ରରେ ରହି ରୋଗୀସେବା କରିଆସୁଛନ୍ତି। ଏପରିକି ବିଭିନ୍ନ ସମୟରେ ରୋଗୀଙ୍କ ଘରକୁ ଯାଇ ମାଗଣା ଚିକିତ୍ସା ଯୋଗାଇଥାନ୍ତି। ସେ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇ ଦେଉଥିବା ବେଳେ ତାଙ୍କର ବଦଳି ହୋଇଥିବା ଶୁଣି ସନ୍ଧ୍ୟାରେ ଗ୍ରାମର ଶତାଧିକ ପୁରୁଷ ଓ ମହିଳା ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ହୋହାଲ୍ଲା କରିଥିଲେ। ତୁରନ୍ତ ତାଙ୍କ ବଦଳି ବାତିଲ କରିବାକୁ ଦାବି କରିଥିଲେ। ଡାକ୍ତର ସାହୁଙ୍କ ନାମରେ ମିଥ୍ୟା ଅଭିଯୋଗ କରି ତାଙ୍କୁ ବଦନାମ କରାଯାଉଛି। ଯେପର୍ଯ୍ୟନ୍ତ ବଦଳି ବାତିଲ ନ ହୋଇଛି ସେ ପର୍ଯ୍ୟନ୍ତ ଡାକ୍ତରଖାନାରେ ବସି ରହିବେ ବୋଲି ଗ୍ରାମବାସୀ କହିଛନ୍ତି।

## ତାଳଚେରରେ ସାଧାରଣତନ୍ତ୍ର ଦିବସ ପ୍ରସ୍ତୁତି

ତାଳଚେର, ୭ ।୧(ସମିସ): ଆଗାମୀ ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ତାଳଚେର ଉପଖଣ୍ଡରେ ଆୟୋଜିତ ହେବାକୁ ଥିବା କାର୍ଯ୍ୟକ୍ରମକୁ ସୁସଂଗଠିତ ଓ ସଫଳ ଭାବେ ସମ୍ପନ୍ନ କରିବା ନିମନ୍ତେ ଆଜି ଅପରାହ୍ନ ୪ଟା ସମୟରେ ଏକ ପ୍ରସ୍ତୁତି ବୈଠକ ଉପଜିଲ୍ଲାପାଳ ସମୀର କୁମାର ଜେନାଙ୍କ ଅଧ୍ୟକ୍ଷତାରେ ଉପଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଡେପୁଟି କଲେକ୍ଟର ମାନସ ମୋହନ ସେଠ, କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଦୀପ କୁମାର ସାହୁ, ଗୋଷ୍ଠୀ ଶିକ୍ଷାଧିକାରୀ ଖଗେଶ୍ୱର ବେହେରା, ଭାରପ୍ରାପ୍ତ ସୂଚନା ଓ ଲୋକସମ୍ପର୍କ ଅଧିକାରୀ କାଳନ୍ଦୀ ସାହୁଙ୍କ ସହ ବିଭିନ୍ନ ବିଭାଗର ଅଧିକାରୀ, ଶିକ୍ଷକଶିକ୍ଷୟିତ୍ରୀ, ଅଧ୍ୟାପକଅଧ୍ୟାପିକା, ଗଣମାଧ୍ୟମ ପ୍ରତିନିଧି ଓ ସମାଜସେବୀ ଉପସ୍ଥିତ ଥିଲେ। ସାଧାରଣତନ୍ତ୍ର ଦିବସ ଅବସରରେ ପତାକା ଉତ୍ତୋଳନ, ପରେଡ୍, ସାଂସ୍କୃତିକ କାର୍ଯ୍ୟକ୍ରମ, ସୁରକ୍ଷା ବ୍ୟବସ୍ଥା ଓ ଅନ୍ୟାନ୍ୟ ପ୍ରସ୍ତୁତି ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା।

## ବାଲ୍ୟବିବାହ ବିରୋଧୀ ସଚେତନତା ଅଭିଯାନ

ଅନୁଗୋଳ, ୭ ।୧(ସମିସ): ଅନୁଗୋଳ ଜିଲ୍ଲା ବଇଣ୍ଠା ରାମଦେଓ ସରକାରୀ ଉଚ୍ଚ ବିଦ୍ୟାଳୟରେ ବିଶ୍ୱ ଯୁବକେନ୍ଦ୍ର ଦ୍ୱାରା ପରିଚାଳିତ ଆକ୍ସେସ ଟୁ ଜଷ୍ଟିସ କାର୍ଯ୍ୟକ୍ରମ ଓ ତ୍ରିଧାର ସାହିତ୍ୟ ସଂସଦ ମିଳିତ ଉଦ୍ୟମରେ ବାଲ୍ୟ ବିବାହ ବିରୋଧୀ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି ଅବସରରେ ଲୁହାମୁଣ୍ଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ରାମଦେଓ ସରକାରୀ ଉଚ୍ଚ ବିଦ୍ୟାଳୟ, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ମା' ହିଙ୍ଗୁଳାଇ ଉଚ୍ଚ ବିଦ୍ୟାଳୟର ୨୫ ଜଣ ଛାତ୍ରଛାତ୍ରୀଙ୍କୁ ନେଇ କୁଇଜ, ରଙ୍ଗୋଲି, ସଙ୍ଗୀତ ପ୍ରତିଯୋଗିତା ହୋଇଥିଲା। ଅତିଥି ଭାବେ ବିଶ୍ୱ ଯୁବକେନ୍ଦ୍ରର ନିର୍ଦ୍ଦେଶକ ମନୋଜ କୁମାର ମହାପାତ୍ର, ତ୍ରିଧାର ସାହିତ୍ୟ ସଂସଦ ସଭାପତି ରମେଶ ଚନ୍ଦ୍ର ମିଶ୍ର, ଶିକ୍ଷକ ନିତ୍ୟାନନ୍ଦ ବାରିକ ଯୋଗଦେଇଥିଲେ। ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ଛାତ୍ରଛାତ୍ରୀ ଓ ଅତିଥିମାନେ ବାଲ୍ୟବିବାହ ନିଷେଧ ପାଇଁ ଶପଥପାଠ କରିଥିଲେ। କୃତୀ ଛାତ୍ରଛାତ୍ରୀଙ୍କୁ ଆସନ୍ତା ଜାନୁଆରୀ ୧୮ ତାରିଖ ହେବାକୁ ଥିବା ତ୍ରିଧାର ସାହିତ୍ୟ ସଂସଦର ବାର୍ଷିକ ଉତ୍ସବରେ ପୁରସ୍କୃତ କରାଯିବ। ବିଶ୍ୱ ଯୁବକେନ୍ଦ୍ରର କ୍ଷେତ୍ର ଅଧିକାରୀ ଜ୍ୟୋସ୍ନିତା ପ୍ରଧାନ, ସଂଯୋଜିକା ପୂଜା ସ୍ୱାଇଁ ଓ ପ୍ରକଳ୍ପ ସହାୟିକା ଦୀପି ଦେହୁରି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ଶିକ୍ଷକଙ୍କ ପକ୍ଷରୁ ଛାତ୍ରଛାତ୍ରୀଙ୍କୁ ଶୀତବସ୍ତ୍ର ବଣ୍ଟନ



କିଶୋରନଗର, ୭ ।୧(ସମିସ): ଅନୁଗୋଳ ଜିଲ୍ଲା ଆଠମଲ୍ଲିକ ବ୍ଲକ ଭୋଗରା କୋଡ଼ାସାହି ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ମାନସ ରଞ୍ଜନ ନାଏକ ସମସ୍ତ ଛାତ୍ରଛାତ୍ରୀ ଏବଂ ପାଚିକା, ସହାୟିକାଙ୍କୁ ଶୀତବସ୍ତ୍ର, ଖାତା, କଲମ ଏବଂ ଚକୋଲେଟ ବଣ୍ଟନ କରିଛନ୍ତି। ପୂର୍ବରୁ ସେ ବୃଦ୍ଧବୃଦ୍ଧାଙ୍କୁ କମ୍ବଳ ବଣ୍ଟନ କରି ମଧ୍ୟ କରିଥିଲେ। ଏଥିସହ ଛାତ୍ରଛାତ୍ରୀଙ୍କୁ ବିସ୍କୁଟ, ଚକୋଲେଟ, ମିଠା ବଣ୍ଟନ କରି ବିଦ୍ୟାଳୟ ପ୍ରତି ଆକୃଷ୍ଟ କରିଆସୁଛନ୍ତି। ବିଦ୍ୟାଳୟର ପ୍ରଧାନଶିକ୍ଷକ ଦୁର୍ଯ୍ୟୋଧନ ନାୟକ ସହଯୋଗ କରିଥିଲେ।

## ନୂତନ ସିଡିପିଓଙ୍କ ଯୋଗଦାନ



କିଶୋରନଗର, ୭ ।୧(ସମିସ): କିଶୋରନଗର ମହିଳା ଶିଶୁ ବିକାଶ କାର୍ଯ୍ୟାଳୟରେ ନୂତନ ସିଡିପିଓ ଭାବେ କଟକ ସିଟିରୁ ବଦଳି ହୋଇ ଆସିଥିବା ସତ୍ୟଲତା ସେଠୀ ବୁଧବାର କାର୍ଯ୍ୟରେ ଯୋଗଦେଇଛନ୍ତି। ତାଙ୍କୁ ଆଇସିଡିଏସ କର୍ମଚାରୀଙ୍କ ପକ୍ଷରୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ଏଥିରେ ଆଇସିଡିଏସ ସୁପରଭାଇଜର ଦେବକୀ ଦନ୍ତା, ରେଣୁବାଳା ବେହେରା, ରାଜେଶ୍ୱରୀ ଦେହୁରୀ, ଅସ୍ମିତା ସାହୁ, ରାଜେଶ ଦେହୁରୀ, ସିଦ୍ଧାନ୍ତ କାନ୍ଧିଆ, ବିପିସି (ପୋଷଣ) ରୁଷଭ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଏଠାରେ ପୂର୍ବରୁ ଥିବା ସିଡିପିଓ ଆରତୀ ସିଂହଙ୍କ ସମ୍ବଲପୁର ଧନକଉଡ଼ାକୁ ବଦଳି ହୋଇଛି।

## ଡିମିରିମୁଣ୍ଡା ନାଳରେ ଚେକ୍‌ଡ୍ୟାମର ସମୀକ୍ଷା

କିଶୋରନଗର, ୭ ।୧(ସମିସ): କିଶୋରନଗର ବ୍ଲକ କାର୍ଯ୍ୟାଳୟ ପଛ ପାଖ ଡିମିରିମୁଣ୍ଡା ନାଳରେ ଜଳସମ୍ପଦ ବିଭାଗ ପକ୍ଷରୁ ୬୦ ଲକ୍ଷ ବ୍ୟୟ ଅଟକଳରେ ନୂତନ ଚେକଡ୍ୟାମ ନିର୍ମାଣ ପାଇଁ ଅନୁମୋଦନ ହୋଇଛି। ବୁଧବାର କ୍ଷୁଦ୍ର ଜଳସେଚନ ବିଭାଗ ଏସଡିଓ ଅଭିଷେକ ଜେନା, କନିଷ୍ଠ ଯନ୍ତ୍ରୀ ସୌମ୍ୟରଞ୍ଜନ ବେହେରା ପ୍ରସ୍ତାବିତ ଡ୍ୟାମସ୍ଥଳକୁ ଯାଇ କାର୍ଯ୍ୟର ସମୀକ୍ଷା କରି ଲେଆଉଟ ପ୍ରଦାନ କରିବା ସହ ଧାର୍ଯ୍ୟ ସମୟ ଭିତରେ ସାରିବାକୁ ଠିକାଦାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।




## ବିଶ୍ୱାସରେ ବିଷଦେଇ ଲକ୍ଷାଧିକ ଟଙ୍କା ଲୁଟ୍

ତାଳଚେର ସହର, ୭ ।୧(ସମିସ): ଧାର ନେଇଥିବା ଟଙ୍କା ଫେରାଇବା ବଦଳରେ ଲୁଟିନେଲେ ଲକ୍ଷାଧିକ ଟଙ୍କା। ଅନୁଗୋଳ ଜିଲ୍ଲା ଏନଟିପିସି ଥାନା ଭୀମକାଣ୍ଡ ଅଞ୍ଚଳରେ ଘଟିଛି ଏହି ଘଟଣା। ଭୀମକାଣ୍ଡ ଅଞ୍ଚଳରେ ଭଡ଼ା ଘରେ ରହୁଥିବା କଟକ ଜିଲ୍ଲା ନୂଆପାଟଣା ଗ୍ରାମର ପ୍ରଭାତ ଦାସ କିଛିଦିନ ତଳେ ତାଙ୍କ ପରିଚିତ ରଞ୍ଜିତ ପ୍ରଧାନଙ୍କୁ କିଛି ଟଙ୍କା ଧାର ସୂତ୍ରରେ ଦେଇଥିଲେ। ପ୍ରଭାତଙ୍କ ପୁଅ ଅସୁସ୍ଥ ଥିବାରୁ ତାଙ୍କ ପୁଅକୁ ସେ ଚିକିତ୍ସା ପାଇଁ ଅନୁଗୋଳ ନେଇଥିଲେ। ବଜାରରେ ବୁଲିବା ସମୟରେ ସେ ରଞ୍ଜିତଙ୍କୁ ତାଙ୍କର ଜଣେ ସାଙ୍ଗ ସହ ବୁଲୁଥିବା ଦେଖି ତାଙ୍କୁ ନେଇଥିବା ଟଙ୍କା ମାଗିଥିଲେ। ରଞ୍ଜିତ ପ୍ରଭାତଙ୍କୁ ତାଙ୍କ ଭୀମକାଣ୍ଡସ୍ଥିତ ଘରକୁ ଯିବାକୁ କହିଥିଲେ ଏବଂ ସେଠାରେ ଟଙ୍କା ଫେରାଇବାକୁ କହିଥିଲେ। ବିଶ୍ୱାସ କରି ପ୍ରଭାତ ରଞ୍ଜିତ ଏବଂ ତାଙ୍କ ସହ ଥିବା ରଞ୍ଜିତଙ୍କ ସାଙ୍ଗଙ୍କୁ ଭୀମକାଣ୍ଡସ୍ଥିତ ଘରକୁ ନେଇଥିଲେ। କ୍ଲାନ୍ତ ହୋଇଯାଇଥିବାରୁ ପ୍ରଭାତ ଶୋଇପଡ଼ିଥିଲେ। ଏହାର ସୁଯୋଗ ନେଇ ରଞ୍ଜିତ ପ୍ରଭାତଙ୍କ ପକେଟରେ ଥିବା ୧ ଲକ୍ଷ ୩୦ ହଜାର ଟଙ୍କା, ସୁନାରୁପା ଗହଣା ଏବଂ ମୋବାଇଲ ନେଇ ଚମ୍ପଟ୍ ମାରିଥିଲେ। ସୋମବାର ପ୍ରଭାତ ଏ ବିଷୟରେ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ତେବେ ପୁଲିସ ରଞ୍ଜିତ ଏବଂ ତାଙ୍କ ସାଙ୍ଗଙ୍କ ଟେର୍ ପାଇପାରି ନାହିଁ।

## ନବନିଯୁକ୍ତ ଆଇନ ଅଧିକାରୀ ସମ୍ବର୍ଦ୍ଧିତ

ଆଠମଲ୍ଲିକ, ୭ ।୧(ସମିସ): ଆଠମଲ୍ଲିକ ଉପଖଣ୍ଡ ସଦର ମହକୁମାଠାରେ ଥିବା ସିଭିଲ କୋର୍ଟର ବିଭିନ୍ନ ଅଦାଲତ ଓ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ସରକାରଙ୍କ ଦ୍ୱାରା ଲ ଅଫିସର ଭାବେ ନିଯୁକ୍ତି ପାଇଥିବା ଆଠମଲ୍ଲିକ ଓକିଲସଂଘର ଆଇନଜୀବୀମାନଙ୍କୁ ମଙ୍ଗଳବାର ସଂଘ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ଓକିଲସଂଘ ସଭାପତି ସୁଶାନ୍ତ କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ସଂଘର ତଳ ବାରହଲଠାରେ ଏକ ସମ୍ବର୍ଦ୍ଧନା ସଭାରେ ଅତିରିକ୍ତ ଜିଲ୍ଲା ଓ ଦୌରାଜଜଙ୍କ ଅଦାଲତ ସହଯୋଗୀ ଓକିଲ ରାଜେଶ ମିଶ୍ର, ଅତିରିକ୍ତ ସରକାରୀ ନିବେଦନକାରୀ (ପ୍ଲିଡ଼ର) ଭାବେ ବିଦ୍ୟୁତ ପାଣିଗ୍ରାହୀ, ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର (ଏନଡିପିଏସ) ଅର୍ଜୁନ ରାଉଳ ଓ ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର (ଏସସିଏସଟି) ଭବାନୀ ପ୍ରସାଦ ଜ୍ୟୋତିଷରାୟ, ସିଭିଲଜଜ ସିନିଅର ଡିଭିଜନଙ୍କ ଅଦାଲତ ଅତିରିକ୍ତ ସରକାରୀ ନିବେଦନକାରୀ (ପ୍ଲିଡର) ପୀତବାସ ସାହୁ ଓ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ସହକାରୀ ପବ୍ଲିକ ପ୍ରସିକ୍ୟୁଟର ଅନ୍ତର୍ଯ୍ୟାମୀ ରାଉଳଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଓକିଲସଂଘର ବରିଷ୍ଠ ଆଇନଜୀବୀ ଅସିତ ରଞ୍ଜନ ଦେଓ, ବରିଷ୍ଠ ଆଇନଜୀବୀ ଜିତେନ୍ କୁମାର ମିଶ୍ର, ବରିଷ୍ଠ ଆଇନଜୀବୀ ବାମନ କୁମାର ମିଶ୍ର, ବରିଷ୍ଠ ଆଇନଜୀବୀ ବିଜୟ ମହାକୁଡ଼, ଆଇନଜୀବୀ ଗଣେଶଚନ୍ଦ୍ର କର୍ମୀ ଓ ଆଇନଜୀବୀ ସୁନୀଲ ଶାସନି ପ୍ରମୁଖ ସମ୍ବର୍ଦ୍ଧନା କରିଥିଲେ। ଆଇନଜୀବୀ ମାଧବଚନ୍ଦ୍ର ସାହୁ, ଦିନେଶ ସିଂହ, ଲଲାଟେନ୍ଦୁ ଦାଶ, ଉଗ୍ରସେନ ସେଠୀ, ବିବେକାନନ୍ଦ ବେହେରା, ନାରାୟଣ ଦାଶ, ପ୍ରଭାକର କହଁର ପ୍ରମୁଖ ଅନେକ ଆଇନଜୀବୀ ଉପସ୍ଥିତ ଥିଲେ।







## ବାଲ୍ୟ ବିବାହ ସଚେତନତା କାର୍ଯ୍ୟକ୍ରମ

ଆଠମଲ୍ଲିକ, ୭ ।୧(ସମିସ): ଆଠମଲ୍ଲିକ ତାଲୁକ ଆଇନସେବା କମିଟି ପକ୍ଷରୁ ବାଳିକା ଉଚ୍ଚବିଦ୍ୟାଳୟଠାରେ ବାଲ୍ୟବିବାହକୁ ନେଇ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ତାଲୁକ ଆଇନସେବା କମିଟି ଅଧ୍ୟକ୍ଷ ତଥା ଅତିରିକ୍ତ ଜିଲ୍ଲା ଓ ଦୌରାଜଜ ରଞ୍ଜନ କୁମାର ସୁତାର, ସମ୍ମାନିତ ଅତିଥିଭାବେ ଏସଡିଜେଏମ ସିଙ୍କୁନ ରାୟ, ଆଠମଲ୍ଲିକ ଓକିଲସଂଘ ସଭାପତି, ଉପସଭାପତି, ବରିଷ୍ଠ ଆଇନଜୀବୀଗଣ, କ୍ରିମିନାଲ ବାର ସଭାପତି, ଉପସଭାପତି ଯୋଗ ଦେଇଥିଲେ। ଛାତ୍ରୀମାନେ ବର୍ତ୍ତମାନ ସେମାନଙ୍କ ଶିକ୍ଷା ପ୍ରତି ଧ୍ୟାନ ଦେବା ଉଚିତ। ମୋବାଇଲ ଫୋନଠାରୁ ଛାତ୍ରଛାତ୍ରୀମାନେ ଦୂରେଇ ରହିବା ଆବଶ୍ୟକ। ପରିବେଶ ନ୍ୟାୟ ସଚେତନତା ଅଭିଯାନ, ଆଜିକୁ ସୁରକ୍ଷା ଓ ଆସନ୍ତାକାଲିକୁ ସୁରକ୍ଷିତ ରଖିବା ଉପରେ ଆଲୋକପାତ କରିଥିଲେ। ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଚିଦାନନ୍ଦ ସେଠୀ ପରିଚାଳନା କରିଥିଲା ବେଳେ ଶିକ୍ଷକଶିକ୍ଷୟିତ୍ରୀ, ତାଲୁକ ଆଇନ ସେବା କମିଟି ସମ୍ପାଦକ ଅମିତ ନାୟକ, ସହଯୋଗୀ ସିଦ୍ଧାର୍ଥ ମହାନ୍ତି ଓ ଗୋବିନ୍ଦ ମାର୍ଣ୍ଡି ସହଯୋଗ କରିଥିଲେ।











## ସାଧାରଣତନ୍ତ୍ର ଦିବସ ପାଳନ ପ୍ରସ୍ତୁତି ବୈଠକ

ଅନୁଗୋଳ, ୭ ।୧(ସମିସ): ୭୭ତମ ଜିଲ୍ଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ ଉପଲକ୍ଷେ ଏକ ପ୍ରସ୍ତୁତି ବୈଠକ ଜିଲ୍ଲା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ପ୍ରୀତିମୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ଚଳିତ ବର୍ଷ ସାଧାରଣତନ୍ତ୍ର ଦିବସ ପାଳନ ଉତ୍ସବ ଅନୁଗୋଳ ପିଟିସି ପଡ଼ିଆରେ ଆୟୋଜିତ ହେବ। ପ୍ରତ୍ୟୁଷରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ତରଫରୁ ସହରରେ ରାମଧୁନ ଗାନ କରାଯିବ। ସକାଳ ସାଢ଼େ ୬ଟାରୁ ୭ଟା ମଧ୍ୟରେ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ଦ୍ୱାରା ପ୍ରଭାତଫେରୀ କରାଯିବ। ବିଭିନ୍ନ ଅନୁଷ୍ଠାନରେ ସକାଳ ସାଢ଼େ ୭ଟାରେ ଅନୁଷ୍ଠାନ ମୁଖ୍ୟଙ୍କ ଦ୍ୱାରା ଜାତୀୟ ପତାକା ଉତ୍ତୋଳନ କରାଯିବ। ସକାଳ ୯ଟା ୧୫ରେ ପିଟିସି ପଡ଼ିଆରେ ରାଜ୍ୟ ସରକାଙ୍କ ଦ୍ୱାରା ସ୍ଥିରୀକୃତ ମୁଖ୍ୟଅତିଥି ଜାତୀୟ ପତାକା ଉତ୍ତୋଳନ କରିବା ସହ ସମ୍ମିଳିତ ପରେଡ୍‌ରେ ଅଭିବାଦନ ଗ୍ରହଣ କରିବେ। ପରେ ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ସନ୍ଧ୍ୟାରେ ଜିଲ୍ଲା ସଂସ୍କୃତି ପରିଷଦ ଆନୁକୂଲ୍ୟରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ। ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ସ୍କୁଲ ଓ କଲେଜ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବକ୍ତୃତା ଓ ଦେଶାତ୍ମବୋଧକ ସଙ୍ଗୀତ ପ୍ରତିଯୋଗିତା ଆସନ୍ତା ୧୫ ଓ ୧୬ ତାରିଖ ଏବଂ ପ୍ରି-ସ୍କୁଲ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଚିତ୍ରାଙ୍କନ ପ୍ରତିଯୋଗିତା ୧୬ ତାରିଖ ଅନୁଷ୍ଠିତ ହେବ। ପ୍ରଥମରୁ ପଞ୍ଚମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ମଧ୍ୟରେ କୌତୁକ ପୋଷାକ ପ୍ରତିଯୋଗିତା ଓ ଷଷ୍ଠରୁ ଦଶମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଏକକ ଅଭିନୟ ପ୍ରତିଯୋଗିତା ସାଧାରଣତନ୍ତ୍ର ଦିବସ ଉତ୍ସବର ସାଂସ୍କୃତିକ କାର୍ଯ୍ୟକ୍ରମ ପୂର୍ବରୁ ଅପରାହ୍ନ ୪ଟାରେ ଅନୁଷ୍ଠିତ ହେବ। ୨୨, ୨୩ ଓ ୨୪ ତାରିଖ ପିଟିସି ପଡ଼ିଆରେ ସକାଳ ୮ଟାରେ ପରେଡ ଅଭ୍ୟାସ ଅନୁଷ୍ଠିତ ହେବ। ସେହିପରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ରୋଗୀଙ୍କୁ ଫଳ ବଣ୍ଟନ କରାଯିବାକୁ ବୈଠକରେ ନିଷ୍ପତ୍ତି ହୋଇଛି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଏସ୍‌ପି ଉପାସନା ପାଢ଼ି, ଅନୁଗୋଳ ଉପଜିଲ୍ଲାପାଳ ମାୟାଧର ବେହେରା, ଡିଏସପି (ଡିଆଇବି) ଚିତ୍ତରଞ୍ଜନ ବେହେରାଙ୍କ ସମେତ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ, ବିଭିନ୍ନ ଶିକ୍ଷାନୁଷ୍ଠାନର ଶିକ୍ଷକ ଶିକ୍ଷୟିତ୍ରୀ, ସରକାରୀ ଓ ବେସରକାରୀ ଅନୁଷ୍ଠାନର କର୍ମକର୍ତ୍ତା, ସ୍ୱେଚ୍ଛାସେବୀ, ବୁଦ୍ଧିଜୀବୀ ଓ ଗଣମାଧ୍ୟମର ପ୍ରତିନିଧି ଯୋଗଦେଇଥିଲେ।



## ୫ ଲକ୍ଷ ଟଙ୍କାର ବ୍ରାଉନ୍‌ସୁଗର ଜବତ

**ପଟ୍ଟାମୁଣ୍ଡାଇ,୭।୧(ସମିସ):** ବ୍ରାଉନ୍‌ସୁଗର ବ୍ୟବସାୟ କରୁଥିବା ଜନୈକ ଯୁବକକୁ ଅବକାରୀ ବିଭାଗ ଗିରଫ କରି କୋର୍ଟ ଚାଲାଣ କରିଛି। ସ୍ଥାନୀୟ ବଶିଷ୍ଠ ଦିଆ ଗ୍ରାମର ବିକାଶ ମଲିକ (୨୯) ପଟ୍ଟାମୁଣ୍ଡାଇ ମହିଳା କଲେଜ ନିକଟ କେନାଲ ବନ୍ଧ ପାଖରେ ବ୍ରାଉନ୍‌ସୁଗର ବିକ୍ରି କରୁଥିବାବେଳେ ଅବକାରୀ ବିଭାଗ ତାକୁ ଗିରଫ କରିବା ସହିତ ୫୦ଗ୍ରାମ୍ ଓଜନ୍‌ର ବ୍ରାଉନ୍‌ସୁଗର ଜବତ କରିଥିଲା। ଜବତ ବ୍ରାଉନ୍‌ସୁଗରର ମୂଲ୍ୟ ୫ ଲକ୍ଷ ଟଙ୍କା ହେବ ବୋଲି ବିଭାଗ ପକ୍ଷରୁ ସୂଚନା ମିଳିଛି। ଅବକାରୀ ବିଭାଗ ଗିରଫ କରିଥିବା ବିକାଶ ମଲିକକୁ କୋର୍ଟ ଚାଲାଣ କରିଥିବା ଜଣାଯାଇଛି।

## ବନ୍ଧୁକ ମୁନରେ ଲୁଟିନେଲେ ଲକ୍ଷାଧିକ ଟଙ୍କାର ଅଳଙ୍କାର

**ଆଳି,୭।୧(ସମିସ):** କେନ୍ଦ୍ରାପଡ଼ା ଜିଲ୍ଲା ଆଳି ଥାନା କଳସପୁର ଗ୍ରାମରୁ ବନ୍ଧୁକ ସହିତ ମରଣାସ୍ତ୍ର ଦେଖାଇ ଲୁଟ୍ ହୋଇଥିବା ନେଇ ଗ୍ରାମର ଜନୈକ ବ୍ୟକ୍ତି ଆଳି ଥାନାରେ ଏତଲା ଦେଇଥିବା ଜଣାପଡ଼ିଛି। ଏଠାରେ ଉଲ୍ଲେଖଥାଉ ଯେ, ଆଳି ଥାନା କଳସପୁର ଗ୍ରାମର ବଳରାମ ସାହୁଙ୍କ ଏତଲା ଅନୁଯାୟୀ ମଙ୍ଗଳବାର ସନ୍ଧ୍ୟାରେ କିଛି ଦୁର୍ବୃତ୍ତ ଶ୍ରୀ ସାହୁ ଓ ତାଙ୍କ ପରିବାର ଘରେ ବସିଥିବା ସମୟରେ ହଠାତ୍ ବାଇକ୍‌ରେ ତିନି ଜଣ ଦୁର୍ବୃତ୍ତ ଆସି ଧସେଇ ପଶିଥିଲେ। ଲୁଟେରାମାନେ ପରିବାର ଲୋକ ବସିଥିବା କୋଠରିକୁ ପଶି ବନ୍ଧୁକ, ଭୁଜାଲି ଓ ଖଣ୍ଡା ସେମାନଙ୍କ ଅଟକ ରଖି ଘରର ମହିଳା ଓ ଶିଶୁଙ୍କଠାରୁ ପିନ୍ଧିଥିବା ସୁନା ଓ ରୂପା ଅଳଙ୍କାର ଲୁଟି ନେଇଥିଲେ। ଲୁଟେରାମାନେ ଯିବା ସମୟରେ ଘରେ ଥିବା ଦୁଇଟି ମୋବାଇଲ ମଧ୍ୟ ଲୁଟି ନେଇଥିବା ଶ୍ରୀ ସାହୁ ତାଙ୍କ ଏତଲାରେ ଦର୍ଶାଇଛନ୍ତି। ଏ ନେଇ ଆଳି ଥାନାଧିକାରୀ ଧାରାଜ ଲେଙ୍କାଙ୍କୁ ପଚାରିବାରୁ ସେ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି ଯେ ସେ ଘଟଣାକୁ ଗୁରୁତ୍ୱର ସହ ନେଇ ଆଳି ପୁଲିସର ଏକ ଟିମ୍‌କୁ ପଠାଇ ତଦନ୍ତ ଚଳାଉଥିବା ଜଣାଇବା ସହ ଗୁରୁବାର ସାଇଣ୍ଟିଫିକ୍ ଟିମ୍ ଆସି ତଦନ୍ତକୁ ତ୍ୱରାନ୍ୱିତ କରିବା ନେଇ ସୂଚନା ଦେଇଛନ୍ତି।

## ବକେୟା ମଜୁରି ଟଙ୍କା ମାଗିବାରୁ ମରଣାନ୍ତକ ଆକ୍ରମଣ



**ମହାକାଳପଡ଼ା,୭।୧(ସମିସ):** ବକେୟା ମଜୁରି ଟଙ୍କା ମାଗିବାରୁ ଜଣେ ବ୍ୟକ୍ତିଙ୍କୁ ଦୁଇଜଣ ମରଣାନ୍ତକ ଆକ୍ରମଣ କରିଛନ୍ତି। ଏନେଇ ଥାନାରେ ଲିଖିତ ଅଭିଯୋଗ ପରେ ଅଭିଯୁକ୍ତଙ୍କୁ ଗିରଫ କରି ପୁଲିସ କୋର୍ଟ ଚାଲାଣ କରିଛି। ସୂଚନା ମୁତାବକ, ମହାକାଳପଡ଼ା ଥାନା ଅନ୍ତର୍ଗତ ମାଳିଅଛି ଗ୍ରାମର ସୁବାସ ପରିଡ଼ା (୪୩) ମଙ୍ଗଳବାର ରାତି ପ୍ରାୟ ୯.୩୦ରେ ସେହି ଗ୍ରାମର ହୃଷୀକେଶ ପରିଡ଼ାଙ୍କ ପୁଅ ଦୀପକ ପରିଡ଼ା(୪୨)ଙ୍କ ଘରକୁ ତାଙ୍କ ପ୍ରାପ୍ୟ ମଜୁରୀ ଫେରସ୍ତ ଦାବି କରିବାକୁ ଯାଇଥିଲେ। ମଜୁରୀ ଟଙ୍କା ଦାବି କରିବାରୁ ଦୀପକ ପରିଡ଼ା, ନାରାୟଣ ପରିଡ଼ା ଓ ଅକ୍ଷୟ ପରିଡ଼ା ମିଳିତ ଭାବରେ ଅକ୍ଷୟଙ୍କ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହିତ ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ। ସୁବାସଙ୍କ ତାଳୁର ପାପୁଲିରେ ଗଭୀର ଆଘାତ ଲାଗିଥିଲା। ଅକ୍ଷୟଙ୍କ ପୁଅ ସୁବ୍ରତ ବାପାଙ୍କୁ ଉଦ୍ଧାର କରିବାକୁ ଯାଇ ମଧ୍ୟ ଆକ୍ରମଣର ଶିକାର ହୋଇଥିଲେ। ଏନେଇ ସୁବାସ ମହାକାଳପଡ଼ା ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରି ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଥାନାଧିକାରୀ ମାନସ ମଲ୍ଲିକ ସୂଚନା ଦେଇଛନ୍ତି।

## ବିଧବା ମହିଳାଙ୍କୁ ଦୁଷ୍କର୍ମ ଅଭିଯୋଗ

**ରାଜନଗର,୭।୧(ସମିସ):** ରାଜନଗର ଥାନା ଅଞ୍ଚଳର ଜଣେ ବିଧବା ମହିଳାଙ୍କୁ ବିବାହର ପ୍ରତିଶ୍ରୁତି ଦେଇ ଦୁଷ୍କର୍ମ କରିଥିବା ଓ ତାଙ୍କ ମୃତ ସ୍ୱାମୀଙ୍କ ଟଙ୍କା ଲୁଟି ନେଇଥିବା ନେଇ ବୁଧବାର ରାତିରେ ରାଜନଗର ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ମୁତାବକ, ୨ ବର୍ଷ ତଳେ ତାଙ୍କ ସ୍ୱାମୀଙ୍କର ମୃତ୍ୟୁ ହୋଇଯାଇଛି। ତାଙ୍କର ୧୮ ବର୍ଷର ଗୋଟିଏ ଝିଅ ଅଛି। ସାନମର୍ଦ୍ଦାପାଲ୍ଲୀ ଗାଁର ଶ୍ୟାମ ସୁନ୍ଦର ରାଉତ ତାଙ୍କ ଅସହାୟତାର ସୁଯୋଗ ନେଇ ସାହାଯ୍ୟ କରିବାର ପ୍ରତିଶ୍ରୁତି ଦେଇଥିଲେ। ବିଭିନ୍ନ ସରକାରୀ ସହାୟତାର ପ୍ରଲୋଭନ ଓ ବିବାହର ପ୍ରତିଶ୍ରୁତି ଦେଇ ତାଙ୍କ ସହ ଶାରୀରିକ ସମ୍ପର୍କ ରଖିଥିଲେ। ତାଙ୍କ ଅନିଚ୍ଛା ସତ୍ତ୍ୱେ ଜୋରଜବରଦସ୍ତ ତାଙ୍କୁ ବାରମ୍ବାର ଗର୍ଭବତୀ କରାଇ ମେଡିସିନ ଦ୍ୱାରା ନଷ୍ଟ କରିଛନ୍ତି। ତାଙ୍କ ସ୍ୱାମୀଙ୍କ ମୃତ୍ୟୁ ପରେ ମିଳିଥିବା ବିଭିନ୍ନ ସରକାରୀ ସହାୟତା, ସୁଭଦ୍ରା ଟଙ୍କା, ସ୍ୱୟଂ ସହାୟକ ଗୋଷ୍ଠୀର ଅର୍ଥ ମିଶାଇ ୨ ଲକ୍ଷ ୫୪ ହଜାର ଟଙ୍କା ନେଇଯାଇଛନ୍ତି। ବିବାହ କଥା କହିବାରୁ ତାଙ୍କୁ ଗାଳିଗୁଲଜ କରିବା ସହ ହତ୍ୟା ଧମକ ଦେଉଥିବା ନେଇ ମହିଳା ଜଣକ ବୁଧବାର ରାତିରେ ରାଜନଗର ଥାନାରେ ଅଭିଯୋଗ କରିଛନ୍ତି।

## ମାର୍କେଟ କମ୍ପ୍ଲେକ୍ସ ସମ୍ମୁଖରୁ ଜବରଦଖଲ ଉଚ୍ଛେଦ ଦାବି



**ଡେରାବିଶ,୭।୧(ସମିସ):** ଡେରାବିଶ ବ୍ଲକ୍ ନରସିଂହପୁର ପଞ୍ଚାୟତ ଅନ୍ତର୍ଗତ ତିଳଗଛିତ କୋଟି ଛକରେ ରହିଥିବା ପଞ୍ଚାୟତ ମାର୍କେଟ କମ୍ପ୍ଲେକ୍ସ ଗୃହ ସମ୍ମୁଖରୁ ଜବରଦଖଲ ଉଚ୍ଛେଦ କରିବା ପାଇଁ ସରପଞ୍ଚ ସୁଧିର କୁମାର ଖଣ୍ଡୁଆ ଜିଲ୍ଲାପାଳଙ୍କ ନିକଟରେ ଦାବି କରିଛନ୍ତି। ସରପଞ୍ଚ ଶ୍ରୀ ଖଣ୍ଡୁଆଙ୍କ ଅଭିଯୋଗ ଅନୁଯାୟୀ, ନରସିଂହପୁର ପଞ୍ଚାୟତ କାର୍ଯ୍ୟାଳୟ ପକ୍ଷରୁ ତିଳଗଛିତ କୋଟି ଛକରେ ଏକ ମାର୍କେଟ କମ୍ପ୍ଲେକ୍ସ ଗୃହ ନିର୍ମାଣ କରାଯାଇଛି। ହେଲେ ଏହା ସମ୍ମୁଖରେ କଟକ ଜିଲ୍ଲା ମାହାଙ୍ଗା ବ୍ଲକ୍ ହଳଦିଆ ପଞ୍ଚାୟତ ଇଟାମୁଣ୍ଡଳି ଗ୍ରାମର ଅକ୍ଷୟ କୁମାର ମଲ୍ଲିକ ଓ ଅନନ୍ତ ଚରଣ ମଲ୍ଲିକ ଜବରଦଖଲ କରି ରଖିଛନ୍ତି। ଏହି ବ୍ୟକ୍ତିମାନଙ୍କୁ ଯେତେ କହିଲେ ମଧ୍ୟ ସେମାନେ ଏହି ସ୍ଥାନଟିକୁ ଅବରୋଧ ମୁକ୍ତ କରୁନାହାନ୍ତି। ଫଳରେ ଏହି ମାର୍କେଟ କମ୍ପ୍ଲେକ୍ସ ଗୃହଟି କାର୍ଯ୍ୟରେ ଲାଗିପାରୁନି ଓ ପଞ୍ଚାୟତର ବ୍ୟାପକ ରାଜସ୍ୱ ହାନି ହେଉଛି। ଏହି ସ୍ଥାନଟି ଡେରାବିଶ ତହସିଲ ଅଧୀନ ନରସିଂହପୁର ପଞ୍ଚାୟତରେ ହୋଇଥିବାବେଳେ ତୁରନ୍ତ ଜବରଦଖଲକାରୀଙ୍କୁ ଉଚ୍ଛେଦ କରାଯିବା ପାଇଁ ଦାବି କରାଯାଇଛି।

● ଡ୍ରେନେଜ୍ କଟ୍ ବନ୍ଧରୁ ବେଆଇନ ଭାବେ ତାଳଗଛ କାଟିବା ଘଟଣା

## କାର୍ଯ୍ୟାନୁଷ୍ଠାନ ପାଇଁ ତହସିଲଦାରଙ୍କୁ ଆରଆଇଙ୍କ ଲିଖିତ ଦାବି

**ଡେରାବିଶ,୭।୧(ସମିସ):** ଡେରାବିଶ ତହସିଲ୍ ଚାଟାରକଡ଼ା ରାଜସ୍ୱ ସର୍କଲ ଅଧୀନ ଅଣ୍ଡୋରାରୁ ଫକିରାବାଦ ପର୍ଯ୍ୟନ୍ତ ୧୯ ନଂ ଡ୍ରେନେଜ୍‌କଟ୍ ବନ୍ଧରେ ଥିବା ଶତାଧିକ ବଡ଼ ବଡ଼ ତାଳଗଛକୁ ଡ୍ରେନେଜ କଣ୍ଟ୍ରାକ୍ଟରଙ୍କ ସହାୟତାରେ କେତେକ ଠିକାଦାର ଗତ ଡିସେମ୍ବର ୨୭ ତାରିଖ ରାତିରେ ଜେସିବି ଲଗାଇ କାଟି ଦେଇଥିଲେ। ଏହି ଘଟଣାକୁ ସ୍ଥାନୀୟ ଗ୍ରାମବାସୀମାନେ ତୀବ୍ର ବିରୋଧ କରିବା ସହିତ ତୁରନ୍ତ ତହସିଲ କର୍ତ୍ତୃପକ୍ଷ, ପୁଲିସ ଓ ବନ ବିଭାଗର ଦୃଷ୍ଟି ଆକର୍ଷଣ କରିଥିଲେ। ଘଟଣାସ୍ଥଳରେ ତହସିଲ କର୍ତ୍ତୃପକ୍ଷ, ବନ ବିଭାଗ ଅଧିକାରୀ ଓ ପୁଲିସ ପହଞ୍ଚି ତୁରନ୍ତ ତାଳଗଛ କାଟିବା ବନ୍ଦ କରାଇବା ସହିତ ଏହି ବେଆଇନ କାର୍ଯ୍ୟରେ ସମ୍ପୃକ୍ତ ଜେସିବି ମେସିନକୁ ଜବତ କରିଥିଲେ। ହେଲେ ସେତେବେଳେ କ'ଣ ହେଲା କେଜାଣି ସେହିଦିନ ରାତିରେ ଜବତ ହୋଇଥିବା ଜେସିବି ଦୁଇଟି ଘଟଣାସ୍ଥଳରୁ ଉଭାନ୍ ହୋଇଯାଇଥିଲା। ଏ ସମ୍ପର୍କରେ ଗ୍ରାମବାସୀମାନେ ପୁନଃ ଡେରାବିଶ ତହସିଲ କାର୍ଯ୍ୟାଳୟରେ ଜିଲ୍ଲାପାଳଙ୍କ ଗଣ ଅଭିଯୋଗ ଶୁଣାଣି ଶିବିରରେ ଅଭିଯୋଗ କରିଥିଲେ। ଏହି ଘଟଣାରେ ଚାଟାରକଡ଼ା ରାଜସ୍ୱ ନିରୀକ୍ଷକଙ୍କୁ ଜେସିବି ମେସିନ୍ ଫେରାର ଘଟଣାର ତଦନ୍ତ ଦାୟିତ୍ୱ ଦିଆଯାଇଥିଲା। ବୁଧବାର ଏ ସମ୍ପର୍କରେ ଚାଟାରକଡ଼ା ରାଜସ୍ୱ ନିରୀକ୍ଷକ ତଦନ୍ତ କରି ବେଆଇନ ଭାବେ ତାଳଗଛ କାଟିବାରେ ଓ ଜେସିବି ମେସିନ୍ ଫେରାର କରାଯିବାରେ ସମ୍ପୃକ୍ତ ଥିବା ଡ୍ରେନେଜ ବିଭାଗର ଅଧିକାରୀ ଓ କର୍ମଚାରୀ, ସପ୍ଲାଇ କାମରେ ନିୟୋଜିତ ଠିକାଦାର ଓ ସୁପରଭାଇଜର ଏବଂ ଜେସିବି ମାଲିକଙ୍କ ସମେତ ଜେସିବି ଡ୍ରାଇଭରଙ୍କ ନାମରେ ମାମଲା ରୁଜୁ କରାଯାଇ ଦୃଷ୍ଟାନ୍ତମୂଳକ ପଦକ୍ଷେପ ନେବା ପାଇଁ ତହସିଲଦାରଙ୍କୁ ଲିଖିତ ଭାବେ ଜଣାଇଛନ୍ତି।

## ପୂର୍ବତନ ସମିତିସଭ୍ୟାଙ୍କ ପରଲୋକ



**ରାଜନଗର,୭।୧(ସମିସ):** ରାଜନଗର ବ୍ଲକ୍‌ର ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ ସ୍ୱର୍ଗତ ପୂର୍ଣ୍ଣ ଚନ୍ଦ୍ର ରାଉତଙ୍କ ଧର୍ମପତ୍ନୀ ଚାନ୍ଦିବାଲିଶମୂଳ ପଞ୍ଚାୟତର ପୂର୍ବତନ ସମିତିସଭ୍ୟା ପାର୍ବତୀ ରାଉତଙ୍କ ସୋମବାର ପରଲୋକ ଘଟିଛି। ମୃତ୍ୟୁ ବେଳକୁ ତାଙ୍କୁ ୭୬ ବର୍ଷ ବୟସ ହୋଇଥିଲା। ସେ ଯେତେବେଳେ ସମିତିସଭ୍ୟା ଥିଲେ ଚାନ୍ଦିବାଲିଶମୂଳ ପଞ୍ଚାୟତରେ ବହୁତ ଉନ୍ନତିମୂଳକ କାର୍ଯ୍ୟ ସମ୍ପାଦନ କରିଥିଲେ। ମୃତ୍ୟୁ ଶଯ୍ୟା ନିକଟରେ ପୁଅ, ଝିଅ, ବୋହୂ, ନାତି ନାତୁଣୀ ଓ ପରିଜନ ଉପସ୍ଥିତ ଥିଲେ। ଗାଁ ମଶାଣିରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ପୁଅ ରମାକାନ୍ତ ମୁଖାଗ୍ନି ଦେଇଥିଲେ।

ମହିଳା ବିଡିଓଙ୍କୁ ବିଜେପି ନେତାଙ୍କ ସଙ୍ଘବଦ୍ଧ ଆକ୍ରମଣ ଘଟଣା

# ଆନ୍ଦୋଳନକୁ ୫ ଦିନ; ସାମିଲ୍ ହେଲେ ବିଧାୟକ

**ରାଜନଗର,୭।୧(ସମିସ):**



ରାଜନଗର ବ୍ଲକ୍‌ର ମହିଳା ବିଡିଓଙ୍କୁ ତାଙ୍କ କାର୍ଯ୍ୟାଳୟରେ ସଙ୍ଘବଦ୍ଧ ଭାବେ ଘେରିବା ଓ ଲାପ୍‌ଟପ୍ ଉଠାଇ ମାରିବାକୁ ବିଜେପି ନେତାଙ୍କ ଉଦ୍ୟମ ଘଟଣା ସବୁ ମହଲରେ ଉଦ୍‌ବେଗ ସୃଷ୍ଟି କରିଛି। ଘଟଣାକୁ ୬ ଦିନ ବିତିଯାଇଥିଲେ ବି ପୁଲିସ ଅଭିଯୁକ୍ତଙ୍କ ପାଖରେ ପହଞ୍ଚି ପାରିନି। ଏନେଇ ୫ ଦିନ ହେଲା ବ୍ଲକ୍ ସମ୍ପୂର୍ଣ୍ଣ ଅଚଳ ହୋଇପଡ଼ିଛି। ଅନ୍ୟପକ୍ଷରେ ବୁଧବାର ରାଜନଗର ବିଧାୟକ ଧ୍ରୁବ ସାହୁ ଆନ୍ଦୋଳନସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କ ଜୋସ୍ ବଢ଼ାଇଛନ୍ତି। ଘଟଣାକୁ ତୀବ୍ର ନିନ୍ଦା କରିବା ସହିତ ଆନ୍ଦୋଳନଙ୍କୁ ଜୋର୍‌ଦାର କରିବା ପାଇଁ ପ୍ରଶାସନକୁ ଚେତାବନୀ ଦେଇଛନ୍ତି।

ସନ୍ଧ୍ୟାରେ ବିଜେଡିର ପ୍ରତିନିଧି ଦଳ କେନ୍ଦ୍ରପଡ଼ା ଜିଲ୍ଲାପାଳ ରଘୁରାମ ଆର୍ ଆୟର, ଏସ୍‌ପି ସିଦ୍ଧାର୍ଥ କଟାରିଆଙ୍କ ସହ ଆଲୋଚନା କରିଛନ୍ତି। ଆଳିର ବିଧାୟକ ପ୍ରତାପ କେଶରୀ ଦେବ, କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା, ରାଜନଗର ବିଧାୟକ ଧ୍ରୁବ ସାହୁ, କେନ୍ଦ୍ରପଡ଼ା ଜିଲ୍ଲା ପରିଷଦ ଅଧ୍ୟକ୍ଷା ଲିଲିତା ଦାସ, କେନ୍ଦ୍ରାପଡ଼ା ଜିଲ୍ଲା ବିଜେଡି ସଭାପତି, କେନ୍ଦ୍ରାପଡ଼ା ମ୍ୟୁନିସିପାଲିଟି ଅଧ୍ୟକ୍ଷା ସରିତା ସାହୁ, ପଟ୍ଟାମୁଣ୍ଡାଇ ପଞ୍ଚାୟତ ସମିତି

### ଜିଲ୍ଲାପାଳ, ଏସ୍‌ପିଙ୍କ ସହ ବିଜେଡି ପ୍ରତିନିଧି ଦଳର ଆଲୋଚନା

ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ ପ୍ରମୁଖ ଜିଲ୍ଲାପାଳ ଓ ଏସ୍‌ପିଙ୍କୁ ଦାବିପତ୍ର ଦେବା ସହ ରଜନଗର ବ୍ଲକ୍ କାର୍ଯ୍ୟାଳୟରେ ବିଜେପି ନେତା କାର୍ଯ୍ୟରତ ମହିଳା ବିଡିଓଙ୍କ ଉପରେ ଆକ୍ରମଣ ଘଟଣାରେ କ'ଣ କାର୍ଯ୍ୟାନୁଷ୍ଠାନ ନିଆଯାଇଛି ତାହାର ଜବାବ ମାଗିଥିଲେ। ଏସ୍‌ପି ଓ ଜିଲ୍ଲାପାଳ ଏନେଇ ନିଶ୍ଚିନ୍ତ କାର୍ଯ୍ୟାନୁଷ୍ଠାନ ନେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ବିଜେଡି ପ୍ରତିନିଧି ଦଳ ପକ୍ଷରୁ ୭ ଦିନର ସମୟ ପ୍ରଶାସନକୁ ଦିଆଯାଇଛି। ଏହି ସମୟ ମଧ୍ୟରେ ଅଭିଯୁକ୍ତମାନଙ୍କୁ ଗିରଫ କରା ନ ଗଲେ ୧୬ ତାରିଖରେ ବିଜେଡି ପକ୍ଷରୁ ଏସ୍‌ପିଙ୍କ କାର୍ଯ୍ୟାଳୟ ଘେରଉ କରାଯିବ ବୋଲି ଚେତାବନୀ ଦିଆଯାଇଛି। ଏଥିସହ କାର୍ଯ୍ୟରତ ସରକାରୀ କର୍ମଚାରୀ ଓ ଅଧିକାରୀଙ୍କ ସୁରକ୍ଷା, ରାଜନଗର ବ୍ଲକ୍‌ରେ ସରକାରୀ କାମ କିପରି ସୁରୁଖୁରୁରେ ହେବ ସେ ନେଇ ଜିଲ୍ଲାପାଳ ପ୍ରତିଶ୍ରୁତି ଦେଇଥିବା ଜଣାପଡ଼ିଛି।

ରାଜନଗର ନିର୍ବାଚନମଣ୍ଡଳୀ ବିଜେପି ବିଧାୟକ ପ୍ରାର୍ଥୀ ଲଳିତ କୁମାର ବେହେରାଙ୍କ ନେତୃତ୍ୱରେ ୩୦ରୁ ଉର୍ଦ୍ଧ୍ୱ ବିଜେପି କର୍ମୀ ୨ ତାରିଖ ଦିନ ପ୍ରାୟ ୧୨ଟା ୩୦ ମିନିଟ୍ ସମୟରେ ରାଜନଗର ବିଡିଓ ତିଳୋତ୍ତମା ପୃଷ୍ଟିଙ୍କ କାର୍ଯ୍ୟାଳୟରେ ପଶି ଧମକ ଦେବା ସହ ମାରିବାକୁ ଉଦ୍ୟମ କରିଥିଲେ। ବିଡିଓଙ୍କୁ ସରକାରୀ ଅନିୟମିତତା କାର୍ଯ୍ୟ କରିବାକୁ ବାଧ କରିଥିଲେ। ବିଡିଓ ମନାକରିବାରୁ ପ୍ରଥମେ ଲଳିତଙ୍କ ସହିତ ଯାଇଥିବା କର୍ମୀମାନେ ବିଡିଓଙ୍କୁ ଦୁର୍ବ୍ୟବହାର କରିଥିଲେ। ବିଡିଓ ଏହାର ପ୍ରତିବାଦ କରିବାରୁ ବିଜେପି ନେତା ଲଳିତ ବିଡିଓ ସରକାରୀ କାମ କରୁଥିବା ଲାପ୍‌ଟପ୍‌କୁ ଟାଣି ଆଣି ବିଡିଓଙ୍କ ଉପରକୁ ଫୋପାଡ଼ିବାକୁ ଯାଉଥିଲେ। ତାଙ୍କ ସହିତ ଅନ୍ୟ କର୍ମୀମାନେ ତାଙ୍କଠାରୁ ଲାପ୍‌ଟପ୍ ଛଡ଼ାଇ ଆଣିବାରୁ ବିଡିଓ ରକ୍ଷା ପାଇଥିଲେ।

ପୁସ୍ତକମେଳାର ଦ୍ୱିତୀୟ ସନ୍ଧ୍ୟା

## 'ଏକାଗ୍ରତା ଓ କର୍ତ୍ତବ୍ୟନିଷ୍ଠା ହିଁ ସଫଳତାର ଚାବିକାଠି'



**କେନ୍ଦ୍ରାପଡ଼ା,୭।୧(ସମିସ):** କେନ୍ଦ୍ରାପଡ଼ା ଇଭେଣ୍ଟ ମ୍ୟାନେଜର୍ସ (କେମ) ଦ୍ୱାରା ଆୟୋଜିତ କେନ୍ଦ୍ରାପଡ଼ା ସହରସ୍ଥ ଟେଲିକମ୍ ପଡ଼ିଆରେ ଚାଲିଥିବା ଦ୍ୱାବିଂଶତମ ରାଜ୍ୟସ୍ତରୀୟ ପୁସ୍ତକମେଳାର ଦ୍ୱିତୀୟ ସନ୍ଧ୍ୟାରେ ଯୁବ କଳା ଓ ସାଂସ୍କୃତିକ ମହୋତ୍ସବ "ଯୁବ ସ୍ପନ୍ଦନ-୧' ଉତ୍ସାହ ଓ ଆକର୍ଷଣର ସହ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ "ମିଟ୍ ଦ ଟ୍ୟାଲେଣ୍ଟ' କାର୍ଯ୍ୟକ୍ରମରେ ସଫଳ ଯୁବ ପ୍ରତିଭାମାନେ ଯୋଗଦେଇ ଜୀବନରେ ସଫଳତା ପାଇଁ ଏକାଗ୍ରତା ଓ କର୍ତ୍ତବ୍ୟନିଷ୍ଠାକୁ ସର୍ବୋପରି ମନ୍ତ୍ର ବୋଲି ଉଲ୍ଲେଖ କରିଥିଲେ। ଜିଲ୍ଲାର ଯୁବପିଢ଼ିଙ୍କ ମଧ୍ୟରେ ଅନ୍ତର୍ନିହିତ କଳା, ସଂସ୍କୃତି ଓ ବୌଦ୍ଧିକ ପ୍ରତିଭାର ଅନ୍ୱେଷଣ ଉଦ୍ଦେଶ୍ୟରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଅମ୍ରିନ ସାହାଦତଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ସ୍ୱତନ୍ତ୍ର ଆଲୋଚନାରେ ଅନ୍ତର୍ଜାତୀୟ ପାରା କ୍ରୀଡ଼ାବିତ୍ ମୋନାଲି ସ୍ୱାଇଁ, ଓଡ଼ିଶା ପ୍ରଶାସନିକ ସେବା ଅଧିକାରୀ ବର୍ଷା ସେନାପତି ଓ ମଧୁସ୍ମିତା ଦାସ, ଅନ୍ତର୍ଜାତୀୟ ଚିତ୍ରଶିଳ୍ପୀ ସୌମ୍ୟରଞ୍ଜନ ପଟ୍ଟନାୟକ, ଟେକ୍ନୋ କ୍ରାଟ ଓ ପରିବେଶବିତ୍ ଡ. ସାଗର ପ୍ରଧାନ, ଡ. ଆଶିଷ ଶତପଥି ପ୍ରମୁଖ ଯୋଗଦେଇ ନିଜ ଅଭିଜ୍ଞତା ବଖାଣିଥିଲେ। ନିଜକୁ କେବେ ଅସହାୟ ମନେ ନ କରି ସାହସ ଓ ପରିଶ୍ରମ ସହ କାମ କଲେ ସଫଳତା ନିଶ୍ଚିତ ବୋଲି ଯୁବପିଢ଼ିଙ୍କୁ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମକୁ ରାଜେନ୍ଦ୍ର ମହାପାତ୍ର, ପାର୍ଥସାରଥୀ ରାଉତରାୟ, ସନ୍ଦୀପ ସାହୁ ଓ ମଞ୍ଜୁଶ୍ରୀ ଦାସ ପରିଚାଳନା କରିଥିଲେ। ଅପରାହ୍ଣରେ ଏନ୍‌ରିଚ୍ ପବ୍ଲିକ ସ୍କୁଲ ପକ୍ଷରୁ ଏକ ସାଂସ୍କୃତିକ ବିଚିତ୍ରା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିବାବେଳେ ରାଜେନ୍ଦ୍ର ମହାପାତ୍ରଙ୍କ ପରିଚାଳନାରେ ଏକ କୁଇଜ୍ ପ୍ରତିଯୋଗିତା ମଧ୍ୟ ଅନୁଷ୍ଠିତ ହୋଇଥିଲା। ଦ୍ୱିତୀୟ ଦିନ ପୁସ୍ତକମେଳାରେ ବହୁ ପାଠକ ପୁସ୍ତକ କ୍ରୟ ପାଇଁ ଆଗ୍ରହ ପ୍ରକାଶ କରିଥିବାବେଳେ ମେଳା ପରିସର ସନ୍ଧ୍ୟାବେଳେ ପାଠକ ଓ ଦର୍ଶକଙ୍କ ଭିଡ଼ ଜମିଥିଲା। କାର୍ଯ୍ୟକ୍ରମରେ କେମ୍ ସଭାପତି ଅକ୍ଷୟ ପାଣି, ସମ୍ପାଦକ ଏମ୍.ଡି. ଜାହିଦ୍ ଖାଁ, ଭବାନୀ ଓଝା, ପ୍ରତାପ ସ୍ୱାଇଁ, ବଂଶୀଧର ମହାନ୍ତି, ସରୋଜ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ବାଲି ବୋଝେଇ ଟ୍ରାକ୍ଟର ଜବତ; ଚାଳକ ଗିରଫ

**ପଞ୍ଚୁପାଣ୍ଡବ,୭।୧(ସମିସ):** ନିକିରାଇ ଥାନା ଅଧୀନ ବେଣୀପୁର ପଞ୍ଚାୟତରେ ଥିବା ବେଣୀପୁର ବାଲିଘାଟରୁ ବେଆଇନ ବାଲି ଚାଲାଣବେଳେ ନିକିରାଇ ପୁଲିସ ଚଢ଼ଉ କରି ବାଲି ବୋଝେଇ ଟ୍ରାକ୍ଟର ସହ ଚାଳକକୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାପଡ଼ିଛି। ବେଣୀପୁର ବାଲିଘାଟରୁ ଦିନରାତି ବେଆଇନ ଭାବେ ବାଲି ଚାଲାଣ ହେଉଥିବା ଅଭିଯୋଗ ହେଉଛି। ଏହାକୁ ଗୁରୁତ୍ୱର ସହ ନିକିରାଇ ଥାନା ଅଧିକାରୀ ପଦ୍ମାଳୟା ପ୍ରଧାନଙ୍କ ନିର୍ଦ୍ଦେଶ କ୍ରମେ ବୁଧବାର ସକାଳ ସମୟରେ ଏକ ଟ୍ରାକ୍ଟର ବାଲି ଚାଲାଣ କରୁଥିବାବେଳେ ପୁଲିସ କର୍ମଚାରୀମାନେ ଧରି ଥାନାକୁ ନେଇଥିବା ଜଣାପଡ଼ିଛି। କିଛିଦିନ ତଳେ ବେଆଇନ ବାଲି ଚାଲାଣ କରୁଥିବା ୪ଟି ଟ୍ରାକ୍ଟର ସହ ଚାଳକମାନଙ୍କୁ ନିକିରାଇ ଥାନା ପୁଲିସ ଧରି କୋର୍ଟ ଚାଲାଣ କରିଥିଲା।

● ଅଣ୍ଡରପାସ୍ ଦାବିରେ ଅନଶନ ୩ୟ ଦିନରେ

## ଅନଶନସ୍ଥଳରେ ପହଞ୍ଚିଲେ ଅତନୁ, ଅଂଶୁମାନ



**ମାର୍ଶାଘାଇ,୭।୧(ସମିସ):** ପାରାଦ୍ୱୀପ-ଚଣ୍ଡିଖୋଲ ୫୩ ନମ୍ବର ଜାତୀୟ ରାଜପଥ ୮ ଲେନ୍ ସମ୍ପ୍ରସାରଣ କାର୍ଯ୍ୟ ଚାଲୁରହିଛି। ରାଜପଥର ଉଭୟ ପାଶ୍ୱର୍ ଲୋକେ ଜିଲ୍ଲା ଓ ବ୍ଲକ୍ ସଦର ମହକୁମାକୁ ଅତ୍ୟାବଶ୍ୟକ କାର୍ଯ୍ୟରେ ବାଧହୋଇ ରାଜପଥ ଅତିକ୍ରମ କରିବାକୁ ପଡୁଛି। ରାଜପଥ ଅତିକ୍ରମ ସମୟରେ ଦ୍ରୁତଗାମୀ ଟ୍ରକ୍ ଧକ୍କାରେ ଅନେକ ଜୀବନ ଯାଉଛି। ଅଣ୍ଡରପାସ୍‌ର ଉଚ୍ଚତା ଅଗଭୀର ହେବା ଫଳରେ ଭବିଷ୍ୟତରେ ସେହି ବାଟେ ଶହଶହ ସ୍କୁଲ, କଲେଜ ଛାତ୍ରଛାତ୍ରୀ, ଚାଷୀ, ବ୍ୟବସାୟୀ, ବାଟୋଇ, ଯାତ୍ରୀ, ପଥଚାରୀ ପ୍ରତିଦିନ ଯିବାଆସିବାରେ ଘୋର୍ ପ୍ରତିବନ୍ଧକ ଦେଖାଦେଇଛି। ସୁରକ୍ଷା ଦୃଷ୍ଟିକୋଣରୁ ରାଜପଥ ଅତିକ୍ରମ କରିବାକୁ ପୂର୍ବରୁ ବିଭାଗୀୟ ତ୍ରୁଟି ସ୍ଥାୟୀ ସମାଧାନ ଅଣ୍ଡରପାସ୍ ରାସ୍ତା ଯୋଗାଇଦେବାକୁ କେନ୍ଦ୍ରାପଡ଼ା ଜିଲ୍ଲା ମାର୍ଶାଘାଇ ବ୍ଲକ୍ ଶିଳିପୁର ପଞ୍ଚାୟତବାସୀ ୩ଦିନ ହେବ ଆମରଣ ଅନସନ ଜାରି ରଖିଛନ୍ତି। ଅଞ୍ଚଳବାସୀଙ୍କ ଅଣ୍ଡରପାସ୍ ରାସ୍ତା ଦାବିକରି ୩ ଦିନ ହେବ ଖୋଲା ଆକାଶ ତଳେ ଆମରଣ ଅନଶନକାରୀଙ୍କ ନିକଟରେ ପ୍ରଶାସନିକ ଅଧିକାରୀ ପହଞ୍ଚି ନାହାନ୍ତି। ଅନଶନର ୨ୟ ଦିନରେ ଗୌରାଙ୍ଗ ଚରଣ ଯେନାଙ୍କ ସ୍ୱାସ୍ଥ୍ୟାବସ୍ଥା ଅବନତି ଘଟିବାରୁ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସାଧାରଣ ଲୋକଙ୍କ ଟିକସରେ ଦରମା ନେଇ ଲୋକଙ୍କ ସମସ୍ୟା ବୁଝିବାକୁ ନିଯୁକ୍ତିପ୍ରାପ୍ତ ଅଧିକାରୀ ଅନଶନସ୍ଥଳରେ ନ ପହଞ୍ଚିବା ନେଇ ସାଧାରଣରେ ତୀବ୍ର ପ୍ରତିକ୍ରିୟା ଦେଖାଦେଇଛି। ଅନଶନର ତୃତୀୟ ଦିବସରେ ପୂର୍ବତନ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ, ପୂର୍ବତନ ବିଧାୟକ ଅଂଶୁମାନ ମହାନ୍ତି ସାମିଲ୍ ହୋଇ ସମସ୍ୟା ସମ୍ପର୍କରେ ଜିଲ୍ଲାପାଳଙ୍କ ସହ କଥା ହୋଇ ଜଣାଇବେ ବୋଲି ଶାନ୍ତ୍ୱନା ଦେଇ ଚାଲିଯାଇଛନ୍ତି। ଅନଶନ ସ୍ଥଳରେ କ୍ରିୟାନୁଷ୍ଠାନ କମିଟିର ଗଙ୍ଗାଧର ଦାସ, ଇଂ ମନୋଜ କୁମାର ପରିଡ଼ା, ସରୋଜକାନ୍ତ ଦାସ, ଭାରତୀ କାନୁନ୍‌ଗୋ, ଭିକାରୀ ଚରଣ ବେଉରା, ସୁଦର୍ଶନ ଦାସ, ଯୁଗଳ କିଶୋର ଦାସ, ଅଭୟ ଦାସ, ନିତ୍ୟାନନ୍ଦ ପରିଡ଼ା, ପ୍ରଦୀପ୍ତ ସାହୁ, ବ୍ରହ୍ମାନନ୍ଦ ସେଠୀ, ଶିଶିର ବେଉରା, ପଞ୍ଚାନନ ବେହେରା ପ୍ରମୁଖ ପ୍ରଶାସନ ଅନଶନକାରୀଙ୍କୁ ନ ଭେଟିବା ନେଇ ତୀବ୍ର ନିନ୍ଦା କରିବା ସହ ଗୁରୁବାର ରାଜପଥ ଅବରୋଧ କରିବାକୁ କ୍ରିୟାନୁଷ୍ଠାନ କମିଟି ଚରମବାଣୀ ଶୁଣାଇଛି।

## ସମିତିସଭ୍ୟଙ୍କ ପତ୍ନୀଙ୍କ ବିୟୋଗ



**ଡେରାବିଶ,୭।୧(ସମିସ):** ଡେରାବିଶ ବ୍ଲକ୍ ଖମୋଳ ପଞ୍ଚାୟତର ସମିତିସଭ୍ୟ ଅକ୍ଷୟ କୁମାର ନାୟକଙ୍କ ପତ୍ନୀ ରଞ୍ଜୁବାଳା ନାୟକ (୫୯)ଙ୍କ ପରଲୋକ ହୋଇଯାଇଛି। ରଞ୍ଜୁବାଳା ଗତ କିଛିଦିନ ହେବ ଶ୍ୱାସକ୍ରିୟା ଜନିତ ରୋଗରେ ପୀଡ଼ିତ ହୋଇ ଚିକିତ୍ସିତ ହେଉଥିଲେ। ହଠାତ୍ ତାଙ୍କର ହୃଦ୍‌ଘାତରେ ପରଲୋକ ହୋଇଯାଇଥିଲା। ତାଙ୍କ ମୃତ୍ୟୁ ଖବର ପାଇ ତାଙ୍କ ଖମୋଳସ୍ଥିତ ବାସଭବନରେ ବ୍ଲକ୍ ଉପାଧ୍ୟକ୍ଷ ଦେବାଶିଷ ଆଚାର୍ଯ୍ୟ, ଜିଲ୍ଲା ପରିଷଦ ସଦସ୍ୟ ଅରବିନ୍ଦ ମଲିକ, ସମାଜସେବୀ ସାନ୍ତନୁ ନାୟକ, ଖମୋଳ ସରପଞ୍ଚ ତୃପ୍ତିମୟୀ କର, ପଲେଇ ସରପଞ୍ଚ ଅକ୍ଷୟ ସାହୁ, ସମିତିସଭ୍ୟା ତୃପ୍ତିମୟୀ ଜେନା, କୁଶିଆପାଳ ସମିତିସଭ୍ୟ ସୁବାସ କୁମାର ସାହୁ, ରତାଦିଆ ସରପଞ୍ଚ ଶିଶିର ସାମଲ, ସମିତିସଭ୍ୟ ନିତ୍ୟାନନ୍ଦ ଭଦ୍ର, କାଉପଡ଼ା ସରପଞ୍ଚ ପ୍ରତାପ ବେହେରା, ଛୋଟି ସରପଞ୍ଚ ରଜନୀ ମଲ୍ଲିକ ପ୍ରମୁଖ ପହଞ୍ଚି ଶେଷଦର୍ଶନ କରିଥିଲେ। ମୃତ୍ୟୁଶଯ୍ୟା ନିକଟରେ ତାଙ୍କର ଦୁଇପୁଅ, ଝିଅ ଓ ବୋହୂ ଉପସ୍ଥିତ ଥିଲେ। ଗ୍ରାମ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିବାବେଳେ ବଡ଼ପୁଅ ଦିପ୍ତୀରଞ୍ଜନ ମୁଖାଗ୍ନି ଦେଇଥିଲେ।

ବଉଳା କୁମ୍ଭୀର ଗଣନା ପାଇଁ ପ୍ରଶିକ୍ଷଣ ଶିବିର

## ଦିନରେ ପଲିଗନ ସର୍ଚ୍ଚ ଆପ୍; ରାତିରେ ପାରମ୍ପରିକ ପଦ୍ଧତି

**ରାଜନଗର,୭।୧(ସମିସ):**

ଭିତରକନିକା ଜାତୀୟ ଉଦ୍ୟାନ ଓ ଉଦ୍ୟାନ ବାହାରେ ପ୍ରବାହିତ ନଦୀନାଳଗୁଡ଼ିକରେ ଥିବା ବଉଳା କୁମ୍ଭୀରମାନଙ୍କ ଗଣନା ପାଇଁ ବୁଧବାର ବନ କର୍ମଚାରୀମାନଙ୍କୁ



ପ୍ରଶିକ୍ଷଣ ଦିଆଯାଇଛି। ଗୁରୁବାରଠାରୁ ୧୦ ତାରିଖ ଯାଏଁ କୁମ୍ଭୀର ଗଣନା କରାଯିବ। ସେଥିପାଇଁ ଏହି ୩ ଦିନ ଧରି ଭିତରକନିକା ଜାତୀୟ ଉଦ୍ୟାନକୁ ପର୍ଯ୍ୟଟକଙ୍କ ପାଇଁ ବନ୍ଦ ରଖାଯାଇଛି। ପ୍ରତି ବର୍ଷ କୁମ୍ଭୀର ଗଣନା ହେଉଥିବା ପାରମ୍ପରିକ ପଦ୍ଧତି ସହିତ ପଲିଗନ ସର୍ଚ୍ଚ ମୋବାଇଲ୍ ଆପ୍‌ରେ କୁମ୍ଭୀର ଗଣନା କରାଯିବାକୁ ସ୍ଥିର କରାଯାଇଛି। ଦିନରେ ପଲିଗନ ସର୍ଚ୍ଚ ଆପ୍ ଓ ରାତିରେ ପାରମ୍ପରିକ ପଦ୍ଧତିରେ କୁମ୍ଭୀର ଗଣନା କରାଯିବ। ଦିନରେ ଖରା ପୋଇଁବା ଅବସ୍ଥାରେ ବଡ଼ କୁମ୍ଭୀର ଓ ରାତିରେ ସ୍ୱଷ୍ଟ ଲାଇଟ୍ ମାଧ୍ୟମରେ ଛୋଟ କୁମ୍ଭୀର ଗଣନା କରାଯାଉଥିଲା। ଗତ ୩ ବର୍ଷ ହେଲା ପଲିଗନ ସର୍ଚ୍ଚ ମାଧ୍ୟମରେ କୁମ୍ଭୀର ଗଣନା କରାଯାଉଛି।

ଚଳିତ ବର୍ଷ କୁମ୍ଭୀର ଗଣନା ପାଇଁ ୨୩ଟି ଟିମ୍ ଗଠନ କରାଯାଇଛି। ପ୍ରତି ଟିମ୍‌ରେ ୫ରୁ ୬ ଜଣ ଲେଖାଏଁ ବନ କର୍ମଚାରୀ ସାମିଲ୍ ହୋଇଛନ୍ତି। ଭିତରକନିକା ଜାତୀୟ ଉଦ୍ୟାନ ଭିତରେ ୧୭ଟି ଟିମ୍ ଓ ଜାତୀୟ ଉଦ୍ୟାନ ବାହାରେ ୬ଟି ଟିମ୍ କୁମ୍ଭୀର ଗଣନା କରିବେ। ବୁଧବାର ଡାଙ୍ଗମାଳଠାରେ କୁମ୍ଭୀର ଗଣନାକାରୀ ବନ କର୍ମଚାରୀମାନଙ୍କୁ ପ୍ରଶିକ୍ଷଣ ଦିଆଯାଇଛି। ରାଜନଗର ଡିଏଫ୍‌ଓ ବର୍ଦ୍ଧରାଜ ଗାଓଁକର, ଆଇଏଫ୍‌ଏସ୍ ବିବେକ୍ କୁମାର, ଗତିକୃଷ୍ଣ ପରିଡ଼ା ରିସର୍ଚ୍ଚ ଆସିଷ୍ଟାଣ୍ଟ, ଶିବ ପ୍ରସାଦ ପରିଡ଼ା ବୈଜ୍ଞାନିକ, ଏସିଏଫ୍ ମାନସ କୁମାର ଦାସ ପ୍ରମୁଖ ଯୋଗଦେଇ ପ୍ରଶିକ୍ଷଣ ଦେଇଥିଲେ। କୁମ୍ଭୀର ଗଣନା ପାଇଁ ଗଠନ କରାଯାଇଥିବା ଟିମ୍ ଖୋଳା କଣ୍ଟିଆଖାଇ ମାଉଥ୍ ଜେଟିରୁ ପାଟଶାଳା ଓ ଖୋଳା ମାଉଥ୍, ଖୋଳା ମାଉଥ୍‌ରୁ ଚେକ୍‌ଗେଟ୍, ପତିମାଉଥ୍‌ରୁ ଗୋଖଣି, ବାଲିଯୋର, ଜୁଣାଯୋର, ବାଲିଯୋରୀ, ଧୋଧୋଇଆ କ୍ରିକ୍, ମହିଁଷାମୁଣ୍ଡା ମାଉଥ୍‌ରୁ କାଠୁଆ, କାଠୁଆ ମାଉଥ୍‌ରୁ ସାପୁଆ ମାଉଥ୍, ଥାନପତି ମାଉଥ୍‌ରୁ ଚିନ୍ତାମଣି ମହାନ୍ତି କ୍ରିକ୍, ଶୁଆଯୋର କ୍ରିକ୍, ଡାଙ୍ଗମାଳ ସ୍କିମ୍‌ରୁ ବାଙ୍କୁଆଳ ଓ ଭିତରକନିକା ଫରେଷ୍ଟବ୍ଲକ୍, ଜୟନଗରରୁ ଦୁର୍ଗାପ୍ରସାଦଡିଆ, ରାଜନଗରରୁ ଖୋଳା, ରାଜନଗରରୁ ବରୁଣେଇ, ଗୁପ୍ତିରୁ ଏକକୂଳା, ଗୁପ୍ତିରୁ ହଂସିଣା ବ୍ରିଜ୍, ବାଉଁଶଗଡ଼ ନଦୀରୁ ସୁନେଇ ରୂପେଇ ଓ ସାତଭାୟା କ୍ରିକ୍, ସାତଭାୟା କ୍ରିକ୍‌ରୁ ଟିଞ୍ଚିରିବେରି ଓ ଅଙ୍ଗାରି କ୍ରିକ୍, ବଗୁଲି, ପାପୁଲି ମାଉଥ୍‌ରୁ ଶାସନପେଟା ବିଟ୍, କଣ୍ଡିରାପାଟିଆ ମାଉଥ୍‌ରୁ ପାଣିଆଖୁଆ, ଗୋବରୀ, କଂସାରଡିଆ ଓ ଉତ୍ତରଖୋଳା କ୍ରିକ୍ ଆଦି ନଦୀ ଓ ନାଳରେ କୁମ୍ଭୀର ଗଣନା କରାଯିବ। ପ୍ରତ୍ୟେକ ଟିମ୍ ପାରମ୍ପରିକ ପଦ୍ଧତି ସହିତ ମୋବାଇଲ୍ ଆପ୍‌ରେ ଗଣନା କରିବେ ବୋଲି ନିଷ୍ପତ୍ତି ନିଆଯାଇଛି। ଏହି ପ୍ରଶିକ୍ଷଣ ଶିବିରରେ ରେଞ୍ଜ ଅଫିସର ଚିତ୍ତରଞ୍ଜନ ବେଉରା, କପିଳେନ୍ଦ୍ର ପ୍ରଧାନ, ଫରେଷ୍ଟର ବିଜୟ କୁମାର ପାତ୍ର, ରଞ୍ଜନ ପାଣି, ମହନ୍ତ କୁମାର ମଲ୍ଲିକ, ବିଭୁତି ତରାଇ, ବବୁଲ ପରିଡ଼ା ପ୍ରମୁଖ ବନ କର୍ମଚାରୀମାନେ ତାଲିମ ନେଇଥିଲେ। ଗତବର୍ଷ କୁମ୍ଭୀର ଗଣନା ରିପୋର୍ଟ ଅନୁଯାୟୀ ଭିତରକନିକାରେ ୧୮୨୬ କୁମ୍ଭୀର ରହିଛନ୍ତି।

**ଆଜିଠୁ ୧୦ ତାରିଖ ପର୍ଯ୍ୟନ୍ତ ହେବ ଗଣନା**

SBI
ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ
କେନ୍ଦ୍ରୀୟ ନିଯୁକ୍ତି ଏବଂ ପଦୋନ୍ନତି ବିଭାଗ,
କର୍ପୋରେଟ୍ କେନ୍ଦ୍ର, ମୁମ୍ବାଇ
ଫୋନ୍: 022-22820427

ଆବେଦନ କରିବା ପାଇଁ QR ସ୍କାନ୍ କରନ୍ତୁ

**ବିଶେଷଜ୍ଞ କ୍ୟାଡର୍ ଅଧିକାରୀମାନଙ୍କର ନିଯୁକ୍ତି ଚୁକ୍ତିଭିତ୍ତିକ ଆଧାରରେ**

ନିମ୍ନଲିଖିତ ପୋଷ୍ଟଗୁଡିକ ପାଇଁ ଚୁକ୍ତିଭିତ୍ତିକ ଆଧାରରେ ଭାରତୀୟ ନାଗରିକମାନଙ୍କ ଠାରୁ ଆବେଦନ ଗୁଡିକ ଗ୍ରହଣ କରାଯାଉଛି:

**ବିଜ୍ଞାପନ ସଂ. CRPD/SCO/2025-26/21 (ଚୁକ୍ତିଭିତ୍ତିକ ପଦବୀ)**

| ପୋଷ୍ଟର ନାମ | ଖାଲି ପଦବୀ | ସର୍ବାଧିକ ବୟସ (31.12.2025 କଟ୍ ଅଫ୍) |
|---|---|---|
| ମୁଖ୍ୟ ଆର୍ଥିକ ଅଧିକାରୀ | 1 | 57 ବର୍ଷ |

ଯୋଗ୍ୟତା ମାନଦଣ୍ଡ (ବୟସ, ଅଭିଜ୍ଞତା, ଜବ୍ ପ୍ରୋଫାଇଲ ଇତ୍ୟାଦି), ଖାଲି ବିବରଣୀ, ଆବଶ୍ୟକ ଫିସ୍ ଏବଂ ଅନ୍ୟାନ୍ୟ ବିବରଣୀ ପାଇଁ ବ୍ୟାଙ୍କର ୱେବସାଇଟ୍ **https://sbi.bank.in/web/careers/current-openings** ଅନଲାଇନ୍ ଆପ୍ଲିକେସନ୍ ଫି ଜମା ଏବଂ ଅନଲାଇନ୍ ଦେୟ ଲିଙ୍କ୍ ସହିତ ଲଗ ଇନ୍ କରନ୍ତୁ । ଆବେଦନ ଏବଂ ଫି ପଠାଇବା ପୂର୍ବରୁ ଯୋଗ୍ୟତା ଏବଂ ଅନ୍ୟାନ୍ୟ ବିବରଣୀ ବିଷୟରେ ସୁନିଶ୍ଚିତ ହେବା ପାଇଁ ବିସ୍ତୃତ ବିଜ୍ଞାପନକୁ ଅନୁସରଣ କରନ୍ତୁ । ଯେକୌଣସି ପ୍ରଶ୍ନ ପାଇଁ ଦୟାକରି ଏହି ଲିଙ୍କ୍ ମାଧ୍ୟମରେ ଆମକୁ ଲେଖନ୍ତୁ: **"CONTACT US" —> "Post Your Query"** ଯାହା ବ୍ୟାଙ୍କର ୱେବସାଇଟ **(https://sbi.bank.in/web/careers/post-your-query)** ରେ ଉପଲବ୍ଧ ।

- **ଅନଲାଇନ୍ ଆବେଦନ ଏବଂ ଫିସ୍ ଦେୟ ପାଇଁ ତାରିଖ: 05.01.2026 ରୁ 27.01.2026 ପର୍ଯ୍ୟନ୍ତ ।**

**ସ୍ଥାନ:** ମୁମ୍ବାଇ
**ତାରିଖ:** 05.01.2026
ମହା ପ୍ରବନ୍ଧକ (ଆର୍‌ପି ଆଣ୍ଡ ପିଏମ୍)

ସକାଳ
THE SAKALA

# ସମ୍ପାଦକୀୟ

ଚନ୍ଦ୍ରମା ଭଳି ତୁମେ ମେଘମାଳା ଭିତରୁ ବାହାରି ଆସ ଓ ଆଲୋକ ବର୍ଷା କର।
-ଗୌତମ ବୁଦ୍ଧ

## ବଢ଼ିପାରେ ଇପିଏଫ୍‌ଓ ପରିସର

ଗତ ୧୧ ବର୍ଷ ଧରି କର୍ମଚାରୀ ଭବିଷ୍ୟନିଧି ପାଣ୍ଠି ସଂଗଠନ (ଇପିଏଫଓ) ର ପରିସର ଅପରିବର୍ତ୍ତିତ ରହିଛି। ୧୫ ହଜାର ଟଙ୍କାରୁ ଅଧିକ ମାସିକ ବେତନ ପାଉଥିବା କର୍ମଚାରୀଙ୍କୁ ଏହି ସାମାଜିକ ସୁରକ୍ଷା ଯୋଜନାରେ ଅନ୍ତର୍ଭୁକ୍ତ କରାଯିବାର ବାଧ୍ୟବାଧକତାରୁ ବଞ୍ଚିତ କରାଯାଇଛି। ଏଠାରେ ସୂଚନାଯୋଗ୍ୟ କି ଇପିଏଫଓ ବେତନ ସୀମା ଶେଷ ଥର ପାଇଁ ୨୦୧୪ ସଂଶୋଧିତ ହୋଇଥିଲା। ସେତେବେଳେ ତାହା ସାଢ଼େ ୬ ହଜାରରୁ ୧୫ ହଜାର ଟଙ୍କାକୁ ବୃଦ୍ଧି ପାଇଥିଲା। ଏଥିମଧ୍ୟରେ ସର୍ବନିମ୍ନ ମଜୁରୀ ସୀମା ଯଥେଷ୍ଟ ବୃଦ୍ଧି ପାଇବା ସହ ମୁଦ୍ରାସ୍ଫୀତି ହାର ମଧ୍ୟ ବଢ଼ିଛି। କେନ୍ଦ୍ର ସରକାର ଓ ଏକାଧିକ ରାଜ୍ୟ ସରକାରଙ୍କ ସର୍ବନିମ୍ନ ମଜୁରି ସୀମା ୧୫ ହଜାର ଟଙ୍କା ଅତିକ୍ରମ କରିଥିବାରୁ ଲକ୍ଷ ଲକ୍ଷ କର୍ମଚାରୀ ଏହି ସାମାଜିକ ସୁରକ୍ଷା ବ୍ୟବସ୍ଥାରୁ ବଞ୍ଚିତ ହେଉଛନ୍ତି। ଅବଶ୍ୟ ଇପିଏଫଓ ପରିସର ବୃଦ୍ଧି ଘଟିଲେ ସରକାରଙ୍କୁ ଅତିରିକ୍ତ ଆର୍ଥିକ ବୋଝ ବହନ କରିବାକୁ ପଡ଼ିବ। ତେଣୁ ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗକୁ ସରକାର କ୍ରମାଗତ ଏଡ଼ାଇ ଆସିଛନ୍ତି। ଏଥିମଧ୍ୟରେ ସର୍ବୋଚ୍ଚ ନ୍ୟାୟାଳୟ ୪ ମାସ ମଧ୍ୟରେ ବେତନ ସୀମା ପରିସର ବୃଦ୍ଧି ସଂପର୍କରେ ନିଷ୍ପତ୍ତି ନେବାକୁ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ଏହି ପ୍ରସ୍ତାବ ଆଗରୁ ମଧ୍ୟ ଆଲୋଚନା ପରିସରକୁ ଆସିଛି। ଇପିଏଫଓ ର ନିଜସ୍ୱ ଉପସମିତି କର୍ମଚାରୀଙ୍କ ପାଇଁ ଉଦ୍ଦିଷ୍ଟ ସାମାଜିକ ସୁରକ୍ଷା ବ୍ୟବସ୍ଥା ପରିସର ବୃଦ୍ଧି ସକାଶେ ୨୦୨୨ରେ କରିଥିବା ସୁପାରିସ କେନ୍ଦ୍ରୀୟ ଟ୍ରଷ୍ଟି ବୋର୍ଡର ଅନୁମୋଦନ ଲାଭ କରିଥିଲା। ଏହା ସତ୍ତ୍ୱେ କେନ୍ଦ୍ର ସରକାର ବେତନ ସୀମା ବୃଦ୍ଧି ପ୍ରସ୍ତାବକୁ ଗତ ୪ ବର୍ଷ ଧରି ଏଡ଼ାଇ ଆସିଛନ୍ତି। ସେହିଭଳି ସର୍ବନିମ୍ନ ପେନସନ ବ୍ୟବସ୍ଥା ପ୍ରତି ପୂର୍ବରୁ ଉଚିତ ଧ୍ୟାନ ଦିଆଯାଇ ନଥିବାରୁ ଅବସର ନେଇସାରିଥିବା କର୍ମଚାରୀ ଆର୍ଥିକ ସୁବିଧା ପାଇବାରୁ ବଞ୍ଚିତ ହୋଇଛନ୍ତି। ଏହି ଦିଗପ୍ରତି ମଧ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ହେଁ ତାହା କେବଳ ପ୍ରତିଶ୍ରୁତିରେ ରହିଯାଇଥିବାରୁ ସର୍ବନିମ୍ନ ପେନସନ ଧାର୍ଯ୍ୟ କରାଯାଇପାରିନାହିଁ। ଏବେ ମଧ୍ୟ ଏହି ଦାବିକୁ ନେଇ ଆନ୍ଦୋଳନ ଓ ଧାରଣା ଜାରି ରହିଛି।

ଜଷ୍ଟିସ ମାହେଶ୍ୱରୀ ଓ ଜଷ୍ଟିସ ଚାନ୍ଦୁରକରଙ୍କ ଖଣ୍ଡପୀଠ ନିର୍ଦ୍ଦିଷ୍ଟ ଭାବେ ବେତନ ପରିସର ବୃଦ୍ଧିର ପରିସୀମା ନିର୍ଦ୍ଧାରଣ କରିନାହାନ୍ତି। କିନ୍ତୁ ସର୍ବୋଚ୍ଚ ନ୍ୟାୟାଳୟଙ୍କ ହସ୍ତକ୍ଷେପ ପରେ ବେତନ ସୀମା ୨୦ ରୁ ୨୫ ହଜାର ଟଙ୍କାକୁ ବୃଦ୍ଧି ପାଇପାରେ ବୋଲି ଅନୁମାନ କରାଯାଉଛି। ଏକ୍ଷେତ୍ରରେ ଉଭୟ କମ୍ପାନୀ ଓ ସରକାରଙ୍କ ସ୍ୱାର୍ଥ ଜଡ଼ିତ ଥିବାରୁ ଏକ ବୁଝାମଣା ଭିତ୍ତିରେ ନିଷ୍ପତ୍ତି ନେବାକୁ ନିଶ୍ଚୟ ସମୟ ଲାଗିବ। ପରିବର୍ତ୍ତିତ ପରିସ୍ଥିତିରେ କମ୍ପାନୀଗୁଡ଼ିକର ସ୍ୱାର୍ଥରକ୍ଷା ପାଇଁ ସରକାର ଟ୍ରେଡ ୟୁନିୟନ ବ୍ୟବସ୍ଥାରେ ଯେଉଁସବୁ ସଂଶୋଧନ ଆଣିଛନ୍ତି ସେଥିରେ ଏହି ପରିସୀମା ବୃଦ୍ଧି ନିଷ୍ପତ୍ତିରେ କର୍ମଚାରୀ ସଂଘମାନଙ୍କ ସ୍ୱରର ଗୁରୁତ୍ୱ ରହିବ ବୋଲି ଆଶା କରିବା ବୃଥା। ଦୁଇସପ୍ତାହ ମଧ୍ୟରେ ସଂକ୍ରାନ୍ତ ସମସ୍ତ କାଗଜପତ୍ର ଓ କୋର୍ଟ ନିଷ୍ପତ୍ତି କେନ୍ଦ୍ର ସରକାରଙ୍କ ନିକଟରେ ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏଥିରୁ ସ୍ପଷ୍ଟ ଯେ ଏକ୍ଷେତ୍ରରେ ଅଧିକ ସମୟ ଦେବାକୁ ଖଣ୍ଡପୀଠ ଚାହୁଁନାହାନ୍ତି। ତେଣୁ ଆଶା କରିବା ନିର୍ଦ୍ଧାରିତ ୪ ମାସ ମଧ୍ୟରେ ବିଭିନ୍ନ ସୁବିଧା ସୁଯୋଗରୁ ବଂଚିତ କିଛି ଅତିରିକ୍ତ କର୍ମଚାରୀ ଇପିଏଫଓ ପରିସର ଭୁକ୍ତ ହେବେ।

## ଦୂଷିତ ଜଳ କାଳ

ଦେଶର ସବୁଠାରୁ ସ୍ୱଚ୍ଛ ସହରର ମାନ୍ୟତା ପାଇଥିବା ଇନ୍ଦୋରରେ ଦୂଷିତ ପାନୀୟ ଜଳକୁ ନେଇ ସଂକ୍ରମିତ ଝାଡ଼ାବାନ୍ତି ଘଟଣା ଜାତୀୟସ୍ତରରେ ଆଲୋଡ଼ନ ସୃଷ୍ଟି କରିଥିବା ବେଳେ ଆମ ରାଜ୍ୟରେ ଉପୁଜିଥିବା ଦୁଇଟି ଘଟଣା ସଂପର୍କରେ ଆମେ ଏଠାରେ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରୁଛୁ। ରାଜଧାନୀ ଭୁବନେଶ୍ୱରଠାରୁ ମାତ୍ର ୩୦ କିଲୋମିଟର ଦୂରରେ ଅବସ୍ଥିତ ଗୁରୁଜଙ୍ଗ ଜବାହାର ନବୋଦୟ ବିଦ୍ୟାଳୟର ୭୦ ପିଲା କାମଳ ରୋଗରେ ପୀଡ଼ିତ। ଅନ୍ୟ ଘଟଣାଟି ହେଲା, ଢେଙ୍କାନାଳ ଜିଲ୍ଲାର ଓଡ଼ପଡ଼ା ବ୍ଲକ୍‌ରେ ଗୋଟିଏ ଦିନରେ ୫ ଜଣ କିଡ୍‌ନି ରୋଗରେ ପ୍ରାଣ ହରାଇଛନ୍ତି। ଏହି ବ୍ଲକ ଅନ୍ତର୍ଗତ ୫ଟି ପଞ୍ଚାୟତରେ ଶତାଧିକ କିଡ୍‌ନି ଆକ୍ରାନ୍ତ ଚିକିତ୍ସିତ ହେଉଛନ୍ତି। ଫ୍ଲୋରାଇଡ ମୁକ୍ତ ପାନୀୟ ଜଳ ଯୋଗାଇଦେବାକୁ ହେଉଥିବା ଦାବି ପ୍ରତି କର୍ତ୍ତୃପକ୍ଷ ଗୁରୁତ୍ୱ ଦେଉ ନ ଥିବାରୁ ରୋଗ ବ୍ୟାପିବାରେ ଲାଗିଛି। ଏହି ଅଞ୍ଚଳରେ କଳାମୁଗୁନି ପଥର ଖଣି ଥିବାରୁ ରାସାୟନିକ ପଦାର୍ଥ ଯୁକ୍ତ ବିସ୍ଫୋରଣ ଘଟାଇ ଖଣିକାର୍ଯ୍ୟ ଚାଲିଛି। ସେହି ରାସାୟନିକ ପଦାର୍ଥ ଭୂତଳ ଜଳରେ ମିଶୁଥିବାରୁ ତାହା ଆଦୌ ପାନୀୟ ଉପଯୋଗୀ ନୁହେଁ। ଏମିତିରେ ବ୍ରାହ୍ମଣୀ ନଦୀ ଜଳ ସବୁଠାରୁ ଅଧିକ ପ୍ରଦୂଷିତ ହୋଇଥିବା ବେଳେ ଅଞ୍ଚଳବାସୀ ନଦୀ ଶଯ୍ୟାରେ ଚୁଆ ଖୋଳି ପାନୀୟ ଜଳ ସଂଗ୍ରହ କରୁଛନ୍ତି। ଉପରୋକ୍ତ ଘଟଣାରୁ ସେଠାରେ ପାନୀୟ ଜଳ ସମସ୍ୟା କେତେ ସାଂଘାତିକ ତାହା ସହଜରେ ଅନୁମାନ କରାଯାଇପାରେ।

ଗୁରୁଜଙ୍ଗ ନବୋଦୟ ବିଦ୍ୟାଳୟର ପରିସ୍ଥିତି ନେଇ ବିଦ୍ୟାଳୟ କର୍ତ୍ତୃପକ୍ଷ ଓ ସରକାରଙ୍କ ପକ୍ଷରୁ ଯେଉଁ ସ୍ପଷ୍ଟୀକରଣ ଦିଆଯାଇଛି ସେଥିରୁ ମନେ ହୁଏ ଦୂଷିତ ପାନୀୟ ଜଳ ପାଇଁ କୌଣସି ପକ୍ଷ ଦାୟୀ ନୁହନ୍ତି। ପ୍ରଧାନ ଶିକ୍ଷକଙ୍କ କହିବା କଥାହେଲା, ବିଦ୍ୟାଳୟରେ ଥିବା ପାଣିଟାଙ୍କିକୁ ବର୍ଷରେ ଦୁଇଥର ବିଶୋଧନ କରାଯାଉଛି। କର୍ତ୍ତୃପକ୍ଷ କହିଛନ୍ତି ୱାଟ୍‌କୋ ପକ୍ଷରୁ ଯୋଗାଇ ଦିଆଯାଉଥିବା ପାନୀୟ ଜଳ ନିୟମିତ ଯାଞ୍ଚ କରାଯାଉଛି। ତେଣୁ ସେମାନଙ୍କ ପକ୍ଷରୁ ଯୋଗାଇଦିଆଯାଉଥିବା ଜଳ ଆଦୌ ଦୂଷିତ ନୁହେଁ। ଏକଥା ସତ ଯେ ୱାଟକୋ କେବଳ ନବୋଦୟ ବିଦ୍ୟାଳୟକୁ ନୁହେଁ ତତ୍‌ସଂଲଗ୍ନ ଅନ୍ୟ ଅଞ୍ଚଳକୁ ମଧ୍ୟ ପାନୀୟ ଜଳ ଯୋଗାଉଛି। ଯଦି ସେଠାରେ ରୋଗ ବ୍ୟାପୁଥିବା କୌଣସି ଅଭିଯୋଗ ନାହିଁ ତେବେ ବିଦ୍ୟାଳୟରେ ଘଟିଥିବା ଘଟଣା ପାଇଁ ସେମାନେ କାହିଁକି ଦାୟୀ ହେବେ? ତେବେ ଏକ୍ଷେତ୍ରରେ ବିଦ୍ୟାଳୟରେ ଥିବା ପାଣି ଟାଙ୍କି ନିୟମିତ ପରିଷ୍କାର କରାଯାଉ ନ ଥିବାରୁ ତାହା ରୋଗ ସଂକ୍ରମଣର କାରଣ ହୋଇପାରେ।

ପରସ୍ପରକୁ ଦୋଷାରୋପ କରୁଥିବା ଘଟଣା ମଧ୍ୟରେ ଏବେ ଅଭିଭାବକଙ୍କ ଉପରକୁ ଆଙ୍ଗୁଳି ଦେଖାଯାଇଛି। ରବିବାର ପିଲାଙ୍କୁ ଭେଟିବାକୁ ଆସୁଥିବା ଅଭିଭାବକମାନେ ବିଦ୍ୟାଳୟ ବାହାରେ ଭେଣ୍ଡରଙ୍କଠାରୁ ସଂଗୃହୀତ ଖାଦ୍ୟ ଦେଉଥିବାରୁ ରୋଗ ସଂକ୍ରମଣର ଏହା ମଧ୍ୟ ଏକ କାରଣ ହୋଇପାରେ ବୋଲି ଦର୍ଶାଇଛି। ପାନୀୟଜଳରୁ ମୁଖ୍ୟତଃ କାମଳରୋଗ ସଂକ୍ରମିତ ହୋଇଥାଏ। ଏବେ ଅସୁସ୍ଥ ପିଲାଙ୍କଠାରୁ ଆରମ୍ଭ କରି ଜଳ ଯୋଗାଣ ବ୍ୟବସ୍ଥା ପର୍ଯ୍ୟନ୍ତ ସବୁ ପରୀକ୍ଷା ନିରୀକ୍ଷା ପରିସରକୁ ଆସିଯାଇଛି। ପରସ୍ପରକୁ ଦୋଷାରୋପ କରିବା ଅପେକ୍ଷା ସ୍ୱଚ୍ଛ ପାନୀୟ ଜଳ ଯୋଗାଣକୁ କର୍ତ୍ତୃପକ୍ଷ ସର୍ବାଧିକ ପ୍ରାଥମିକତା ଦେବା ଉଚିତ।

# ପରିବେଶ ସଂରକ୍ଷଣରେ ନ୍ୟାୟପାଳିକାର ଭୂମିକା

ଡକ୍ଟର ସୁନ୍ଦର ନାରାୟଣ ପାତ୍ର

ସାମ୍ପ୍ରତିକ ପରିସ୍ଥିତିରେ ପରିବେଶଜନିତ ସଙ୍କଟ ଗୁରୁତ୍ୱପୂର୍ଣ୍ଣ ବିଶ୍ୱ ସମସ୍ୟା ହୋଇ ଉଭା ହେଲାଣି। ଆମ ଦେଶରେ ପ୍ରଚଳିତ ଆଇନ କାନୁନ କଡ଼ାକଡ଼ି ପାଳନ କ୍ଷେତ୍ରରେ ଶିଥିଳତା ଏବଂ ଅମଲାତାନ୍ତ୍ରିକ ଉଦାସୀନତା ହେତୁ ପ୍ରାୟତଃ ପରିବେଶଗତ ଆହ୍ୱାନଗୁଡ଼ିକର ମୁକାବିଲା କରିବାରେ ପାରଦର୍ଶିତା ପରିଲକ୍ଷିତ ହେଉ ନାହିଁ। ଏହି ପରିପ୍ରେକ୍ଷୀରେ ନ୍ୟାୟପାଳିକା ଏକ ଜାଗ୍ରତ ପ୍ରହରୀ ଭାବରେ ପରିବେଶ ସୁରକ୍ଷାକୁ ମୌଳିକ ଅଧିକାରରେ ସଂଯୋଜିତ କରିବାରେ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିଛି। ନ୍ୟାୟପାଳିକା ସ୍ପଷ୍ଟ କରେ ଯେ ଅର୍ଥନୈତିକ ବିକାଶ ନାମରେ ପରିବେଶ ସୁରକ୍ଷାକୁ ବଳି ଦିଆଯାଇ ପାରିବ ନାହିଁ। ସୁପ୍ରିମକୋର୍ଟ, ହାଇକୋର୍ଟ, ଜାତୀୟ ସବୁଜ ଟ୍ରିବ୍ୟୁନାଲ ମାଧ୍ୟମରେ ନ୍ୟାୟପାଳିକାର ରାୟ ଜଙ୍ଗଲ, ଅଭୟାରଣ୍ୟ ଓ ଜାତୀୟ ଉଦ୍ୟାନଗୁଡ଼ିକର ସୁରକ୍ଷା ଏବଂ ଦେଶରେ ବେଆଇନ ପଥର ଖଣି ଖନନ ଓ ଉତ୍ତୋଳନ ବନ୍ଦ କରିବାରେ ସହାୟକ ହୋଇଛି। ସଦ୍ୟତମ ଉଦାହରଣ ରୂପେ ଆରାବଳୀ ପ୍ରସଙ୍ଗକୁ ନିଆଯାଇପାରେ।

ଆରାବଳୀ ଉତ୍ତର-ପଶ୍ଚିମ ଭାରତର ଏକ ପର୍ବତମାଳା, ଯାହା ଦକ୍ଷିଣ-ପଶ୍ଚିମ ଦିଗରେ ପ୍ରାୟ ୬୭୦ କିମି ରୁ ୮୦୦ କିମି ପର୍ଯ୍ୟନ୍ତ ବ୍ୟାପିଛି। ଏହା ଦିଲ୍ଲୀ ନିକଟରୁ ଆରମ୍ଭ ହୋଇ ଦକ୍ଷିଣ-ହରିୟାଣା ଓ ରାଜସ୍ଥାନ ଦେଇ ଗୁଜୁରାଟର ଅହମ୍ମଦାବାଦରେ ଶେଷ ହେଉଛି। ଆରାବଳୀ ସାରିସ୍କା ବ୍ୟାଘ୍ର ଅଭୟାରଣ୍ୟ, ରଣଥମ୍ବୋର ଅଭୟାରଣ୍ୟ, ରାଜସ୍ଥାନର କୁମ୍ଭଲଗଡ଼ ବନ୍ୟପ୍ରାଣୀ ଅଭୟାରଣ୍ୟ ଏବଂ ଦିଲ୍ଲୀ-ହରିଆଣା ସୀମାରେ ଥିବା ଅସୋଲା ଭାଟି ବନ୍ୟପ୍ରାଣୀ ଅଭୟାରଣ୍ୟର ବନ୍ୟପ୍ରାଣୀ କରିଡର ଭାବରେ କାର୍ଯ୍ୟ କରେ। ଏହା ସାମୂହିକ ଭାବେ ଲୁଣି, ସାବରମତୀ, ବନାସ ଓ ସାହିବି ପରି ନଦୀର ଜଳବିଭାଜକ ଅଟେ। ପୁଣି ଉତ୍ତର ଭାରତର ସବୁଜ ଫୁସଫୁସ ଭାବରେ କାର୍ଯ୍ୟ କରେ, ବାୟୁମଣ୍ଡଳର ଉତ୍ତାପକୁ ନିୟନ୍ତ୍ରଣ କରେ, ଧୂଳିକୁ ଧରି ରଖେ, ଦିଲ୍ଲୀ-ଏନସିଆର ବା ଜାତୀୟ ରାଜଧାନୀ କ୍ଷେତ୍ରରେ ବାୟୁ ପ୍ରଦୂଷଣ ହ୍ରାସ କରେ ଏବଂ ଥର ମରୁଭୂମିର ପୂର୍ବ ଦିଗକୁ ପ୍ରସାରଣରେ ବାଧା ଦିଏ। ଏହି ପର୍ବତମାଳା ତମ୍ବା, ଦସ୍ତା, ସୀସା, ରୁପା ଓ ଉଚ୍ଚମାନର ମାର୍ବଲ (ତାଜମହଲରେ ବ୍ୟବହୃତ ମକରାଣା ମାର୍ବଲ ପରି) ଖଣିଜ ସମ୍ପଦରେ ଅତ୍ୟନ୍ତ ସମୃଦ୍ଧ। ତେଣୁ ଏହା ଖଣି ମାଲିକ, ନିର୍ମାଣକାରୀ ସଂସ୍ଥା ଓ କର୍ପୋରେଟ୍ ସ୍ୱାର୍ଥକୁ ଆକର୍ଷିତ କରେ।

ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ଅଧୀନରେ ଭାରତ ସରକାରଙ୍କ ଦ୍ୱାରା ଗଠିତ ଏକ ଉଚ୍ଚ-କ୍ଷମତାସମ୍ପନ୍ନ କମିଟି 'ଆରାବଳୀ ପାହାଡ଼' ପାଇଁ ଏକ ନୂତନ ପରିଭାଷା ବା ସଂଜ୍ଞା ସୁପାରିସ କରିଛି। ନୂତନ ପରିଭାଷା ଅନୁଯାୟୀ, ଏକ ଭୂମିରୂପକୁ କେବଳ ଆଇନଗତ ଭାବରେ ଆରାବଳୀ ପାହାଡ଼ ଭାବରେ ବର୍ଗୀକୃତ କରାଯାଏ ଯଦି ଏହା ସ୍ଥାନୀୟ ଭୂମିସ୍ତରଠାରୁ ଅତିକମରେ ୧୦୦ ମିଟର ଉଚ୍ଚ ହୁଏ। ଏହାବ୍ୟତୀତ, ଆରାବଳୀ ପର୍ବତମାଳାରେ ପରସ୍ପରଠାରୁ ୫୦୦ ମିଟର ମଧ୍ୟରେ ଅବସ୍ଥିତ ପାହାଡ଼ଗୁଡ଼ିକୁ ଏକ କ୍ଲଷ୍ଟର ବା ପାହାଡ଼ପୁଞ୍ଜ ଭାବରେ ବ୍ୟାଖ୍ୟା କରାଯାଇଛି। ସର୍ବୋଚ୍ଚ ନ୍ୟାୟାଳୟ ୨୦ ନଭେମ୍ବର ୨୦୨୫ ରେ ଏହି ସୁପାରିସଗୁଡ଼ିକୁ ଗ୍ରହଣ କରିଥିଲେ ଏବଂ ତଦନୁସାରେ ଏହି ଅଞ୍ଚଳ ମଧ୍ୟରେ ନୂତନ ଖଣି ଲିଜ୍ ପ୍ରଦାନକୁ ନିଷିଦ୍ଧ କରିଥିଲେ।

ଏହି ନୂତନ ପରିଭାଷାକୁ ଦେଶର ବିଭିନ୍ନ ସ୍ଥାନରେ ପ୍ରବଳ ବିରୋଧ କରାଗଲା। କାରଣ ଏହା ସମ୍ଭାବ୍ୟ ଭାବରେ ଖଣି ଓ କୋଠାବାଡ଼ି ନିର୍ମାଣ କାର୍ଯ୍ୟ ବିକାଶ ପାଇଁ ବିସ୍ତୃତ ସୁଯୋଗ ସୃଷ୍ଟି କରିବ। ଯାହା ପୂର୍ବରୁ ବ୍ୟାପକ 'ଜଙ୍ଗଲ' କିମ୍ବା 'ପାହାଡ଼' ବର୍ଗୀକରଣ ଅଧୀନରେ ସୁରକ୍ଷିତ ଥିଲା ତାହା ନୂତନ ପରିଭାଷା ଅନୁସାରେ ସୁରକ୍ଷା ବଳୟ ବାହାରେ ସମ୍ପୂର୍ଣ୍ଣ ମୁକ୍ତ ରହିବ। କୋଟି କୋଟି ବର୍ଷ ଧରି ରହିଥିବା ଏକ ପ୍ରାକୃତିକ ପରିସଂସ୍ଥାକୁ କିପରି ପୁନଃପରିଭାଷିତ କରାଯାଇପାରିବ ତାହା ହେଉଛି ଏକ ମୁଖ୍ୟ ପ୍ରସଙ୍ଗ।

ଏକ ସାଧାରଣ ପାହାଡ଼ (୧୦-୩୦ ମିଟର) ମଧ୍ୟ ଗୁରୁତ୍ୱପୂର୍ଣ୍ଣ ବାତ୍ୟା ପ୍ରତିରୋଧକ ଭାବରେ କାର୍ଯ୍ୟ କରେ। ତେଣୁ ବିରୋଧର ସ୍ୱରର ଗୁରୁତ୍ୱକୁ ଉପଲବ୍ଧି କରି ସର୍ବୋଚ୍ଚ ନ୍ୟାୟାଳୟ ଡିସେମ୍ବର ୨୯, ୨୦୨୫ରେ ଏକ ଶୁଣାଣିରେ ନଭେମ୍ବର ୨୦ ର ନିଜସ୍ୱ ନିଷ୍ପତ୍ତିକୁ ସ୍ଥଗିତ ରଖିଛନ୍ତି ଏବଂ ୨୧ ଜାନୁଆରୀ ୨୦୨୬ରେ ପରବର୍ତ୍ତୀ ଶୁଣାଣି ତାରିଖ ପର୍ଯ୍ୟନ୍ତ କାର୍ଯ୍ୟକାରୀ ହେବ ନାହିଁ ବୋଲି ରାୟ ଦେଇଛନ୍ତି। ନିଜ ନିଷ୍ପତ୍ତିକୁ ସ୍ଥଗିତ ରଖିବା ନିଶ୍ଚିତ ଭାବରେ ଏକ ବିରଳ ଉଦାହରଣ, ଯାହା ଫଳରେ ଲୋକମତକୁ ସମ୍ମାନ ଦିଆଗଲା ବୋଲି କୁହାଯାଇପାରିବ। ଶୀର୍ଷ ନ୍ୟାୟାଳୟ ଏହି ପ୍ରସଙ୍ଗର ଏକ ସମ୍ପୂର୍ଣ୍ଣ ପରୀକ୍ଷା କରିବା ପାଇଁ ଡୋମେନ୍ ବା ବୈଷୟିକ ବିଶେଷଜ୍ଞମାନଙ୍କୁ ନେଇ ଏକ ଉଚ୍ଚକ୍ଷମତାସମ୍ପନ୍ନ କମିଟି ଗଠନ କରିବାକୁ ପ୍ରସ୍ତାବ ଦେଇଥିଲେ। ପୂର୍ବରୁ କମିଟିରେ ଅମଲାମାନେ ଅଧିକ ପ୍ରତିନିଧିତ୍ୱ କରୁଥିଲେ।

ଆମ ଜାତୀୟ ରାଜଧାନୀ ଦିଲ୍ଲୀର ବାୟୁ ପ୍ରଦୂଷଣ ଏକ ଅତ୍ୟନ୍ତ ଜଟିଳ ସ୍ୱାସ୍ଥ୍ୟ ସମସ୍ୟା। ୧୯୮୦ ଦଶକର ମଧ୍ୟଭାଗରେ ନ୍ୟାୟିକ ହସ୍ତକ୍ଷେପ ଆରମ୍ଭ ହୋଇଥିଲା, ଯେତେବେଳେ ପରିବେଶବିତ୍-ଆଇନଜୀବୀ ଏମ୍.ସି. ମେହେଟ୍ଟା ଦିଲ୍ଲୀର ବିପଦପୂର୍ଣ୍ଣ ବାୟୁକୁ ବିରୋଧ କରି ଏକାଧିକ ଆବେଦନ ଦାଖଲ କରିଥିଲେ। ୧୯୮୫ ମସିହାରେ ସର୍ବୋଚ୍ଚ ନ୍ୟାୟାଳୟ ପ୍ରଥମେ ଯାନବାହନ ନିର୍ଗମନ, ଶିଳ୍ପ ଧୂଆଁ ଓ ଅନିୟନ୍ତ୍ରିତ ଇନ୍ଧନ ପୋଷଣର ବିଷାକ୍ତ ମିଶ୍ରଣର କୁପ୍ରଭାବ ଉପରେ ଧ୍ୟାନ ଦେଇଥିଲେ। ନ୍ୟାୟପାଳିକା ଏହି ପରିସ୍ଥିତି ପ୍ରତି ସଚେତନ ରହିଆସିଛି ଏବଂ ଦିଲ୍ଲୀ ରାଜଧାନୀ ନଗର ଏବଂ ସଂଲଗ୍ନ ଅଞ୍ଚଳର ପରିବେଶ ପ୍ରଦୂଷଣକୁ ନିୟନ୍ତ୍ରଣ କରିବା ପାଇଁ ସମୟ ସମୟରେ ନିର୍ଦ୍ଦେଶ ଦେଇଆସୁଛି। ସେଭଳି ମୁମ୍ବାଇ ନଗର ଉପରେ ପର୍ଯ୍ୟବସିତ ଅନ୍ୟ ଏକ ମାମଲାରେ ଅଦାଲତ ଦ୍ୱାରା ନିଯୁକ୍ତ ଏକ ପ୍ୟାନେଲ ୩୬ଟି ସ୍ଥାନର ସର୍ବେକ୍ଷଣ କରିଥିଲେ। ଉକ୍ତ ସର୍ବେକ୍ଷଣର ରିପୋର୍ଟ ଅନୁଯାୟୀ ବାୟୁ ପ୍ରଦୂଷଣ ରୋକିବା ପାଇଁ ନାଗରିକ ନିର୍ଦ୍ଦେଶାବଳୀ କାର୍ଯ୍ୟକାରୀ କରିବାର ଅଭାବ ରହିଥିଲା ଏବଂ ଅନୁପାଳନ 'ପ୍ରହସନଶୀଳ' ଥିଲା। ତେଣୁ ବମ୍ବେ ହାଇକୋର୍ଟ 'ବ୍ରିହନ୍ମୁମ୍ବାଇ ମ୍ୟୁନିସିପାଲ କର୍ପୋରେସନ'ର ମୁଖ୍ୟ ଏବଂ ମହାରାଷ୍ଟ୍ର ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ସଦସ୍ୟ-ସଚିବଙ୍କୁ 'ସମ୍ପର୍କିତ ଅଧିକାରୀଙ୍କ ନିଷ୍କ୍ରିୟତା ବ୍ୟାଖ୍ୟା କରିବାକୁ' ସମନ କରିଥିଲେ।

ଓଡ଼ିଶାରେ ୧୧୦୦ ବର୍ଗ କିଲୋମିଟରରୁ ଅଧିକ ପରିବ୍ୟାପ୍ତ ଚିଲିକା ହ୍ରଦ ହେଉଛି ଏସୀୟ ଉପମହାଦେଶର ସର୍ବବୃହତ ଲୁଣାପାଣି ହ୍ରଦ। ଲକ୍ଷ ଲକ୍ଷ ପ୍ରବାସୀ ଏବଂ ନିବାସୀ ପକ୍ଷୀଙ୍କ ପାଇଁ ଏକ ଶୀତକାଳୀନ ଆଶ୍ରୟସ୍ଥଳ ଏବଂ ଏକ ଜୈବ ବିବିଧତା ସ୍ଥାନ ବ୍ୟତୀତ ଏହି ହ୍ରଦ ଦୁଇ ଲକ୍ଷରୁ ଅଧିକ ମତ୍ସ୍ୟଜୀବୀ, ଅଣ-ମତ୍ସ୍ୟଜୀବୀ ଏବଂ ସେମାନଙ୍କ ପରିବାରଙ୍କ ଜୀବିକା ନିର୍ବାହକୁ ସମର୍ଥନ କରେ। ୧୯୯୧ ମସିହାରେ ଓଡ଼ିଶା ସରକାର ସମନ୍ୱିତ ଚିଙ୍ଗୁଡ଼ି ଫାର୍ମ ପ୍ରକଳ୍ପ ପାଇଁ ଟାଟା ଆଇରନ ଆଣ୍ଡ ଷ୍ଟିଲ୍ କମ୍ପାନୀ ସହିତ ଏକ ଲିଜ୍ ଚୁକ୍ତିନାମା ସ୍ୱାକ୍ଷର କରିଥିଲେ। ଏହି ପ୍ରକଳ୍ପ ଦ୍ୱାରା ଚିଲିକା ହ୍ରଦର ୩୨, ୦୦୦ ହେକ୍ଟର ଜମିକୁ ବାଣିଜ୍ୟିକ ଚିଙ୍ଗୁଡ଼ି ଉତ୍ପାଦନ ପାଇଁ ସଘନ ଜଳକୃଷି ଫାର୍ମରେ ପରିଣତ କରିବାର ଯୋଜନା କରାଯାଇଥିଲା। ଏହି ପ୍ରକଳ୍ପ ଚିଲିକା ପରିସଂସ୍ଥା ଉପରେ ବିନାଶକାରୀ ପ୍ରଭାବ ପକାଇବ ଏବଂ ସ୍ଥାନୀୟ ଲୋକଙ୍କ ଜୀବିକା ସୁରକ୍ଷାକୁ ବାଧା ଦେବ ବୋଲି ଆଶଙ୍କା କରାଯାଇଥିଲା ଏବଂ ସ୍ଥାନୀୟ ସମ୍ପ୍ରଦାୟଗୁଡ଼ିକ ତୀବ୍ର ପ୍ରତିରୋଧ କରିଥିଲେ। 'ଚିଲିକା ବଞ୍ଚାଓ ଆନ୍ଦୋଳନ' ନାମରେ ଏକ ତୀବ୍ର ଆନ୍ଦୋଳନ ପରେ ପ୍ରକଳ୍ପ ବନ୍ଦ ହୋଇଯାଇଥିଲା। ଭାରତୀୟ ନ୍ୟାୟପାଳିକା ଚିଲିକା ହ୍ରଦକୁ ଅବୈଧ ବାଣିଜ୍ୟିକ ଜଳଚାଳନାରୁ ରକ୍ଷା କରିବା ପାଇଁ ନିରନ୍ତର ହସ୍ତକ୍ଷେପ କରିଆସୁଛି ଏବଂ ଏହାର ସମନ୍ୱିତ ପରିଚାଳନା, ପାରମ୍ପରିକ ମାଛ ଧରିବା ଅଧିକାରର ସୁରକ୍ଷା ପାଇଁ ପ୍ରୟାସ ଜାରି ରଖିଛି।

ସେହିପରି ବଲାଙ୍ଗୀର ଜିଲ୍ଲାର ଗନ୍ଧମାର୍ଦ୍ଦନ ପାହାଡ଼ ଏବଂ କଳାହାଣ୍ଡି ଜିଲ୍ଲାର ନିୟମଗିରି ପାହାଡ଼ରେ ବକ୍ସାଇଟ୍ ଖଣିଜ ସମ୍ପଦର ପ୍ରଚୁରତା ବାରମ୍ବାର ଖଣି ମାଲିକଙ୍କୁ ଆକର୍ଷିତ କରୁଛି। ସ୍ଥାନୀୟ ଆଦିବାସୀ ଓ ଅନ୍ୟ ସମ୍ପ୍ରଦାୟମାନେ ବଲାଙ୍ଗୀରରେ 'ଗନ୍ଧମାର୍ଦ୍ଦନ ସୁରକ୍ଷା ଯୁବ ପରିଷଦ' ଏବଂ କଳାହାଣ୍ଡି ଜିଲ୍ଲାରେ 'ନିୟମଗିରି ସୁରକ୍ଷା ସମିତି' ଗଠନ କରି ବକ୍ସାଇଟ୍ ଖଣି ଉତ୍ତୋଳନକୁ ତୀବ୍ର ବିରୋଧ କରି ଏହି ଐତିହାସିକ ପାହାଡ଼ଗୁଡ଼ିକୁ ରକ୍ଷା କରିଥିଲେ। ନ୍ୟାୟିକ ହସ୍ତକ୍ଷେପ ଏହି ପାହାଡ଼ଗୁଡ଼ିକରେ ଖଣି ଖନନ ବନ୍ଦ କରିବାରେ ଦୃଢ଼ ଭାବରେ ସହାୟକ ହେଲା। ଏହି ପାହାଡ଼ଗୁଡ଼ିକ ସ୍ଥାନୀୟ ସମ୍ପ୍ରଦାୟର ସମୃଦ୍ଧ ପ୍ରାକୃତିକ ଜୈବ ବିବିଧତା ଏବଂ ଜୀବିକା ସହିତ ଓତଃପ୍ରୋତ ଭାବରେ ଜଡ଼ିତ। ସର୍ବୋଚ୍ଚ ନ୍ୟାୟାଳୟ ରାୟ ଦେଇଛନ୍ତି ଯେ କର୍ପୋରେଟ୍ ସାମାଜିକ ଦାୟିତ୍ୱ(ସିଏସ୍‌ଆର) ସ୍ୱାଭାବିକ ଭାବରେ ପରିବେଶଗତ ଦାୟିତ୍ୱ ଅନ୍ତର୍ଭୁକ୍ତ କରିବ ଏବଂ ଏହା ଏକ ସାମ୍ବିଧାନିକ ଦାୟିତ୍ୱ, ଦାନ ନୁହେଁ। ଶିଳ୍ପସଂସ୍ଥାଗୁଡ଼ିକର ସମ୍ପ୍ରଦାୟ ଓ ପରିବେଶର ସର୍ବୋତ୍ତମ ସ୍ୱାର୍ଥରେ କାର୍ଯ୍ୟ କରିବା ପାଇଁ କମ୍ପାନୀ ଆଇନର ଧାରା ୧୬୬(୨) ଅନୁଯାୟୀ ଏକ ବିଶ୍ୱସ୍ତ କର୍ତ୍ତବ୍ୟ ରହିଛି। ସିଏସଆର ଆଇନରେ 'ସମ୍ପ୍ରଦାୟ' ଶବ୍ଦଟି କେବଳ ମଣିଷ ନୁହେଁ, ସ୍ଥାନୀୟ ଉଦ୍ଭିଦ, ପ୍ରାଣୀ ଓ ପରିବେଶଗତ ସ୍ୱାସ୍ଥ୍ୟକୁ ଅନ୍ତର୍ଭୁକ୍ତ କରେ। ଧାରା ୫୧ ଏ(ଗ) ପ୍ରାକୃତିକ ପରିବେଶକୁ ସୁରକ୍ଷା ଏବଂ ଉନ୍ନତି କରିବା ନିଶ୍ଚିତ କରେ। ଉଚ୍ଚମୂଲ୍ୟ ସଂରକ୍ଷଣ ପ୍ରକଳ୍ପ ପାଇଁ ଜାତୀୟ କାମ୍ପା ପାଣ୍ଠି ଏବଂ ସିଏସଆରକୁ ଏକୀକୃତ କରିବାକୁ ଅଦାଲତ ପରାମର୍ଶ ଦେଇଥିଲେ। ଭାରତୀୟ ସମ୍ବିଧାନର ବିଧି ବ୍ୟବସ୍ଥା ଅନୁସାରେ ପରିବେଶ ସୁରକ୍ଷା କ୍ଷେତ୍ରରେ ନ୍ୟାୟପାଳିକାର ନିର୍ଣ୍ଣାୟକ ଭୂମିକା, ଭାରତର ପ୍ରାକୃତିକ ବିଭବ ଓ ପରିବେଶର ତ୍ରାଣକର୍ତ୍ତା ଭାବରେ ଏହାର ବିଜୟଯାତ୍ରା କୁହାଯାଇପାରେ।

(ସଭାପତି, ଓଡ଼ିଶା ପରିବେଶ ସମିତି)
ମୋ: ୯୭୭୭୮୦୦୪୦୮

# ଓଡ଼ିଆ ଭାଷାର ସ୍ଥିତି ଓ ଭବିଷ୍ୟତ

ରାନୀ ନାୟକ

ଆମ ଓଡ଼ିଆ ଭାଷା ଏକ ସମୃଦ୍ଧ ଭାଷା। ପୁଣି ଏହା ଶାସ୍ତ୍ରୀୟ ଭାଷାର ମୁକୁଟ ପରିଧାନ କରିଛି। ମାତୃଭାଷା ହେଉଛି ଗୋଟିଏ ଜାତିର ପରିଚୟ। ପରିଚୟ ବିନା ଗୋଟିଏ ଜାତି କେବେ ତିଷ୍ଠି ରହିପାରିବ ନାହିଁ। ସେ ପରିଚୟ ହେଉଛି ତା'ର ଅସ୍ମିତା। ଏ ଦୃଷ୍ଟିରୁ ଓଡ଼ିଆ ଏକ ଜୀବନ୍ତ ଓ ଶାସ୍ତ୍ରୀୟ ଭାଷା। କିନ୍ତୁ ଏଥିପ୍ରତି ଲୋକଙ୍କର ଯେତିକି ଆନ୍ତରିକତା ରହିବା କଥା ସେତିକି ନାହିଁ କହିଲେ ଚଳେ। ଏବେ ସମସ୍ତଙ୍କ ଚିନ୍ତାଧାରାରେ ରହିଛି ଓଡ଼ିଆ ମାଧ୍ୟମ ବିଦ୍ୟାଳୟରେ ପଢ଼ିଲେ ପିଲାମାନେ ମୂର୍ଖ ହୋଇଯିବେ ଏବଂ ଇଂରାଜୀ ମାଧ୍ୟମ ବିଦ୍ୟାଳୟରେ ପଢ଼ିଲେ ଜୀବନରେ ଉନ୍ନତି କରିବେ।

ଆମେ ସମସ୍ତେ ସଚେତନ ଯେ ଇଂରାଜୀ ପରି ଏକ ବିଦେଶୀ ଭାଷା ଆଜି ଆମ ଦେଶର ସବୁଠୁ ଦୃଢ଼ ଶକ୍ତିଶାଳୀ ଭାଷା ଭାବେ ଉଭା ହୋଇଛି। କିନ୍ତୁ ଏହା ଆପେ ଆପେ ହୋଇଯାଇନାହିଁ। ଓଡ଼ିଆକୁ ଛାଡ଼ି ଇଂରାଜୀ ଭାଷାକୁ ଶକ୍ତିଶାଳୀ କରିବା ପଛରେ ଆମର ମୁଖ୍ୟ ଭୂମିକା ରହିଛି। ଶିଶୁଟିଏ ଜନ୍ମ ହେବା ପରଠାରୁ ଯେବେ କଥା କହିବା ଆରମ୍ଭ କରେ ତାକୁ 'ମାଆ' ବଦଳରେ 'ମମ୍' ଡାକ ଶିଖାଇଥାଉ। ଓଡ଼ିଆ ବର୍ଣ୍ଣମାଳା ଶିଖାଇବା ପରିବର୍ତ୍ତେ ଇଂରାଜୀ ଶବ୍ଦ ଶିଖାଉ। ଅନ୍ୟ ଭାଷା ଶିଖିବା ଭଲ କଥା। କିନ୍ତୁ ନିଜ ଭାଷାଠାରୁ ମୁହଁ ଫେରାଇ ନେବା ମଧ୍ୟ ଉଚିତ୍ ନୁହେଁ। କଲେଜ୍ ପଢ଼ୁଆ ପୁଅଝିଅମାନେ କଥା ହେବା ସମୟରେ ଓଡ଼ିଆ କହୁଥିବେ, କିନ୍ତୁ ସେଥିରେ ପଚାଶ ପ୍ରତିଶତ ଇଂରାଜୀ ଥିବ। ତାଙ୍କୁ ପଚାରିଲେ କୁହନ୍ତି ଅନେକ ଶବ୍ଦର ଓଡ଼ିଆ ଆମେ ଜାଣିନୁ। ଏହା ତ ସତ କଥା। ସେମାନେ ଜାଣିବେ ମଧ୍ୟ କେମିତି? ଆମେ ଛୋଟବେଳୁ ଓଡ଼ିଆ ଅଭିଧାନର ପ୍ରୟୋଗ କରୁନାହାନ୍ତି। ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରରେ ଓଡ଼ିଆ ଶିକ୍ଷକଙ୍କ ମରୁଡ଼ି। ପିଲାଟି ଶିଖିବ କେଉଁଠାରୁ? ତେଣୁ ସମୟକ୍ରମେ ଓଡ଼ିଆ ପଣ ବଢ଼ିବା ବଦଳରେ ଦିନକୁ ଦିନ ଢଳି ପଡ଼ିଲା।

ଦକ୍ଷିଣ ଆଫ୍ରିକାର ପ୍ରଥମ ରାଷ୍ଟ୍ରପତି ନେଲସନ ମଣ୍ଡେଲା କହିଥିଲେ, 'ତୁମେ ଯଦି ଜଣେ ଲୋକ ସହ ସେ ବୁଝୁଥିବା କୌଣସି ଭାଷାରେ କଥା ହେବ, ତେବେ ତାହା ତା' ମସ୍ତିଷ୍କରେ ପହଞ୍ଚିବ। କିନ୍ତୁ ଯଦି ତା' ମାତୃଭାଷାରେ କଥା ହୁଅ ତେବେ ତାହା ହୃଦୟରେ ପହଞ୍ଚିବ।' ଲୋକମାନଙ୍କର ଧାରଣା ଯେ ଓଡ଼ିଆ ନ କହିଲେ ଭାଷା କ'ଣ ମରିଯାଉଛି କି? କିନ୍ତୁ ଯେଉଁମାନେ ଭାବନ୍ତି ଯେ ଭାଷା ମରେ ନାହିଁ, ସେମାନେ ଭୁଲ୍। ହାରାହାରି ପ୍ରତିବର୍ଷ ପୃଥିବୀର ଗୋଟିଏ ଗୋଟିଏ ଭାଷା ମରି ଯାଉଛି। ପୃଥିବୀରେ ପାଞ୍ଚ ହଜାରରୁ ଅଧିକ ଭାଷା ଅଛି। ଭାରତରେ ପ୍ରଚଳିତ ଭାଷାର ସଂଖ୍ୟା ପ୍ରାୟ ୧୫୦୦। ଏଥିରୁ ୨୪ଟି କୁ ସଂସ୍କୃତି ମନ୍ତ୍ରାଳୟର ମାନ୍ୟତା ମିଳିଛି। ଭାରତ ସରକାରଙ୍କ ସାହିତ୍ୟ ଏକାଡେମୀ ଏହି ଭାଷାର ଲୋକଙ୍କୁ ପ୍ରତିବର୍ଷ ପୁରସ୍କାର ଦେଇଥାଏ। ମାତ୍ର ଏଗୁଡ଼ିକ ଛଡ଼ା ଆହୁରି ଅନେକ ଭାଷା ଅଛି। ତା' ମଧ୍ୟରୁ ପ୍ରତିବର୍ଷ କିଛି କିଛି ଭାଷା ନିରୁଦ୍ଦିଷ୍ଟ ହୋଇ ଯାଉଛନ୍ତି! ଗତ କିଛିବର୍ଷ ଭିତରେ ୫୦ଟି ଆଫ୍ରିକୀୟ ଭାଷା ମରିଗଲାଣି। ତା'ମଧ୍ୟରୁ ୩ଟି ଭାଷା କେନିଆର। ଭାରତରେ ମଧ୍ୟ ସେଇଭଳି ସ୍ଥିତି ଦିନକୁ ଦିନ ଉପୁଜିବାକୁ ଲାଗିଲାଣି।

ଓଡ଼ିଆ ପଣକୁ ବାନ୍ଧି ରଖିବାକୁ ହେଲେ ଦେଶବିଦେଶରେ ନିଜର ସଂସ୍କୃତି ଓ କଳାକୀର୍ତ୍ତିକୁ ବ୍ୟକ୍ତିଗତ ସ୍ତରରେ ପ୍ରଚାର ପ୍ରସାର କରିବାକୁ ହେବ। କେବଳ ଯେ ସରକାର ଦୃଷ୍ଟି ଦେବେ ତାହା ନୁହେଁ, କାରଣ ମାତୃଭାଷା କିପରି ସୁରକ୍ଷିତ ରହିବ ଏହା ପ୍ରତ୍ୟେକ ନାଗରିକଙ୍କ କର୍ତ୍ତବ୍ୟ। ସଂସ୍କୃତ ଭାଷାର ପ୍ରଚାରପ୍ରସାର ପାଇଁ ଭାରତ ସରକାର ଶହଶହ କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି, କିନ୍ତୁ ଏହା ସତ୍ତ୍ୱେ ଏହା କ'ଣ ସାଧାରଣ ଜୀବନରେ ବ୍ୟବହାର୍ଯ୍ୟ ଭାଷା ହୋଇରହିଛି କି? ତେଣୁ ଓଡ଼ିଆ ଭାଷାର ବିକାଶ ସେତିକିବେଳେ ସମ୍ପୂର୍ଣ୍ଣ ହେବ ଯେତେବେଳେ ଜଣେ ଓଡ଼ିଆ ଭାଷାଭାଷୀ ଉପଲବ୍ଧି କରିବ ଯେ ଏହି ଭାଷା ମାଧ୍ୟମରେ ସେ ଦେଶ ଓ ବିଶ୍ୱରେ ଉପଲବ୍ଧ ସମସ୍ତ ଜ୍ଞାନ ହାସଲ କରିପାରିବ। ବିଶ୍ୱୀ ସବୁ ସାହିତ୍ୟ, ସବୁ ଦର୍ଶନ, ବିଜ୍ଞାନ ଓ କାରିଗରୀ ବିଦ୍ୟାର ପାଠ୍ୟ ଯଦି ସେ ଓଡ଼ିଆ ଭାଷାରେ ପାଇପାରିବ ତା'ହେଲେ ସେ ଓଡ଼ିଆ ଭାଷା ଉପରେ ନିର୍ଭର କରିପାରିବ।

ଏଥିପାଇଁ ଦ୍ୱିପାକ୍ଷିକ ବ୍ୟବସ୍ଥାର ପ୍ରୟୋଜନ। ପ୍ରଥମତଃ, ଏସବୁର ଅନୁବାଦ ପାଇଁ ଦକ୍ଷ ଅନୁବାଦକ ଆବଶ୍ୟକ। ଦ୍ୱିତୀୟତଃ, ଏସବୁର ଅନୁବାଦରେ ସହାୟତା ପାଇଁ କମ୍ପ୍ୟୁଟର ସଫ୍ଟୱେରଠାରୁ ଆରମ୍ଭ କରି ଭାଷାକୋଷ, ଅଭିଧାନ ସହାୟକ ଭିତ୍ତିଭୂମି ସୁଲଭ ମୂଲ୍ୟରେ ଉପଲବ୍ଧ ହେବା ଆବଶ୍ୟକ। କିନ୍ତୁ ଏସବୁ ସତ୍ତ୍ୱେ ଯଦି ମାତୃଭାଷାକୁ ମା' ଭଳି ଅନ୍ତରରୁ ସ୍ନେହ ଭାବ ନ ଦେଖାଇବା ତେବେ ସମସ୍ତ ପ୍ରୟାସ ବୃଥା। ଯଦି ଜଣେ ନିଜ ପରିଚୟ ଗୋପନ ରଖି ଅନ୍ୟ ପରିଚୟରେ ପରିଚିତ ହେବାକୁ ଆଗ୍ରହୀ, ତେବେ ସେ ଜାତିର ପରିଚୟ ଥିଲେ କେତେ ନଥାଇ କେତେ? ଯଦି ବେଳ ଥାଉ ଥାଉ ସଚେତନ ନହେବା ତେବେ ଆଗାମୀ ପିଢ଼ି ପ୍ରଶ୍ନ ଉଠାଇବେ ଓଡ଼ିଆ ଭାଷା କେଉଁ କାମକୁ ଯେ?

ଢେଙ୍କାନାଳ, ମୋ: ୭୬୦୬୯୯୬୦୫୩

# ଶୈକ୍ଷିକ-ସାହିତ୍ୟ-ସାଧକ: ରାଘବ ମିଶ୍ର

ସାହିତ୍ୟ ସରିତ୍

ପ୍ରଫେସର ମଣୀନ୍ଦ୍ର କୁମାର ମେହେର

ସୌନ୍ଦର୍ଯ୍ୟ-ଶାସ୍ତ୍ରୀମାନେ ଉଚ୍ଚକୋଟୀର ସାହିତ୍ୟ ନୀତିଶିକ୍ଷା ପ୍ରଖ୍ୟାପକ ନୁହେଁ ବୋଲି ବଳିଷ୍ଠଯୁକ୍ତି ଉପସ୍ଥାପନ କରିଛନ୍ତି। ସେଥିପାଇଁ ପାଶ୍ଚାତ୍ୟ କଳା ଓ ସାହିତ୍ୟ ଜଗତରେ ଦିନେ ବିତର୍କର ବଳୟ ସୃଷ୍ଟି କରିଥିଲା ଯେଉଁ ଦୁଇଟି ମତବାଦ ତାହା ହେଉଛି -'କଳା ପାଇଁ କଳା' ଓ 'ଜୀବନ ପାଇଁ କଳା'। ଶିକ୍ଷାପ୍ରଦ ବିଷୟ ମଧ୍ୟରେ କଳାତ୍ମକ ଅନ୍ତଃଦୃଷ୍ଟି ଅନ୍ତର୍ନିହିତ ଓ ପ୍ରକୃତ କଳାସୃଜନ ଯେ ନୀତି-ବ୍ୟଞ୍ଜକ ଏତିକି ହୃଦୟଙ୍ଗମ କରିପାରିବାର ଦୁର୍ଲଭ ହୃଦୟବତ୍ତା ଯେ ଆମ ପାଖରେ ଅନୁପସ୍ଥିତ ରହିପାରେ, ଏହା ହିଁ ହେଉଛି ବିସ୍ମୟଜନକ। ଯେଉଁମାନେ ଜଣେ ଜଣେ ଆଦର୍ଶ ଶିକ୍ଷକ, ସେମାନଙ୍କ ଦ୍ୱାରା ରଚିତ କାବ୍ୟ କବିତାକୁ ଶିକ୍ଷାଦାନଠାରୁ କଦାପି ବିଚ୍ଛିନ୍ନ କରି ବିଚାର କରାଯାଇ ନ ପାରେ। ଭକ୍ତକବି ମଧୁସୂଦନ ରାଓଙ୍କ ରଚନାରେ ତେଣୁ ଜଣେ ନୈଷ୍ଠିକ ଶିକ୍ଷକଙ୍କ ବିବେକ ପରିସ୍ପନ୍ଦିତ।

ପଣ୍ଡିତ ରାଘବ ମିଶ୍ର ସୁପାଠକଙ୍କ ନିକଟରେ ପରିଚିତ ସ୍ୱଭାବକବି ଗଙ୍ଗାଧର ମେହେରଙ୍କ ପ୍ରଥମ ଜୀବନୀ ଲେଖକ ଭାବରେ। ଏହାବ୍ୟତୀତ ତାଙ୍କର ଆଉ ଏକ ସ୍ୱତନ୍ତ୍ର ପରିଚିତି ହେଉଛି - ସେ 'କୃଷ୍ଣଭକ୍ତି ରସାମୃତମ'ର ଅନୁବାଦକ। ବଙ୍ଗୀୟ ପଣ୍ଡିତ ଶ୍ରୀଯୁକ୍ତ ତାରାକୁମାର ଶର୍ମା କବିରତ୍ନ ହେଉଛନ୍ତି ତାହାର ମୂଳ ସ୍ରଷ୍ଟା। ରାଘବ ମିଶ୍ର ଏହାକୁ ଆଧୁନିକ ଯୁଗର ଏକ ହୀରକ-ରତ୍ନ ତୁଲ୍ୟ ମନେ କରୁଥିଲେ। ପଣ୍ଡିତ ରାଘବ ମିଶ୍ର ଥିଲେ କୃଷ୍ଣ-ଭକ୍ତି-ବିହ୍ୱଳ ଏକ ବିରଳ ଭାବସତ୍ତା। ଜୀବନବ୍ୟାପୀ କୃଷ୍ଣାରାଧନାରେ ବିତାଉଥିଲେ ସେ ରସାପ୍ଲୁତ ଦିବସ-ରଜନୀ। ଗୋଟିଏ ପାର୍ଶ୍ୱରେ କୃଷ୍ଣ-କରୁଣା-କିରଣରେ ସେ ଅଶ୍ରୁସ୍ନାତ ହେଉଥିଲେ। ଅପରପକ୍ଷରେ ଗଙ୍ଗାଧର ସାହିତ୍ୟାନୁରାଗରେ ହୋଇଥିଲେ ଗଭୀର ଭାବରେ ନିମଜ୍ଜିତ। ତାଙ୍କ ରଚିତ 'ମେହେର କବି' ପୁସ୍ତକ ବ୍ୟତୀତ ଗଙ୍ଗାଧର-କୈନ୍ଦ୍ରିକ ଅନେକ ପ୍ରବନ୍ଧ ପାଠକମାନଙ୍କୁ ନେଇଯାଇଛି ଭାରତୀୟ ସଂସ୍କୃତିର ନିବିଡ଼ତମ ସ୍ତରକୁ। ପୁଣି କବିଙ୍କ ଶ୍ରାଦ୍ଧ ପାଳନ ଉପଲକ୍ଷେ ସାଶ୍ରୁଲୋଚନରେ ସମାଧିପୀଠର ରାତ୍ରିକାଳୀନ ନିସ୍ତବ୍ଧତାକୁ ସୁଦ୍ଧା କରିଦେଉଥିଲେ ସେ ଭାବଗମ୍ଭୀର ଓ ଲୋତକାପ୍ଲୁତ।

ସମାନ ଭାବରେ ପୁରାଣରେ ବର୍ଣ୍ଣିତ ଶ୍ରେଷ୍ଠ ଭକ୍ତମାନେ ତାଙ୍କୁ ଭାବାଚ୍ଛନ୍ନ କରି ଦିଅନ୍ତି। ଉଦ୍‌ବେଳିତ ହୃଦୟ ନେଇ 'ଧ୍ରୁବ' ଚରିତ୍ର ଆଧାରରେ ରଚନା କରନ୍ତି 'ବାଳଭକ୍ତ' କାବ୍ୟ। ଅଯୋଧ୍ୟାରେ ଶ୍ରୀରାମଚନ୍ଦ୍ର ରାଜା ହେବେ ବୋଲି ଘରେ ଘରେ କି ଉଲ୍ଲାସ! ତାହା କିପରି କ୍ଷଣକ ମଧ୍ୟରେ ହୋଇଯାଇଛି ମ୍ଲାନ ଓ ମଳିନ, ତାହା ବର୍ଣ୍ଣନା କରିଛନ୍ତି ସ୍ୱରଚିତ 'ହର୍ଷେ-ବିଷାଦ' କାବ୍ୟରେ। ତାଙ୍କର ସର୍ବୋତ୍କୃଷ୍ଟ କୃତି ହେଲା 'ନୀତି-ପୁଷ୍ପହାର'। ଯାହା ସେ ସର୍ଜନା କରନ୍ତି କେଉଁଠି ବା ନାହିଁ ନୈତିକ ଜୀବନର ସନ୍ଦେଶ! ତେବେ 'ନୀତି-ପୁଷ୍ପହାର'ର ସ୍ଥାନ ନିଶ୍ଚିତ ଭାବରେ ସ୍ୱତନ୍ତ୍ର। ସେଥିରୁ ଗୋଟିଏ ଦୃଷ୍ଟାନ୍ତ ହୋଇଯାଇପାରେ ଅନ୍ତର୍ଭେଦୀ, ଯଦି ତାହା ପ୍ରବେଶ କରିଯାଏ ଚେତନା ରାଜ୍ୟର ଗଭୀରତମ କକ୍ଷ ମଧ୍ୟକୁ। ଅଷ୍ଟମ ପଦଟିରେ କବି କହୁଛନ୍ତି - 'ପକ୍ୱ ଶିକ୍ଷା-ଫଳେ ଥାଏ ବିନୟ ସୁରସ, ଯା ଦିବ୍ୟ ମାଧୁର୍ଯ୍ୟ ଭବେ ସର୍ବଜନ ବଶ' / 'ସହଜେ ବିନୟ କରେ କ୍ରୋଧକୁ ଦମନ, ସର୍ବତ୍ର ସମ୍ମାନ ଲଭେ ବିନୟୀ ଯେ ଜନ'।

ଏ ପୁସ୍ତକର ନାମକରଣ ହିଁ ହେଉଛି ନୈତିକତା ଓ ନାନ୍ଦନିକତାର ଏକ ସୁନ୍ଦର ସମନ୍ୱୟ। ନୀତି ହେଉଛି ସୁଶିକ୍ଷା ଦାନର ସଂକେତ। ଆଉ ପୁଷ୍ପହାର ହେଉଛି ସୌନ୍ଦର୍ଯ୍ୟ-ସୂଚକ। ନୈତିକ ଜୀବନ ଯେ ଏକ ଆକର୍ଷଣୀୟ ପୁଷ୍ପମାଳାରେ ପରିଣତ ହୋଇଯାଇପାରେ, ତାହାର ନିଗୂଢ଼ ରହସ୍ୟ ଉନ୍ମୋଚନ କରି ଦେଇଛନ୍ତି କବି। ଯେଉଁ ଜୀବନରେ ସତ୍ୟର ପ୍ରଦୀପ ପ୍ରଜ୍ୱଳିତ, ମାଙ୍ଗଲ୍ୟର ଶଙ୍ଖଧ୍ୱନି ନିନାଦିତ, ତାହା ହିଁ ଯେ ପ୍ରକୃତରେ ସୌନ୍ଦର୍ଯ୍ୟମୟ ଏହା କେତେ ସୁବୋଧ ଓ ସରଳ ଭାଷାରେ ବୁଝାଇଦେଇ ପାରନ୍ତି ସେ। ଆମେ ସ୍ଥିର ଚିତ୍ତରେ ଚିନ୍ତା କଲେ ହୃଦୟଙ୍ଗମ କରିପାରିବା ଯେ, ଶିକ୍ଷକଠାରୁ ବଡ଼ ନନ୍ଦନତତ୍ତ୍ୱବିତ ଆଉ କିଏ ଅଛି? କେଉଁପ୍ରକାର କଳା ଶିକ୍ଷାଦାନରେ ହିଁ ପୂର୍ଣ୍ଣତା ପ୍ରାପ୍ତ ନ ହୋଇଛି? ଶୈକ୍ଷିକ-ଚେତନା-ଭିତ୍ତିକ ସାହିତ୍ୟ ହିଁ ହୃଦୟକୁ ପ୍ରବେଶ କରିପାରେ। ଜୀବନର ମୋଡ଼ ପରିବର୍ତ୍ତନ କରିଦେଇପାରେ। ଅଶାନ୍ତି ଭିତରେ ଶାନ୍ତିର, ହିଂସା ଭିତରେ ପ୍ରେମର, ଅଜ୍ଞାନତାର ଅନ୍ଧକାର ଭିତରେ ଜ୍ଞାନର ପଥ ପ୍ରଦର୍ଶନ କରିଦେଇପାରେ। ସାରା ସଂସାର ଯଦି ନୀତି-ଭ୍ରଷ୍ଟ, ତା'ହେଲେ ବି ସୁନୀତି-ଶୁଦ୍ଧ ଜୀବନ ବଞ୍ଚିବା ସକାଶେ ସେଇ ସାହିତ୍ୟ ଦେଇ ପାରେ ଅମାପ ସାହସ, ଅସୀମ ଶକ୍ତି। ପଣ୍ଡିତ ରାଘବ ମିଶ୍ର ହେଉଛନ୍ତି ସେଇ ଶୀର୍ଷସ୍ତରର ସାହିତ୍ୟ ସାଧକ।

ଭୁବନେଶ୍ୱର, ମୋ: ୭୦୭୭୫୫୩୭୦୭

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ଶିମିଳିପାଳରେ କୁମ୍ଭୀର ଗଣନା

ବାରିପଦା,୭।୧(ସମିସ): ଶିମିଳିପାଳ ଅଭୟାରଣ୍ୟରେ ମଙ୍ଗଳବାରଠାରୁ କୁମ୍ଭୀର ଗଣନା ଆରମ୍ଭ ହୋଇଛି। ୮ତାରିଖ ପର୍ଯ୍ୟନ୍ତ ତିନିଦିନିଆ କୁମ୍ଭୀର ଗଣନା ପ୍ରକ୍ରିୟା ଜାରି ରହିବ ବୋଲି ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ କର୍ତ୍ତୃପକ୍ଷଙ୍କ ପକ୍ଷରୁ ସୂଚନା ଦିଆଯାଇଛି। କୁମ୍ଭୀର ଗଣନା ପ୍ରକ୍ରିୟାରେ ଶିମିଳିପାଳ ଅଭୟାରଣ୍ୟ ଏବଂ ଶିମିଳିପାଳ ପାଦଦେଶରେ ନଦୀ ଓ ନାଳ ଆଦି ୮ଟି ଜଳଉତ୍ସର ୨୦ଟି ସ୍ଥାନରେ କରାଯାଉଛି। ୱେଷ୍ଟ ଦେଓ, ଇଷ୍ଟ ଦେଓ, ଖଇରୀ, ଖଡ଼ଖାଇ, ଠକଠକି ନଦୀ, ସାଳନ୍ଦୀ ନଦୀ ଓ ଖଡ଼ଖାଇ ନାଳ, ବୁଢ଼ାବଳଙ୍ଗ ଆଦି ନଦୀ କୂଳ ସମେତ ରାମତୀର୍ଥସ୍ଥିତ କୁମ୍ଭୀର ପ୍ରଜନନ କେନ୍ଦ୍ରକୁ ମିଶାଇ ପ୍ରାୟ ୨୬ଟି ବିସ୍ତାରିତ ସ୍ଥାନରେ କୁମ୍ଭୀର ଗଣନା କରାଯାଉଥିବା ବୋଲି ସୂଚନା ମିଳିଛି। ଉକ୍ତ ଗଣନାରେ ଉତ୍ତର ଓ ଦକ୍ଷିଣ ଶିମିଳିପାଳର ଗୋଟିଏ ରେଞ୍ଜକୁ ମିଶାଇ ସମୁଦାୟ ୧୬ଟି ରେଞ୍ଜରେ ଗଣନା ହେଉଛି। ପ୍ରତି ରେଞ୍ଜରେ କୁମ୍ଭୀର ଗଣନା ପାଇଁ ବନ କର୍ମଚାରୀ ନିୟୋଜିତ କରାଯାଇଛି। ପ୍ରତି ଟିମ୍‌ରେ ରେଞ୍ଜର, ଫରେଷ୍ଟର ଓ କର୍ମଚାରୀ ରହିବେ। ସମୁଦାୟ ୩୦ ଟିମ୍‌ରେ ୧୦୦ରୁ ଉର୍ଦ୍ଧ୍ୱ କର୍ମଚାରୀ ଉକ୍ତ କୁମ୍ଭୀର ଗଣନା କାର୍ଯ୍ୟରେ ନିୟୋଜିତ ଅଛନ୍ତି। ଶିମିଳିପାଳ ଓ ଆଖପାଖ ଅଞ୍ଚଳରେ ଅଧିକ ଗୋମୁହାଁ ପ୍ରଜାତିର କୁମ୍ଭୀର ଦେଖାଯାଇଥା'ନ୍ତି। ଏନେଇ ବନ କର୍ମଚାରୀଙ୍କ ଏକ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଅଧିକାରୀଙ୍କ ଉପସ୍ଥିତିରେ ଶିମିଳିପାଳ ଅଭୟାରଣ୍ୟର ବିଭିନ୍ନ ରେଞ୍ଜର ବନ କର୍ମଚାରୀମାନଙ୍କୁ ତାଲିମ ପ୍ରଦାନ କରାଯାଇଥିଲା। ରିପୋର୍ଟ ଅନୁଯାୟୀ, ୨୦୨୧ ଗଣନାରେ ୮୧ଟି, ୨୦୨୨ ଗଣନାରେ ୮୩ଟି, ୨୦୨୩ ଗଣନାରେ ୮୬ଟି କୁମ୍ଭୀର ଶିମିଳିପାଳ ଅଭୟାରଣ୍ୟରେ ଥିବାବେଳେ ୨୦୨୪ ଗଣନାରେ ୪ଟି କୁମ୍ଭୀର ସଂଖ୍ୟା ହ୍ରାସ ପାଇ ମୋଟ୍ ୮୨ଟି କୁମ୍ଭୀର ରହିଥିବାର ଜଣାପଡ଼ିଥିଲା। ଚଳିତ ବର୍ଷ ଗଣନାରେ କୁମ୍ଭୀରଙ୍କ ସଂଖ୍ୟା ବୃଦ୍ଧି ପାଇବା ନେଇ ବନ ବିଭାଗ ପକ୍ଷରୁ ଆଶାବ୍ୟକ୍ତ କରାଯାଇଛି।



# ସାଧାରଣତନ୍ତ୍ର ଦିବସ ପାଳନ ପ୍ରସ୍ତୁତି ବୈଠକ

- ରାଜ୍ୟ ସ୍ତରୀୟ ସମାରୋହରେ ରାଜ୍ୟପାଳ ହେବେ ମୁଖ୍ୟ ଅତିଥି
- ଡାକବାଜି ଯନ୍ତ୍ର ମାଧ୍ୟମରେ ସାରା ରାଜଧାନୀରେ ବାଜିବ ରାମଧୁନ୍
- ଆଲୋକମାଳାରେ ସଜ୍ଜିତ ହେବ କେନ୍ଦ୍ର ଓ ରାଜ୍ୟ ସରକାରୀ କୋଠା

ଭୁବନେଶ୍ୱର,୭।୧(ସମିସ): ଭୁବନେଶ୍ୱର ଗାନ୍ଧୀ ମାର୍ଗରେ ଆସନ୍ତା ୨୬ ତାରିଖରେ ପାଳନ ହେବାକୁ ଥିବା ରାଜ୍ୟ ସ୍ତରୀୟ ସାଧାରଣତନ୍ତ୍ର ଦିବସ ସମାରୋହରେ ରାଜ୍ୟପାଳ ଡଃ ହରିବାବୁ କମ୍ଭମ୍‌ପାଟି ମୁଖ୍ୟ ଅତିଥି ଭାବେ ଯୋଗଦେଇ ପରେଡ୍ ଅଭିବାଦନ ଗ୍ରହଣ କରିବେ। ସମାରୋହକୁ ସରସସୁନ୍ଦର କରିବା ପାଇଁ ରାଜଧାନୀର ବିଭିନ୍ନ ସ୍ଥାନରେ ଡାକବାଜି ଯନ୍ତ୍ରରେ ରାମ୍‌ଧୁନ୍ ପରିବେଷଣ କରାଯିବ। ଏଥିସହିତ ରାଜଧାନୀର ସମସ୍ତ କେନ୍ଦ୍ର ଓ ରାଜ୍ୟ ସରକାରୀ କାର୍ଯ୍ୟାଳୟ କୋଠାଗୁଡ଼ିକୁ ଆଲୋକମାଳାରେ ସଜ୍ଜିତ କରାଯିବ। ରାଜ୍ୟସ୍ତରୀୟ ସାଧାରଣତନ୍ତ୍ର ଦିବସ-୨୦୨୬ ପାଳନ ପରିପ୍ରେକ୍ଷୀରେ ବୁଧବାର ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି।

ବୈଠକରେ ଅଧ୍ୟକ୍ଷତା କରି ବିଭାଗୀୟ ଅତିରିକ୍ତ ମୁଖ୍ୟ ସଚିବ ହେମନ୍ତ ଶର୍ମା କହିଛନ୍ତି, ସାଧାରଣତନ୍ତ୍ର ଦିବସ ହେଉଛି ସମସ୍ତଙ୍କ ପାଇଁ ଗର୍ବ, ଗୌରବ ଓ ଭାବବେଗର ପ୍ରତୀକ। ଏହି ସମାରୋହକୁ ଶୃଙ୍ଖଳିତ, ଆଧୁନିକ ଓ ଆକର୍ଷଣୀୟ ଭାବରେ ପାଳନ କରିବାକୁ ଶ୍ରୀ ଶର୍ମା ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ। ପରେଡ୍, ସାଜସଜ୍ଜା, ଆମନ୍ତ୍ରିତ ଅତିଥିଙ୍କ ଉପବେସନ ବ୍ୟବସ୍ଥା, ସୁରକ୍ଷା, ସମୟାନୁବର୍ତ୍ତିତା ଓ ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ଉପରେ ଗୁରୁତ୍ୱ ଦିଆଯିବା ସହ ଭୁବନେଶ୍ୱରର ବିଭିନ୍ନ ଅଞ୍ଚଳ, ପାର୍କ ଓ ବସ୍‌ଷ୍ଟାଣ୍ଡ ଆଦି ସ୍ଥାନରେ ଡାକବାଜି ଯନ୍ତ୍ର ମାଧ୍ୟମରେ ସକାଳେ ରାମଧୁନ୍ ପରିବେଷଣ କରାଯିବ। ସେହିପରି ପତାକା ଉତ୍ତୋଳନ ସ୍ଥଳରେ ଆନୁଷଙ୍ଗିକ ବ୍ୟବସ୍ଥା ଗ୍ରହଣ, ଟିଭି ଓ ସାମାଜିକ ଗଣମାଧ୍ୟମ ଯୋଗେ ସିଧା ପ୍ରସାରଣ, ଉତ୍ସବ ସ୍ଥଳର ସାଜସଜ୍ଜା ଓ ପ୍ରଜ୍ଞାପନ ମେଢ଼ ଆଦି ବିଷୟକୁ ଗୁରୁତ୍ୱ ଦିଆଯିବା ସହ ସାଧାରଣତନ୍ତ୍ର ଦିବସ ପାଳନକୁ ଜିଲ୍ଲା ଓ ଉପଖଣ୍ଡ ସ୍ତରରେ ଅଧିକ ଆକର୍ଷଣୀୟ ଓ ସୁବ୍ୟବସ୍ଥିତ କରିବା ପାଇଁ ଆବଶ୍ୟକ ଅର୍ଥ ବ୍ୟବସ୍ଥା ବୃଦ୍ଧି କରାଯିବ ବୋଲି ବୈଠକରେ ଆଲୋଚନା ହୋଇଛି। ବୈଠକରେ ବିଭାଗର ନିର୍ଦ୍ଦେଶକ ଅନୁଜ କୁମାର ଦାସପଟ୍ଟନାୟକ, ଅତିରିକ୍ତ ଶାସନ ସଚିବ ଅଶୋକ କୁମାର ବେହୁରିଆ, ନିର୍ଦ୍ଦେଶକ (ବୈଷୟିକ) ଗୁର୍‌ବୀର୍ ସିଂ, ଉପନିର୍ଦ୍ଦେଶକ ସୁଚେତା ପ୍ରିୟଦର୍ଶିନୀଙ୍କ ସମେତ ବିଭାଗୀୟ ବରିଷ୍ଠ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଏପ୍ରିଲରୁ ଓଡ଼ିଶାରେ...

ନେଇପାରିବେ ନାହିଁ ବୋଲି ସୂଚନା ମିଳିଛି। ଜନଗଣନା ପ୍ରକ୍ରିୟାକୁ ଶୃଙ୍ଖଳିତ କରିବା ପାଇଁ ପ୍ରାୟ ଲକ୍ଷାଧିକ ଅଧିକାରୀ ନିୟୋଜିତ ରହିବେ ବୋଲି ସେ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ ଯେ ଜନଗଣନାର ପ୍ରଥମ ପର୍ଯ୍ୟାୟ ପୂର୍ବରୁ ଗତ ନଭେମ୍ବର ମାସରେ ସରକାର ଏଥିପାଇଁ ପ୍ରାକ୍- ପରୀକ୍ଷଣ ଆରମ୍ଭ କରିଥିଲେ। ଦୁଇଟି ଜିଲ୍ଲାର ୬୪ଟି ରାଜସ୍ୱ ଗ୍ରାମ ଏବଂ ୨ଟି ମହାନଗର ନିଗମ ଅନ୍ତର୍ଗତ ୨ଟି ୱାର୍ଡରେ ଗୃହଗଣନା ଓ ଗୃହତାଲିକା ପ୍ରସ୍ତୁତି କରାଯାଇଥିଲା।

ଆଜି ଅନୁଷ୍ଠିତ ବୈଠକ ପରେ ଉନ୍ନୟନ କମିସନର ଦେଓରଞ୍ଜନ କୁମାର ସିଂ ଭିସି ଯୋଗେ ସମସ୍ତ ଜିଲ୍ଲାପାଳ ଏବଂ କମିଟି ସଦସ୍ୟଙ୍କ ସହ ଆଲୋଚନା କରିଛନ୍ତି। ଏହାସହ ଆସନ୍ତା ୨୦୨୭ ଫେବୃୟାରୀ ମାସ ୯ ରୁ ୨୮ ତାରିଖ ପର୍ଯ୍ୟନ୍ତ ଜନ ଗଣନା ଅନୁଷ୍ଠିତ ହେବ ଏବଂ ମାଚ୍ଚ ୧ ରୁ ୫ ପର୍ଯ୍ୟନ୍ତ ପୁନଃ ଅବଲୋକନ (ରିଭିଜନାଲ ରାଉଣ୍ଡ) ଅନୁଷ୍ଠିତ ହେବା ନେଇ ନିର୍ଦ୍ଧାରିତ ରହିଥିବା ବୈଠକରେ ସେ ସୂଚନା ଦେଇଛନ୍ତି ।

### 'ଏସ୍‌ମା'କୁ ଓମ୍‌ସାର...

ମିଶ୍ର କହିଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି ଯେ ସମସ୍ୟାର ସମାଧାନ ପାଇଁ ମୁଖ୍ୟମନ୍ତ୍ରୀ ହସ୍ତକ୍ଷେପ କରନ୍ତୁ ବୋଲି ଓମ୍‌ସା ବାରମ୍ବାର ଦାବି କରୁଛି। ମାତ୍ର ମୁଖ୍ୟମନ୍ତ୍ରୀ ଆମ ଦାବିକୁ ଶୁଣୁନାହାନ୍ତି। ମୁଖ୍ୟମନ୍ତ୍ରୀ କାହିଁକି ଡାକ୍ତରମାନଙ୍କୁ ଭଲ ପାଉନାହାନ୍ତି, ସେ ଉତ୍ତର ଆମ ପାଖରେ ନାହିଁ। ତେବେ ସରକାରଙ୍କ ନିଷ୍ପତ୍ତିରେ ଆମେ ଦବିଯିବୁ ନାହିଁ। ସତ୍ୟ, ନ୍ୟାୟ, ଅଧିକାର ତଥା ଆମର ନିରାପତ୍ତା ପାଇଁ ଆମେ ଆମର ଆନ୍ଦୋଳନ ଜାରି ରଖିବୁ ବୋଲି ଡାକ୍ତର ମିଶ୍ର ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ ଯେ ୧୦ ଦଫା ଦାବି ନେଇ ଓମସା ଗତ ୨୬ ତାରିଖରୁ ପ୍ରଥମେ ଏକ ଘଣ୍ଟିଆ ଓପିଡି ସେବା ବର୍ଜନ ଏବଂ ୫ ତାରିଖରୁ ୨ ଘଣ୍ଟିଆ ଓପିଡି ସେବା ବର୍ଜନ କରିଆସୁଛି। ସରକାର ସଂଘର ଦାବି ପୂରଣ ନେଇ ଏକ ସଚିବସ୍ତରୀୟ କମିଟି ଗଠନ କରିଥିଲେ ହେଁ, ସମସ୍ୟାର ସମାଧାନ ଏଯାବତ୍ ବାହାରି ପାରିନାହିଁ।

### ଗଞ୍ଜେଇ ମାଫିଆଙ୍କ...

ହୋଇଥିଲେ। ଏହି କାରବାର ମାଷ୍ଟର ମାଇଣ୍ଡ ଆଶିଷ କୁମାର ଦିଗାଲ ଜଡିତ ଥିବା ନେଇ ଜଣାପଡିବା ପରେ ଗିରଫ କରିଥିଲା ସଦର ପୁଲିସ। ଘଟଣାର ବିଭିନ୍ନ ଦିଗରୁ ତଦନ୍ତ କରିବା ପରେ ଆଶିଷ ସମେତ ସମ୍ପର୍କୀୟ ରାନୁ ଦିଗାଲ, ସୁନାମତି ଦିଗାଲ, ପ୍ରମୋଦ ଦିଗାଲ, ସୁଦେସନ ଦିଗାଲ ଓ ସାନ୍ତୁନୁ ସାହୁଙ୍କ ନାମରେ ବହୁ ବେଆଇନ ସମ୍ପତ୍ତିଥିବା ଜାଣିବାକୁ ପାଇଥିଲା ପୁଲିସ ଓ ବେଆଇନ ସମ୍ପତି ଠାବ କରିଥିଲା। ସମୁଦାୟ ୬ ଆକାଉଣ୍ଟ, ୭ ବେଆଇନ ଘର ଆଉ ଜମି, ବହୁ କାର ଓ ବାଇକ, ସୁନା ରୁପା, ଘର ଆସଭାବପତ୍ର ସହ ଏକ ରେଷ୍ଟୁରେଣ୍ଟ ବ୍ୟାଜାପ୍ତ କରାଯାଇଛି। ଏହାର ମୂଲ୍ୟ ୪କୋଟି ୫୯ଲକ୍ଷ ୩୯ ହଜାର ୧୧୧ ଟଙ୍କା ହେବ ବୋଲି ବିଭାଗ ଚିଠିରେ ଦର୍ଶାଇଛି। ପ୍ରାୟ ଦୁଇ ଲକ୍ଷ କୋଡ଼ିଏ ହଜାର ନଅ ସହ ଛୟାଳିଶ ଟଙ୍କା ଥିବା ୬ ଆକାଉଣ୍ଟକୁ ଅଚଳ କରିବା ପାଇଁ ନିର୍ଦ୍ଦେଶ ଥିବାବେଳେ ତିନି କୋଟି ୪୮ଲକ୍ଷ ୨୯ ହଜାର ୬୪୩ ଟଙ୍କାର ୭ଟି ବେଆଇନ ଘର ଆଉ ଜମି, ୫୭ଲକ୍ଷ୪୮ହଜାର୮ସହ ୯୩ ଟଙ୍କାର ଗାଡି , ୫୧ ଲକ୍ଷ ୩୯ହଜାର୬୨୯ ଟଙ୍କାର ସୁନାରୁପା,ବକ୍ସ ଖଟ, ଏସି, ସୋଫା ସମତେ ନଗଦ ଟଙ୍କା ଜବତ କରିବା ପାଇଁ ନର୍ଦ୍ଦେଶ ଦେଇଛି ମନ୍ତ୍ରଣାଳୟର ରାଜସ୍ୱ ବିଭାଗ। ସୂଚନାଯୋଗ୍ୟ, ଗଞ୍ଜେଇ କାରବାରରେ ସମ୍ପୃକ୍ତ ଅଭିଯୁକ୍ତ ମାନଙ୍କ ବିରୋଧରେ ଏଭଳି କାର୍ଯ୍ୟାନୁଷ୍ଠାନ କେବଳ କନ୍ଧମାଳ ଜିଲ୍ଲା ନୁହେଁ ବରଂ ରାଜ୍ୟରେ ପ୍ରଥମ। ଏଭଳି ଅନ୍ୟ ମାନଙ୍କ ସମ୍ପତ୍ତି ଆକଳନ ସମ୍ପର୍କରେ ଯାଞ୍ଚ ଚାଲିଥିବା ଏବଂ ଆଗକୁ ଅଧିକ କାର୍ଯ୍ୟାନୁଷ୍ଠାନ ପାଇଁ ପୁଲିସର ପ୍ରୟାସ ଜାରୀ ରହିଥିବା କନ୍ଧମାଳ ଏସପି ହରିଶ ବି ସ କହିଛନ୍ତି।

### ଲୋକଙ୍କୁ କାଳ...

ପ୍ରଦୂଷଣ ପ୍ରମାଣପତ୍ର ବାଧକ ହୋଇ ନ ଥାନ୍ତା, ତେବେ ହୁଏତ ଆଜି ଶୀଳା ଜୀବିତ ଥାଆନ୍ତେ। ପରିବହନ ବିଭାଗର 'ଅନ୍ଧ ନୀତି' ହିଁ ଶୀଳାଙ୍କ ଜୀବନ ନେଇଛି ଓ ତାଙ୍କର ପୁଅଟିକୁ ମା' ଛେଉଣ୍ଡ କରିଛି ବୋଲି ମଧ୍ୟ ଅଭିଯୋଗ ହୋଇଛି।

ଗୋଟିଏ ଅପରାଧ ପାଇଁ ଜଣେ ଥରେ ଦଣ୍ଡିତ ହୋଇପାରେ, ମାତ୍ର ଏକାଧିକ ଦଣ୍ଡରେ ଦଣ୍ଡିତ କରିବା ମଧ୍ୟ ଆଇନଗତ ଅପରାଧ। ରାଜ୍ୟ ସରକାରଙ୍କ ପରିବହନ ବିଭାଗ କୌଣସି ନୀତି ଓ ନିୟମ ପ୍ରଣୟନ କରିବା ପୂର୍ବରୁ ସାଧାରଣ ଲୋକଙ୍କ ସ୍ୱାର୍ଥକୁ ଧ୍ୟାନ ଦେବା ମଧ୍ୟ ଆବଶ୍ୟକ। ରାଜ୍ୟରେ ଲୋକଙ୍କ ସରକାର ଚାଲିଥିବା କୁହାଯାଉଛି, ମୁଖ୍ୟମନ୍ତ୍ରୀ ନିଜକୁ ଲୋକଙ୍କ ମୁଖ୍ୟମନ୍ତ୍ରୀ ବୋଲି କହୁଛନ୍ତି। ମାତ୍ର ସାଧାରଣ ଲୋକମାନେ ହେଉଥିବା କଲବଲ ପ୍ରତି ଆଖି ବୁଜି ଦେଇଥିବା ସରକାର 'ଲୋକଙ୍କ ସରକାର' ବୋଲି ପ୍ରଚାର କେବଳ ପ୍ରହସନ ବୋଲି ଲୋକମାନେ ଅଭିଯୋଗ କରିଛନ୍ତି।

ସାମାଜିକ ଗଣମାଧ୍ୟମରେ ଗୋଟିଏ ୱାଗନ୍ ଆର୍ ଗାଡ଼ି ଉପରେ ୩୬ ଲକ୍ଷ ଟଙ୍କାର ଚାଲାଣ ହୋଇଥିବା ପ୍ରଚାରିତ ହେଉଛି। ପୁରୀରୁ ଜଣେ ଗାଡ଼ି ମାଲିକ ବାରିପଦା ଯାଇ ପ୍ରତ୍ୟାବର୍ତ୍ତନ କରିବା ବେଳକୁ ତାଙ୍କ ଗାଡ଼ି ଉପରେ ୬୦ ହଜାର ଟଙ୍କାର ଚାଲାଣ ଭିଡ଼ା ଯାଇଛି। ବାହନ ଓ ଏମ୍ ପରିବହନ ଆପ୍ ମଧ୍ୟରେ ସମନ୍ୱୟ ନ ଥିବା ଯୋଗୁଁ ପ୍ରଦୂଷଣ ଓ ବୀମା ପ୍ରମାଣପତ୍ର ଥିବା ସତ୍ତ୍ୱେ ଗୋଟିଏ ଗୋଟିଏ ଗାଡ଼ି ଉପରେ ୩୦ରୁ ୪୦ ହଜାର ଟଙ୍କା ପର୍ଯ୍ୟନ୍ତ ଚାଲାଣ କଟା ଯାଇଛି। କାର୍ ମାଲିକଙ୍କୁ ହେଲମେଟ୍ ନ ପିନ୍ଧିବା ଦଣ୍ଡ ପାଇଁ ଚାଲାଣ ଆସୁଛି, ମୋଟର ବାଇ୍ ଚାଳକଙ୍କ ନାମରେ ସିଟ୍ ବେଲ୍ଟ ନ ପିନ୍ଧିବା ନିମନ୍ତେ ଦଣ୍ଡ ମିଳୁଛି।

ଅନ୍ୟପକ୍ଷରେ ପ୍ରଶାସନିକ ଅପାରଗତା, ମନ୍ତ୍ରୀ-ବିଧାୟକଙ୍କ ବେତନ ବୃଦ୍ଧି, ଏୟାରଷ୍ଟ୍ରିପ୍‌ରେ ହୋମଗାଡର୍ ପରୀକ୍ଷା, ଟ୍ରେନ୍ ଶୌଚାଳୟରେ କ୍ରୀଡ଼ାବିତ୍‌ଙ୍କ ଯାତାୟତ, ଧାନ କିଣାରେ ଯାବତୀୟ ବିଶୃଙ୍ଖଳା, ଡ଼ାକ୍ତରଙ୍କ ଆନ୍ଦୋଳନ, ରାଜ୍ୟରେ କ୍ରମବର୍ଦ୍ଧିଷ୍ଣୁ ମହିଳା ବିରୋଧୀ ହିଂସା, ଗଣ ଦୁଷ୍କର୍ମ ଆଦି ଘଟଣାଗୁଡ଼ିରୁ ଲୋକଙ୍କ ନଜର ହଟାଇବା ପାଇଁ ଜାଣିଶୁଣି ଲୋକଙ୍କୁ ପ୍ରଦୂଷଣ ପ୍ରମାଣପତ୍ର ଯାତନା ମଧ୍ୟକୁ ଠେଲି ଦିଆଯାଇଛି। ପୁଲିସ ଓ ଟ୍ରାଫିକ୍‌କୁ ଦିଆଯାଇଥିବା 'ଟାର୍ଗେଟ'ରେ ସାଧାରଣ ଲୋକ ହିଁ ଟାର୍ଗେଟ ହୋଇଛନ୍ତି।

### ଫେବୃଆରୀ ପହିଲାରେ...

ବୋଲି ଅନେକ ରିପୋର୍ଟ ମାନ ପ୍ରକାଶ ପାଉଥିଲା। କମିଟି ଦିନ ଧାର୍ଯ୍ୟ କରିବା ପରେ ତାହା ଉପରୁ ସଂଶୟ ହଟିଛି। ଆଜି ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହଙ୍କ ଅଧ୍ୟକ୍ଷତାରେ ରାଜନୈତିକ ବ୍ୟାପାର କ୍ୟାବିନେଟ୍ କମିଟି ବୈଠକ ବସିଥିଲା। ସେଥିରେ ସଂସଦର ଆଗାମୀ ବଜେଟ୍ ଅଧିବେଶନ ପାଇଁ ତାରିଖ ପ୍ରସ୍ତାବିତ ହୋଇଥିଲା। ବଜେଟ୍ ଅଧିବେଶନର ପ୍ରଥମ ଭାଗ ଜାନୁଆରୀ ୨୮ରୁ ଫେବୃଆରୀ ୧୩ ପର୍ଯ୍ୟନ୍ତ ଚାଲିବ, ଯେତେବେଳେ କି ଦ୍ୱିତୀୟ ଭାଗ ମାର୍ଚ୍ଚ ୯ ରୁ ଏପ୍ରିଲ୍ ୨ ପର୍ଯ୍ୟନ୍ତ ଚାଲିବ। ବଜେଟ୍ ଅଧିବେଶନର ଦ୍ୱିତୀୟାର୍ଦ୍ଧରେ ଅନୁଦାନ ଦାବି ଏବଂ ଅର୍ଥ ବିଲ୍ ମଞ୍ଜୁର ହେବ। ରାଷ୍ଟ୍ରପତିଙ୍କ ଅଭିଭାଷଣ ସହିତ ଜାନୁଆରୀ ୨୮ରେ ସଂସଦ ଆରମ୍ଭ ହେବ। ୨୯ ତାରିଖରେ ଅର୍ଥନୈତିକ ସର୍ଭେ ରିପୋର୍ଟ ଉପସ୍ଥାପିତ ହେବ।

### ସରକାରଙ୍କୁ ମିଲରଙ୍କ...

ରାଜ୍ୟରେ ମିଲ୍ ସ୍ୱାଭାବିକ ହେବ ବୋଲି ସଂଘ କହିଛି।

ବର୍ତ୍ତମାନ ରାଜ୍ୟରେ ୧୪୧୮ ରାଇସ ମିଲ କାର୍ଯ୍ୟ କରୁଛି। ରାଜ୍ୟ ସରକାରଙ୍କ ଉପରେ ୩୩୦ କୋଟି ଟଙ୍କା ବାକି ପଡ଼ିଛି। ପ୍ରାଥମିକ ପର୍ଯ୍ୟାୟରେ ଦୁଇ ଆର୍ଥିକ ବର୍ଷର ପ୍ରାୟ ୧୫୦ କୋଟି ବାକି ଟଙ୍କା ସରକାର ପୈଠ କରିବାକୁ ପ୍ରତିଶୃତି ଦେଇଛନ୍ତି। ମଣ୍ଡିରୁ ମିଲକୁ ଧାନ ଆସିବା ଏବଂ ମିଲରୁ ବିଭିନ୍ନ ଗୋଦାମକୁ ଧାନ ଯିବା ପରିବହନ ଖର୍ଚ୍ଚ ବାବଦରେ ବିଭାଗ ଅନୁଧ୍ୟାନ କରି ନିଷ୍ପତ୍ତି ନେବ ବୋଲି କହିଛି। ପୂର୍ବରୁ ୪୦ କିଲୋମିଟରରୁ ଅଧିକ ପାଇଁ ପ୍ରତି କିଲୋମିଟରକୁ କ୍ୱିଣ୍ଟାଲ ପିଛା ପିଛା ୪୩ ପଇସା ମିଳୁଥିଲା, ଏବେ ତାକୁ ୨୮ ପଇସାକୁ ହ୍ରାସ କରାଯାଇଛି। ଯାହାକୁ ସଂଘ ବିରୋଧ କରି ଆସୁଛି। ଅଧିକ ନ ହେଲେ ନାହିଁ ଯେତିକି ପଇସା ଥିଲା ସେତିକି ଦେବା ପାଇଁ ସଙ୍ଘ ଦାବି କରିଛି। ସେହିପରି ଅରୁଆ ଧାନ ପାଇଁ ୧୭ ପ୍ରତିଶତ ଧାନ କିଣା ହୁଏ। ହେଲେ ଚାଉଳ ୧୪ ପ୍ରତିଶତ ବିକ୍ରି ହୁଏ। ସେଥିପାଇଁ ୩ ପ୍ରତିଶତ କ୍ଷତି ସହିବାକୁ ପଡ଼ିଥାଏ। ସେଥିରୁ ସରକାର ପୂର୍ବରୁ ୧ ପ୍ରତିଶତ କ୍ଷତିପୂରଣ ଦେଉଥିଲେ। ଏବେ ତାକୁ ୦.୭୮ ପ୍ରତିଶତ କରାଯାଇଛି। ପୂର୍ବ ଅନୁସାରେ କ୍ଷତିଭରଣା ପାଇଁ ସଙ୍ଘ ଦାବି କରି ଆସୁଛି। ଆସନ୍ତା ୧୫ ଦିନ ମଧ୍ୟରେ ଏହି କ୍ଷେତ୍ରରେ ଯାହା ନିଷ୍ପତ୍ତି ନିଆଯିବ ସେହି ଅନୁଯାୟୀ କାର୍ଯ୍ୟକ୍ରମ ଗ୍ରହଣ କରାଯିବ ବୋଲି ସଂଘ କହିଛି।

ଅନ୍ୟପଟେ ବୁଧବାର ସକାଳେ ଯୋଗାଣମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି, ରାଜ୍ୟର ଧାନ କିଣା ସ୍ୱାଭାବିକ ହୋଇଛି। ୪ ଦଫାରୁ ୨ ଦଫା ଦାବି ପୂରଣ ପାଇଁ ସରକାର ପ୍ରସ୍ତୁତ ଅଛନ୍ତି। ମିଲର ସଂଘ ଓ ସରକାରଙ୍କ ମଧ୍ୟରେ ଆଲୋଚନା ସଫଳ ହୋଇଛି। ଏବେ ସୁଦ୍ଧା ୧୯ଟି ଜିଲ୍ଲାରୁ ଧାନ କିଣା ଆରମ୍ଭ ହୋଇଛି। ଏଥିସହ ରାଜ୍ୟ ସରକାରଙ୍କର ପକ୍ଷରୁ ନିର୍ଦ୍ଦେଶନାମା ଜାରି ହୋଇଛି। ଏହି ନିର୍ଦ୍ଦେଶାନାମା ଅନୁସାରେ ୧୯ଟି ଜିଲ୍ଲାରେ ଆଜି ସୁଦ୍ଧା ୩ ଲକ୍ଷ ୧୫ ହଜାର ୪୩୧ ଚାଷୀଙ୍କ ଠାରୁ ୧୩ ଲକ୍ଷ ୯୩ ହଜାର ୮୬୭ ମେଟ୍ରିକ ଟନ ଧାନ ସଂଗ୍ରହ ହୋଇଛି। ଏଥିମଧ୍ୟରୁ ୧୩ ଲକ୍ଷ ୫୯ ହଜାର ୯୭୪ ମେଟ୍ରିକ ଟନ ଧାନ ମିଲର ମାନେ ଉଠାଇଛନ୍ତି। ଏ ବାବଦରେ ଚାଷୀଙ୍କୁ ୮୯୧ କୋଟି ୫୮ ଲକ୍ଷ ଟଙ୍କାର ଇନପୁଟ ସହାୟତା ଦିଆଯାଇଛି।


**Notice (above 18 years of age)**

By virtue of an affidavit sworn before Executive Magistrate, Rairakhol,dated 5th January 2026, I, Tusharakanta Pradhan, Address of village-Mahaling (San), PO- Luhapank, PS-Rairakhol, Dist- Sambalpur, Odisha - 768106, declare that I have changed my name from Tusarkant Pradhan to Tusharakanta Pradhan. Henceforth, I shall be known as **Tusharakanta Pradhan** for all purposes.

Tusharakanta Pradhan

**AFFIDAVIT**

By virtue of an affidavit sworn before the Executive Magistrate, Sonepur vide affidavit INJ No. 16AA 093242 Dated:10-11-2025 . I, Soniarani Amat , W/o- Sabhya Ranjan Pradhan, Village - Rabedi P.O.- Damamunda, P.S.-Manamunda, Dist.- Boudh state that my actual name is Soniarani Amat but inadvertently mentioned as Sunia Rani Amat in my Aadhar Card No - 8252 3442 8161. That my name to be changed from Sunia Rani Amat to Soniarani Amat. Henceforth, I shall be known as **Soniarani Amat** for all purposes.

**AFFIDAVIT**

By virtue of an affidavit sworn before The Notary Public, Titilagarh, on dated-11/12/2025. I, **Suna Devi** (new name), W/o- Late Arun Kumar Singh, permanent resident of AT: Titilagarh Hatpadapara, P.O/P.S: Titilagarh, DIst: Balangir, PIN: 767033, Odisha declare that I have changed my name from **Soma Debi** to **Suna Devi.** Henceforth, I shall be known as **Suna Devi** (new name) for all future purposes.

**Suna Devi**

**AFFIDAVIT**

By virtue of an affidavit before the Notary Public, Titilagarh, on dated: 31/12/2025. I, **Sheshadeb Gadatia** (applicant name), S/o- Tirtha Gadatia, permanent & current resident of AT- Mathanpala, P.O-Rigdol, PS- Titilagarh, Dist-Balangir, (Odisha), PIN- 767033 declare that I have changed my minor daughter's name from **Himandri Gadtia** (old name) to **Himadri Gadatia** (new name). Henceforth in all records, deeds and writing in all proceeding, dealing and transaction private as well as public and upon all occasion she shall be known as **Himadri Gadatia** (new name) for all future purposes.

**Sheshadeb Gadatia**

**AFFIDAVIT**

By virtue of an affidavit CF No 82 dt 06.01.2026 sworn before Executive Magistrate, Bhubaneswar, I Sarmistha Sahoo, W/o. Udit Kumar Behera, resident of 1/3, Satyasai Apartment, Lewis Road, Bhubaneswar-751002, declare that my name has been wrongly mentioned as Sarmistha Behera in my daughter **Subhadra Susmita**'s birth certificate vide Regd No 1554, dtd 08.07.2003 and as Sarmista Behera in my Son **Rudra Prasad**'s birth certificate vide Regd No. 374/10 dtd. 31.05.2010 instead of my correct name **Sarmistha Sahoo** as per my Aadhar Card bearing No. 686618359932 & PAN vide No DMZPS5775L. That I hereby declare that Sarmistha Sahoo, Sarmistha Behera and Sarmista Behera is one and same person who is myself. I also declare by this Affidavit No. 82, dated 06.01.2026,that now onwards I shall be known as **SARMISTHA SAHOO** for all future purposes.

**NOTICE**

By virtue of an affidavit sworn before the Executive Magistrate, Rairakhol, dated 07.01.2026, I, Biswanath Pradhan, Son of Ekadashi Pradhan, At- Badmal, P.O./P.S.- Rairakhol, Dist-Sambalpur, Odisha, Pin-768106, declare that I have changed my daughter's name from Lasik Pradhan to Losin Pradhan. She shall be known as Losin Pradhan for all purposes.

**AFFIDAVIT**

By virtue of an affidavit sworn before Executive Magistrate, Rayagada No. 16, dated 05.01.2026, by Smt. Saya Behera, aged about 34 years, W/o. - Sri Brundaban Behera, resident of Vill. - Kumariguda, PO - Pitamahal, PS - Seskhal, Dist - Rayagada, Pin - 765002, declare that I have changed th name of my son from Akash Behera to Ganesh Behera. Henceforth, he shall be known as Ganesh Behera for all purposes.

Sd/- Saya Behera

**AFFIDAVIT**

**I, Biren Kumar Pattnayak,** S/o.: Chandramani Pattnayak, Permanent/ Present Resident At/P.O.: Baluakata, P.S.: Angul Sadar, Dist.: Angul (Odisha)-759129, declare by this Affidavit No.: 80, dated: 06.01.2026, that now onwards my minor son will be known as **Himanshu Pattnayak** for all future purposes.

ରାଜଗାଙ୍ଗପୁର ପୌରପାଳିକା କାର୍ଯ୍ୟାଳୟ, ରାଜଗାଙ୍ଗପୁର
OFFICE OF THE RAJGANGPUR MUNICIPALITY, RAJGANGPUR
ପୌରପାଳିକା କାର୍ଯ୍ୟାଳୟ; ରାଜଗାଙ୍ଗପୁର-୭୭୦୦୧୭
Municipality Office Rajgangpur-770017 Tel:-06624-220454
Rajgangpur Municipality | Rajgangpur_Mun | rajgangpurm.hud@nic.in
C-2025

No. 57 — Date 06.01.2026

**CANCELLATION NOTICE TO QUOTATION CALL NOTICE NO.5472 DT.23.12.2025**

It is hereby informed to all local vehicle owners/suppliers that due to inevitable circumstances the QUOTATION CALL NOTICE NO.5472 Dt. 23.12.2025 for supply of Wheelbarrows & Tricycles to Rajgangpur Municipality for the year 2025-26 is hereby cancelled until further orders. The inconveinece caused in this regard is regretted.

Executive Officer
Rajgangpur Municipality

OIPR-

**GOVERNMENT OF ODISHA** A-1244

**E-Procurement Notice, Superintending Engineer, M.I. Division, Angul**
**Bid Identification No. – 11 OF 2025-26**
**E-mail ID: scmidivisionangul@gmail.com**
**Letter No. 3704 / Date: 31.12.2025**

1. Number of Works: 02 (Two) numbers of Civil work
2. Approximate estimated cost: From 40.32 Lakh to 42.17 Lakh
3. Cost of Tender Paper: Rs. 6000/- (Non-Refundable)
4. Period of completion: 04 (Four) Months
5. Date & Time of availability of bid document in the portal: Dt. 08.01.2026 at 10.00 A.M. to Dt. 15.01.2026 up to 5.00 P.M.
6. Last date / Time for receipt of bid in the portal:Dt. 15.01.2026 up to 5.00 P.M.
7. Date of opening of bid documents: Dt. 16.01.2026 at 10.00 A.M.
8. Date of lottery if required: Dt. 29.01.2026 at 11.00 A.M.
9. Name and address of the Office Inviting Bid: Superintending Engineer, Minor Irrigation Division, Angul, At / P.O.: Hakimpada, College Square, District: Angul, PIN – 759143, Ph. No. 06764-236522, Email ID: scmidivisionangul@gmail.com
10. The bidders have to participate in ONLINE bidding only.

Further details can be seen from the e-procurement portal: http://tendersorissa.gov.in

Superintending Engineer
M.I. Division, Angul

OIPR-

**Directorate of Technical Education & Training, Odisha**
At- Killamaidan, PO- Buxibazar, Cuttack-753001
Phone No- 0671 2301061, e-mail: dtetorissa@gmail.com
KK-324

NIT No. DTET/2025-26/259 — Date: 07/01/2026

**NOTICE INVITING TENDER**
**FOR**
**Selection of an Agency/Bidder for assessment of Performance of the Govt. ITIs and Govt. Polytechnics/Engineering Schools candidates under DTE&T, Odisha**

DTE&T Odisha under the administrative control of Skill Development & Technical Education Department, Government of Odisha (the Client) invites sealed proposals from eligible bidders for "Selection of an Agency/Bidder for assessment of Performance of the Govt. ITIs and Govt. Polytechnics/Engineering Schools candidates under DTE&T, Odisha" through Odisha Government e-Procurement System (https://tendersodisha.gov.in). Bidders fulfilling the prescribed eligibility criteria of the RFP can access and download the complete RFP Document and other details from www.tendersodisha.gov.in. and www.dtet.odisha.gov.in. Please refer to the RFP documents for details. The proposals complete in all respect must be submitted through e-tender process latest by 21.01.2026 (before 2:00 PM).

The RFP documents shall be available from 07/01/2026 onwards in the Odisha Government e-Procurement Portal (https://tendersodisha.gov.in.) & DTE&T Odisha website (www.dtet.odisha.gov.in/en/tenders). If required, further intimation [i.e. Corrigendum/Addendum/Responses to the queries/Clarifications etc.], shall be uploaded in the above websites only. DTE&T Odisha reserves all the rights to reject any/ all proposals at any stage without assigning any reason thereof.

Sd/-
DTE&T, Odisha, Cuttack

OIPR-

**ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ**
(ଭାରତ ସରକାରଙ୍କ ଏକ ଅଧିକୃତ ସଂସ୍ଥା)
କ୍ଷେତ୍ରୀୟ କାର୍ଯ୍ୟାଳୟ: ଭୁବନେଶ୍ୱର, ଚାପଗ୍ରସ୍ତ ସମ୍ପତ୍ତି ପରିଚାଳନା ବିଭାଗ (SAMD)
ବି/୨ ପଶ୍ଚିମ, ଶହୀଦ ନଗର, ଭୁବନେଶ୍ୱର-୭୫୧୦୦୭
ଫୋନ୍ : ୦୬୭୪-୨୫୪୪୧୭୧, ୨୫୪୧୪୦୬, ଇ-ମେଲ:0815samd@iob.in

**ଡିମାଣ୍ଡ ନୋଟିସ୍**

**ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨(ସରଫେଶୀ ଆକ୍ଟ) ଅନ୍ତର୍ଗତ ଧାରା ୧୩(୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ ୩(୧) ଅନୁଯାୟୀ ଡିମାଣ୍ଡ ନୋଟିସ୍**

୧) ନିମ୍ନ ସ୍ୱାକ୍ଷରକାରୀ ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସରଫେଶୀ ଆକ୍ଟ ଅନୁସାରେ ଏବଂ କଥିତ ଆକ୍ଟର ଧାରା ୧୩(୧୨) ସହିତ ରୁଲ୍ ୩ ଅନୁଯାୟୀ କ୍ଷମତାପ୍ରୟୋଗ କରାଯାଇ ନିମ୍ନଲିଖିତ ଋଣଗ୍ରହୀତା/ଜାମିନ୍‌ଦାର/ବନ୍ଧକଦାତା (ଏହାପରେ କଥିତ ଋଣଗ୍ରହୀତା ଭାବେ ଦର୍ଶିତ)ମାନଙ୍କୁ କଥିତ ଆକ୍ଟର ଧାରା ୧୩(୨) ଅନୁସାରେ ଡିମାଣ୍ଡ ନୋଟିସ୍ ଜାରି କରି ଉକ୍ତ ନୋଟିସ୍ ପ୍ରାପ୍ତିର ୬୦ ଦିନ ମଧ୍ୟରେ ନୋଟିସ୍ ଦର୍ଶିତ ବକେୟା ରାଶି ପୈଠ କରିବାକୁ କୁହାଯାଇଥିଲା ।

୨) କଥିତ ଡିମାଣ୍ଡ ନୋଟିସ୍ ଗୁଡିକ ଡାକ ବିଭାଗ ଦ୍ୱାରା ପ୍ରଦାନ କରାଯାଇନପାରି / ଋଣଗ୍ରହୀତା/ବନ୍ଧକଦାତା/ଜାମିନ୍‌ଦାରମାନଙ୍କ ଦ୍ୱାରା ସ୍ୱିକୃତ ନହୋଇ ଫେରସ୍ତ ଆସିଛି । ସୁତରାଂ ବ୍ୟାଙ୍କ ଏହି ଡିମାଣ୍ଡ ନୋଟିସ୍ ପ୍ରକାଶନ ନିମନ୍ତେ ପର୍ଯ୍ୟାପ୍ତ ସାବଧାନତା ଗ୍ରହଣ କରିଛନ୍ତି । କଥିତ ଆକ୍ଟ ଅନୁସାରେ ନିମ୍ନ ସ୍ୱାକ୍ଷରକାରୀ ସମ୍ପୃକ୍ତ ଋଣଗ୍ରହୀତା/ଜାମିନ୍‌ଦାର/ବନ୍ଧକଦାତାମାନଙ୍କ ଶେଷ ଜ୍ଞାତ ଠିକଣାରେ ଥିବା ଆବାସର ଉକ୍ତ ନୋଟିସ୍ ଗୁଡିକ ସଂଲଗ୍ନ କରାଇଛନ୍ତି । ଉକ୍ତ ନୋଟିସ୍‌ର କପିଗୁଡିକ ନିମ୍ନ ସ୍ୱାକ୍ଷରକାରୀଙ୍କ ନିକଟରେ ଉପଲବ୍ଧ । ତେଣୁ ସମ୍ପୃକ୍ତ ଋଣଗ୍ରହୀତା/ଜାମିନ୍‌ଦାର/ବନ୍ଧକଦାତାମାନେ ସେଗୁଡିକ ବ୍ୟାଙ୍କର କାର୍ଯ୍ୟାଳୟ ସମୟ ମଧ୍ୟରେ ଯେକୌଣସି କାର୍ଯ୍ୟ ଦିବସରେ ସଂଗ୍ରହ କରିପାରିବେ ।

୩) ଉପରୋକ୍ତ କାରଣ ଯୋଗୁ ପୁନଶ୍ଚ ଋଣଗ୍ରହୀତା/ଜାମିନ୍‌ଦାର/ବନ୍ଧକଦାତାମାନଙ୍କୁ ଏତଦ୍ୱାରା ଜଣାଇ ଦିଆଯାଉଛି କି ଏହି ନୋଟିସ୍ ପ୍ରକାଶନର ୬୦ଦିନ ମଧ୍ୟରେ ଋଣକାଗଜାତ୍ ଏବଂ ଅନ୍ୟାନ୍ୟ କାଗଜାତ୍ ଅନୁସାରେ ସେମାନଙ୍କର ବକେୟା ରାଶି ଯାହା ନିମ୍ନ ସାରଣୀରେ ଦର୍ଶିତ ତାହା ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କକୁ ପୈଠ କରନ୍ତୁ । ସମ୍ପୃକ୍ତ ପକ୍ଷମାନେ ସେମାନଙ୍କର ବକେୟା ପରିଶୋଧ ନିମନ୍ତେ ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କରେ ସେମାନଙ୍କର ନିମ୍ନଦର୍ଶିତ ସମ୍ପତ୍ତି ବନ୍ଧକ ରଖିଛନ୍ତି ଯାହାକି ସେମାନଙ୍କ ନାମ ବିପକ୍ଷରେ ନିମ୍ନ ସାରଣୀରେ ଦର୍ଶାଯାଇଛି ।

| ଶାଖା/ଋଣଗ୍ରହୀତା/ବନ୍ଧକଦାତା/ ଜାମିନ୍‌ଦାରମାନଙ୍କ ନାମ ଏବଂ ଠିକଣା | (କ)ଋଣ/ମଞ୍ଜୁରି ଋଣ (ଖ)ଏନ୍‌ପିଏ ତାରିଖ | ନିର୍ଦ୍ଧାରିତ ତାରିଖ ପର୍ଯ୍ୟନ୍ତ ମୋଟ ବକେୟା ପରିମାଣ* | ଡିମାଣ୍ଡ ନୋଟିସ୍ ତାରିଖ | ସୁରକ୍ଷିତ ସମ୍ପତ୍ତିଗୁଡ଼ିକର ସମ୍ପୂର୍ଣ୍ଣ ବିବରଣୀ |
|---|---|---|---|---|
| **ରସୁଲଗଡ ଶାଖା** ଋଣଗ୍ରହୀତା/ବନ୍ଧକଦାତା: ଶ୍ରୀମତୀ ସନ୍ଧ୍ୟାରାଣୀ ଜେନା, ସ୍ୱା: ଶ୍ରୀ ବିଭୂତିଭୂଷଣ ପ୍ରଧାନ, ସ୍ଥାୟୀ ଠିକଣା: ସା/ପୋ.- ତଳଜଙ୍ଗ, ଜିଲ୍ଲା: ପୁରୀ, ପିନ୍- ୭୫୨୦୦୨, ଯୋଗାଯୋଗ ଠିକଣା: (୧)ଫ୍ଲାଟ ନଂ. ୪୪୪/୨୮୬୧, ଫେଜ୍-୨, ଲିଙ୍ଗିପୁର, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ପିନ୍- ୭୫୨୦୦୨, (୨) ଫ୍ଲାଟ ନଂ. ୦୧୦, ୨ବିଏର୍‌କେ, ତଳ ମହଲା, ବ୍ଲକ ଏ, ଶ୍ରେୟାସ ଶ୍ରୀ ବାଲାଜି ସିଟି, ମୌଜା: ବାଲିପଦା, ଥାନା: ପିପିଲି, ଜିଲ୍ଲା: ପୁରୀ, ପିନ୍- ୭୫୨୧୦୪ । | (କ)ଟ.୨୬,୫୦,୦୦୦/- (ଖ)୧୬.୧୦.୨୦୨୫ | ୧୮.୧୧.୨୦୨୫ ସୁଦ୍ଧା ଟ.୨୭,୦୪,୧୩୭.୧୬ | ୧୦.୧୨.୨୦୨୫ | ଶ୍ରୀମତୀ ସନ୍ଧ୍ୟାରାଣୀ ଜେନାଙ୍କ ନାମରେ ଥିବା ବାସପୋଯୋଗି ଫ୍ଲାଟ ଯାହାର ଉନ୍ନତ ନିର୍ମାଣ ଏରିଆ: ୯୨୫ ବର୍ଗଫୁଟ, ଫ୍ଲାଟ ନଂ.୦୧୦, ୨ବିଏର୍‌କେ, ତଳ ମହଲା, ବ୍ଲକ ଏ, ଶ୍ରେୟାସ ଶ୍ରୀ ବାଲାଜି ସିଟି, ମୌଜା: ବାଲିପଦା, ଥାନା: ପିପିଲି, ପୁରୀ - ୭୫୨୧୦୪, ଚାରିପାର୍ଶ୍ୱରେ: ଉତ୍ତର- ଫ୍ଲାଟ ନଂ.୦୧୧, ଦକ୍ଷିଣ- ଖୋଲା ଡକ୍ ଏରିଆ, ପୂର୍ବ- ସାଧାରଣ ବାରଣ୍ଡା, ପଶ୍ଚିମ- ଖୋଲା ଜମି / ରାସ୍ତା । |
| **ବାଲେଶ୍ୱର ଶାଖା** ଋଣଗ୍ରହୀତା: ଶ୍ରୀ ଭଗବତୀ କ୍ରିଏସନ୍, ସତ୍ତ୍ୱାଧିକାରୀ: ଶ୍ରୀ ଦିଲ୍ଲିପ କୁମାର ଦାଶ, ୫୭, ଭାସ୍କରଗଞ୍ଜ, ଏ.ଆଇ.ଏମ୍ ସର୍କଲ, ବାଲେଶ୍ୱର, ଓଡିଶା-୭୫୬୦୦୧, ବନ୍ଧକଦାତା:ଶ୍ରୀ ଦିଲ୍ଲିପ କୁମାର ଦାଶ, ପିତା: ଶ୍ରୀ ନିରଞ୍ଜନ ଦାଶ, ଜାମିନ୍‌ଦାର: ଶ୍ରୀ ନିରଞ୍ଜନ ଦାଶ, ଉଭୟଙ୍କ ଠିକଣା: ସା- ଦୁର୍ଗାପୁର, ପୋ.: ନରସିଂପୁର, ଜିଲ୍ଲା: ବାଲେଶ୍ୱର, ଓଡିଶା-୭୫୬୦୨୦ । | (କ)ଟ.୯,୨୪,୦୦୦/- (ଖ)୩୦.୦୬.୨୦୨୧ | ୩୦.୧୧.୨୦୨୫ ସୁଦ୍ଧା ଟ.୧୬,୪୮,୮୫୧.୫୧ | ୧୫.୧୨.୨୦୨୫ | ଶ୍ରୀ ଦିଲ୍ଲିପ କୁମାର ଦାଶଙ୍କ ନାମରେ ଥିବା ଫ୍ରିହୋଲ୍ଡ ବାସପୋଯୋଗି ଜମି ଏବଂ ଗୃହ ଯାହାର ପ୍ଲଟ ନଂ.୧୧୨୬/୧୬୩୯, ଖାତା ନଂ.୧୩୭, ଏରିଆ: ଏ୦.୧୮୦ ଡିସିମିଲି, ମୌଜା: ଦୁର୍ଗାପୁର, ପୋ.: ନରସିଂପୁର, ଥାନା/ତହସିଲି: ନିଳଗିରି, ଜିଲ୍ଲା: ବାଲେଶ୍ୱର, ଓଡିଶା-୭୫୬୦୨୦, ଚାରିପାର୍ଶ୍ୱରେ: ଉତ୍ତର- ପ୍ଲଟ ନଂ.୧୨୩୪ ଏବଂ ୧୨୫୮, ଦକ୍ଷିଣ- ପ୍ଲଟ ନଂ.୧୨୪୯ ଏବଂ ୧୨୫୦, ପୂର୍ବ- ରାସ୍ତା, ପଶ୍ଚିମ- ପ୍ଲଟ ନଂ.୧୨୪୧ ଏବଂ ୧୨୪୫ । |

*ଉପର ଦର୍ଶିତ ତାରିଖ ଠାରୁ ପରିଶୋଧ ତାରିଖ ପର୍ଯ୍ୟନ୍ତ ସହମତି କ୍ରମେ ଚୁକ୍ତିହାରରେ ପରବର୍ତ୍ତି ସେବାବଦ ଅର୍ଜିତ ସୁଧ, ଖର୍ଚ୍ଚ, ଦେୟ / ଚକ୍ରବୃଦ୍ଧି ସୁଧ ସହିତ ପ୍ରଦାନ କରାଯିବ ।

୪) ଯଦି କଥିତ ଋଣଗ୍ରହୀତା/ବନ୍ଧକଦାତା/ଜାମିନ୍‌ଦାରମାନେ ସେମାନଙ୍କର ବକେୟା ଦେୟ ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କକୁ ପୈଠ କରିବାରେ ବିଫଳ ହୁଅନ୍ତି ତେବେ ବ୍ୟାଙ୍କ ସରଫେଶୀ ଆକ୍ଟର ଧାରା ୧୩(୪) ଅନୁସାରେ ଉପରୋକ୍ତ ସୁରକ୍ଷିତ ସମ୍ପତ୍ତି ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ ଏବଂ ତାହା ସମ୍ପୃକ୍ତ ଋଣଗ୍ରହୀତାଙ୍କ ଦାୟ, ଦାୟୀତ୍ୱ ଏବଂ ଫଳାଫଳରେ ସମ୍ପନ୍ନ କରାଯିବ ଓ ସେଥିପାଇଁ ସେମାନେ ଦାୟୀ ରହିବେ ।

୫) ଏତଦ୍ୱାରା ଋଣଗ୍ରହୀତା/ବନ୍ଧକଦାତା/ଜାମିନ୍‌ଦାରମାନଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛିକି କଥିତ ଆକ୍ଟର ଧାରା ୧୩ର ଉପଧାରା (୮)ର ବ୍ୟବସ୍ଥା ଅନୁଯାୟୀ ସେମାନଙ୍କର ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକ ମୁକ୍ତ କରନ୍ତୁ ।

୬) ବ୍ୟାଙ୍କ ସୁରକ୍ଷିତ ଋଣରାଶି ଆଦାୟ ନିମନ୍ତେ ଋଣଗ୍ରହୀତାଙ୍କ ସୁରକ୍ଷିତ ସମ୍ପତ୍ତି ଦଖଲ କରିବା ସହିତ ସୁରକ୍ଷିତ ସମ୍ପତ୍ତିକୁ ଲିଜ୍, ଆସାଇନ୍‌ମେଣ୍ଟ କିମ୍ବା ବିକ୍ରୟ କରି ହସ୍ତାନ୍ତରିତ କରିବା ଅଧିକାର ରଖିଛନ୍ତି ଏବଂ ଏହାପରେ ଯଦି କୌଣସି ବ୍ୟକ୍ତି ଏହି ଆଇନ କିମ୍ବା ନିୟମର ଉଲଙ୍ଘନ କରନ୍ତି ତେବେ ଏହି ଆକ୍ଟର ଧାରା ୨୯ ଅନୁଯାୟୀ କାରାଦଣ୍ଡ କିମ୍ବା ଜୋରିମାନା କିମ୍ବା ଉଭୟ ଦଣ୍ଡ ନିମନ୍ତେ ଯୋଗ୍ୟ ହେବେ ।

ତାରିଖ-୦୭.୦୧.୨୦୨୬, ସ୍ଥାନ-ଭୁବନେଶ୍ୱର — ସ୍ୱା/-କ୍ଷମତାପ୍ରାପ୍ତ ଅଧିକାରୀ, ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ

A-1250 — E-mail: mi2_exe.engr@yahoo.co.in Ph.No. 0680-2290475

**OFFICE OF THE SUPERINTENDING ENGINEER**
**MINORIRRIGATION DIVISION, GANJAM-II, BERHAMPUR.**
**GOVERNMENT OF ODISHA**
**e-PROCUREMENT NOTICE**
**BID IDENTIFICATION No: GMID-II/14/2025-26**
**Ltr No. 125 / Date 05.01.2026**

| | |
|---|---|
| Name of work | Civil Construction Works |
| No. of works | 5 ( Five )Nos. |
| Estimated cost: | Rs. 8.38 lakh to 58.62 lakh. |
| Tender paper cost | Rs 10,000.00 (for estimated cost above 50.00 Lakh) Rs 6,000.00 (for estimated cost below 50.00 Lakh) Rs. 4000.00 (for estimated cost below 10.00 lakh) |
| Period of completion | 02 (Two) to 03 (Three) calendar months. |
| Class of Contractor | "D"," C" & 'B' |
| Availability of bid documents | From 08.01.2026 at 10.00 AM to 17.01.2026 up to 5.00 PM in website (www.tendersorissa.gov.in) |
| Period of Receipt of bid through on Line | From 08.01.2026 at 10.00 AM to 17.01.2026 upto 5.00 PM Through On- Line. |
| Mode of Payment | Online. |
| Date of opening of bid documents | 19.01.2026 at 11.30 AM (Technical Bid opening for double cover system) 20.01.2026 at 4.00 PM Financial Bid opening cover-II |
| Digital signature certificate of Bidder | The bidder must possess compatible digital signature Certificate (DSC) of Class-II or Class-III. |

The detail tender call notice can also be seen in the DOWR website- http://dowrorissa.gov.in

| | |
|---|---|
| Name & Address of the OIT | Superintending Engineer, M.I.Division, Ganjam-II In front of DepaulSchool, Engineering school road Berhampur, Dist-Ganjam PIN-760010. E-mail: mi2_exe.engr@yahoo.co.in |
| Further details can be seen from the E-Procurement market place. | http://tendersorissa.gov.in |

Superintending Engineer
M.I. Division, Ganjam-II, Berhampur

OIPR-

# ଗୋଦାବରୀଶ ଆଦର୍ଶ ପ୍ରାଥମିକ ବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ

ପାରାଦୀପ/କୁଜଙ୍ଗ,୭।୧(ସମିସ)



ଆଜି ରାଜ୍ୟର ୩୦ ଗୋଟି ଜିଲ୍ଲାରେ ୧୧୮ ଗୋଟି ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟର ଶୁଭ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ରାଜ୍ୟ ସରକାର ଜଗତସିଂହପୁର ଜିଲ୍ଲାର ଏକମାତ୍ର ସ୍କୁଲ ଶ୍ରୀମା ସରକାରୀ ଉଚ୍ଚ ବିଦ୍ୟାଳୟ, ପାରାଦୀପ ଗଡ଼କୁ ଗୋଦାବରୀଶ ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଭାବେ ମନୋନୀତ କରିଛନ୍ତି। ଉକ୍ତ ବିଦ୍ୟାଳୟରେ ୭୭୪ ଜଣ ଛାତ୍ର,ଛାତ୍ରୀ ଅଧ୍ୟୟନ କରୁଛନ୍ତି। ଭିତ୍ତିଭୂମିର ବିକାଶ, ସ୍ମାର୍ଟ୍‌କ୍ଲାସ ରୁମ୍, ଗୁଣାତ୍ମକ ଶିକ୍ଷା, ବିଜ୍ଞାନ ଗବେଷଣା ଓ ପରୀକ୍ଷାଗାର, ଖେଳପଡିଆ ଓ ଖେଳ ଉପକରଣ, ପାର୍କ, ସବୁଜ ପରିବେଶ ଆଦିରେ କ୍ଷେତ୍ରରେ ୫ରୁ ୭ କୋଟି ଟଙ୍କା ବିନିଯୋଗ କରାଯିବ। ଉକ୍ତ ଆଦର୍ଶ ବିଦ୍ୟାଳୟରେ ଛାତ୍ରଛାତ୍ରୀ ସମସ୍ତ ସୁବିଧା ସୁଯୋଗ ଉପଭୋଗ କରିପାରିବେ। ଉକ୍ତ ଉତ୍ସବରେ ମୁଖ୍ୟଅତିଥି ଭାବେ ଜଗତସିଂହପୁର ସାଂସଦ ବିଭୁପ୍ରସାଦ ତରାଇ ଯୋଗଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ଅତିରିକ୍ତ ଜିଲ୍ଲାପାଳ, ପାରାଦୀପ ନିରଞ୍ଜନ ବେହେରା, ସମ୍ମାନିତ ଅତିଥି ଭାବେ ଜିଲ୍ଲା ଶିକ୍ଷା ଅଧିକାରୀ କେଶବ ମେହେର, ମଣ୍ଡଳ ଶିକ୍ଷା ଅଧିକାରୀ ମନୋଜ କୁମାର ବେହେରା, କୁଜଙ୍ଗ ପଞ୍ଚାୟତ ସମିତି ଅଧ୍ୟକ୍ଷା ନୀନାରାଣୀ ସାହୁ, ପାରାଦୀପ ଗଡ ସରପଞ୍ଚ ସସ୍ମିତା ବେହେରା, ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ଇତିଶ୍ରୀ ସାହୁ, ସିଆର୍‌ସିସି ସମୀର କୁମାର ଓଝା, ଶିକ୍ଷା କମିଟି ସଭାପତି ଜୀବନଧନ ବେହେରା ପ୍ରମୁଖ ଯୋଗଦେଥିଲେ। ବରିଷ୍ଠ ଆଇନଜୀବୀ ସଞ୍ଜୟ କୁମାର ବେହେରା ସ୍ୱାଗତ ଅଭିଭାଷଣ ଦେଇଥିବା ବେଳେ ସୁବାସ ସେନାପତି ସଭା ସଞ୍ଚାଳନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ପ୍ରଭାତ ନଳିନୀ ବେହେରା, ମିନାର୍ଭ ସ୍ୱାଇଁ, ମିନାର୍ଭା ପଣ୍ଡା, ବିଜୟଲକ୍ଷ୍ମୀ ସ୍ୱାଇଁ, ସାଗରିକା ସ୍ୱାଇଁ, ବିଷ୍ଣୁପ୍ରିୟା ସ୍ୱାଇଁ, ଏଲିନା ମହାନ୍ତି, ରମାକାନ୍ତ ଖଣ୍ଡୁଆଳ, ଦୀପିକା ସୋରେନ, ସମ୍ପଦ ମୁଦୁଲି, ସାର୍ଥକ ମହାନ୍ତି, ସିଦ୍ଧାନ୍ତ ସାହୁ, ଓମ୍‌ପ୍ରକାଶ ସାହୁ, ଚନ୍ଦ୍ର ଶେଖର ଚୌଧୁରୀ, ଅଲେଖ ମହାରଥା, ବିଚିତ୍ର ପ୍ରଧାନ, ପ୍ରଭାତ ସାହୁ ପ୍ରମୁଖ ପରିଚାଳନା କରିଥିଲେ।

## ଆଜିଠାରୁ ସର୍ବଭାରତ ବୃହତ୍ ବନ୍ଦର ସାଂସ୍କୃତିକ ପ୍ରତିଯୋଗିତା

ପାରାଦୀପ,୭।୧(ସମିସ):ପାରାଦୀପ ବନ୍ଦର ଓ ବୃହତ୍ ବନ୍ଦର କ୍ରୀଡ଼ା ନିୟନ୍ତ୍ରଣ ବୋର୍ଡର ମିଳିତ ଆନୁକୂଲ୍ୟରେ ଜାନୁଆରୀ ୮ରୁ ୧୧ ତାରିଖ ପର୍ଯ୍ୟନ୍ତ ପାରାଦୀପର ଜୟଦେବ ସଦନ ଠାରେ ୨୫ତମ ବୃହତ୍ ବନ୍ଦର ସାଂସ୍କୃତିକ ପ୍ରତିଯୋଗିତା ଆୟୋଜିତ ହେବାକୁ ଯାଉଛି। ଏହି ପ୍ରତିଯୋଗିତାରେ ଆୟୋଜକ ପାରାଦୀପ ବନ୍ଦର ସମେତ ଭାରତର ୯ ଗୋଟି ବୃହତ୍ ବନ୍ଦର ଅଂଶଗ୍ରହଣ କରୁଛନ୍ତି। ଉଲ୍ଲେଖ ଯୋଗ୍ୟ ଏହିକି ଯେ ପାରାଦୀପ ବନ୍ଦର ଲଗାତାର ଭାବେ ଏହି ପ୍ରତିଯୋଗିତାକୁ ୩ ବର୍ଷ ହେଲା ଆୟୋଜିତ କରିଆସୁଛି। ୪ ଦିନ ଧରି ଆୟୋଜିତ ହେବାକୁ ଯାଉଥିବା ଏହି ପ୍ରତିଯୋଗିତାରେ ଦେଶର ବିଭିନ୍ନ ବନ୍ଦରରୁ ଆସିଥିବା କଳାକାରମାନେ ନିଜ ନିଜ ରାଜ୍ୟର କଳାକୁ ପ୍ରଦର୍ଶନ କରିବେ। ଏହି କାର୍ଯ୍ୟକ୍ରମରେ କେବଳ କଳା ପ୍ରଦର୍ଶନ ହେବ ନାହିଁ ପରନ୍ତୁ ବନ୍ଦରର କର୍ମଚାରୀ ମାନେ ଅନ୍ୟ ରାଜ୍ୟର କଳା ସଂସ୍କୃତି ସହିତ ପରିଚିତ ହେବା ସଙ୍ଗେ ସଙ୍ଗେ ଭାଷା ତଥା ଭାବର ଆଦାନ ପ୍ରଦାନ କରିବେ। ତତ୍ ସଙ୍ଗେ ଏହା ମନୋରଞ୍ଜନର ଖୋରାକ ମଧ୍ୟ ଯୋଗାଇବ। ୮ ତାରିଖ ଦିନ ସନ୍ଧ୍ୟାରେ ବନ୍ଦର ଅଧ୍ୟକ୍ଷ ପିଏଲ୍ ହରନାଧ ଆନୁଷ୍ଠାନିକ ଭାବେ ଏହି ପ୍ରତିଯୋଗିତାକୁ ଉଦ୍‌ଘାଟନ କରିବେ। ପ୍ରତିଯୋଗିତାକୁ ସଫଳ କରିବା ପାଇଁ ଗୋପବନ୍ଧୁ କ୍ରୀଡ଼ା ସଂସଦ ତରଫରୁ ସମସ୍ତ ବ୍ୟବସ୍ଥା କରାଯାଇ ସାରିଛି। କର୍ମକର୍ତ୍ତାମାନେ ନିଜ ନିଜ ଦାୟିତ୍ୱ ସମ୍ପାଦନାରେ ଲାଗି ପଡିଛନ୍ତି। ପାରାଦୀପ ବନ୍ଦର ଛଡ଼ା କୋଚିନ୍, କଲିକତା, ଭିଏ ଚିଦାମ୍ବରନାର, ମୁମ୍ବାଇ, କାଣ୍ଡଲା, ଜେଏନ୍‌ପିଟି, ଚେନ୍ନାଇ, ବିଶାଖପାଟଣା ବନ୍ଦର ଏହି କାର୍ଯ୍ୟକ୍ରମରେ ଭାଗ ନେଉଛନ୍ତି।

## 'ଆସ ଭେଟିବା ଆମ ପିଲାଙ୍କୁ' କାର୍ଯ୍ୟକ୍ରମ



ଜଗତସିଂହପୁର,୭।୧(ସମିସ): ଜଗତସିଂହପୁର ସାରସ୍ୱତ ପରିଷଦ ପକ୍ଷରୁ ଏକ ନିଆରା ବୌଦ୍ଧିକ କାର୍ଯ୍ୟକ୍ରମ 'ଆସ ଭେଟିବା ଆମ ପିଲାଙ୍କୁ' ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ମୂଳିସିଂସ୍ଥିତ ସେଣ୍ଟ ଜାଭିୟର୍ସ ପବ୍ଲିକ୍ ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବିଦ୍ୟାର୍ଥୀମାନଙ୍କ ମଧ୍ୟରେ ଆୟୋଜିତ କୁଇଜ୍ ପ୍ରତିଯୋଗିତାରେ ୧୯ଜଣ ଛାତ୍ରଛାତ୍ରୀ ଭାଗ ନେଇଥିଲେ। ଏଥିରେ ବରିଷ୍ଠ ଶିକ୍ଷୟିତ୍ରୀ ମୋନାଲିସା ଭଞ୍ଜ, ଶିକ୍ଷକ ଅଶୋକ କୁମାର ବେହେରା ଓ ମିନତୀ ଦାସ ବିଚାରକ ଭାବେ ଯୋଗଦେଇ ୫ ଜଣ କୃତି ପ୍ରତିଯୋଗୀଙ୍କୁ ଚୟନ କରିଥିଲେ। ଅନୁଷ୍ଠିତ ପୁରସ୍କାର ବିତରଣ ସଭାରେ ପରିଷଦର ସଭାପତି ଅବସରପ୍ରାପ୍ତ ଅଧ୍ୟାପକ ଓ ସ୍ତମ୍ଭକାର ହିମାଂଶୁ ଆଚାର୍ଯ୍ୟ ଅଧ୍ୟକ୍ଷତା କରି ନିରନ୍ତର ଅଭ୍ୟାସ ଓ କଠିନ ପରିଶ୍ରମ ବଳରେ ବିଦ୍ୟାର୍ଥୀମାନେ କୁଇଜ୍ ପ୍ରତିଯୋଗିତାରେ ଦକ୍ଷତା ହାସଲ କରି ପାରିବେ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନିର୍ଦ୍ଦେଶକ ବିକ୍ରମ କୁମାର ଜେନା, ଅଧ୍ୟକ୍ଷା ଜ୍ୟୋତିର୍ମୟୀ ମହାରଣା, ଶିକ୍ଷୟିତ୍ରୀ ପ୍ରିୟଙ୍କା ମଣ୍ଡଳ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ସଫଳ ହେବା ପାଇଁ ମାର୍ଗଦର୍ଶନ କରିଥିଲେ। ଏହି ଅବସରରେ କୃତି ବିଦ୍ୟାର୍ଥୀମାନଙ୍କୁ ସାରସ୍ୱତ ପରିଷଦ ପକ୍ଷରୁ ମହାପୁରୁଷଙ୍କ ଜୀବନୀ ପୁସ୍ତକ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଶିକ୍ଷୟିତ୍ରୀ ସୁଦେଷ୍ଣା ଦାସ ଧନ୍ୟବାଦ ଦେଇଥିଲେ।

## ଦକ୍ଷତା ବିକାଶ ଓ ପ୍ରଶିକ୍ଷଣ ଶିବିର



ବିରିଡ଼ି,୭।୧(ସମିସ): ବିରିଡି ବ୍ଲକ ହାଜିପୁର ପଞ୍ଚାୟତ ଅନ୍ତର୍ଗତ କଲ୍ୟାଣ ମଣ୍ଡପ ପରିସରରେ ବିରିଡ଼ି ବ୍ଲକ ଉଦ୍ୟାନ କୃଷିବିଭାଗ ଆନୁକୂଲ୍ୟରେ ଏକଦିବସୀୟ ଦକ୍ଷତା ବିକାଶ ଓ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ବିରିଡ଼ି ପଞ୍ଚାୟତ ସମିତି ଅଧ୍ୟକ୍ଷା ମମତା ପାତ୍ର, ଜିଲ୍ଲା ପରିଷଦ ସଭ୍ୟା ଦୀପ୍ତମୟୀ ରାୟ, ଉପାଧ୍ୟକ୍ଷା ପିନାକୀ ପ୍ରିୟଦର୍ଶିନୀ, ସାଂସଦଙ୍କ ପ୍ରତିନିଧି ଗୀତାଞ୍ଜଳି ସାହୁ, ବ୍ଲକ୍ ଉଦ୍ୟାନ କୃଷି ଭାରପ୍ରାପ୍ତ ଅଧିକାରୀ ପୁଷ୍ପିତା ସାହୁ, ସହକାରୀ ଉଦ୍ୟାନ କୃଷି ନିର୍ଦ୍ଦେଶକ ଜଗତସିଂହପୁର ଅନିଲ ସେଠୀ, ସହକାରୀ କୃଷି ଇଞ୍ଜିନିୟର ସଂସାର ସାମନ୍ତ ପରିଡ଼ା ପ୍ରମୁଖ ଯୋଗଦେଇ ଅନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। କ୍ଷେତ୍ରାଧିକାରୀ ସୁଶାନ୍ତ କୁମାର ଦାସଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ଉଦ୍ୟାନ କୃଷି ବିଭାଗ ପକ୍ଷରୁ ଚାଷୀଙ୍କ ପାଇଁ ଉପଲବ୍ଧ ସମସ୍ତ ସରକାରୀ ଯୋଜନା ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ଏଥିରେ ନିମକଣା କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ପ୍ରଦୀପ୍ତ ମାଝୀ ଯୋଗଦେଇ ଉଦ୍ୟାନ କୃଷି ଏବଂ ଆଳୁ ଚାଷର ରୋଗପୋକ ସମ୍ବନ୍ଧରେ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଶତାଧିକ ଚାଷୀ ଯୋଗ ଦେଇଥିଲେ। ଏଥିରେ ସରପଞ୍ଚ ଆରତୀ ଭୂୟାଁ, ପ୍ରଭାସିନୀ ବେହେରା, ଶାନ୍ତିଲତା ସାହୁ, ସତ୍ୟଭାମା ବେହେରା, ସ୍ନେହପ୍ରଭା ପରିଜା, ସମିତିସଭ୍ୟା କଳ୍ପନା ପଶାୟତ, ରାଜେଶ ଭୋଇ, ରଶ୍ମିରଂଜନ ବେହେରା ଉପସ୍ଥିତ ଥିଲେ। ଉଦ୍ୟାନ କୃଷି କର୍ମଚାରୀ ସୋନାଲି ରାଉତ ଧନ୍ୟବାଦ ଦେଇଥିଲେ।

## ମହିଲୋ ଉଚ୍ଚ ବିଦ୍ୟାଳୟର ବାର୍ଷିକୋତ୍ସବ



ଜଗତସିଂହପୁର,୭।୧(ସମିସ): ଜଗତସିଂହପୁର ଜିଲ୍ଲାର ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ପଟିଲୋ ପଞ୍ଚାୟତସ୍ଥ ମହିଲୋ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରୀତିପ୍ରଭା ଦାଶଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟଅତିଥି ଭାବରେ ଅଧ୍ୟାପକ ମନୋଜ କୁମାର ସ୍ୱାଇଁ, ମୁଖ୍ୟବକ୍ତା ଭାବରେ ନବକାକଳିର ସମ୍ପାଦକ ଡ. ସୁରେନ୍ଦ୍ର ନାଥ ତ୍ରିପାଠୀ, ସମ୍ମାନନୀୟ ଅତିଥି ଭାବରେ ଶିକ୍ଷାବିତ୍ ତଥା କବୟିତ୍ରୀ ମନୋରମା ଦାଶ, ଶଶୀରେଖା ପଣ୍ଡା ଏବଂ କୋଟିଆଁ ସାଧନ କେନ୍ଦ୍ରର ସଂଯୋଜକ ପ୍ରଶାନ୍ତ କୁମାର ମହାନ୍ତି ଯୋଗଦେଇଥିଲେ। ଅତିଥିଗଣ ଚଳିତ ବର୍ଷର ଶୈକ୍ଷିକ, ସହ-ଶୈକ୍ଷିକ ଏବଂ କ୍ରୀଡା କ୍ଷେତ୍ରରେ ସାଫଲ୍ୟ ଅର୍ଜନ କରିଥିବା କୃତି ଛାତ୍ରଛାତ୍ରୀଙ୍କୁ ପ୍ରମାଣପତ୍ର ସହ ଟ୍ରଫିଦେଇ ଉତ୍ସାହିତ କରିଥିଲେ। ପ୍ରଥମେ ମଞ୍ଚ ଆବାହନ କରିଥିଲେ ନିତ୍ୟାନନ୍ଦ ତ୍ରିପାଠୀ ଏବଂ ଅତିଥି ପରିଚୟ ଦେଇଥିଲେ ମନୋରଞ୍ଜନ ଦାଶ। ସେହିପରି ବାର୍ଷିକ ବିବରଣୀ ଅନୁଲିପ୍ତା ମିଶ୍ର ପାଠ କରିଥିବା ବେଳେ ଓଡ଼ିଶୀ ନୃତ୍ୟ ପ୍ରଦର୍ଶନ କରିଥିଲେ ଛାତ୍ରୀ ଜିଜ୍ଞାସା ମଲ୍ଲିକ। ପୁରସ୍କାର ବିତରଣକୁ ସଞ୍ଚାଳନ କରିଥିଲେ ମଧୁଛନ୍ଦା ଆଚାର୍ଯ୍ୟ, ସାଗରିକା ପରିଡ଼ା, ପ୍ରଜ୍ଞା ପରମିତା ପରିଡା, ରାହୁଲ ରାଜ ମହାନ୍ତ, ପ୍ରଣତିକା ମହାନ୍ତି, ଗଣେଶ ଚନ୍ଦ୍ର ସ୍ୱାଇଁ, ରଶ୍ମିରଞ୍ଜନ ପାଲ। ବିଦ୍ୟାଳୟର ଶ୍ରେଷ୍ଠ ଛାତ୍ର ଭାବରେ ସତ୍ୟଜିତ ଶତପଥୀଙ୍କୁ ଟ୍ରଫି ଦେଇ ଅତିଥିଗଣ ସମ୍ବର୍ଦ୍ଧିତ କରିଥିଲେ। ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ଅଭିଷେକ ମହାରଣା। ଶେଷରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ବିଦ୍ୟାଳୟ ସ୍ତରୀୟ ପିଏମ୍‌ଶ୍ରୀ ଉତ୍ସବ

ବାଲିକୁଦା,୭।୧(ସମିସ): ବାଲିକୁଦା ପିଏମ୍‌ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ବିଦ୍ୟାଳୟ ସ୍ତରୀୟ ପିଏମ୍‌ଶ୍ରୀ ଉତ୍ସବ ପାଳନ ହୋଇଯାଇଛି। ବ୍ଲକ ଶିକ୍ଷା ଅଧିକାରୀ ତଥା ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିଶ୍ୱମ୍ବର ମଲ୍ଲିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଜଗତସିଂହପୁର ଜିଲ୍ଲା ସହ ଶିକ୍ଷା ଅଧିକାରୀ ରାଜ୍ୟଶ୍ରୀ ସାହୁ, ମୁଖ୍ୟବକ୍ତା ଭାବେ ବାଲିକୁଦା ସରପଞ୍ଚ ରାଜକିଶୋର ସାହୁ, ସମ୍ମାନିତ ଅତିଥି ଭାବେ ପଞ୍ଚସଖା ଶିକ୍ଷା ସେତୁ କମିଟି ସଭାପତି ଶିକ୍ଷକ ରମାକାନ୍ତ ବାରିକ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଜାଭୀର ଖାଁ, ପର୍ଯ୍ୟବେକ୍ଷକ ଭାବେ ରାଜ୍ୟ ପଞ୍ଚସଖା ସେତୁ କମିଟି ସଦସ୍ୟ ଶାରଦା ପ୍ରସାଦ ସାହୁ ଯୋଗ ଦେଇ ଉତ୍ସବ ସମ୍ପର୍କରେ ଆଲୋକପାତ କରିଥିଲେ। ସଭାରେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରସନ୍ନ କୁମାର ସାହୁ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଶିକ୍ଷୟିତ୍ରୀ ରଶ୍ମିରେଖା ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି ଅପରାହ୍ନରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ବାଲିକୁଦା ବିଡିଓ ସାଗର କୁମାର ନନ୍ଦ, ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟର ପ୍ରାକ୍ତନ ପ୍ରଧାନ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ପରିଡା ଯୋଗ ଦେଇଥିଲେ। ଏହି ଅବସରରେ ଅନୁଷ୍ଠିତ ହୋଇଥିବା ଆକାଂକ୍ଷା ମେଳା ଭିଜନ-୨୦୩୬ରେ ୩ଟି ପ୍ୟାଭିଲିୟନ ଯଥା ଟ୍ୟାଲେଣ୍ଟ ଗ୍ୟାଲେରୀ, ଦୋକାନ ଯାତ୍ରା, ବିଜିନେସ ସମିଟରେ ଛାତ୍ରଛାତ୍ରୀ ବିଭିନ୍ନ ପ୍ରକଳ୍ପ ପଦର୍ଶନ କରିଥିଲେ। ଶିକ୍ଷକ ପ୍ରଶାନ୍ତ କୁମାର ସାମଲ ମଞ୍ଚ ପରିଚାଳନା କରିଥିବା ବେଳେ କାର୍ଯ୍ୟକ୍ରମ ପରିଚାଳନାରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ କର୍ମଚାରୀ ସହାୟତା ପ୍ରଦାନ କରିଥିଲେ।

## ବଂଶୀଧର ବେହେରାଙ୍କୁ ସ୍ୱତନ୍ତ୍ର ସମ୍ବର୍ଦ୍ଧନା

ଜଗତସିଂହପୁର,୭।୧(ସମିସ): ବରିଷ୍ଠ କବି ବଂଶୀଧର ବେହେରାଙ୍କୁ ତାଙ୍କର ସାହିତ୍ୟ କୃତି ପାଇଁ ଜଗତସିଂହପୁର ସାହିତ୍ୟ



ପରିଷଦର ଷୋଡ଼ଶ ବାର୍ଷିକ ଉତ୍ସବରେ ସ୍ୱତନ୍ତ୍ର ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଆଦିକବି ସାରଳା ଦାସ ସଂସ୍କୃତି ଭବନ ପରିସରରେ ପରିଷଦର ପ୍ରତିଷ୍ଠାତା କବି ଅଜୟ କୁମାର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ କବି ଶ୍ରୀ ବେହେରାଙ୍କୁ ସମ୍ମାନିତ କରାଯାଇଥିଲା। ଏଥିରେ ୨୦୨୩ ଓ ୨୦୨୪ ବର୍ଷ ପାଇଁ ବିଭିନ୍ନ ପ୍ରତିଷ୍ଠିତ ସାରସ୍ୱତ ସାଧକମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଉତ୍ସବର ମୁଖ୍ୟଅତିଥି ଭାବେ କବି ପୀତାମ୍ବର ତରାଇ, ବରେଣ୍ୟ ଅତିଥି ନାଟ୍ୟକାର ଡା. କୈଳାସ ମଲ୍ଲିକ, ଡ. ସୁରେନ୍ଦ୍ରନାଥ ତ୍ରିପାଠୀ, ସମ୍ବର୍ଦ୍ଧନା ସଭାରେ ମୁଖ୍ୟଅତିଥି ଭାବରେ ବିଶିଷ୍ଟ ନାଟ୍ୟକାର ଡ. ରମେଶ ପ୍ରସାଦ ପାଣିଗ୍ରାହୀ, ମୁଖ୍ୟ ବକ୍ତା ଭାବେ ବିଶିଷ୍ଟ ପ୍ରାବନ୍ଧିକ ଡ. ଅଜୟ କୁମାର ମିଶ୍ର, ବରେଣ୍ୟ ଅତିଥି ଭାବେ ବିଶିଷ୍ଟ କଥାଶିଳ୍ପୀ ଇଂ.ବିଷ୍ଣୁ ସାହୁ ଯୋଗଦେଇଥିଲେ। ଶ୍ରୀ ବେହେରା ଶିକ୍ଷକତା ବୃତ୍ତିରୁ ଅବସର ନେବା ପରେ ବି ସାହିତ୍ୟ ପ୍ରତି ତାଙ୍କର ଆନୁଗତ୍ୟ କମି ନାହିଁ। ସେ ନିଜ ଜନ୍ମମାଟି ମୁଣ୍ଡାଲୋ ଠାରେ ମୁଣ୍ଡାଲୋ କଳା ସାହିତ୍ୟ ଓ ସଂସ୍କୃତି ପରିଷଦ ଗଠନ କରି ପ୍ରତିବର୍ଷ ସାହିତ୍ୟ ଉତ୍ସବ ପାଳନ କରି ଆସୁଛନ୍ତି। ଜଗନିବାସ ସାହିତ୍ୟ ସଂସଦର ସଭାପତି ଭାବେ ସେ ଦାୟିତ୍ୱ ନିର୍ବାହ କରୁଛନ୍ତି। ତାଙ୍କର ଏକ କବିତା ପୁସ୍ତକ 'ଅସ୍ତ ସମୟର ରଙ୍ଗ' ପ୍ରକାଶିତ ହେବା ସହ ଅନେକ ପତ୍ରପତ୍ରିକାରେ ତାଙ୍କର ଲେଖା ପ୍ରକାଶିତ ହୋଇଛି।

## ଜନ୍ମମାଟିରେ ଆଦିକବିଙ୍କ ଜୟନ୍ତୀ ପାଳନ କରିବାକୁ ଚିଠି

ଜଗତସିଂହପୁର,୭।୧(ସମିସ): ଓଡିଆ ଭାଷା ସାହିତ୍ୟ ଏବଂ ସଂସ୍କୃତି ବିଭାଗ ପକ୍ଷରୁ ଜଗତସିଂହପୁର ଜିଲ୍ଲାରେ ଜନ୍ମଗ୍ରହଣ କରିଥିବା ଆଦିକବି ସାରଳା ଦାସଙ୍କ ଜୟନ୍ତୀ ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ କବିଙ୍କ ଜନ୍ମମାଟିରେ ପାଳନ କରିବାକୁ ବିଭାଗୀୟ ମନ୍ତ୍ରୀଙ୍କୁ ଚିଠି ଲେଖି ଅନୁରୋଧ କରିଛନ୍ତି ଜଗତସିଂହପୁର ବିଧାୟକ ଅମରେନ୍ଦ୍ର ଦାସ। ମା' ଶାରଳାଙ୍କ କୃପାଲାଭ କରି ସାରଳା ଦାସ ଓଡିଆ ମହାଭାରତ, ବିଲଙ୍କା ରାମାୟଣ ଏବଂ ଚଣ୍ଡିପୁରାଣ ପ୍ରଭୃତି ଅନେକ ଗ୍ରନ୍ଥ ରଚନା କରି ଓଡ଼ିଆ ଭାଷା ସାହିତ୍ୟକୁ ରୁଦ୍ଧିମନ୍ତ କରିଛନ୍ତି। କେବଳ ତିର୍ତ୍ତୋଲ କିମ୍ବା ଜଗତସିଂହପୁର ନୁହେଁ ବରଂ ନିଜର ସାହିତ୍ୟ କୃତି ପାଇଁ ସମଗ୍ର ଓଡିଶାରେ ଆଦିକବି ଭାବେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି ସାରଳା ଦାସ। ତାଙ୍କର ସାହିତ୍ୟ ସାଧନା ଏବଂ କୃତିତ୍ୱକୁ ମନେ ପକାଇବା ତଥା ଉତ୍ତର ପୀଢ଼ିକୁ ସାରଳା ଦାସଙ୍କ ସାହିତ୍ୟ କୃତି ସଂପର୍କରେ ଅବଗତ କରାଇବା ପାଇଁ ବିଭିନ୍ନ ସଂଗଠନ ପକ୍ଷରୁ ଜିଲ୍ଲା ଏବଂ ରାଜ୍ୟସ୍ତରରେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଇ ଆସୁଛି। ସେହିପରି ଓଡ଼ିଶା ସରକାରଙ୍କ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ମଧ୍ୟ ସାରଳା ଦାସଙ୍କ ଜୟନ୍ତୀ ପାଳନ କରାଯାଉଛି। ତେବେ ଚଳିତବର୍ଷ ଏହି ମହାନ ସାହିତ୍ୟ ସାଧକ ସାରଳା ଦାସଙ୍କ ଜୟନ୍ତୀ ଉତ୍ସବ ସରକାରୀ ସ୍ତରରେ କବିଙ୍କ ଜନ୍ମମାଟିରେ ପାଳନ କରାଗଲେ ସ୍ଥାନୀୟ ସାହିତ୍ୟ ଅନୁରାଗିମାନଙ୍କୁ ଏହା ପ୍ରେରଣା ଯୋଗାଇବା ସହିତ ଜଗତସିଂହପୁର ମାଟିକୁ ଅଧିକ ଗୌରାବାନ୍ୱିତ କରିବ। ଏହାକୁ ଦୃଷ୍ଟିରେ ରଖି ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ପଦକ୍ଷେପ ଗ୍ରହଣ କରିବା ପାଇଁ ବିଭାଗୀୟ ମନ୍ତ୍ରୀଙ୍କୁ ବିଧାୟକ ଅନୁରୋଧ କରିଛନ୍ତି।

## ସଙ୍କୁଳ କ୍ରୀଡ଼ାରେ ଇତିଶ୍ରୀ ଚାମ୍ପିଅନ

କୁଜଙ୍ଗ,୭।୧(ସମିସ): କୁଜଙ୍ଗ ବ୍ଲକ ଅନ୍ତର୍ଗତ ଶିକ୍ଷା ବିକାଶ ଯୋଜନା



ପରିଚାଳିତ ପଙ୍କପାଳ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର କୃତୀ ଛାତ୍ରୀ ଇତିଶ୍ରୀ ପ୍ରିୟଦର୍ଶିନୀ ପରିଡ଼ା ପାରାଦୀପ ସଙ୍କୁଳ କ୍ରୀଡ଼ାରେ ଦୌଡରେ ଚାମ୍ପିଅନ ହୋଇଛନ୍ତି। ସପ୍ତମ ଶ୍ରେଣୀରେ ପାଠ ପଢୁଥିବା ଏହି ମେଧାବୀ ଛାତ୍ରୀ ପାଠ ସହ ନୃତ୍ୟ ଚିତ୍ରାଙ୍କନ ପ୍ରତିଯୋଗିତାରେ ଭାଗ ନେଇ ବହୁବାର ପ୍ରଶଂସିତ ହୋଇଛନ୍ତି। ପଙ୍କପାଳ ପଞ୍ଚାୟତ ବଣିକୁନ୍ଦ ନିବାସୀ ମାନସୀ ପରିଡ଼ା ଓ ଯୁବ ବ୍ୟବସାୟୀ କିଶୋର ପରିଡ଼ାଙ୍କ ଝିଅ ଇତିଶ୍ରୀ ବାଲିତୁଠରେ ଆୟୋଜିତ ସଙ୍କୁଳ କ୍ରୀଡ଼ାରେ ୪୦୦, ୨୦୦, ୬୦୦ ମିଟର ଦୌଡରେ ଚାମ୍ପିଅନ ହୋଇ ପୁରୀରେ ହେବାକୁ ଥିବା ସମ୍ଭାଗ ସ୍ତରୀୟ କ୍ରୀଡ଼ାକୁ ମନୋନୀତ ହୋଇଛନ୍ତି। ତାଙ୍କର ଏହି ସଫଳତା ପାଇଁ ବିଦ୍ୟାଳୟର ସଭାପତି ଡା. ଶରତ ଚନ୍ଦ୍ର ମହାପାତ୍ର, ସମ୍ପାଦକ ଗୋକୁଳା ନନ୍ଦ ରାଉତ, ପ୍ରଧାନ ଆଚାର୍ଯ୍ୟ କେଲୁ ଚରଣ ସାହୁଙ୍କ ସହ ପଙ୍କପାଳ ବଣିକ ସଂଘ ସଭାପତି ଫକୀର ଦାସ, ଜେଜେବାପା ତଥା ବରିଷ୍ଠ ବ୍ୟବସାୟୀ ଉତ୍ତମ ଦାସ ଓ ସଙ୍କୁଳ ପ୍ରମୁଖ ଗୌରାଙ୍ଗ ଚରଣ ସ୍ୱାଇଁ ଶୁଭେଚ୍ଛା ଜଣାଇଛନ୍ତି।

## ଡ.କୃଷ୍ଣଚନ୍ଦ୍ର ଶତପଥୀଙ୍କୁ ଶ୍ରୀକ୍ଷେତ୍ର ରତ୍ନ



ବାଲିକୁଦା,୭।୧(ସମିସ): ବାଲିକୁଦା ବ୍ଲକ ଅଳାଭର ଗ୍ରାମପଞ୍ଚାୟତ ନବାଙ୍ଗ ଗ୍ରାମର ସମାଜସେବୀ ଡ. କୃଷ୍ଣଚନ୍ଦ୍ର ଶତପଥୀଙ୍କୁ ଶ୍ରୀକ୍ଷେତ୍ର ପୁରୀରେ ସମ୍ବର୍ଦ୍ଧିତ କରାଯାଇଛି। ଶ୍ରୀକ୍ଷେତ୍ର ପୁରୀ ସ୍ଥିତ ସର୍ବପୁରାତନ "ଅନ୍ନପୂର୍ଣ୍ଣା ଥିଏଟର"ରେ ଓଡିଶା ଆର୍ଟ ଏଣ୍ଡ କଲଚର ଓ ସଂଗୀତ ମୂର୍ଚ୍ଛନ ତରଫରୁ ଆୟୋଜିତ ଜାତୀୟ ସମ୍ମିଳନୀରେ ତାଙ୍କୁ ମର୍ଯ୍ୟାଦା ଜନକ "ଶ୍ରୀକ୍ଷେତ୍ର ରତ୍ନ" ସମ୍ମାନରେ ସମ୍ମାନିତ କରାଯାଇଛି। ଏହି ଉପଲକ୍ଷେ ଆୟୋଜିତ ସଭାରେ ଅନୁଷ୍ଠାନର ସଭାପତି ବସନ୍ତ ଦାସ ସଭାପତିତ୍ୱ କରିଥିଲେ। ଏଥିରେ ମୁଖ୍ୟଅତିଥି ଭାବେ ପୁରୀ ଅତିରିକ୍ତ ଜିଲ୍ଲାପାଳ ଶରତ ଚନ୍ଦ୍ର ବେହେରା, ବିଶିଷ୍ଟ ଲେଖକ ଡ. ଅନିଲ ଧୀର ଓ ହାସ୍ୟ କୁମୁଦ ଡ. ସମ୍ପଦ ରଥ, ବରଗଡ଼ ଧନୁଯାତ୍ରାର କଂସ ମହାରାଜ ସୁଶୀଲ ମେହେର ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ।

## ପୂର୍ବତନ ମନ୍ତ୍ରୀଙ୍କ ଆଶୁ ଆରୋଗ୍ୟ କାମନା

ବାଲିକୁଦା,୭।୧(ସମିସ): ବାଲିକୁଦା ଏରସମାର ପୂର୍ବତନ ବିଧାୟକ ତଥା ପ୍ରାକ୍ତନ ମନ୍ତ୍ରୀ ରଘୁନନ୍ଦନ ଦାସଙ୍କ ଆଜି ଦ୍ୱିତୀୟ ଥର ପାଇଁ କିଡ୍‌ନୀ ପ୍ରତ୍ୟାରୋପଣ କଲିକତାରେ ରବୀନ୍ଦ୍ର ନାଥ ଟାଗୋର ହସ୍ପିଟାଲରେ ସମ୍ପର୍ଣ୍ଣ ହୋଇଛି। ଶ୍ରୀ ଦାସଙ୍କ ଆଶୁ ଆରୋଗ୍ୟ ଓ ଶୀଘ୍ର ସୁସ୍ଥତା ପାଇଁ ବରମୁଣ୍ଡଳୀ ପଞ୍ଚାୟତ ବିଜେଡି ପକ୍ଷରୁ ସଭାପତି ସୁବାସ ନାୟକଙ୍କ ନେତୃତ୍ୱରେ ଏକ ସମୂହ ଦୀପଦାନ କାର୍ଯ୍ୟକ୍ରମ ବରଦିଆ ସ୍ଥିତ ପ୍ରଭୁ ଗ୍ରାମେଶ୍ୱର ମହାଦେବଙ୍କ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ



ଜିଲ୍ଲାପରିଷଦ ପ୍ରତିନିଧି ମୁନା ସ୍ୱାଇଁ, ସମିତିସଭ୍ୟ ଅନାଦି ଚରଣ ବେହେରା, ପୂର୍ଣ୍ଣଚନ୍ଦ୍ର ବେହେରା, ରାକେଶ ଦଳାଇ, ପ୍ରତାପ ବେହେରା, ସଞ୍ଜୟ ସ୍ୱାଇଁ, କବିନ୍ଦ୍ର ବିଶ୍ୱାଳ, ସହଦେବ ମହାନ୍ତି, ଧର୍ମାନନ୍ଦ ମହାରଣା, ଭିକାରୀ ସ୍ୱାଇଁ, ସୁରେନ୍ଦ୍ର ରାଉତ, ବିଜୟ ଜେନା, ୱାର୍ଡ ସଭ୍ୟ ସୁଶାନ୍ତ ବେହେରା, ସୁଜନ ବିଶ୍ୱାଳ, ୱାର୍ଡ ସଭ୍ୟ ସୁଶାନ୍ତ ବେହେରା ପ୍ରମୁଖ ଯୋଗଦେଇଥିଲେ। ସେହିପରି ବାଲିକୁଦା ପୂଜ୍ୟ ପୂଜା ସଂସଦ ପକ୍ଷରୁ ସଭାପତି କୈଳାଶ ଚନ୍ଦ୍ର ବିଶ୍ୱାଳଙ୍କ ନେତୃତ୍ୱରେ ବାଲିକୁଦା ସ୍ଥିତ ମା' ଥାନପତି ପୀଠରେ ସମ୍ପାଦକ ଅରୁଣ କୁମାର ମହାନ୍ତି, ବିଷ୍ଣୁ ଚରଣ ସ୍ୱାଇଁ, ଅକ୍ଷୟ କୁମାର ଜେନା, ଶ୍ୱେତକୁମାର ସ୍ୱାଇଁ, ପବିତ୍ର ମୋହନ ସାଉ, ରଞ୍ଜନ ମହାନ୍ତି, ପ୍ରମୋଦ ନାୟକ, ସରୋଜକାନ୍ତ ସ୍ୱାଇଁ, ରାମଚନ୍ଦ୍ର ଶତପଥୀ, ପଣ୍ଡିତ ଅଜୟ କୁମାର ଶତପଥୀ, ସ୍ମିତା ଦାସ, ପ୍ରଫୁଲ୍ଲ ଷଡ଼ଙ୍ଗୀ, ମିନତୀ ନାୟକ, ରମେଶ ଚନ୍ଦ୍ର ସ୍ୱାଇଁ, ବ୍ରହ୍ମାନନ୍ଦ ମହାନ୍ତି ପ୍ରମୁଖ ସମୂହ ଦୀପଦାନ କରି ରଘୁନନ୍ଦନ ଦାସଙ୍କ ଆରୋଗ୍ୟ କାମନା କରିଥିଲେ।

## ଆଦର୍ଶ ଛାତ୍ରୀ ଦିବ୍ୟଦର୍ଶିକାଙ୍କୁ ସମ୍ବର୍ଦ୍ଧନା

ବିରିଡ଼ି,୭।୧(ସମିସ): ବିରିଡି ବ୍ଲକର ଆଦର୍ଶ ଛାତ୍ରୀ ତଥା ମହାବୀର ସରକାରୀ ଉଚ୍ଚବିଦ୍ୟାଳୟର ମାଟ୍ରିକ ଟପ୍ପର ଦିବ୍ୟଦର୍ଶିକା ଦାଶଙ୍କୁ ମଧ୍ୟଶାସନର ଅଗ୍ରଣୀ ଅନୁଷ୍ଠାନ ପ୍ରତିଭା ଅନ୍ୱେଷଣ ପରିବାର ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ଅନୁଷ୍ଠାନର ସ୍ଥାୟୀ ସଭାପତି ବିଭୂପ୍ରସାଦ ଦାଶ, ସମ୍ପାଦକ ଅଧ୍ୟାପକ ବିଶ୍ୱରଞ୍ଜନ ଦାଶ, ସୁଶାନ୍ତି



ପଣ୍ଡା ସୁଶ୍ରୀ ଦାଶଙ୍କ ବାସଭବନରେ ପହଞ୍ଚି ମାନପତ୍ର, ଉପଢୌକନ ଫୁଲତୋଡ଼ା ଦେଇ ସମ୍ବର୍ଦ୍ଧିତ କରିଥିଲେ। ଏହି ସମୟରେ ପରିବାର ସଦସ୍ୟ ଉପସ୍ଥିତ ଥିଲେ।

# ପ୍ରାଥମିକ ମତ୍ସ୍ୟ ଉତ୍ପାଦନ ଓ ବାଣିଜ୍ୟ ସମବାୟ ସମିତିର ସମ୍ମିଳନୀ

ପାରାଦୀପ,୭।୧(ସମିସ)



ପାରାଦୀପ ମେରାଇନ ପ୍ରାଥମିକ ମତ୍ସ୍ୟ ଉତ୍ପାଦନ ଓ ବାଣିଜ୍ୟ ସମବାୟ ସମିତିର ବନ୍ଧୁମିଳନ ଉତ୍ସବ ଆଜି ଗଲ୍ଫ କ୍ଲବ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସଭାପତି ପୁରନ୍ଦର ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ସମିତିର ପ୍ରାକ୍ତନ ସଭାପତି ଅରବିନ୍ଦ ସ୍ୱାଇଁଙ୍କୁ ବୋର୍ଡ ସଦସ୍ୟ ସରୋଜ କୁମାର ପ୍ରଧାନ ସମ୍ବର୍ଦ୍ଧିତ କରିବା ସହ, ପୂର୍ବତନ ସଭାପତି ଅମରଜିତ୍ ଜେନାଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ବର୍ତ୍ତମାନର ସଭାପତି ପୁରନ୍ଦର ବିଶ୍ୱାଳଙ୍କୁ ସମିତିର ଉପଦେଷ୍ଟା ମହେଶ୍ୱର ବେହେରା ସମ୍ବର୍ଦ୍ଧିତ କରିଥିଲେ। ପରେ ଅଗ୍ନିକାଣ୍ଡ ଘଟି କ୍ଷୟକ୍ଷତି ହୋଇଥିବା ସମିତି ସଦସ୍ୟ ପ୍ରମୋଦ କୁମାର ବେହେରା, ସମୀର ରାୟ, ଏବଂ ବାବୁଲି ବେହେରାଙ୍କୁ ସମିତି ପକ୍ଷରୁ ପଚାଶ ହଜାର ଟଙ୍କାର ଅର୍ଥ ରାଶି ପ୍ରଦାନ କରାଯାଇଥିଲା। ଏଥି ସହ ଦୁର୍ବଳ ଶ୍ରେଣୀର ୩ ଜଣ ଛାତ୍ରଛାତ୍ରୀଙ୍କୁ ୫୦୦୦ ଟଙ୍କା ଲେଖାଏଁ ଅର୍ଥ ରାଶିର ସହାୟତା ପ୍ରଦାନ କରାଯିବା ସହ ସ୍କୁଲ ବ୍ୟାଗ୍, ବହି କଲମ ମଧ୍ୟ ପ୍ରଦାନ କରାଯାଇଥିଲା। ସେମାନେ ହେଲେ ନେହେରୁ ବଙ୍ଗଳା ପ୍ରାଥମିକ ବିଦ୍ୟାଳୟର ଛାତ୍ରୀ ହରିପ୍ରିୟା ବେହେରା, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଛାତ୍ର ଜୟ ଶଙ୍କର ରଣା ଓ ସେକ୍ଟର ୨୧ ପ୍ରାଥମିକ ବିଦ୍ୟାଳୟର ଛାତ୍ରୀ ରିତିକା ପଣ୍ଡିତ। ସକାଳୁ ସମିତିର କାର୍ଯ୍ୟାଳୟ ଠାରେ ବୃକ୍ଷରୋପଣ କରାଯାଇ ଥିଲା ଏହି କାର୍ଯ୍ୟକ୍ରମକୁ ରମେଶ ଚନ୍ଦ୍ର ବହିରା ସଂଯୋଜନା କରିବା ସହ ସମିତିର ମ୍ୟାନେଜର ସଞ୍ଜୟ କୁମାର ବାରିକ ଧନ୍ୟବାଦ ଅର୍ପଣ କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମକୁ ସମ୍ପାଦକ ସୋମନାଥ ସାହୁ ପରିଚାଳନା କରିଥିଲେ।

● ଅବକାରୀ ବିଭାଗର ଚଢ଼ଉ

## ୨୧.୭ କେଜି ଗଞ୍ଜେଇ ଜବତ; ଜଣେ ଗିରଫ



କାମାକ୍ଷାନଗର/ପରଜଙ୍ଗ, ୭ ।୧(ସମିସ): ପରଜଙ୍ଗ ଥାନା କୁଆଁଳୋ ଗ୍ରାମରେ ଅବକାରୀ ବିଭାଗ ଚଢ଼ଉ କରି ୨.୭ କେଜି ଗଞ୍ଜେଇ ଜବତ କରିଛି। ଚୋରା ଗଞ୍ଜେଇ କାରବାର ଅଭିଯୋଗରେ ସେହି ଗ୍ରାମର ଗିରୀଶ ସାହୁଙ୍କୁ ଗିରଫ କରାଯାଇଛି। ଗିରୀଶ ଏକ ବାଇକ୍ ଯୋଗେ ଗଞ୍ଜେଇ ଚାଲାଣ କରୁଥିବା ସୂଚନା ପାଇ ଅବକାରୀ ବିଭାଗ ଚଢ଼ଉ କରି ଗଞ୍ଜେଇ ସହ ବାଇକ୍ ଜବତ କରିଛି। ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ୨୧ ହଜାର ଟଙ୍କା ହେବ ବୋଲି କୁହାଯାଇଛି। ଗିରୀଶଙ୍କୁ କୋର୍ଟ ଚାଲାଣ କରାଯାଇଛି।

## ଭିନ୍ନକ୍ଷମ ଓ ବରିଷ୍ଠ ନାଗରିକ ଚିହ୍ନଟ ଶିବିର

କଙ୍କଡ଼ାହାଡ଼,୭ ।୧(ସମିସ): କଙ୍କଡ଼ାହାଡ଼ ବ୍ଲକ କାର୍ଯ୍ୟାଳୟରେ ଜିଲ୍ଲା ସାମାଜିକ ସୁରକ୍ଷା ଓ ଭାରତୀୟ ତୈଳ ନିଗମ ମିଳିତ ଆନୁକୂଲ୍ୟରେ ଭିନ୍ନକ୍ଷମ ଓ ବରିଷ୍ଠ ନାଗରିକ ଚିହ୍ନଟ ଶିବିର ଅନୁଷ୍ଠିତ ହୋଇଛି। ବିଡିଓ ଯଶୋବନ୍ତ ଦେହୁରୀ ଶିବିରକୁ ଉଦଘାଟନ କରିଥିଲେ। ଡା. ସତ୍ୟବ୍ରତ ଗିରି, ଡା. ଆଲୋକ କୁମାର ସାହୁ ଉପସ୍ଥିତ ରହି ଭିନ୍ନକ୍ଷମ ଓ ବରିଷ୍ଠ ନାଗରିକଙ୍କୁ ଚିହ୍ନଟ କରିଥିଲେ। ଶିବିରରେ ୬୯ ଜଣ ଭିନ୍ନକ୍ଷମ, ୨୩ ଜଣ ବରିଷ୍ଠ ନାଗରିକଙ୍କୁ ଚିହ୍ନଟ କରାଯାଇଛି। ଚିହ୍ନଟ ବ୍ୟକ୍ତିମାନଙ୍କୁ ବ୍ୟାଟେରୀ ଚାଳିତ ଯାନ, ଟ୍ରାଇ ସାଇକଲ, ଶ୍ରବଣ ଯନ୍ତ୍ର ଆଦି ପ୍ରଦାନ କରାଯିବ। କାର୍ଯ୍ୟକ୍ରମରେ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ପ୍ରଭାତ ଚନ୍ଦ୍ର ସାମନ୍ତରାୟ, ଯୋଜନା ସହାୟକ ସତ୍ୟପ୍ରକାଶ ଷଣ୍ଢ, ସେକ୍ସନ ଅଫିସର ଲକ୍ଷ୍ମୀଧର ସେଠୀ, ସୁମିତ୍ରା ମୁଣ୍ଡା ପ୍ରମୁଖ ସହଯୋଗ କରିଥିଲେ।

## ରିମ୍‌ଝିମ୍ ଷ୍ଟିଲ କାରଖାନାରେ ଭୟାବହ ଅଗ୍ନିକାଣ୍ଡ



ଢେଙ୍କାନାଳ,୭ ।୧(ସମିସ): ଢେଙ୍କାନାଳ ଜିଲ୍ଲା କଣ୍ଟାବଣିଆ ଥାନା ଅର୍ନ୍ତଗତ ରିମ୍‌ଝିମ୍ ଷ୍ଟିଲ କାରଖାନାରେ ଭୟାଭହ ଅଗ୍ନିକାଣ୍ଡ ଘଟି ୨ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ସମ୍ପତ୍ତି ଭସ୍ମୀଭୂତ ହୋଇଛି। ବୁଧବାର ଅପରାହ୍ନ ୧ଟାରେ କାରଖାନା ୟୁନିଟ ୩ର ମିଲ୍‌ରେ ହଠାତ୍ ନିଆଁ ଲାଗିଥିଲା। ଏହି ଅଗ୍ନିକାଣ୍ଡ ଏତେ ଭୟଙ୍କର ଥିଲା ଯେ କର୍ମଚାରୀମାନେ ଘଟଣାସ୍ଥଳରୁ କୌଶଳକ୍ରମେ ପଳାଇଥିଲେ। ଖବର ପାଇ ହିନ୍ଦୋଳରୋଡ, ଖଜୁରିଆକଟା, ରାସୋଳ, ବଅଁରପାଳରୁ ୪ଟି ଦମକଳ ଗାଡ଼ିରେ ୫୦ରୁ ଊର୍ଦ୍ଧ୍ୱ କର୍ମଚାରୀ ପହଞ୍ଚି ଦୀର୍ଘ ୩ ଘଣ୍ଟା ପରିଶ୍ରମ ପରେ ନିଆଁକୁ ଆୟତ୍ତ କରିଥିଲେ। ଅଗ୍ନିକାଣ୍ଡର କାରଣ ଜଣାପଡ଼ିନାହିଁ। କାରଖାନାର ବରିଷ୍ଠ ଅଧିକାରୀମାନେ ଏହାର ତଦନ୍ତ ଜାରି ରଖିଛନ୍ତି। କାରଖାନା ପରିସରରେ ବିପୁଳ ପରିମାଣର ତେଲ ଓ ରସାୟନିକ ସାମଗ୍ରୀ ରହିଥିବାରୁ ଅଗ୍ନିଶମ କର୍ମଚାରୀମାନେ ବହୁ ସତର୍କତାର ସହ ନିଆଁକୁ ଆୟତ୍ତ କରିବାରେ ସଫଳ ହୋଇଛନ୍ତି। ଅନ୍ୟପଟେ ଅଗ୍ନି ନିରାପତ୍ତା ବ୍ୟବସ୍ଥା ନ ଥାଇ କାରଖାନା କିପରି ଚାଲିଥିଲା ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

## ଚିତ୍ରଶିଳ୍ପୀ ଅମୂଲ୍ୟ ମହାପାତ୍ରଙ୍କ ପରଲୋକ

ଢେଙ୍କାନାଳ,୭ ।୧(ସମିସ): ବିଶିଷ୍ଟ ଚିତ୍ରଶିଳ୍ପୀ ତଥା ସମାଜସେବୀ ଅମୂଲ୍ୟ ମହାପାତ୍ରଙ୍କ ୭୪ ବର୍ଷ ବୟସରେ ହାଟରୋଡ୍‌ସ୍ଥିତ ବାସଭବନରେ ପରଲୋକ ଘଟିଛି। ଚିତ୍ରଶିଳ୍ପୀ ଭାବେ ସାରା ଓଡ଼ିଶାରେ ତାଙ୍କ ସୁନାମ ରହିଥିଲା। ରାଜ୍ୟର ବିଭିନ୍ନ ଜିଲ୍ଲାରେ ସେ ସମ୍ମାନିତ ହୋଇଥିଲେ। ସମାଜସେବା ତାଙ୍କ ବ୍ରତ ଥିଲା। ଜଣେ ପରୋପକାରୀ ତଥା ଧର୍ମପରାୟଣ ବ୍ୟକ୍ତି ଭାବେ ସେ ଅଞ୍ଚଳରେ ପରିଚିତ ଥିଲେ। ସାନ୍ଧ୍ୟ ମହାବିଦ୍ୟାଳୟ, ହାଟରୋଡ ଲକ୍ଷ୍ମୀପୂଜା ଓ ହନୁମାନ ମନ୍ଦିର ପ୍ରତିଷ୍ଠାରେ ତାଙ୍କର ଯଥେଷ୍ଟ ଅବଦାନ ଥିଲା। ତାଙ୍କ ଦେହାନ୍ତରେ ଅଞ୍ଚଳରେ ଶୋକରେ ଛାୟା ଖେଳିଯାଇଛି। ସ୍ୱର୍ଗତ ମହାପାତ୍ର ଜିଲ୍ଲା ବିଜେଡି ମହିଳା ଉପ ସଭାନେତ୍ରୀ ଟିନା ମହାପାତ୍ରଙ୍କ ବାପା। ତାଙ୍କ ବିୟୋଗରେ ସମାଜସେବୀ ଗଙ୍ଗାଧର ସାମଲ, ପୂର୍ବତନ ବିଧାୟକ ସୁଧୀର କୁମାର ସାମଲ, ସମାଜସେବୀ ଡା. ଅବିନାଶ ସାମଲ ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି।

## ସ୍କୁଲ ଓ ଅଙ୍ଗନବାଡ଼ି କେନ୍ଦ୍ରରୁ ଚୋରି



ପରଜଙ୍ଗ,୭ ।୧(ସମିସ): ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ଥାନା ଏନ୍ତର୍ଗତ ଆଦିବାସୀ ଅଧ୍ୟୁଷିତ ଗଣ୍ଡତଇଳା ସାହିରେ ଥିବା ପ୍ରାଥମିକ ସ୍କୁଲ ଓ ନିକଟରେ ଥିବା ଅଙ୍ଗନବାଡ଼ି କେନ୍ଦ୍ରର ତାଲା ଭାଙ୍ଗି ସୋମବାର ବିଳମ୍ବିତ ରାତିରେ ବହୁ ମୂଲ୍ୟବାନ ସାମଗ୍ରୀ ଚୋରି ହୋଇଛି। ଦୁର୍ବୃତ୍ତମାନେ ବିଦ୍ୟୁତ୍ ସାମଗ୍ରୀ ଓ କଣ୍ଟା ତାର ସମେତ ଅଫିସ ସାମଗ୍ରୀ ଚୋରି କରିନେଇଛନ୍ତି। ସ୍କୁଲ ଅଫିସ ଗୃହରୁ ଗୋଟିଏ ବଜାଜ୍ ଷ୍ଟାଣ୍ଡଫ୍ୟାନ ଓ ସ୍କୁଲର ବାଡ଼ଦେବା ପାଇଁ ରଖାଯାଇଥିବା ୧ ବଣ୍ଡଲ ଟାଟା କଣ୍ଟା ତାର ଚୋରି ହୋଇଥିବା ବେଳେ ଅଙ୍ଗନବାଡ଼ି କେନ୍ଦ୍ରରୁ ପାଣିପମ୍ପ ଓ ଗୋଟିଏ ଜଳବିଶୋଧକ ଚୋରି ହୋଇଛି। ଏ ସଂକ୍ରାନ୍ତରେ ସ୍କୁଲ ଶିକ୍ଷା କମିଟି ପକ୍ଷରୁ ପରଜଙ୍ଗ ଥାନାରେ ଅଭିଯୋଗ କରାଯାଇଛି। ଥାନା ଏଏସଆଇ ଜଳନ୍ଧର ବାରିକ ତଦନ୍ତ ଆରମ୍ଭ କରିଛନ୍ତି। ପାଖ ଆଖ ଅଞ୍ଚଳର କେହି ଦୁର୍ବୃତ୍ତ ଏଭଳି କାର୍ଯ୍ୟ କରିଥିବା ପୁଲିସ ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ତୁରନ୍ତ ଦୁର୍ବୃତ୍ତଙ୍କୁ ଧରିବାକୁ ଗ୍ରାମବାସୀ ନିବେଦନ କରିଛନ୍ତି।

# ୭୭ତମ ସାଧାରଣତନ୍ତ୍ର ଦିବସ ପାଳନ ପ୍ରସ୍ତୁତି ବୈଠକ

ଢେଙ୍କାନାଳ,୭ ।୧(ସମିସ)




ଜିଲ୍ଲା ସଦର ମହକୁମାରେ ୭୭ତମ ସାଧାରଣତନ୍ତ୍ର ଦିବସ ପାଳନ ନିମନ୍ତେ ଜିଲ୍ଲା କାର୍ଯ୍ୟାଳୟ ସଦଭାବନା ସଭାଗୃହରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ ସମସ୍ତଙ୍କୁ ନବବର୍ଷର ସ୍ୱାଗତ ଜଣାଇବା ସହ ଚଳିତ ବର୍ଷ ଶାନ୍ତିଶୃଙ୍ଖଳାରେ ଉତ୍ସବ ଆୟୋଜନ ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅଭିଷେକ ବେହେରା କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ଜାନୁଆରୀ ୨୬ ତାରିଖ ସକାଳ ସାଢ଼େ ୮ଟାରେ ସ୍ଥାନୀୟ ମୁଖ୍ୟ ଷ୍ଟାଡିୟମରେ ମୁଖ୍ୟଅତିଥି ପତାକା ଉତ୍ତୋଳନ କରି ସମ୍ମିଳିତ ପରେଡରେ ଅଭିବାଦନ ଗ୍ରହଣ କରିବେ। ସକାଳ ୫ଟାରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ରାମଧୂନ ପରିବେଷଣ କରାଯିବ। ସକାଳ ସାଢ଼େ ୭ଟାରେ ସର୍ବସାଧାରଣରେ ଜାତୀୟ ପତାକା ଉତ୍ତୋଳନ କରାଯିବ। ସକାଳ ୭ଟା ୪୫ରୁ ସହରସ୍ଥିତ ମହାପୁରୁଷମାନଙ୍କ ପ୍ରତିମୂର୍ତ୍ତିରେ ମୁଖ୍ୟଅତିଥି ମାଲ୍ୟାର୍ପଣ କରିବେ। ଏହି ଉପଲକ୍ଷେ ବିଦ୍ୟାଳୟ ଓ ମହାବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବକ୍ତୃତା, ଦେଶାତ୍ମବୋଧକ ସଙ୍ଗୀତ, ସାଂସ୍କୃତିକ କାର୍ଯ୍ୟକ୍ରମ, ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହେବ। ରୋଟାରୀ କ୍ଲବ ପରିସରରେ ରକ୍ତଦାନ ଶିବିର ଆୟୋଜିତ ହେବ। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ରୋଗୀଙ୍କୁ ଫଳ ବଣ୍ଟନ, ଭିନ୍ନକ୍ଷମ ଛାତ୍ରଛାତ୍ରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ଓ ମିଷ୍ଟାନ୍ନ ବଣ୍ଟନ, ବିଶ୍ୱ କୁନ୍ତଳ ଶିଶୁଗୃହ ଅନ୍ତେବାସୀଙ୍କୁ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ପ୍ରଦାନ, ଜେଲ୍ ଅନ୍ତେବାସୀମାନଙ୍କୁ ମିଷ୍ଟାନ୍ନ ବଣ୍ଟନ, ମିନି ଷ୍ଟାଡିୟମରେ ପୁଷ୍ପ ପ୍ରଦର୍ଶନୀ, ଷ୍ଟାଡିୟମରେ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ ଏବଂ ସନ୍ଧ୍ୟା ୬ଟାରେ ଆର୍ଟ ଆଣ୍ଡ କ୍ରାଫ୍ଟ ସେଣ୍ଟର ହଲରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ ବୋଲି ବୈଠକରେ ସ୍ଥିର କରାଯାଇଛି। ବୈଠକରେ ଏସ୍‌ପି ଅଭିନବ ସୋନକର, ଅତିରିକ୍ତ ଜିଲ୍ଲାପାଳ ରମେଶ ଚନ୍ଦ୍ର ସେଠୀ, ଉପ-ଜିଲ୍ଲାପାଳ ବିବୁଧ ଗଡ଼ନାୟକଙ୍କ ସମେତ ବିଭାଗୀୟ ଅଧିକାରୀ, ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା, ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ଗୋପାଳପୁର ଖଣିରେ ଶ୍ରମିକ ମୃତ୍ୟୁ ପରେ ପ୍ରଶାସନର ଚେତାପଶିଲା | ୬୭ କ୍ରସର ସିଲ୍, ୮ ଗିରଫ

ଢେଙ୍କାନାଳ ୭।୧(ସମିସ): ଢେଙ୍କାନାଳ ଜିଲ୍ଲାରେ ବର୍ଷବର୍ଷ ଧରି ପ୍ରଶାସନ, ତହସିଲ ଏବଂ ଖଣିବିଭାଗ ସଲାସୁତ୍ରରାରେ ଚାଲିଥିବା ବେଆଇନ ଖଣି ଉପରେ ଏବେ ଆରମ୍ଭ ହୋଇଛି ଚଢ଼ଉ। ଗୋପାଳପୁର ଖଣିରେ ବିସ୍ଫୋରଣରେ ୨ ଶ୍ରମିକଙ୍କ ମୃତ୍ୟୁ ହୋଇଥିବାବେଳେ ହଠାତ ପ୍ରଶାସନ, ତହସିଲ ଏବଂ ଖଣି ବିଭାଗ ତତ୍ପରତା ଦେଖାଇ ୬୭ କ୍ରସର ସିଲ କରିଥିବା ବେଳେ ୮ ଜଣଙ୍କୁ ଗିରଫ କରିଛି। ବର୍ଷବର୍ଷ ଧରି ଖଣିଜ ଦ୍ରବ୍ୟ ଲୁଟ୍ ହେବା ସହ ବେଆଇନ ଖଣି ଚାଲୁଥିବା ବେଳେ ଏହି ଗିରଫଦାରି ଏବଂ ସିଲ୍ ଲୋକଦେଖାଣିଆ ନା ଧର୍ମକୁ ଆଖିଠାର ବୋଲି ସାଧାରଣରେ ଆଲୋଚନା ହେଉଛି।

ଗୋପାଳପୁର ଖଣିରେ ଶ୍ରମିକ ମୃତ୍ୟୁ ପରେ ଜାନୁଆରୀ ୫ରେ ଆରମ୍ଭ ହୋଇଥିବା ବେଆଇନ ଖଣି ଏବଂ ସମ୍ପର୍କିତ କାର୍ଯ୍ୟକଳାପ ବିରୋଧରେ ଆରମ୍ଭ ହେଇଥିବା କାର୍ଯ୍ୟାନୁଷ୍ଠାନ ଅଭିଯାନ ଢେଙ୍କାନାଳ ଜିଲ୍ଲାରେ ଜାରି ରହିଛି। ଏପର୍ଯ୍ୟନ୍ତ ହିନ୍ଦୋଳ, ଓଡ଼ାପଡ଼ା, ଗଁଦିଆ ଏବଂ ଭୁବନ ତହସିଲ ଅଞ୍ଚଳରେ ୬୭ଟି ପଥର କ୍ରସର ସିଲ୍ କରାଯାଇଛି। ଏହାସହିତ ୬୯ଟି ପଥର ଖଣିକୁ ଏନଫୋର୍ସମେଣ୍ଟ ସ୍କ୍ୱାଡ୍ ଯାଞ୍ଚ କରିଛି। ସେହିପରି ପରଜଙ୍ଗରେ ୮ଟି ଗାଡ଼ି ଜବତ କରାଯାଇଛି ଏବଂ ୭.୦୧ ଲକ୍ଷ ଟଙ୍କା ଜରିମାନା ଆଦାୟ କରାଯାଇଛି। ଏଥିସହ ୮ ଜଣଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯିବା ସହ ଚାରିଟି ମାମଲା ରୁଜୁ କରାଯାଇଛି। ଲଘୁ ଖଣିଜ ପଦାର୍ଥର ବେଆଇନ ପରିବହନ, ବିସ୍ଫୋରକ ସଂରକ୍ଷଣ ଯାଞ୍ଚ ଏବଂ ଯାନବାହାନଗୁଡ଼ିକର ଯାଞ୍ଚ ବିରୋଧରେ ପ୍ରଶାସନ ତରଫରୁ କାର୍ଯ୍ୟାନୁଷ୍ଠାନ ଜାରି ରହିଛି। ସମସ୍ତଙ୍କ ଜ୍ଞାତସାରରେ ବର୍ଷବର୍ଷ ଧରି ହିନ୍ଦୋଳ, ଓଡ଼ାପଡ଼ା ତହସିଲ ନିକଟରେ ଶହ ଶହ ଖଣି ଚାଲୁଥିବା ବେଳେ ଆଜିଯାଏ କାହିଁକି ପ୍ରଶାସନ ଚୁପ୍ ରହିଥିଲା ବୋଲି ପ୍ରଶ୍ନ ଉଠିଛି।

## ବାଣିଜ୍ୟ ଓ ଶିଳ୍ପ ପ୍ରତିଷ୍ଠାନର ସାଧାରଣ ପରିଷଦ ବୈଠକ




ଢେଙ୍କାନାଳ,୭ ।୧(ସମିସ): ବିରାଡ଼ିଆସ୍ଥିତ ଏସ୍‌ଏମ୍ ଆଗ୍ରୋ ରିସୋର୍ଟରେ ଢେଙ୍କାନାଳ ବାଣିଜ୍ୟ ଓ ଶିଳ୍ପ ପ୍ରତିଷ୍ଠାନର ବାର୍ଷିକ ସାଧାରଣ ପରିଷଦ ବୈଠକ ସଭାପତି ରାଜେନ୍ଦ୍ର କୁମାର ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ଏହି ଅବସରରେ ଉପଦେଷ୍ଟା ଶରତ ଚନ୍ଦ୍ର ପାଢ଼ୀ ୨୦୨୬-୨୭ ବର୍ଷ ପାଇଁ ପ୍ରତିଷ୍ଠାନର ମନୋନୀତ କର୍ମକର୍ତ୍ତା ଓ କାର୍ଯ୍ୟକାରିଣୀ ସଦସ୍ୟଙ୍କ ନାମ ଘୋଷଣା କରିଥିଲେ। ସର୍ବସମ୍ମତି କ୍ରମେ ଏହାକୁ ଗୃହୀତ କରାଯାଇଥିଲା। ଅନୁଷ୍ଠାନର ବରିଷ୍ଠ ଉପ-ସଭାପତି ରୋଟାରିଆନ୍ ରାଜକିଶୋର ବେହେରା ଭାରତୀୟ ରେଡ୍‌କ୍ରସ୍ ସୋସାଇଟି ଢେଙ୍କାନାଳ ଶାଖା ଉପାଧ୍ୟକ୍ଷ ଭାବେ ମନୋନୀତ ହୋଇଥିବାରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଦସ୍ୟମାନଙ୍କ ମଧ୍ୟରେ ପ୍ରଶ୍ନୋତ୍ତର, ଭାବବିନିମୟ, ଆର୍ଲି ବାର୍ଡ, ବ୍ୟାଡ୍‌ମିଣ୍ଟନ, କ୍ରିକେଟ୍, ମ୍ୟୁଜିକାଲ୍ ଚେୟାର ପ୍ରତିଯୋଗିତା କରି କୃତୀ ସଦସ୍ୟଙ୍କୁ ପୁରସ୍କୃତ କରାଯାଇଥିଲା। ରାଧାଗୋବିନ୍ଦଜୀଉ ଗୋଶାଳା ପରିଚାଳନା ନିମନ୍ତେ ଆର୍ଥିକ ସହାୟତା ଦେଉଥିବା ସଦସ୍ୟମାନଙ୍କୁ ସ୍ୱତନ୍ତ୍ର ଭାବେ ସମ୍ମାନିତ କରାଯାଇଥିଲା। ମହେଶ ପ୍ରସାଦ ଅଗ୍ରୱାଲ ଓ କୃଷ୍ଣଚନ୍ଦ୍ର ଦେବତାଙ୍କୁ ନିଷ୍ଠାପର ସାଧନା ପାଇଁ ସ୍ୱତନ୍ତ୍ର ଭାବେ ସମ୍ମାନିତ କରାଯାଇଥିଲା। ଲୋକନାଥ ମହାପାତ୍ର ସମ୍ପାଦକୀୟ ବିବରଣୀ ଉପସ୍ଥାପନ କରିଥିଲେ। ସୁବର୍ଣ୍ଣ ଜୟନ୍ତୀ ସମାରୋହରେ ଶ୍ରେଷ୍ଠ ଅବଦାନ ନିମନ୍ତେ ବିମଳ ପୋଦାରଙ୍କୁ ବିନୋଦ କୁମାର ଅଗ୍ରୱାଲ ସମ୍ବର୍ଦ୍ଧିତ କରିଥିଲେ। ଶିବପ୍ରସାଦ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

## ହିନ୍ଦୋଳର ବିଭିନ୍ନ ସ୍କୁଲରେ ପିଏମଶ୍ରୀ ଉତ୍ସବ




ଖଜୁରିଆକଟା,୭ ।୧(ସମିସ): ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ବିଧାନସଭା କ୍ଷେତ୍ରର ବିଭିନ୍ନ ସ୍କୁଲରେ ପିଏମଶ୍ରୀ ଉତ୍ସବ ଅନୁଷ୍ଠିତ ହୋଇଛି। ହିନ୍ଦୋଳ ହାଇସ୍କୁଲରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ହିନ୍ଦୋଳ ବିଧାୟିକା ସୀମାରାଣୀ ନାୟକ ମୁଖ୍ୟଅତିଥି, ଉପଜିଲ୍ଲାପାଳ ପ୍ରଭାସ ବେଉରା ମୁଖ୍ୟବକ୍ତା, ବିଇଓ ହରିହର ଦେହୁରୀ, ସାଂସଦଙ୍କ ପ୍ରତିନିଧି ସୁଶାନ୍ତ ପତି, ସ୍କୁଲ କମିଟି କାର୍ଯ୍ୟକାରୀ ସଭାପତି ଶେଷଦେବ, ପୁରାତନ ଛାତ୍ରସଂସଦ ସଭାପତି କବିରାଜ ବେହେରା, ଏନଏସି ଅଧ୍ୟକ୍ଷ କେଶବ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ଶିକ୍ଷାବିଭାଗ ପକ୍ଷରୁ ଛାତ୍ରଛାତ୍ରୀଙ୍କ ଶିକ୍ଷା ସହ ବୌଦ୍ଧିକ, ନୈତିକ, ଶାରୀରିକ ଶିକ୍ଷା ପାଇଁ ବହୁ ଉପାଦେୟ ଷ୍ଟଲ ପ୍ରଦର୍ଶିତ ହୋଇଥିଲା। ସେହିପରି ଜରଡ଼ା ପଞ୍ଚାୟତ ନବପଲ୍ଲୀ ହାଇସ୍କୁଲରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ବିଧାୟିକା ସୀମାରାଣୀ ନାୟକ, ସମ୍ମାନିତ ଅତିଥି ଭାବେ ସାଂସଦଙ୍କ ପ୍ରତିନିଧି ସୁଶାନ୍ତ ପତି, ସରପଞ୍ଚ ଜ୍ଞାନରଞ୍ଜନ ଦାସ, ବ୍ଲକ ଉପାଧ୍ୟକ୍ଷ ବରୁଣ ସର, ସମିତିସଭ୍ୟା ଶୁଭଶ୍ରୀ ସାହୁ, ପରିଚାଳନା କମିଟି ସଭାପତି ସମିରଣ ପ୍ରଧାନ ଯୋଗଦେଇଥିଲେ। ବିଇଓ ହରିହର ଦେହୁରୀ ସଭାପତିତ୍ୱ କରିଥିଲେ। ଛାତ୍ରଛାତ୍ରୀଙ୍କ ଦ୍ୱାରା ସଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା।

## ଗୋଦାବରୀଶ ମିଶ୍ର ଆଦର୍ଶ ବିଦ୍ୟାଳୟର ଭିତ୍ତି ସ୍ଥାପନ



କାମାକ୍ଷାନଗର,୭ ।୧(ସମିସ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବୁଧବାର ରାଜ୍ୟରେ ୧୧୮ଟି ଗୋଦାବରୀଶ ମିଶ୍ର ଆଦର୍ଶ ବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ କରିଛ>ତି। ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ବ୍ଲକ କୋଟଗରା ଜେକେଏସ ସରକାରୀ ଉଚ୍ଚ ବିଦ୍ୟାଳୟରେ ଭିତ୍ତିପ୍ରସ୍ତର ସ୍ଥାପନ ଉତ୍ସବ ଅନୁଷ୍ଠିତ ହୋଇଛି। ମୁଖ୍ୟଅତିଥି ଭାବେ ସାଂସଦ ରୁଦ୍ରନାରାୟଣ ପାଣି, ସମ୍ମାନିତ ଅତିଥି ଭାବେ କାମାକ୍ଷାନଗର ବିଧାୟକ ଶତ୍ରୁଘ୍ନ ଜେନା ଯୋଗଦେଇଥିଲେ। ଜିଲ୍ଲାର ୩ଟି ବିଦ୍ୟାଳୟକୁ ଏଥିରେ ଅନ୍ତର୍ଭୁକ୍ତ କରାଯାଇଛି। ପ୍ରାଥମିକ ଶିକ୍ଷାର ବିକଶ ଲକ୍ଷ୍ୟରେ ଏହାକୁ ଆରମ୍ଭ କରାଯାଇଛି। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ, ଉପଜିଲ୍ଲାପାଳ ଦୀନମଣି ନାଏକ, ଜିଲ୍ଲା ଶିକ୍ଷା ଅଧିକାରୀ ପରେଶ ଚନ୍ଦ୍ର ପାତ୍ର, ବ୍ଲକ ଶିକ୍ଷା ଅଧିକାରୀ ସରୋଜ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ କାର୍ଯ୍ୟକ୍ରମ




ପରଜଙ୍ଗ,୭ ।୧(ସମିସ): ଗଡ଼ପରଜଙ୍ଗ ମହାବିଦ୍ୟାଳୟରେ ବୁଧବାର ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଉଦଘାଟିତ ହୋଇଛି। ସଂସ୍କୃତ ବିଭାଗ ମୁଖ୍ୟ ବିଶିକେଶନ କର୍ଣ୍ଣଙ୍କ ତତ୍ତ୍ୱାବଧାନରେ ଯୁକ୍ତ ତିନି କଳା ଓ ବିଜ୍ଞାନ ପ୍ରଥମ ବର୍ଷ ଛାତ୍ରୀମାନଙ୍କୁ ଆତ୍ମରକ୍ଷା ତାଲିମ ପ୍ରଦାନ କରାଯାଉଛି। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ସଂସ୍କୃତ ଅଧାପିକା ଜ୍ୟୋର୍ତିମୟୀ ପରିଡ଼ା ଯୋଗଦେଇ ସାମ୍ପ୍ରତିକ ସମାଜରେ ନାରୀ ସୁରକ୍ଷାର ଆବଶ୍ୟକତା ସମ୍ପର୍କରେ ଗୁରୁତ୍ୱାରୋପ କରିଥିଲେ। ଓଡ଼ିଆ ବିଭାଗ ଅଧାପକ ଅଞ୍ଜନ ମହାରଣା ମଞ୍ଚ ପରିଚାଳନା କରିଥିଲେ। ସଞ୍ଚାଳିକା ଅଧାପିକା ସସ୍ମିତା ସାହୁ କାର୍ଯ୍ୟକ୍ରମର ବିବରଣୀ ପ୍ରଦାନ କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ।

## ବିଦ୍ୟାଳୟରେ ପିଏମଶ୍ରୀ ଉତ୍ସବ



ଭୁବନ,୭ ।୧(ସମିସ): ପିଏମଶ୍ରୀ ଜେଭିଏନ ମହୁଲପାଳ ସରକାରୀ ଉଚ୍ଚ ବିଦ୍ୟାଳୟ ପକ୍ଷରୁ ପିଏମଶ୍ରୀ ଉତ୍ସବ ଅନୁଷ୍ଠିତ ହୋଇଛି। ଭାରପ୍ରାପ୍ତ ପ୍ରଧାନଶିକ୍ଷକ ପୂର୍ଣ୍ଣଚନ୍ଦ୍ର ଆଏଚଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ଭୁବନ ବିଡିଓ ଆୟୁଷୀ ମହାପାତ୍ର, ମୁଖ୍ୟବକ୍ତା ଭାବେ ମିନତୀ ଦେହୁରୀ, ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟର ପୁରାତନ ଛାତ୍ର ଅଶୋକ କୁମାର ସାହୁ, ଅତିରିକ୍ତ ମୁଖ୍ୟଯନ୍ତ୍ରୀ ବିମଳ ଚନ୍ଦ୍ର ଦାସ, ବିଦ୍ୟାଧର ବେହେରା, କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଦିଲୀପ କୁମାର ସାହୁ ପ୍ରମୁଖ ଯୋଗଦେଇ ପିଏମଶ୍ରୀ ଉତ୍ସବ ସମ୍ପର୍କରେ ଆଲୋକପାତ କରିଥିଲେ। ବିଦ୍ୟାଳୟ ପରିଚାଳନା କମିଟି ସଭାପତି କାର୍ତ୍ତିକ ସାହୁ ଓ ଆଲୁମ୍ନି କମିଟି ସଭାପତି ଚିତ୍ତରଞ୍ଜନ ସାହୁ ଉପସ୍ଥିତ ଥିଲେ। ଏହି ଅବସରରେ ଅତିଥିଙ୍କ ଦ୍ୱାରା ପାଭିଲିୟନ ଉଦ୍‌ଘାଟନ ହୋଇଥିଲା। ପରେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା।

୧୭ତମ ଜିରାଳ କପ୍

# ସ୍ପୋର୍ଟ୍ସ ସାଇନ୍ସ ଇଣ୍ଡିଆ ବିଡ଼ାନାସୀ ଚାମ୍ପିଅନ

ଭୁବନ,୭ ।୧(ସମିସ)




ଭୁବନ ବ୍ଲକ ଜିରାଳ ମିନି ଷ୍ଟାଡିଅମରେ ଅନୁଷ୍ଠିତ ୧୭ତମ ଅଜିତ ମେମୋରିଆଲ ସର୍ବଭାରତୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଯାପିତ ହୋଇଛି। ଫାଇନାଲରେ ଆୟୋଜକ ଜିରାଳକୁ ହରାଇ କଟକ ବିଡ଼ାନାସୀର ସ୍ପୋର୍ଟ୍ସ ସାଇନ୍ସ ଇଣ୍ଡିଆ ଦଳ ଚାମ୍ପିଅନ ହୋଇଛି। ବିଡ଼ାନାସୀ ଦଳ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୫ ଓଭରରେ ସମସ୍ତ ୱିକେଟ ହରାଇ ୧୯୯ ରନ କରିଥିଲା। ଜବାବରେ ଜିରାଳ ଦଳ ୧୮.୪ ଓଭରରେ ମାତ୍ର ୯୯ ରନ କରି ସମସ୍ତ ୱିକେଟ ହରାଇଥିଲା। କାମାକ୍ଷାନଗର ବିଧାୟକ ଶତ୍ରୁଘ୍ନ ଜେନା, କାମାକ୍ଷାନଗର ଏସଡିପିଓ ରଜନୀକାନ୍ତ ସାମଲ, ଭୁବନ ବିଡିଓ ଆୟୁଷୀ ମହାପାତ୍ର, ଜିଲ୍ଲା ପରିଷଦ ସଭ୍ୟା ଶିଳାରାଣୀ ସାହୁ, ସରପଞ୍ଚ ଗେଲ୍ଲୀ ନାୟକ, ସମବାୟ ସମିତି ସଭାପତି ରବିନାରାୟଣ ନାୟକ, ସମିତି ସଭ୍ୟା ସସ୍ମିତା ପରିଡ଼ା, ସରୋଜ ବେହେରା, ଦୟାନିଧି ସାମଲ, ଅଭୟ କୁମାର ନାୟକ ଅତିଥି ଭାବେ ଯୋଗଦେଇ ଉଭୟ ଦଳକୁ ଟ୍ରଫି ଓ ପୁରସ୍କାର ରାଶି ପ୍ରଦାନ କରିଥିଲେ। ମ୍ୟାନ ଅଫ ଦି ମ୍ୟାଚ ଭାବେ ବିଡ଼ାନାସୀର ପାନକାଲା ମୋକ୍ଷିତ, ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଖେଳାଳି ଭାବେ ବିଡ଼ାନାସୀର ସତ୍ୟାଂଶୁ ଶର୍ମା, ଶ୍ରେଷ୍ଠ ବ୍ୟାଟର ଭାବେ ଜିରାଳର ଦେବାନନ୍ଦ ବେହେରା, ଶ୍ରେଷ୍ଠ ବୋଲର ଭାବେ ଜିରାଳର ଗୋବିନ୍ଦ ବେହେରାଙ୍କୁ ପୁରସ୍କୃତ କରାଯାଇଥିଲା। ଆୟୋଜକ କ୍ଲବ ସଭାପତି ସୁଶାନ୍ତ ସାହୁ ସଭାପତିତ୍ୱ କରିଥିବା ବେଳେ ସମ୍ପାଦକ ସାଗର ରାଉତ ଧନ୍ୟବାଦ ଅର୍ପଣ କରିଥିଲେ। ବିପିନ ବିହାରୀ ସାହୁ ମଞ୍ଚ ପରିଚାଳନା ଓ ଧାରାବିବରଣୀ ପ୍ରଦାନ କରିଥିଲେ। ଅମ୍ପାୟର ସନ୍ତୋଷ କୁମାର ସାହୁ, ସୁରେନ୍ଦ୍ର କୁମାର ସାହୁ ରଖେଳ ପରିଚାଳନା କରିଥିଲେ। ଶ୍ରୀତମ ପତି, ରାକେଶ ନାୟକ, ବିଶାଳ ସାହୁ ସ୍କୋରର ଦାୟିତ୍ୱ ତୁଲାଇଥିଲେ।

ଡିଆଇଇଟିର ବାର୍ଷିକ କ୍ରୀଡ଼ା ଉତ୍ସବ ଉଦଯାପିତ

# ବାଳକ ବିଭାଗରେ ହେମନ୍ତ, ବାଳିକାରେ ସୀମା ଚାମ୍ପିଅନ



ଢେଙ୍କାନାଳ,୭ ।୧(ସମିସ): ସ୍ଥାନୀୟ ଷ୍ଟାଡିଅମ ପଡ଼ିଆଠାରେ ଦୁଇଦିନ ଧରି ଚାଲିଥିବା ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ୩୪ତମ କ୍ରୀଡ଼ା ଉତ୍ସବ ଉଦଯାପିତ ହୋଇଛି। ପ୍ରତିଷ୍ଠାନର ବରିଷ୍ଠ ଶିକ୍ଷକ ପ୍ରଶିକ୍ଷିକା ସ୍ନେହଲତା ରାଜଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦଯାପନୀ ସଭାରେ ଢେଙ୍କାନାଳ ପୌରପାଳିକାର କାଉନସିଲର ଶୁଭଲକ୍ଷ୍ମୀ ସାହୁ ମୁଖ୍ୟଅତିଥି ଓ କାଉନସିଲର ଦୀପ୍ତିରଞ୍ଜନ ସେଠୀ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଶିକ୍ଷୟିତ୍ରୀ ବିଦ୍ୟୁତପ୍ରଭା ଶତପଥୀଙ୍କ ସଂଯୋଜନାରେ କ୍ରୀଡ଼ା ବିଭାଗର ମୁଖ୍ୟ ସ୍ୱାଗତିକା ଶରଣ କ୍ରୀଡ଼ା ପ୍ରତିଯୋଗିତା ସମ୍ପର୍କରେ ବିବରଣୀ ପ୍ରଦାନ କରିଥିଲେ। ଚଳିତବର୍ଷ ବାଳକ ବିଭାଗରେ ହେମନ୍ତ ବେହେରା ଓ ବାଳିକାରେ ସୀମା ନାଏକ ଚାମ୍ପିଅନ ହୋଇଛନ୍ତି। ସେହିପରି ପ୍ରୟୋଗଶାଳା ବିଦ୍ୟାଳୟର ବାଳକରେ ଓମ୍ ଆଶିଷ ମଲ୍ଲିକ ଓ ବାଳିକାରେ ସ୍ମୃତି ନିର୍ଲିପ୍ତା ସାହୁ ଚାମ୍ପିଅନ ଭାବେ ପୁରସ୍କୃତ ହୋଇଛନ୍ତି। ପ୍ରଶିକ୍ଷିକା ସୌମ୍ୟା ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ତପସ୍ୱିନୀ ସାହୁ, ନୀହାର ରଞ୍ଜନ ବିଶ୍ୱାଳ, ସବିତା ବେହେରା, ଶୁଭଲକ୍ଷ୍ମୀ ନାୟକ, ସିମ୍ରନ କବି, ସୁଶୀଲ କୁମାର ସାହୁ, ଯଜ୍ଞପ୍ରସାଦ ଶତପଥୀ, ସମ୍ବିତ ସ୍ୱାଇଁ, ହରିହର ରାଉଳ, ଲିପୁ ସାହୁ ପ୍ରମୁଖ ଗୁରୁଛାତ୍ରଛାତ୍ରୀ ଓ ସମସ୍ତ ଶିକ୍ଷକ କର୍ମଚାରୀ ସହଯୋଗ କରିଥିଲେ।

## ବୁଲା କୁକୁର ଯୋଗୁଁ ଆଉ କେତେ ଦିନ କଷ୍ଟ ଭୋଗିବେ ଲୋକେ?

ନୂଆଦିଲ୍ଲୀ, ୭ ।୧(ଏଜେନ୍ସି): ସୁପ୍ରିମକୋର୍ଟ ବୁଧବାର ବୁଲା କୁକୁର ମାମଲାର ଶୁଣାଣି କରି କଠୋର ଆଭିମୁଖ୍ୟ ପୋଷଣ କରିଛନ୍ତି । କୋର୍ଟରେ ବିତର୍କ ସମୟରେ କୁକୁରଙ୍କ ଆଚରଣ ଓ କୁକୁରଙ୍କୁ ନେଇ ନୂଆ ଶବ୍ଦ ଶୁଣିବାକୁ ମିଳିଥିଲା । ଜଷ୍ଟିସ ବିକ୍ରମ ନାଥ, ସନ୍ଦୀପ ମେହେଟା ଓ ଏନ୍‌ଭି ଅଞ୍ଜାରିଆଙ୍କ ଖଣ୍ଡପୀଠ କଠୋର ମନ୍ତବ୍ୟ ଦେଇ ପଚାରିଥିଲେ ଯେ, ଆଉ କେତେଦିନ କୁକୁରଙ୍କ ଯୋଗୁଁ ଜନସାଧାରଣ କଷ୍ଟ ଭୋଗିବେ । ଜଷ୍ଟିସ ବିକ୍ରମ ନାଥ କହିଥିଲେ ଯେ, 'ଏହା କେବଳ କାମୁଡ଼ିବା ସହ ଜଡ଼ିତ ନୁହେଁ । କୁକୁରମାନେ ମଧ୍ୟ ବିପଦ ସୃଷ୍ଟି କରନ୍ତି । ଦୁର୍ଘଟଣା ମଧ୍ୟ ଏକ ବିପଦ । ରାସ୍ତାକୁ ବୁଲାକୁକୁର ମୁକ୍ତ କରିବା ଆବଶ୍ୟକ । ଆପଣ ସେମାନଙ୍କୁ କିପରି ଚିହ୍ନଟ କରିବେ? ସକାଳୁ ସକାଳୁ କେଉଁ କୁକୁରର କି ମନୋଭାବ ଅଛି ତାହା ଆପଣ କହିପାରିବେ ନାହିଁ । ନ କାମୁଡିଲେ ମଧ୍ୟ କୁକୁର ଦୁର୍ଘଟଣା ଘଟାଉଛନ୍ତି । ରାସ୍ତା, ସ୍କୁଲ, ବିଭିନ୍ନ ପ୍ରତିଷ୍ଠାନରେ କୁକୁରମାନଙ୍କ କ'ଣ ଆବଶ୍ୟତା ଅଛି ବୋଲି କୋର୍ଟ କହିଥିଲେ । ଶୁଣାଣିରେ ବୁଲା କୁକୁରଙ୍କ ସପକ୍ଷରେ ବରିଷ୍ଠ ଓକିଲ କପିଲ ସିବଲ ତର୍କ ଦେଇ କହିଥିଲେ ଯେ, ମୁଁ ମନ୍ଦିର ଗଲା ବେଳେ ମୋତେ କୌଣସି କୁକୁର କାମୁଡ଼ି ନାହାନ୍ତି । ଏହାର ଉତ୍ତରରେ କୋର୍ଟ କହିଥିଲେ ଯେ ତୁମେ ବହୁତ ଭାଗ୍ୟବାନ । କିନ୍ତୁ ଲୋକ, ପିଲାମାନଙ୍କୁ କୁକୁର କାମୁଡୁଛନ୍ତି । ଅନେକ ମରୁଛନ୍ତି ମଧ୍ୟ । ସିବଲ କୁକୁରଙ୍କ ବନ୍ଧ୍ୟାକରଣକୁ ନେଇ ତର୍କ ଦେଇଥିଲେ । ତେବେ କୋର୍ଟ ଏଥିରେ ସନ୍ତୁଷ୍ଟ ହୋଇ ନ ଥିଲେ । ବୁଧବାର ପାଖାପାଖି ଅଢ଼େଇ ଘଣ୍ଟା ଏ ନେଇ ଶୁଣାଣି ଚାଲିଥିଲା । ଗୁରୁବାର ପରବର୍ତ୍ତୀ ଶୁଣାଣି ହେବ ।

## ଧୁରନ୍ଧର ସର୍ବାଧିକ ଆୟକାରୀ ଭାରତୀୟ ସିନେମା

ନୂଆଦିଲ୍ଲୀ, ୭ ।୧(ଏଜେନ୍ସି): ଆଦିତ୍ୟ ଧରଙ୍କ ନିର୍ଦ୍ଦେଶିତ ଅକ୍ଷୟ ଖାନ୍ନା, ରଣବୀର ସିଂହଙ୍କ ଅଭିନୀତ ବଲିଉଡ ସିନେମା ଧୁରନ୍ଧର ବକ୍ସ ଅଫିସରେ ଇତିହାସ ସୃଷ୍ଟି କରିଛି । ମାତ୍ର ଗୋଟିଏ ଭାଷା ହିନ୍ଦୀରେ ମୁକ୍ତିଲାଭ କରିଥିବା ଏହି ସିନେମା ୩୨ତମ ଦିନରେ ମୋଟ ୧, ୨୫୩.୮ କୋଟି ଟଙ୍କା ଆୟ କରି ବଲିଉଡ ଇତିହାସରେ ଏକ ମାଇଲଖୁଣ୍ଟ ସ୍ଥାପନ କରିଛି । ଏହି କ୍ରମରେ ପୁଷ୍ପା, ଜୱାନ, ପଠାନ ଓ କେଜିଏଫ୍‌କୁ ଧୁରନ୍ଧର ପଛରେ ପକାଇ ଦେଇଛି । ମଙ୍ଗଳବାର ଧୁରନ୍ଧର ଘରୋଇ ବକ୍ସ ଅଫିସ୍‌ରେ ୫.୭୦ କୋଟି ଟଙ୍କା ଆୟ କରିଛି । ଫଳରେ ଏହି ସିନେମା କେବଳ ଭାରତରେ ମୋଟ୍ ଉପରେ ୮୩୧. ୪୦ କୋଟି ଟଙ୍କା ଆୟ କରିଛି । କିନ୍ତୁ ସାରା ବିଶ୍ୱରେ ଏହା ମୋଟ ଉପରେ ୧, ୨୫୩.୮ କୋଟି ଟଙ୍କା ଆୟ କରିଛି ।

## ବାଂଲାଦେଶରେ କେନାଲକୁ ଡେଇଁ ହିନ୍ଦୁ ବ୍ୟକ୍ତି ମୃତ

ଢ଼ାକା, ୭ ।୧(ଏଜେନ୍ସି): ବାଂଲାଦେଶରେ ସଂଖ୍ୟାଲଘୁ ହିନ୍ଦୁ ବିରୋଧୀ ହିଂସା ଥମିବାର ନାମ ନେଉନାହିଁ । ହିନ୍ଦୁଙ୍କ ଉପରେ ଅତ୍ୟାଚାର ଅତି ଉଦ୍‌ବେଗଜନକ ସ୍ଥିତିରେ ପହଞ୍ଚିଛି । ସୋମବାର ରାତିରେ ଜଣେ ହିନ୍ଦୁ ତେଜରାତି ଦୋକାନୀଙ୍କୁ ହତ୍ୟାର ଦିନକ ପରେ ମଙ୍ଗଳବାର ଦ୍ୱିପହରରେ ଆଉ ଏକ ହିନ୍ଦୁ ବିରୋଧୀ ଘଟଣା ଘଟିଛି । ବାଂଲାଦେଶର ନାଓଗାଁ ଜିଲ୍ଲାରେ ଜଣେ ୨୫ ବର୍ଷୀୟ ହିନ୍ଦୁ ବ୍ୟକ୍ତି ନିଜ ଜୀବନ ବଞ୍ଚାଇବାକୁ କେନାଲକୁ ଡେଇଁ ଜୀବନ ହରାଇଛନ୍ତି । ଏହି ମୃତ ବ୍ୟକ୍ତି ହେଉଛନ୍ତି ଭଣ୍ଡାରପୁର ଗାଁ ବାସିନ୍ଦା ମିଥୁନ ସରକାର । ସ୍ଥାନୀୟ ପୁଲିସ ଦେଇଥିବା ସୂଚନା ଅନୁସାରେ ମିଥୁନଙ୍କୁ ଚୋରି ଅଭିଯୋଗରେ ତାଙ୍କୁ ହାଟ ଚକଗୋରୀ ବଜାରରେ କିଛି ଲୋକ ପିଛା କରିଥିଲେ । ଖସିଯିବାକୁ ଚେଷ୍ଟା କରି ସେ ନିକଟସ୍ଥ କେନାଲକୁ ଡେଇଁ ନିଖୋଜ ହୋଇଯାଇଥିଲେ । ପ୍ରାୟ ୪ ଘଣ୍ଟା ଖୋଜିବା ପରେ ଅପରାହ୍ଣ ୪ଟାରେ ମିଥୁନଙ୍କ ମୃତଦେହ କେନାଲରୁ ଉଦ୍ଧାର କରାଯାଇଥିଲା ।

## ଅଗଷ୍ଟା ୱେଷ୍ଟଲାଣ୍ଡ ମାମଲା ଖାରଜ

ନୂଆଦିଲ୍ଲୀ, ୭।୧ (ଏଜେନ୍ସି): ଅଗଷ୍ଟା ୱେଷ୍ଟଲାଣ୍ଡ ଭିଭିଆଇପି ହେଲିକପ୍ଟର ଦୁର୍ନୀତି ଅଭିଯୁକ୍ତ ଓକିଲ ଗୌତମ ଖେତାନଙ୍କ ଆବେଦନ ଉପରେ ସୁପ୍ରିମକୋର୍ଟ କଡ଼ା ଆଭିମୁଖ୍ୟ ଆପଣାଇଛନ୍ତି । କୋର୍ଟ ଏହାକୁ ଟ୍ରାଏଲରୁ ବର୍ତ୍ତିବାର ପ୍ରୟାସ କହି ଆବେଦନ ଖାରଜ କରିଦେଇଛନ୍ତି । ମନି ଲଣ୍ଡରିଂ ନିରୋଧୀ ଆଇନ (ପିଏମଏଲଏ)ର ଏକ ଧାରାକୁ ଖେତାନ ଚ୍ୟାଲେଞ୍ଜ କରିଥିଲେ । ସିଜେଆଇ ସୂର୍ଯ୍ୟକାନ୍ତ ଏବଂ ଜଷ୍ଟିସ ଜୟମାଲ୍ୟ ବାଗଚୀଙ୍କ ଖଣ୍ଡପୀଠ ଏହାକୁ ନେଇ କହିଥିଲେ ଯେ ଏହା ଏକ ନିଆରା ମାମଲା । କାରଣ ବ୍ୟକ୍ତି ଧନୀ ହୋଇଥିବାରୁ ମାମଲାର ସ୍ୱତନ୍ତ୍ର ଶୁଣାଣି ଚାହୁଁଛନ୍ତି । ମାମଲା ରୁଜୁ ହେଲେ ଧନୀ ଅଭିଯୁକ୍ତ ଆଇନକୁ ଚ୍ୟାଲେଞ୍ଜ କରିଥାନ୍ତି । ଏହା ନୂଆ ଧାରା ପାଲଟି ଯାଇଛି । ଧନୀ ଅଭିଯୁକ୍ତ ଟ୍ରାଏଲକୁ ସାମ୍ନା କରିବା ପରିବର୍ତ୍ତେ ଆଇନର ବୈଧତାକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରୁଛନ୍ତି । ଏହି ଧାରା ବନ୍ଦ ହେବା ଉଚିତ । ଏଭଳି ଲୋକ ସିଷ୍ଟମକୁ ବାଇପାସ କରିଦେବେ ବୋଲି ଭାବୁଛନ୍ତି । କିନ୍ତୁ ସୁପ୍ରିମକୋର୍ଟ ଏପରି ହେବାକୁ ଦେବେ ନାହିଁ । ଏହି ଧାରାକୁ ବଦଳାଇବାକୁ ହେବ । ଧନୀଙ୍କୁ ବି ସାଧାରଣ ନାଗରିକଙ୍କ ଭଳି ଟ୍ରାଏଲର ସମ୍ମୁଖୀନ ହେବାକୁ ପଡ଼ିବ ।

## ରେଳବାଇକୁ ହାଇକୋର୍ଟଙ୍କ ଚେତାବନୀ; କୋର୍ଟଙ୍କୁ ହାଲକାରେ ନିଅନି

ନୂଆଦିଲ୍ଲୀ, ୭।୧ (ଏଜେନ୍ସି):ନୂଆଦିଲ୍ଲୀ ରେଳ ଷ୍ଟେସନରେ ଗତ ବର୍ଷ ମହାକୁମ୍ଭ ମେଳା ସମୟରେ ହୋଇଥିବା ଦଳାଚକଟାକୁ ନେଇ ଦିଲ୍ଲୀ ହାଇକୋର୍ଟ ରେଳବାଇକୁ ଚେତାବନୀ ଦେଇଛନ୍ତି । ମାମଲାରେ ଏ ପର୍ଯ୍ୟନ୍ତ ସତ୍ୟପାଠ ଦାଖଲ ନ କରିବାକୁ କୋର୍ଟ ଗମ୍ଭୀର ଅବହେଳା କହିଛନ୍ତି । କୋର୍ଟଙ୍କ ନିର୍ଦ୍ଦେଶକୁ ହାଲ୍‌କାରେ ନ ନେବାକୁ ଚେତାଇ ଦେଇଛନ୍ତି । ଗତ ବର୍ଷ ଫେବୃଆରୀ ୧୫ରେ ହୋଇଥିବା ଦଳଚକଟାକୁ ନେଇ ମୁଖ୍ୟ ବିଚାରପତି ଡିକେ ଉପାଧ୍ୟାୟ ଏବଂ ଜଷ୍ଟିସ ତେଜସ କାରିଆଙ୍କ ଖଣ୍ଡପୀଠ ରେଳବାଇକୁ ପ୍ରଶ୍ନବାଣ ମାରିଛନ୍ତି । ଅଧିକାରୀ ଏତେ ଅବହେଳା କାହିଁକି କରୁଛନ୍ତି? ଗତ ବର୍ଷ ମାର୍ଚ୍ଚ ୨୫ ସୁଦ୍ଧା ସତ୍ୟପାଠ ଦାଖଲ କରିବା କଥା, କିନ୍ତୁ ଏ ପର୍ଯ୍ୟନ୍ତ କାହିଁକି କରାଯାଇ ନାହିଁ? ଏ ପର୍ଯ୍ୟନ୍ତ କ'ଣ କରିଛନ୍ତି? ଏ ପର୍ଯ୍ୟନ୍ତ ସତ୍ୟପାଠ ଦାଖଲ ନ ହେବା କି ସଙ୍କେତ ଦେଉଛି? ଏହାକୁ ଜମାରୁ ବରଦାସ୍ତ କରାଯିବ ନାହିଁ ବୋଲି ଖଣ୍ଡପୀଠ କହିଛନ୍ତି । ୪ ସପ୍ତାହ ମଧ୍ୟରେ ସତ୍ୟପାଠ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ।

# ଆଟଲାଣ୍ଟିକରେ ଟ୍ରମ୍ପ-ପୁତିନ ମୁହାଁମୁହିଁ



- ରୁଷ୍ ଜାହାଜକୁ ଜବତ କଲା ଆମେରିକା
- ଭେନେଜୁଏଲାରୁ ତୈଳ ଆଣିବାକୁ ଯାଉଥିଲା
- ଜାହାଜ ଉପରେ ଆମେରିକା ସେନା

ୱାସିଂଟନ, ୭।୧ (ଏଜେନ୍ସି): ଆମେରିକା ଏବଂ ରୁଷ୍ ମଧ୍ୟରେ ଉତ୍ତେଜନା ବଢ଼ିବାରେ ଲାଗିଛି । ଏବେ ଉତ୍ତର ଆଟଲାଣ୍ଟିକରେ ଦୁଇ ଦେଶ ମୁହାଁମୁହିଁ ହୋଇଛନ୍ତି । ରୁଷ ନିଜ ସେନା ପଠାଇ ଥିବାବେଳେ ଆମେରିକା ମଧ୍ୟ ସମାନ ପଦକ୍ଷେପ ଗ୍ରହଣ କରିଛି । ରୁଷ ପତାକା ଲାଗିଥିବା ତୈଳ ଟ୍ୟାଙ୍କର 'ମାରିନେରା'କୁ ୱାସିଂଟନ ଜବତ କରିବା ପରେ ଏହି ସ୍ଥିତି ସୃଷ୍ଟି ହୋଇଛି । ଏହାର କିଛି ଘଣ୍ଟା ପରେ କାରବିଆନ ସାଗରରୁ ସୋଫିଆ ନାମକ ଆଉ ଏକ ଜାହାଜକୁ ମଧ୍ୟ ଜବତ କରାଯାଇଛି । ତେବେ ଏହା ପାନାମାର ହୋଇଥିବା କୁହାଯାଉଛି । ଚଳିତ ସପ୍ତାହରେ ଉତ୍ତର ଆଟଲାଣ୍ଟିକ ସାଗରରେ ଆମେରିକା ମାପିନେରା ଜାହାଜକୁ ଜବତ କରିଥିଲା ବୋଲି ଅନ୍ତର୍ଜାତୀୟ ଗଣମାଧ୍ୟମ ପକ୍ଷରୁ କୁହାଯାଇଛି । ରିପୋର୍ଟ ଅନୁଯାୟୀ, ତୈଳ ଆଣିବା ପାଇଁ ଉକ୍ତ ଜାହାଜର ନାମ ବଦଳା ଯାଇଥିଲା । ଆମେରିକାର ଡୋନାଲ୍ଡ ଟ୍ରମ୍ପ ପ୍ରଶାସନ ଦୃଷ୍ଟିରୁ ବର୍ତ୍ତିବା ପାଇଁ ଏପରି କରାଯାଇଥିଲା । କିନ୍ତୁ ୱାସିଂଟନ ଦୁଇ ସପ୍ତାହ ହେଲା ଏହି ଜାହାଜ ଉପରେ ନଜର ରଖିଥିଲା । ଏହା ଭେନେଜୁଏଲାରୁ ତେଲ ଆଣିବାକୁ ଯାଉଥିଲା । ପରେ ଏହି ତୈଳକୁ ଚୀନ୍ କିମ୍ବା ଅନ୍ୟ ଦେଶକୁ ପଠା ଯାଇଥାନ୍ତା । ଏହି ଜାହାଜର ସୁରକ୍ଷା ପାଇଁ ରାଷ୍ଟ୍ରପତି ଭ୍ଲାଦିମିର ପୁତିନଙ୍କ ସରକାର ନିଜ ବୁଡ଼ାଜାହାଜ ଏବଂ ଅନ୍ୟ ନୌସେନା ଜାହାଜକୁ ପଠାଇ ଥିଲା । ମାତ୍ର ଏହା ସୁରକ୍ଷା ଦେବାରେ ବିଫଳ ହୋଇଥିଲା ।

ପ୍ରଥମେ ମାରିନେରାର ନାମ ବେଲା-୧ ଥିଲା । ଆମେରିକା ଏହି ଜାହାଜ ଉପରେ କଟକଣା ଲଗାଇ ଥିଲା । ଗତ ଡିସେମ୍ବରରେ ଏହା ଭେନେଜୁଏଲା ଅଭିମୁଖେ ଯାତ୍ରା ଆରମ୍ଭ କରିଥିଲା । ମାତ୍ର ଆମେରିକା ତଟରକ୍ଷୀ ବାହିନୀ ଏହାକୁ ରୋକିବାକୁ ପ୍ରୟାସ କରିଥିଲା । ସେହି ସମୟରେ ଜାହାଜର କ୍ରୁ ସଦସ୍ୟଙ୍କ ବୁଦ୍ଧିମତା ଯୋଗୁଁ ଏହା ବର୍ତ୍ତି ଯାଇଥିଲା । ପରେ ଜାହାଜର ନାମ ବଦଳାଇ ମାରିନେରା ରଖିବା ସହ ରୁଷରେ ପଞ୍ଜିକରଣ କରାଯାଇଥିଲା । ଆମେରିକା ଭୟରେ ରାସ୍ତା ବଦଳାଇ ଏହି ଜାହାଜକୁ ଆଟଲାଣ୍ଟିକ ଅଭିମୁଖେ ନିଆ ଯାଇଥିଲା । ମାତ୍ର ଆମେରିକା ଏବଂ ବ୍ରିଟେନ ସମେତ ଅନେକ ଦେଶ ଏହି ଜାହାଜ ଉପରେ ନଜର ରଖିଥିଲେ । ଏହାର ଲୋକସନ ସନ୍ଧାନ ପରେ କୌଣସି ନୌସୈନିକ ନିକଟରେ ନ ଥିବାରୁ ଆମେରିକା ପ୍ରଥମେ କିଛି ପଦକ୍ଷେପ ନେଇ ନ ଥିଲା । ଆମେରିକାର ୟୁଏସସିଜିସି ମୁନରୋ ଏହାର ପିଛା କରିଥିଲା । ପରେ ଆମେରିକା ସୈନିକ ହେଲିକପ୍ଟରରୁ ଏହି ଜାହାଜରେ ଓହ୍ଲାଇ ସମସ୍ତଙ୍କୁ ବନ୍ଦୀ କରିଥିଲେ । ଏହି ସମୟରେ ରୁଷର ଜାହାଜ ଉପସ୍ଥିତ ଥିବା ସତ୍ତ୍ୱେ ସାମରିକ ସଂଘର୍ଷକୁ ଏଡ଼ାଇ ଦିଆଯାଇଥିଲା । ଏ ନେଇ ରୁଷ ପକ୍ଷରୁ କୌଣସି ପ୍ରତିକ୍ରିୟା ଦିଆଯାଇ ନାହିଁ । ଏହା ମଧ୍ୟରେ ରୁଷ ଗଣମାଧ୍ୟମ ଜାହାଜ ପାଖରେ ଥିବା ହେଲିକପ୍ଟର ଫଟୋ ଜାରି କରିଛି ।

## ଗ୍ରୀନଲାଣ୍ଡ ଦଖଲ ପାଇଁ ଆମେରିକା ସେନା ପଠାଇପାରେ



ୱାସିଂଟନ, ୭ ।୧(ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପ୍ରଶାସନ ପୁଣିଥରେ ଗ୍ରୀନ୍‌ଲାଣ୍ଡକୁ ଅକ୍ତିଆର କରିବା କଥା ଉଠାଇଛନ୍ତି । ଗ୍ରୀନଲାଣ୍ଡ ଆମେରିକାର ସୁରକ୍ଷା ପାଇଁ ବେଶ୍ ମହତ୍ତ୍ୱପୂର୍ଣ୍ଣ ଓ ଏହି ଭୂଖଣ୍ଡକୁ ଅକ୍ତିଆର କରିବା ନିହାତି ଜରୁରୀ ବୋଲି ହ୍ୱାଇଟ୍ ହାଉସ୍ ମୁଖପାତ୍ର କାରୋଲିନ ଲେଭିଟ୍ କହିଛନ୍ତି । ଗ୍ରୀନଲାଣ୍ଡକୁ ଅକ୍ତିଆର କରିବା ନେଇ ବିଭିନ୍ନ ଉପାୟ ସନ୍ଧାନ କରାଯାଉଛି । ଆର୍କଟିକ କ୍ଷେତ୍ରରେ ରୁଷ ଓ ଚୀନ୍ ସୈନ୍ୟଙ୍କ ଗତିବିଧି ବୃଦ୍ଧି ପାଇବାରେ ଲାଗିଛି । ଏବେ ଏହାକୁ ରୋକିବାର ଆବଶ୍ୟକତା ଉପୁଜିଛି ବୋଲି ସେ କହିଛନ୍ତି । ଏହା ପୂର୍ବରୁ ଟ୍ରମ୍ପ ମଧ୍ୟ ଏକାଧିକ ବାର ଗ୍ରୀନଲାଣ୍ଡକୁ ଅକ୍ତିଆର କରିବା କଥା ଖୋଲାଖୋଲି ଭାବେ କହିସାରିଛନ୍ତି । ଟ୍ରମ୍ପ ସୋମବାର କହିଥିଲେ ଯେ, ରାଷ୍ଟ୍ରୀୟ ସୁରକ୍ଷା ପାଇଁ ଗ୍ରୀନଲାଣ୍ଡ ବହୁତ ଜରୁରୀ । ଗ୍ରୀନ୍‌ଲାଣ୍ଡରେ ରୁଷ ଓ ଚୀନ୍ ସୈନିକଙ୍କ ଉପସ୍ଥିତି ଚିନ୍ତା ସୃଷ୍ଟି କରିଛି । ଆଗାମୀ ୨୦ ଦିନ ମଧ୍ୟରେ ସେ ଗ୍ରୀନ୍‌ଲାଣ୍ଡ ସମ୍ପର୍କରେ ଆଲୋଚନା କରିବେ । ଉଲ୍ଲେଖଥାଉ କି, ଗ୍ରୀନ୍‌ଲାଣ୍ଡ ହେଉଛି ସ୍କାଣ୍ଡିନାଭିଆନ ଦେଶ ଡେନ୍‌ମାର୍କରେ ଏକ ସ୍ୱୟଂ ଶାସିତ ଅଞ୍ଚଳ । ଏହା ମଧ୍ୟ ସାମାରିକ ମେଣ୍ଟର ନାଟୋର ଅଂଶ ବିଶେଷ । ଗ୍ରୀନଲାଣ୍ଡରେ ଡେନମାର୍କର ୨୦୦ ସୈନ ମୁତୟନ ଅଛନ୍ତି । ଗ୍ରୀନ୍‌ଲାଣ୍ଡକୁ ଅକ୍ତିଆର କରିବାକୁ ଆମେରିକା ସାମରିକ ପଦକ୍ଷେପ ନେବ ବୋଲି ଆଲୋଚନା ହେଉଥିବା ବେଳେ ଆମେରିକା ବୈଦେଶିକ ମନ୍ତ୍ରୀ ମାର୍କ ରୁବିଓ ଭିନ୍ନ କଥା କହିଛନ୍ତି । ଆମେରିକା ଗ୍ରୀନ୍‌ଲାଣ୍ଡ ଉପରେ ଆକ୍ରମଣ କରିବନାହିଁ, ବରଂ ଏହାକୁ ଡେନମାର୍କଠାରୁ କ୍ରୟ କରିବ । ଏ ନେଇଥିବା ବିଭିନ୍ନ ବିକଳ୍ପର ସନ୍ଧାନ କରାଯାଉଛି । ଗ୍ରୀନ୍‌ଲାଣ୍ଡ ଆମେରିକାର ଏକ ଅଂଶ ହେଉ ଓ ଭବିଷ୍ୟତରେ ଗ୍ରୀନ୍‌ଲାଣ୍ଡ ନେଇ ଆମେରିକା ସହ କାହାର ସଂଘର୍ଷ ନ ହେଉ ବୋଲି ସରକାର ଚାହୁଁଥିବା ରୁବିଓ କହିଛନ୍ତି । ଗ୍ରୀନ୍‌ଲାଣ୍ଡର ନିଜର ସେନା ନାହିଁ । ଏଠାରେ ଆମେରିକାର ଓ ଡେନମାର୍କର ସୈନ ମୁତୟନ ଅଛନ୍ତି ।

## ମାଦୁରୋଙ୍କ ପରେ ଟ୍ରମ୍ପଙ୍କ ଟାର୍ଗେଟ୍‌ରେ ଭେନେଜୁଏଲା ଗୃହମନ୍ତ୍ରୀ



ୱାସିଂଟନ, ୭ ।୧(ଏଜେନ୍ସି): ଭେନେଜୁଏଲା ରାଷ୍ଟ୍ରପତି ନିକୋଲାସ ମାଦୁରୋଙ୍କୁ ହଟାଇବା ସହ ବନ୍ଦୀ କରିବା ପରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ନିଶାଣରେ ଆଉ ଜଣେ ମନ୍ତ୍ରୀ ତଥା ନେତା ରହିଛନ୍ତି । ସେ ହେଉଛନ୍ତି ଭେନେଜୁଏଲା ଗୃହମନ୍ତ୍ରୀ ତଥା ସୁରକ୍ଷା ପ୍ରମୁଖ ଡିୟୋସୋଦାଦୋ କାବେଲୋ । ଜଣାଶୁଣା ନ୍ୟୁଜ ଏଜେନ୍ସ ରଏଟର୍ସ ଦେଇଥିବା ସୂଚନା ଅନୁସାରେ, କାବେଲୋ ଅନ୍ତରୀଣ ରାଷ୍ଟ୍ରପତି ଡେଲ୍‌ସି ରୋଡ୍ରିଗ୍ୱେଜଙ୍କ ସହ ଆମେରିକାର ସବୁ ସର୍ତ୍ତ ମାନନ୍ତୁ ଓ ଶାନ୍ତି ବଜାୟ ରଖନ୍ତୁ । ଯଦି ଏଥିରେ କାବେଲୋ ସହଯୋଗ ନ କରନ୍ତି, ତେବେ ଆମେରିକା ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରେ । ଆମେରିକା ମଧ୍ୟ ମଧ୍ୟସ୍ଥିଙ୍କ ଜରିଆରେ କାବେଲୋଙ୍କୁ ଏ ନେଇ ସତର୍କ କରାଇଛି । ଯଦି କାବୋଲୋ ଆମେରିକାକୁ ବିରୋଧ କରନ୍ତି, ତେବେ ତାଙ୍କ ଅବସ୍ଥା ମାଦୁରୋଙ୍କ ଭଳି ହେବ । ମାଦୁରୋଙ୍କୁ ବନ୍ଦୀ କରି ଆମେରିକା ନ୍ୟୁୟର୍କରେ ତାଙ୍କ ବିରୋଧରେ ମକଦ୍ଦମା ଆରମ୍ଭ କରିଛି । କିନ୍ତୁ ଆମେରିକା ଏବେ କାବେଲୋଙ୍କୁ ତୁରନ୍ତ ହଟାଇବାକୁ ଚାହୁଁନାହିଁ । ଏଭଳି କଲେ ସରକାରଙ୍କର ସମର୍ଥନରେ ସାଧାରଣ ଲୋକେ ରାସ୍ତାକୁ ଓହ୍ଲାଇବାର ସମ୍ଭାବନା ରହିଥିବା ଆମେରିକା ହୃଦୟଙ୍ଗମ କରିଛି । ଭେନେଜୁଏଲା ରାଜନୀତି ଓ ଶାସନରେ କାବେଲୋଙ୍କ ଯଥେଷ୍ଟ ପ୍ରଭାବ ରହିଛି । ପୂର୍ବରୁ ମଧ୍ୟ ଡ୍ରଗ୍ସ ଚୋରାଚାଲାଣ ଓ ନାର୍କୋ ଆତଙ୍କବାଦ ସହିତ କାବୋଲୋ ଜଡ଼ିତ ଥିବା ନେଇ ଆମେରିକା ଅଭିଯୋଗ କରିଆସିଛି । ୨୦୨୦ ମାର୍ଚ୍ଚରେ ଆମେରିକା ନ୍ୟାୟ ବିଭାଗ କାବେଲୋଙ୍କୁ ବିଶ୍ୱର ସବୁଠାରୁ ନିଶାଦ୍ରବ୍ୟ ଚୋରାଚାଲାଣକାରୀ ତାଲିକାରେ ସାମିଲ କରିଥିଲା ।

## ମହାରାଷ୍ଟ୍ରରେ କଂଗ୍ରେସ, ଓୱେସିଙ୍କ ସହ ହାତ ମିଳାଇଲା ବିଜେପି

ମୁମ୍ବଇ, ୭ ।୧(ଏଜେନ୍ସି): ମହାରାଷ୍ଟ୍ରରେ ଦୁଇଟି ପୌର ପରିଷଦ ନିର୍ବାଚନ ପରେ ଆଶ୍ଚର୍ଯ୍ୟ କଲା ଭଳି ଘଟଣା ଦେଖିବାକୁ ମିଳିଛି । ନିର୍ବାଚନରେ ପରସ୍ପର ବିରୋଧରେ ଲଢ଼ିଥିବା ବିଜେପି, କଂଗ୍ରେସ ଏବଂ ଓୱେସିଙ୍କ ଏଆଇଏମ୍‌ଆଇଏମ୍ କ୍ଷମତା ପାଇଁ ମେଣ୍ଟ କରିଛନ୍ତି । ବିଜେପି ଏହାର ସହଯୋଗୀ ଏକନାଥ ସିନ୍ଦେଙ୍କ ଶିବ ସେନାକୁ ଦୂରେଇ ରଖିବା ଲାଗି ଏହି ଦୁଇ ଦଳ ସହ ମେଣ୍ଟ କରିଛି । ମେଣ୍ଟ କରି ସେମାନେ ଦୁଇଟି ସ୍ଥାନରେ ପୌରାଧକ୍ଷ ପଦ ହାତେଇବାରେ ସଫଳ ମଧ୍ୟ ହୋଇଛନ୍ତି ।

ଅମ୍ବରନାଥ ପୌର ନିର୍ବାଚନରେ ଶିବ ସେନା ସର୍ବାଧିକ ଆସନ ପାଇଥିଲେ ମଧ୍ୟ ଏହାକୁ କ୍ଷମତାରୁ ଦୂରେଇ ରଖିବା ଲାଗି ବିଜେପି ଏଠାରେ ନିଜର ପରମ ଶତ୍ରୁ କଂଗ୍ରେସ ସହିତ ହାତ ମିଳାଇ ମେୟର ପଦ ହାସଲ କରିଛି । ସେହିଭଳି ଆକୋଲା ପୌର ପରିଷଦ ଅଧକ୍ଷ ପଦ ପାଇଁ ବିଜେପି ଏହାର ଅନ୍ୟତମ ଶତ୍ରୁ ଓୱେସିଙ୍କ ଏଆଇଏମ୍‌ଆଇଏମ୍ ସହିତ ହାତ ମିଳାଇଛି । ଏହି ଖବର ଆଜି ମହାରାଷ୍ଟ୍ର ରାଜନୀତିରେ ଚର୍ଚ୍ଚାର ବିଷୟ ହୋଇଛି । ଏଭଳି ମେଣ୍ଟକୁ ସମାଲୋଚନା କରିଛି ଶିବ ସେନା । ଦଳ ପକ୍ଷରୁ କୁହାଯାଇଛି ଯେ କଂଗ୍ରେସ ମୁକ୍ତ ଭାରତ ପାଇଁ ଅଭିଯାନ ଚଳାଇଥିବା ବିଜେପି କ୍ଷମତା ଲାଗି କେତେ ତଳକୁ ଖସିପାରେ ଏହା ହେଉଛି ତାହାର ପ୍ରକୃଷ୍ଟ ଉଦାହରଣ ।

ମିଳିଥିବା ସୂଚନା ଅନୁଯାୟୀ, ଅମ୍ବରନାଥରେ କଂଗ୍ରେସ ଓ ଅଜିତ ପାୱାରଙ୍କ ଏନ୍‌ସିପି ସହିତ 'ଅମ୍ବରନାଥ ବିକାଶ ଅଘାଡି' ଗଠନ କରିଛି ବିଜେପି । ଏଠାରେ ଶିବସେନା ୨୭ଟି ଆସନ ସହ ସବୁଠାରୁ ବଡ଼ ଦଳ ଭାବେ ରହିଥିଲା । ବିଜେପି ୧୪, କଂଗ୍ରେସ ୧୨, ଏନ୍‌ସିପି ୪ଟି ଆସନରେ ବିଜୟୀ ହୋଇଥିଲା । ୬୦ ସଦସ୍ୟ ବିଶିଷ୍ଟ ଅମ୍ବରନାଥ ପୌର ପରିଷଦରେ କଂଗ୍ରେସ ସହଯୋଗରେ ବିଜେପି ୩୨ଟି ଭୋଟ ସହିତ ମେୟର ପଦ ହାତେଇଛି । ସହରକୁ ଏକ ସୁରକ୍ଷିତ ଓ ସ୍ଥିର ଶାସନ ପ୍ରଦାନ କରିବାକୁ ମେଣ୍ଟ କରାଯାଇଛି ବୋଲି ୩ଟି ଦଳ ତରଫରୁ କୁହାଯାଇଛି । ତେବେ କଂଗ୍ରେସ ନେତୃତ୍ୱ ଏହି ମେଣ୍ଟକୁ ଅବୈଧ କହିଛନ୍ତି ଓ ଅମ୍ବରନାଥ ବ୍ଲକ କଂଗ୍ରେସ କମିଟିକୁ ଭଙ୍ଗ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ।

ସେହିପରି ଅକୋଲା ଜିଲ୍ଲାର ଆକୋଟ ପୌରପରିଷଦରେ ବିଜେପି ଏଆଇଏମ୍‌ଆଇଏମ୍ ସହିତ ମେଣ୍ଟ କରି 'ଆକୋଟ ବିକାଶ ମଞ୍ଚ' ଗଠନ କରିଛି । ୩୫ ସଦସ୍ୟ ବିଶିଷ୍ଟ ଏହି ପରିଷଦରେ ବିଜେପି ୧୧, ଏଆଇଏମଆଇଏମ୍ ୫ଟି ଆସନ ଜିତିଥିଲା । ଅନ୍ୟ ସହଯୋଗୀଙ୍କ ସମେତ ମେଣ୍ଟ ଆସନ ସଂଖ୍ୟା ୨୫କୁ ବୃଦ୍ଧି ପାଇଥିଲା । ବିଜେପିର ମାୟା ଧୂଳେ ମେୟର ନିର୍ବାଚିତ ହୋଇଥିଲେ ।

ଏଭଳି ମେଣ୍ଟ ନେଇ ରାଜନୈତିକ ମହଲରେ ପ୍ରତିକ୍ରିୟା ପ୍ରକାଶ ପାଇବା ପରେ ମୁଖ୍ୟମନ୍ତ୍ରୀ ତଥା ବିଜେପି ନେତା ଦେବେନ୍ଦ୍ର ଫଡନାଭିସ୍ ଏହି ମେଣ୍ଟ ଗଠନକୁ ପ୍ରତ୍ୟାଖାନ କରିଛନ୍ତି ଓ ଦଳୀୟ ନେତାଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ପାଇଁ ଚେତାବନୀ ଦେଇଛନ୍ତି । ଏଭଳି ମେଣ୍ଟକୁ ଦଳର ବରିଷ୍ଠ ନେତୃତ୍ୱ ଅନୁମୋଦନ କରିନାହାନ୍ତି ଓ ଏହା ସାଂଗଠନିକ ଶୃଙ୍ଖଳାର ଉଲ୍ଲଂଘନ ବୋଲି ସେ କହିଛନ୍ତି । ସେହିପରି କଂଗ୍ରେସ ଅମ୍ବରନାଥରେ ୧୨ ଜଣ ନିର୍ବାଚିତ ୱାର୍ଡ ସଦସ୍ୟଙ୍କୁ ପାର୍ଟିରୁ ନିଲମ୍ବିତ କରିଛି ।

## ଟ୍ରମ୍ପଙ୍କ ସାମ୍ନାରେ ସରେଣ୍ଡର କରିଛନ୍ତି ମୋଦୀ: ରାହୁଲ

ନୂଆଦିଲ୍ଲୀ, ୭।୧ (ଏଜେନ୍ସି): ଲୋକସଭା ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ବୁଧବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱକୁ ପୂର୍ବତନ ପ୍ରଧାନମନ୍ତ୍ରୀ ତଥା ଜେଜେ ମା ଇନ୍ଦିରା ଗାନ୍ଧୀଙ୍କ ସହ ତୁଳନା କରିଛନ୍ତି । ସାମାଜିକ ଗଣମାଧ୍ୟମରେ ରାହୁଲ ଏକ ଭିଡିଓ ସେୟାର କରିଛନ୍ତି । ଏହାର ଶୀର୍ଷକ 'ଫରକ ବୁଝନ୍ତୁ ସାରଜୀ' ରଖିଛନ୍ତି । ରାହୁଲ କହିଛନ୍ତି ଯେ ଆମେରିକା ରାଷ୍ଟ୍ରପତିଙ୍କ ଆଗରେ ପ୍ରଧାନମନ୍ତ୍ରୀ ମୋଦୀ ସରେଣ୍ଡର (ଆତ୍ମସମର୍ପଣ) କରିଛନ୍ତି । ମାତ୍ର ଇନ୍ଦିରା ଆମେରିକାକୁ ନୁଆଁଇ ଦେଇଥିଲେ । ଫୋନ କଲ ଆସୁ ନ ଥିବା ସମୟରେ ସପ୍ତମ ଫ୍ଲିଟ ଆସିଥିଲା । ୧୯୭୧ ଯୁଦ୍ଧରେ ଆମେରିକା ନିଜ ବିମାନବାହୀ ଯୁଦ୍ଧ ଜାହାଜ ଏବଂ ଅସ୍ତ୍ରଶସ୍ତ୍ର ପଠାଇ ଥିଲା । ସେହି ସମୟରେ 'ମୋତେ ଯାହା କରିବାର ଅଛି, ମୁଁ ତାହା କରିବି' ବୋଲି ଇନ୍ଦିରା କହିଥିଲେ । କିନ୍ତୁ ଏବେ ଟିକେ ଚାପ ପଡ଼ିଲେ ପ୍ରଧାନମନ୍ତ୍ରୀ ଭୟଭୀତ ହୋଇ ଯାଉଛନ୍ତି । ବିଜେପି-ଆରଏସଏସ ଲୋକଙ୍କୁ ମୁଁ ଭଲ ଭାବେ ଜାଣିଛି । ସେମାନଙ୍କୁ ଟିକେ ଧକ୍କା ଦେଇଥିଲେ ଭୟରେ ପଳାଇବେ ବୋଲି ରାହୁଲ କହିଛନ୍ତି । ଆମେରିକା ରାଷ୍ଟ୍ରପତିଙ୍କ ଟିପ୍ପଣୀର ଦିନକ ପରେ ରାହୁଲ ଏହି ମନ୍ତବ୍ୟ ଦେଇଛନ୍ତି ।

## ୧୬ ଜଣଙ୍କୁ ମାରିଲାଣି ହାତୀ

ରାଞ୍ଚି, ୭।୧ (ଏଜେନ୍ସି): ଝାଡ଼ଖଣ୍ଡ ଚାଇବାସା ଜିଲ୍ଲା ଭରବରିଆ ଗ୍ରାମରେ ବଣୁଆ ହାତୀ ଆତଙ୍କ ସୃଷ୍ଟି କରିଛି । ଏହି ହାତୀ ମଙ୍ଗଳବାର ରାତିରେ ଶୋଇଥିବା ଅବସ୍ଥାରେ ୬ ଜଣଙ୍କୁ ଦଳି ମାରିଦେଇଛି । ଗତ ୬ ଦିନରେ ହାତୀ ୧୬ ଜଣଙ୍କ ଜୀବନ ନେଲାଣି । ଏହି ନରହନ୍ତା ହାତୀ ଦ୍ରୁତଗତିରେ ନିଜ ଠିକଣା ବଦଳାଉଛି । ତେଣୁ ବନ ବିଭାଗ ତାହାକୁ ଧରିବାରେ ସଫଳ ହୋଇନାହିଁ ବୋଲି ଡିଏଫଓ କହିଛନ୍ତି । ଏଭଳି ସ୍ଥିତିରେ ବନ ବିଭାଗ ଅଧିକାରୀ ବ୍ୟବସାୟୀ ଅନନ୍ତ ଅମ୍ବାନୀଙ୍କ ବନତାରାକୁ ସହାୟତା ମାଗିଛନ୍ତି । ସୂଚନା ଅନୁଯାୟୀ, ମଙ୍ଗଳବାର ରାତି ୧୦ଟାରେ ସମସ୍ତେ ଶୋଇଥିବା ଅବସ୍ଥାରେ ହାତୀ ଅଚାନକ ଆକ୍ରମଣ କରି କଚାଡ଼ି ମାରି ଦେଇଥିଲା ।

### 'ଅପରେସନ ସିନ୍ଦୂର'କୁ ନେଇ ଆମେରିକା କମ୍ପାନୀର ଦାବି

# ସଂଘର୍ଷ ବନ୍ଦ ପାଇଁ ୬୦ ଥର ଗୁହାରି କରିଥିଲା ପାକିସ୍ତାନ




- ଲବି ଫାର୍ମ ପାଇଁ ୪୫ କୋଟି ଖର୍ଚ୍ଚ କରିଥିଲା
- ଭାରତ ମଧ୍ୟ ଲବି କରିଥିଲା

ନୂଆଦିଲ୍ଲୀ, ୭।୧ (ଏଜେନ୍ସି): ଆମେରିକା ଜାରି କରିଥିବା ଫରେନ ଏଜେଣ୍ଟସ ରେଜିଷ୍ଟ୍ରେସନ ଆକ୍ଟ (ଫାରା)ର କାଗଜପତ୍ରରୁ ଚାଞ୍ଚଲ୍ୟକର ତଥ୍ୟ ସାମ୍ନାକୁ ଆସିଛି । ଏଥିରେ ଗତ ବର୍ଷ ଭାରତ କରିଥିବା 'ଅପରେସନ ସିନ୍ଦୂର' ସମ୍ପର୍କରେ ଅନେକ ସୂଚନା ଦିଆଯାଇଛି । ଭାରତର କାର୍ଯ୍ୟାନୁଷ୍ଠାନକୁ ଦେଖି ପାକିସ୍ତାନ ଭୟଭୀତ ହୋଇଯାଇଥିଲା ବୋଲି କୁହାଯାଇଛି । ରିପୋର୍ଟ ଅନୁଯାୟୀ, ଏହି ଯୁଦ୍ଧ ବନ୍ଦ କରିବା ପାଇଁ ଆମେରିକାରେ ଥିବା ନିଜ କୂଟନୀତିଜ୍ଞଙ୍କ ମାଧ୍ୟମରେ ଲବି କରିଥିଲା । ଥରେ କି ଦୁଇ ଥର ନୁହେଁ, ଯୁଦ୍ଧ ବନ୍ଦ କରାଇବା ପାଇଁ ପାକିସ୍ତାନ ୬୦ ଥର ଆମେରିକାକୁ ଗୁହାରି କରିଥିଲା । ଆମେରିକାର ପ୍ରମୁଖ ପ୍ରାଶାସନିକ ଅଧିକାରୀ, ସାଂସଦ, ପେଣ୍ଟାଗନ ଏବଂ ବିଦେଶ ବିଭାଗର ଅଧିକାରୀଙ୍କୁ ଅନୁରୋଧ କରିଥିଲା ।

ଫାରା ଅଧିନରେ ଆମେରିକା ନ୍ୟାୟ ବିଭାଗରେ ଦାଖଲ ଦଲିଲରେ କୁହାଯାଇଛି ଯେ ପାକିସ୍ତାନୀ କୂଟନୀତିଜ୍ଞମାନେ ଇମେଲ, ଫୋନ କଲ, ୱାନ-ଟୁ-ୱାନ ବୈଠକ ମାଧ୍ୟମରେ ଏପ୍ରିଲ ଶେଷରୁ ନେଇ ୪ ଦିନ ପର୍ଯ୍ୟନ୍ତ ଚାଲିଥିବା ଅପେରସନ ସିନ୍ଦୂର ଶେଷ ହେବା ପର୍ଯ୍ୟନ୍ତ ଅସ୍ତବିରତି ନେଇ ବୈଠକ ଜାରି ରଖିଥିଲେ । ଆମେରିକା ମାଧ୍ୟମରେ ଯେକୌଣସି ଭାବେ ଭାରତ ଉପରେ ଚାପ ପକାଇ ପାକିସ୍ତାନ ଯୁଦ୍ଧ ରୋକିବାକୁ ଚାହୁଁଥିଲା । ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ପ୍ରଶାସନ ସହ ଦ୍ରୁତ ଯୋଗାଯୋଗ ପାଇଁ ବ୍ୟବସାୟ ଏବଂ କୂଟନୈତିକ ନିଷ୍ପତ୍ତିକୁ ପ୍ରଭାବିତ କରୁଥିବା ୬ ଲବିଂ ଫାର୍ମ ଉପରେ ପାକିସ୍ତାନ ୪୫ କୋଟି ଟଙ୍କା ଖର୍ଚ୍ଚ କରିଦେଇଥିଲା । ସେହିପରି ଭାରତ ସରକାର ଏବଂ ଏଠକାର ଅଧିକାରୀ ମଧ୍ୟ ଆମେରିକା ସହ ଯୋଗାଯୋଗ କରିବା ପାଇଁ କମ୍ପାନୀର ସହାୟତା ନେଇଥିଲେ ବୋଲି ଲବିଂ ଫାର୍ମ ଏସଏଚଡବ୍ଲ୍ୟୁ ପାଟନର୍ସ ଏଲଏଲସି ନିଜ ରିପୋର୍ଟରେ କହିଛି । ଏହି କମ୍ପାନୀ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଟ୍ରମ୍ପ ପ୍ରଶାସନ ସହ ଭାରତୀୟ ଦୂତାବାସ ମଧ୍ୟରେ ଆଲୋଚନା କରାଇଥିବା ଦାବି କରିଛି । ଏପ୍ରିଲରୁ ଡିସେମ୍ବର ପର୍ଯ୍ୟନ୍ତ ଏସଏଚଡବ୍ଲ୍ୟୁ ଭାରତୀୟ ଦୂତାବାସ ପାଇଁ କାମ କରିଥିଲା ।

ଫାରା ସୂଚନା ଅନୁଯାୟୀ, ମେ'୧୦ରେ ଏହି ଫାର୍ମ ଭାରତୀୟ ଦୂତାବାସ ସହ ହ୍ୱାଇଟ ହାଉସ ଚିଫ୍ ଅଫ୍ ଷ୍ଟାଫ ସୁସି ୱାଇଲ୍ସ, ଆମେରିକା ବାଣିଜ୍ୟ ପ୍ରତିନିଧି ଜେମିସନ ଗ୍ରୀର ଏବଂ ନ୍ୟାସନାଲ ସିକ୍ୟୁରିଟି କାଉନସିଲର ରିକି ଗିଲଙ୍କ ସହ ଯୋଗାଯୋଗ କରିବାରେ ସହାୟତା କରିଥିଲେ । ଏଥିରେ ଭାରତ-ଆମେରିକା ବାଣିଜ୍ୟ ଚୁକ୍ତି, ଅପରେସନ ସିନ୍ଦୂର ସମ୍ବନ୍ଧିତ ଗଣମାଧ୍ୟମ ସୂଚନା ବିଷୟରେ ଚର୍ଚ୍ଚା କରାଯାଇଥିଲା । ସୂଚନାଯୋଗ୍ୟ ଯେ ମେ'୧୦ରେ ଭାରତ ଏବଂ ପାକିସ୍ତାନ ମଧ୍ୟରେ ଚାଲିଥିବା ସାମରିକ ସଂଘର୍ଷ ବନ୍ଦ ହୋଇଥିଲା । ଅନ୍ୟପକ୍ଷରେ ଭାରତୀୟ ବିଦେଶ ମନ୍ତ୍ରାଳୟ ସୂତ୍ରରୁ କୁହାଯାଇଛି ଯେ ସମ୍ପର୍କ ବଢାଇବା ଆମେରିକାର ବିଭିନ୍ନ ଦୂତାବାସ, ଘରୋଇ କମ୍ପାନୀ ଏବଂ ବ୍ୟାବସାୟିକ ସଂଗଠନ ଲବିଂ ଫାର୍ମ ଓ କନସଲଟାନ୍‌ସିଙ୍କ ସହାୟତା ନିଆଯାଇଥାଏ । ଆମେରିକାରେ ବିଦେଶୀ ସରକାରଙ୍କ ସହ ଲବିଂ କରାଇବା ଆଇନଗତ । ନ୍ୟାୟ ବିଭାଗର ଆନୁଷ୍ଠାନିକ ୱେବସାଇଟରେ ଲବିଂର ସମ୍ପୂର୍ଣ୍ଣ ରେକର୍ଡ ରହିଛି । ଏହାକୁ କୌଣସି ପ୍ରକାରର ମଧ୍ୟସ୍ଥତା ଭାବେ ଦେଖିବା ଅନୁଚିତ । ଆମେରିକାର ଏହି ରିପୋର୍ଟକୁ ନେଇ ମେ' ୧୦ରେ ବହୁତ କିଛି ଘଟିଥିଲା ବୋଲି କଂଗ୍ରେସ ପକ୍ଷରୁ କୁହାଯାଇଛି ।

# ମଖାନା ଦେଇଛି ପରିଚୟ

**ଆଜିର ମହିଳା ବିଭିନ୍ନ କ୍ଷେତ୍ରରେ ଆଗକୁ ବଢ଼ୁଛନ୍ତି । ସଫଳତାର ନୂଆ କାହାଣୀ ଲେଖୁଛନ୍ତି । ଦୃଢ଼ମନୋବଳ ଏବଂ ସାହସ ଥିଲେ ଯେ କୌଣସି କାର୍ଯ୍ୟ ସମ୍ଭବ ତାହା ପ୍ରମାଣ କରିଦେଖାଇଛନ୍ତି, ବିହାର ବଲ୍‌ହା ଗଢ଼ିଆ ଗାଁର ଉଦ୍ୟୋଗୀ ରେଣୁ ମିଶ୍ର । ସେ ବିଭିନ୍ନ ଫ୍ଲେଭର୍‌ର ମଖାନା ପ୍ରସ୍ତୁତ କରି ଏହାକୁ ଦେଶ ବିଦେଶରେ ବିକ୍ରି କରନ୍ତି । ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ଚାକିରି ଛାଡ଼ି, ସେ ଏହି ବ୍ୟବସାୟ କରୁଛନ୍ତି । ଏହାଦ୍ୱାରା ସେ ଜଣେ ଉଦ୍ୟୋଗୀ ହେବା ସହ ଅନ୍ୟ ମହିଳାଙ୍କ ପାଇଁ ପ୍ରେରଣା ସାଜିଛନ୍ତି ।**






କୋଭିଡ୍ ମହାମାରୀ ସମୟରେ ସେ ମଖାନା ଚାଷ ଏବଂ ଏହାର ଚାହିଦାକୁ ଦେଖିଥିଲେ । ସେବେଠୁ ସେ ଏ ଦିଗରେ କିଛି ନୂଆ କରିବାକୁ ଭାବିଥିଲେ । ଏ ବାବଦରେ ସ୍ୱାମୀ ହରେକୃଷ୍ଣଙ୍କ ସହ ସେ ଆଲୋଚନା କରିଥିଲେ । ଏହାପରେ ୨୫ ଲକ୍ଷ ଟଙ୍କା ଋଣ ନେଇ ୨୦୨୦ ମସିହାରେ ସେ ଏହି ମଖାନା ବ୍ୟବସାୟ ଆରମ୍ଭ କରିଥିଲେ । ଅବଶ୍ୟ ଏହି ବ୍ୟବସାୟ ତାଙ୍କ ପାଇଁ ଏତେ ସହଜ ନ ଥିଲା । ବଜାର ଚାହିଦା, ବ୍ରାଣ୍ଡିଙ୍ଗ୍, ପ୍ରକ୍ରିୟାକରଣ, ବଜାରରେ ପହଞ୍ଚାଇବା ସବୁ କ୍ଷେତ୍ରରେ ଏହା ଖୁବ୍ ଆହ୍ୱାନପୂର୍ଣ୍ଣ ଥିଲା । ଏହା ସତ୍ତ୍ୱେ ରେଣୁ ହାର ମାନି ନ ଥିଲେ । ସେ ସହରସା, ଦରଭଙ୍ଗାରେ ପ୍ରଥମେ ଛୋଟ ପ୍ରୋସେସିଙ୍ଗ୍ ୟୁନିଟ୍ ସ୍ଥାପନ କରିଥିଲେ । ଏଥିସହ ନୋଏଡ଼ାରେ ଏକ ବଡ଼ ୟୁନିଟ୍ ଆରମ୍ଭ କରିଥିଲେ । ଧୀରେ ଧୀରେ ତାଙ୍କ ଉତ୍ପାଦ ବଜାରରେ ପରିଚିତ ହେଲା । କେବଳ ମଖାନା ନୁହେଁ, ସେ ଏହାର ଭାଲ୍ୟୁ ଆଡିସନ୍ ଉପରେ ମଧ୍ୟ ଧ୍ୟାନ ଦେଲେ ।

ମଖାନାକୁ ନେଇ ସେ ବହୁ ପରୀକ୍ଷାନିରୀକ୍ଷା କରିଥିଲେ । ଏଥିରେ ସେ ଟମାଟର, ହିମାଳୟ ସଲ୍ଟ, ପେରୀ ପେରୀ ସମେତ ଅନ୍ୟ ୧୩ ପ୍ରକାରର ମଖାନା ଫ୍ଲେଭର ପ୍ୟାକେଟ୍ ପ୍ରସ୍ତୁତ କରି ବଜାରରେ ବିକ୍ରି କରିଥିଲେ । ଏଥିସହ ରେଡି ଟୁ - ଇଟ୍ ମଖାନା ଏବଂ କ୍ଷୀରି ମଧ୍ୟ ପ୍ରସ୍ତୁତ କରିଥିଲେ । ଏହାକୁ ଗ୍ରାହକମାନେ ମଧ୍ୟ ଖୁବ୍ ପସନ୍ଦ କରିଥିଲେ । ଏବେ ତାଙ୍କ କମ୍ପାନୀ ନିର୍ମିତ ଉତ୍ପାଦ- ଦିଲ୍ଲୀ, ନୋଏଡ଼ା, ଝାଡ଼ଖଣ୍ଡ, ଆସାମ ସମେତ ବିଭିନ୍ନ ସ୍ଥାନକୁ ଯୋଗାଣ ହେଉଛି । କେବଳ ସେତିକି ନୁହେଁ, ଅଷ୍ଟ୍ରେଲିଆ, ଜାପାନ, ବ୍ରିଟେନ୍ ଭଳି ଦେଶରେ ଏହି ଉତ୍ପାଦର ଚାହିଦା ବୃଦ୍ଧିପାଉଛି । ରେଣୁଙ୍କ କହିବାନୁଯାୟୀ ୨୦୨୬ରେ ସିୟାରାମ୍ ଫୁଡ୍ ଇଣ୍ଡଷ୍ଟ୍ରୀଙ୍କୁ ଆନ୍ତର୍ଜାତୀୟ ସ୍ତରରେ ପରିଚିତ କରାଇବାକୁ ପ୍ରୟାସ କରୁଛନ୍ତି । ସେହିପରି ସେ ଏଥିରେ ମହିଳାଙ୍କ ପାଇଁ ରୋଜଗାରର ମାଧ୍ୟମ ସୃଷ୍ଟି କରିଛନ୍ତି । ବିଭିନ୍ନ ୟୁନିଟ୍‌ରେ ୫୦ ରୁ ଊର୍ଦ୍ଧ୍ୱ ମହିଳା ଏବଂ ପୁରୁଷ କାର୍ଯ୍ୟରତ ଅଛନ୍ତି । ଏହାଦ୍ୱାରା ସ୍ଥାନୀୟ ମହିଳାମାନେ ଆତ୍ମନିର୍ଭର ହୋଇପାରୁଛନ୍ତି । ରେଣୁଙ୍କ କହିବାନୁଯାୟୀ କଠିନ ପରିଶ୍ରମ ପରେ ତାଙ୍କୁ ଏହି ସଫଳତା ମିଳିଛି । ଆଗାମୀ ଦିନରେ ସହରସାରେ ଏକ ବଡ଼ ପ୍ରୋସେସିଙ୍ଗ୍ ୟୁନିଟ୍ କରିବାକୁ ଆଶା ରଖିଛନ୍ତି । ତାଙ୍କ କହିବାନୁଯାୟୀ, ସହରସା, ମଧୁବନୀ ଏବଂ ଦରଭଙ୍ଗାରେ ଅଧିକ ମଖାନା ଚାଷ କରାଯାଏ । ତେଣୁ ସେ ସିଧା କୃଷକଙ୍କ ଠାରୁ ସେ ଏହି ମଖାନା କିଣନ୍ତି । ଏହାଦ୍ୱାରା କୃଷକଙ୍କର ମଧ୍ୟ ଭଲ ଆୟ ହୋଇଥାଏ ।

# ଶୀତଦିନେ ମେହେନ୍ଦି ଲଗାଉଥିଲେ...

**ଖରାଦିନେ ମେହେନ୍ଦି ଲଗାଇଲେ ଏହା ମୁଣ୍ଡକୁ ଥଣ୍ଡା ରଖିଥାଏ; କିନ୍ତୁ ଶୀତଦିନେ ଏହା କେଶକୁ ଶୁଷ୍କ କରିବା ସହ ଥଣ୍ଡା ଜ୍ୱର ହେବାର ଆଶଙ୍କା ଥାଏ । ତେଣୁ ଶୀତଦିନେ କେଶରେ ମେହେନ୍ଦି ଲଗାଇବା ପୂର୍ବରୁ ଧ୍ୟାନ ଦିଅନ୍ତୁ ।**



### ମେହେନ୍ଦି ଓ ଲବଙ୍ଗ ପାଣି

ଶୀତରେ ମେହେନ୍ଦି ଲଗାଇବାକୁ ଚାହୁଁଥିଲେ, ଏଥିରେ ଲବଙ୍ଗପାଣି ମିଶାଇ କେଶରେ ଲଗାଇପାରିବେ । ଏହାଦ୍ୱାରା କେଶ ଘନ କଳା ଦିଶିଥାଏ । ଏଥିସହ ଥଣ୍ଡା ମଧ୍ୟ ହୁଏ ନାହିଁ । ତେଣୁ ଚାରିପାଞ୍ଚଟି ଲବଙ୍ଗକୁ ପାଣିରେ ବୁଡ଼ାଇ ଦୁଇ ତିନି ଘଣ୍ଟା ରଖନ୍ତୁ । ପରେ ସେଥିରୁ ଲବଙ୍ଗ କାଢ଼ି ମେହେନ୍ଦି ମିଶାଇ କେଶରେ ଲଗାନ୍ତୁ ।

### ଦହି ପରିବର୍ତ୍ତେ ଫିଟିକିରି

ସାଧାରଣତଃ ମେହେନ୍ଦିରେ ଦହି, ଲେମ୍ବୁ ମିଶାଇ ଲଗାଯାଏ । ଏହା ରୂପି ଏବଂ ସ୍କାଲ୍‌ପ ସମସ୍ୟାରୁ ମୁକ୍ତି ଦେଇଥାଏ । କିନ୍ତୁ ଶୀତଦିନେ ଦହି ଲଗାଇଲେ ଥଣ୍ଡା ହୋଇଥାଏ । ତେଣୁ ଏହା ବଦଳରେ ଫିଟ୍‌କିରି ବ୍ୟବହାର କରିପାରିବେ ଏହା କେଶ ପାଇଁ ଲାଭଦାୟକ ହେବା ସହ ରୂପି ଦୂର କରିଥାଏ ।

### ଦ୍ୱିପ୍ରହରରେ ଲଗାନ୍ତୁ

ଦ୍ୱିପ୍ରହରରେ ମେହେନ୍ଦି ଲଗାଇବା ଲାଭଦାୟକ । ଏଥିରୁ ଦୁଇଟି ଫାଇଦା ମିଳିଥାଏ । ଏହା ଥଣ୍ଡାରୁ ସୁରକ୍ଷା ଦେବା ସହ ଶୀଘ୍ର ଶୁଖିଯାଏ । ତେଣୁ ଶୀତ ସମସ୍ୟା ଦୂର ହୋଇଥାଏ । ଖରା ନଥିଲେ, ମେହେନ୍ଦି ନ ଲଗାଇବା ଭଲ । ସେହିପରି ଏ ଦିନେ ଦହି ପରିବର୍ତ୍ତେ, ପିଆଜ ତେଲ ଅଁଳା ଆଦି କେଶରେ ଲଗାଇବା ଆବଶ୍ୟକ ।

### ଅଳସୀ

ଅଳସୀ କେଶ ପାଇଁ ଖୁବ୍ ଫାଇଦା ହୋଇଥାଏ । ଏଥିରେ ପ୍ରୋଟିନ୍ ଏବଂ ଭିଟାମିନ୍ ଭରପୂର ମାତ୍ରାରେ ଥାଏ । କେଶବୃଦ୍ଧିରେ ସହାୟକ ହୋଇଥାଏ । ଏଥିପାଇଁ ଗୋଟିଏ ପାତ୍ରରେ ଅଳସୀ ନେଇ ସେଥିରେ ପାଣି ମିଶାଇ ଛଅ,ସାତ ଘଣ୍ଟା ଘୋଡ଼ାଇ ସେହି ପାଣିରେ କେଶ ଧୁଅନ୍ତୁ । ସମୟ ପରେ ଏହାକୁ ଖାଲିପାଣିରେ ପୁଣି ଥରେ ଧୋଇ ଦିଅନ୍ତୁ । ଏହାଦ୍ୱାରା ରୂପି ସମସ୍ୟାରୁ ମୁକ୍ତି ମିଳିଥାଏ ।

# ବାଦାମ ଚୋପାରେ ଫୁଟ୍‌କ୍ରିମ୍

**ସାଧାରଣତଃ ଲୋକେ ଚିନାବାଦାମ ଖାଇବା ପରେ ଚୋପାକୁ ଫୋପାଡ଼ି ଦିଅନ୍ତି; କିନ୍ତୁ ଏହାକୁ ନ ଫୋପାଡ଼ି ଏଥିରୁ ଫୁଟ୍‌କ୍ରିମ୍ ପ୍ରସ୍ତୁତ କରିପାରିବେ । ଏଥିରେ ଥିବା ଆଣ୍ଟିଅକ୍ସିଡେଣ୍ଟ, ଫାଇବର ମୃତକୋଷ କାଢ଼ିବାରେ ସାହାଯ୍ୟ କରିଥାଏ । ଏଥିସହ ଏହା ଫଟା ଗୋଇଠି ସମସ୍ୟା ଦୂର କରି ପାଦରେ ଆର୍ଦ୍ରତା ବଜାୟ ରଖିଥାଏ ।**



### ପ୍ରସ୍ତୁତି

ଏଥିପାଇଁ ପ୍ରଥମେ ବାଦାମଚୋପାକୁ ଧୋଇ ଖରାରେ ଶୁଖାଇ ଦିଅନ୍ତୁ । ଏହାକୁ ଗ୍ରାଇଣ୍ଡି ଜାରରେ ଦେଇ ଏକ ପାଉଡର ପ୍ରସ୍ତୁତ କରନ୍ତୁ । ଏହାପରେ ଗୋଟିଏ ପାତ୍ରରେ ନେଇ ସେଥିରେ ବାଦାମଗୁଣ୍ଡ କାଢ଼ି ଏକ ଚାମଚ ନଡ଼ିଆ ତେଲ, ଏକ ଚାମଚ ଦହି ଏବଂ ସାମାନ୍ୟ କ୍ଷୀର ପକାଇ ଏକ ବହଳିଆ ପେଷ୍ଟ ପ୍ରସ୍ତୁତ କରନ୍ତୁ ।

### ଲଗାଇବା ବିଧି

ଏଥିପାଇଁ ପାଦକୁ ପାଞ୍ଚମିନିଟ୍ ନଖ ଉଷୁମା ପାଣିରେ ବୁଡ଼ାଇ ରଖନ୍ତୁ । ଏହା ପରେ ପାଦକୁ ଶୁଖିଲା ଟାୱେଲରେ ପୋଛି ପ୍ରସ୍ତୁତ କରି ରଖିଥିବା ଫୁଟ୍‌କ୍ରିମ୍ ଲଗାନ୍ତୁ । ଏହାକୁ ହାଲୁକା ହାତରେ ପାଞ୍ଚ ମିନିଟ୍ ମସାଜ କରନ୍ତୁ । ଏହାଦ୍ୱାରା ପାଦରେ ଥିବା ଡେଡ୍ ସ୍କିନ୍ ସହଜରେ ଦୂର ହୋଇଥାଏ । ଏହାପରେ ଆଉ ଅଳ୍ପ କ୍ରିମ୍ ଲଗାଇ ପାଦକୁ ଶୁଖିବା ପାଇଁ ଛାଡ଼ନ୍ତୁ । ପରେ ଗୋଡ଼ ଧୋଇ ଦିଅନ୍ତୁ । ପାଦ ଶୁଖିଗଲେ ଗ୍ଲିସେରିନ୍ ଲଗାଇ ମୋଜା ପିନ୍ଧନ୍ତୁ । ଫଟା ଗୋଇଠି ସମସ୍ୟା ଅଧିକ ଥିଲେ ଏହି ଫୁଟ୍‌କ୍ରିମ୍‌କୁ ସପ୍ତାହରେ ଦୁଇଥର ଲଗାଇପାରିବେ । ଏହା ଫଟା ଗୋଇଠି ସମସ୍ୟା ଦୂର କରିଥାଏ ।

ମୋ ହାଣ୍ଡିଶାଳରୁ...

# ପନିର୍ ଫ୍ରାଏଡ୍ ରାଇସ୍

### ଆବଶ୍ୟକ ସାମଗ୍ରୀ

ଭାତ - ଦୁଇ କପ୍, କଟା ଗାଜର୍- ଅଧା କପ୍, ବ୍ରୋକଲି- ଅଧା କପ୍, ପନିର୍ - ୨୦୦ ଗ୍ରାମ୍, ହଳଦୀଗୁଣ୍ଡ - ଅଧା ଚାମଚ, ଜିରାଗୁଣ୍ଡ - ଅଧା ଚାମଚ, ଲଙ୍କାଗୁଣ୍ଡ- ଅଧା ଚାମଚ, ଗ୍ରୀନ୍ ମଟର୍ - ଅଧା କପ୍, ମ୍ୟାଗି ମସଲା - ଅଧା ଚାମଚ, ମିଠା ମକ୍‌କା - ଅଧା କପ୍, ବିନ୍‌ସ- ଅଧା କପ୍, ତେଲ - ଆବଶ୍ୟକତା ଅନୁସାରେ, ଲୁଣ – ସ୍ୱାଦାନୁସାରେ ।

### ପ୍ରସ୍ତୁତି ପ୍ରଣାଳି

ପନିର୍ ନେଇ ସେଥିରେ ମ୍ୟାଗି ମସଲା, ଲଙ୍କା ଗୁଣ୍ଡ, ହଳଦୀଗୁଣ୍ଡ, ଜିରାମସଲା ସମେତ ତେଲ ପକେଇ ଭଲରେ ଗୋଳାଇ ଦିଅନ୍ତୁ । ଏହାପରେ ଗ୍ୟାସ୍ ଲଗାଇ କଡ଼େଇ ବସାଇ ସେଥିରେ ପନିର୍ ଖଣ୍ଡ ଦେଇ ଭାଜନ୍ତୁ । ଏହା ସୁନେଲି ରଙ୍ଗ ହୋଇଆସିଲେ ପ୍ଲେଟ୍‌କୁ କାଢ଼ି ଦିଅନ୍ତୁ । ଏହାପରେ କଡ଼େଇରେ ଅଳ୍ପ ତେଲ ଦେଇ ସେଥିରେ ବିନ୍, କ୍ୟାପ୍‌ସିକମ୍, ଗାଜର୍, ବ୍ରୋକ୍‌ଲି, ମକା, ଗ୍ରୀନ୍‌ମଟର୍, ରସୁଣ, ଦେଇ ଭଲଭାବେ ଗୋଳାଇ ଭାଜନ୍ତୁ । ଅଧା ଭାଜି ହୋଇଗଲେ, ସେଥିରେ ଭାତ ଦେଇ ଗୋଲମରିଚ ଗୁଣ୍ଡ, ଲୁଣ ସହ ସେଜୁଆନ୍ ଚଟଣୀ ଦେଇ ଗୋଳାନ୍ତୁ । ଏହାପରେ ଭାଜି ରଖିଥିବା ପନିର୍‌କୁ ଦିଅନ୍ତୁ । ପ୍ରସ୍ତୁତ ହୋଇଗଲା ସ୍ୱାଦିଷ୍ଟ ‘ପନିର୍ ଫ୍ରାଏଡ୍ ରାଇସ୍’ ।



# କାଶ୍ମୀର୍ ଭେଲ୍‌ଭେଟ୍ ସୁଟ୍



**ବିବାହ, ପାର୍ଟି, ଫଙ୍କ୍‌ସନ୍‌ରେ ମହିଳାମାନେ ଷ୍ଟାଇଲିଶ୍ ଏବଂ ସୁନ୍ଦର ପୋଷାକ ପିନ୍ଧିବାକୁ ପସନ୍ଦ କରନ୍ତି । ଏହି କ୍ରମରେ ଏବେ କାଶ୍ମୀର ଡିଜାଇନର ଭେଲ୍‌ଭେଟ୍ ସୁଟ୍ ଲୋକପ୍ରିୟ ରହିଛି । ଏହାକୁ ପିନ୍ଧି ବିବାହ ପାର୍ଟି, ଫଙ୍କ୍‌ସନ୍‌ରେ ନିଜକୁ ଏକ ଆକର୍ଷଣୀୟ ଲୁକ୍ ଦେଇପାରିବେ ।**

### ବ୍ଲାକ୍, ମେରୁନ୍ ସୁଟ୍

ବର୍ତ୍ତମାନ ଏହି ରଙ୍ଗ ସୁଟର ଖୁବ୍ ଚାହିଦା ରହିଛି । ଏହାକୁ ଗୋଲ୍‌ଡେନ୍ ରଙ୍ଗ ଓଢ଼ଣୀ ଭଲ ମାନିଥାଏ । ସେହିପରି ଏକ ଆକର୍ଷଣୀୟ ଲୁକ୍ ଚାହୁଁଥିଲେ ଏଥିରେ ଭାରି ଅଳଙ୍କାର ପିନ୍ଧିପାରିବେ । ଏଥିରୁ ଏକ ଷ୍ଟାଇଲିଶ୍ ପାର୍ଟି ଲୁକ୍ ମିଳିଥାଏ ।

### କୁର୍ତ୍ତା ସହ ପ୍ଲାଜୋ

ବିଶେଷ କରି ଶୀତଦିନେ ଗାଢ଼ ରଙ୍ଗ ସୁନ୍ଦର ଦେଖାଯାଏ । ତେଣୁ ଏଦିନେ ଗାଢ଼ ନୀଳରଙ୍ଗ କୁର୍ତ୍ତା, ସହ ପ୍ଲାଜୋ ପିନ୍ଧିପାରିବେ । ଏହି ସୁଟ୍ ବେକରେ ଭାରି କାମଥାଏ । ଏଥିସହ ଏଥରେ ଏମ୍ବ୍ରୋଡେରୀ କାମ ଥାଏ । ଯାହା ଦେଖିବାକୁ ଖୁବ୍ ସୁନ୍ଦର ହୋଇଥାଏ । ଏହାକୁ ପିନ୍ଧିଲେ ଏଥିରୁ ପାର୍ଟି ଲୁକ୍ ମିଳିଥାଏ ।

### ମୋଗଲ ନେକ୍‌ଲାଇନ୍

ମୋଗଲ ନେକ୍‌ଲାଇନର ଏହି ସୁଟ୍‌ରେ ଭାରିକାମ ଥାଏ । ସେହିପରି ଏଥିରେ ଥିବା ଭେଲ୍‌ଭେଟ୍ ଦୁପଟ୍ଟା ଶୀତଦିନେ ଶାଲ ଭଳି କାର୍ଯ୍ୟ କରିଥାଏ । ଏହାକୁ ପିନ୍ଧିଲେ ଶାଲ କିମ୍ବା ସ୍ୱେଟର ଆବଶ୍ୟକ ନଥାଏ । ଏହା ଉଭୟ ଷ୍ଟାଇଲିଶ୍ ଏବଂ ଆକର୍ଷଣୀୟ ଲୁକ୍ ମିଳିଥାଏ ।

### ମିରର୍ ୱାର୍କ ସୁଟ୍

ହାଲୁକା କାମଯୁକ୍ତ ଭେଲ୍‌ଭେଟ୍ ସୁଟ୍ ପିନ୍ଧିବାକୁ ଚାହୁଁଥିଲେ , ମିରର୍ ୱାର୍କ ଥିବା ସୁଟ୍ ପିନ୍ଧିପାରିବେ । ଏଥିରେ ସୂତାକାମ ସହ ମିରର କାମ ମଧ୍ୟ ରହିଛି । କୌଣସି ପାର୍ଟି, ଫଙ୍କ୍‌ସନ୍‌ରେ ଲେହେଙ୍ଗା, ଗାଉନ ପିନ୍ଧିବାକୁ ପସନ୍ଦ ନ ଥିଲେ ଏହା ପିନ୍ଧିପାରିବେ । ଏଥିରୁ ଖୁବ୍ ସୁନ୍ଦର ଆକର୍ଷଣୀୟ ଲୁକ୍ ମିଳିଥାଏ ।

# କପଡ଼ା, ଚାଦରକୁ ରଖନ୍ତୁ ଜୀବାଣୁ ମୁକ୍ତ

**ଶୀତଦିନେ କପଡ଼ା, ଚାଦରରେ ଧୂଳି, ମଳି ଜମିଯାଏ । ଏହାଦ୍ୱାରା ଆଲର୍ଜି ଓ ସଂକ୍ରମଣ ହୋଇଥାଏ । ଏପରିସ୍ଥଳେ କପଡ଼ାକୁ ନିୟମିତ ପରିଷ୍କାର ରଖିବା, ଖରାରେ ଶୁଖାଇବା ସହ ଆଣ୍ଟି ବ୍ୟାକ୍ଟେରିୟଲ୍ ଡିଟର୍‌ଜେଣ୍ଟ ପକାଇ ସଫା କରିବା ଆବଶ୍ୟକ, ଏହାଦ୍ୱାରା ଜୀବାଣୁ ମରିଯାନ୍ତି ।**

### ସଫା କରିବା

ଶୀତଦିନେ ଚାଦରରେ ଧୂଳି ମଳି ଜମିଯାଏ । ତେଣୁ ଚାଦର, ତକିଆଖୋଳ ଏବଂ ଦିନପିନ୍ଧା ଡ୍ରେସ୍‌କୁ ସପ୍ତାହକୁ ଥରେ ଧୋଇବା ଆବଶ୍ୟକ । ଏହାଦ୍ୱାରା କପଡ଼ା ଦୀର୍ଘସମୟ କୀଟାଣୁ ମୁକ୍ତ ରହେ ।

### ଖରାରେ ସୁଖାଇବା

ଖରା ପ୍ରାକୃତିକ ଜୀବାଣୁନାଶକ ଭାବେ କାର୍ଯ୍ୟ କରିଥାଏ । ତେଣୁ ଧୂଆ ଚାଦର, ତକିଆ, କପଡ଼ାକୁ ଟାଣଖରାରେ ଶୁଖାଇବା ଜରୁରୀ । ଏହାଦ୍ୱାରା ବ୍ୟାକ୍ଟେରିଆ ଏବଂ ଫଙ୍ଗସ୍ ଆପେ ନଷ୍ଟ ହୋଇଯାଏ । ଯଥାସମ୍ଭବ କପଡ଼ା ଏବଂ ବେଡ୍‌ସିଟ୍‌କୁ ଉଷୁମପାଣିରେ ଧୋଇବାକୁ ଚେଷ୍ଟା କରନ୍ତୁ । ଏହି ପ୍ରକ୍ରିୟା ଜୀବାଣୁ ନାଶ କରିବାରେ ଅଧିକ ପ୍ରଭାବୀ । ପିଲା ଏବଂ ବୟସ୍କଙ୍କ ପାଇଁ ଏହି ଉପାୟ ଖୁବ୍ ଲାଭଦାୟକ ହୋଇଥାଏ ।

### ଭଲରେ ସାଇତି ରଖନ୍ତୁ

କପଡ଼ା ଧୋଇବା ଯଥେଷ୍ଟ ହୋଇ ନ ଥାଏ । ଏହାକୁ ଭଲରେ ସାଇତ ରଖିବାର ମଧ୍ୟ ଆବଶ୍ୟକତା ରହିଛି । ଋତୁ ଅନୁଯାୟୀ ଆଲ୍‌ମିରାକୁ ଝାଡ଼ି ସଫା କରିବା ଆବଶ୍ୟକ । ଶୁଖିଲା ନିମ୍ବପତ୍ର, କର୍ପୁର ତଥା ଲାଭେଣ୍ଡର ପାଉଚ୍ ରଖିବା ଦ୍ୱାରା ଜୀବାଣୁ ମରିଯାଏ ।



# ବିଟ୍ ଫେସ୍ ପ୍ୟାକ୍



**ବିଟ୍ ତ୍ୱଚା ପାଇଁ ଖୁବ୍ ଉପକାରୀ । ଏହାର ଉପଯୋଗ ଦ୍ୱାରା ତ୍ୱଚା କୋମଳ ଓ ଉଜ୍ଜ୍ୱଳ ରହିଥାଏ । ତେବେ ସ୍ୱଚ୍ଛ ଓ ସୁନ୍ଦର ତ୍ୱଚା ପାଇଁ ଏହାକୁ କିଭଳି ବ୍ୟବହାର କରିବା ଦରକାର, ସେ ସମ୍ପର୍କରେ ଜାଣିବା ।**

### ବିଟ୍-ଘିକୁଆଁରି ପ୍ୟାକ୍

ପ୍ରଥମେ ବିଟ୍‌ର ପେଷ୍ଟ ପ୍ରସ୍ତୁତ କରନ୍ତୁ । ସେଥିରେ ଘିକୁଆଁରି ରସ ମିଶାନ୍ତୁ । ଏହାକୁ ମୁହଁରେ ଲଗାଇ ୧୦ -୧୫ ମିନିଟ୍ ପର୍ଯ୍ୟନ୍ତ ରଖନ୍ତୁ । ଏହାକୁ ସପ୍ତାହକୁ ଦୁଇଥର ଲଗାଇଲେ ଫରକ ଜାଣିପାରିବେ ।

### ବିଟ୍- ମୁଲ୍‌ତାନି ମାଟି ପ୍ୟାକ୍

ବିଟ୍ ପେଷ୍ଟରେ ମୁଲତାନି ମାଟିକୁ ଭଲଭାବେ ମିଶାଇ ଏକ ପ୍ୟାକ୍ ପ୍ରସ୍ତୁତ କରନ୍ତୁ । ଏହାକୁ ମୁହଁ ଓ ବେକରେ ଲଗାଇ କିଛି ସମୟ ରଖନ୍ତୁ । ଏହି ପ୍ୟାକ୍ ଶୁଖିଯିବା ପରେ ମୁହଁ ଧୋଇ ଦିଅନ୍ତୁ । ମୁହଁ ଉଜ୍ଜ୍ୱଳ ଦିଶିବ ।

### ବିଟ୍- ବେସନ ପ୍ୟାକ୍

ବିଟ୍ ପେଷ୍ଟରେ ବେସନ, ଦହିକୁ ମିଶାଇ ଏକ ପ୍ୟାକ୍ ପ୍ରସ୍ତୁତ କରନ୍ତୁ । ମୁହଁରେ ଲଗାଇ ୧୦-୧୫ ମିନିଟ୍ ପର୍ଯ୍ୟନ୍ତ ରଖନ୍ତୁ । ଏହାକୁ ସପ୍ତାହକୁ ଥରେ ଲଗାନ୍ତୁ ।

# ମିନିମାଲିଷ୍ଟ ଅଳଙ୍କାର

**ପାରମ୍ପରିକ ଓଜନିଆ ଅଳଙ୍କାର ବଦଳରେ ଏବେ ମହିଳାମାନେ ସାଧା, ସିମ୍ପଲ ଅଳଙ୍କାର ପିନ୍ଧିବାକୁ ପସନ୍ଦ କରୁଛନ୍ତି । ଏହା ଆଧୁନିକ ହେବା ସହ ଆଖିକୁ ସୁନ୍ଦର ମଧ୍ୟ ଦିଶିଥାଏ । ଏହାକୁ ଦୃଷ୍ଟିରେ ରଖି ଏବେ ମହିଳାଙ୍କ ମଧ୍ୟରେ ମିନିମାଲିଷ୍ଟ ଅଳଙ୍କାରର ଖୁବ୍ ଚାହିଦା ରହିଛି, ଜାଣିବା ସେ ବିଷୟରେ ।**

### କଫ୍ ବ୍ରେସ୍‌ଲେଟ୍

କଫ ବ୍ରେସ୍‌ଲେଟ୍ ବ୍ଲଗର୍ସ ଛାତ୍ରଛାତ୍ରୀ ଏବଂ ମଡେଲ୍‌ଙ୍କ ମଧ୍ୟରେ ଖୁବ୍ ଲୋକପ୍ରିୟ । ଏହାକୁ ଘଣ୍ଟା ସହିତ ମଧ୍ୟ ପିନ୍ଧିପାରିବେ । ଏହା କାଜୁଆଲ୍‌ରୁ ନେଇ ପାର୍ଟି, ଫଙ୍କ୍‌ସନ୍‌ରେ ମଧ୍ୟ ପିନ୍ଧିପାରିବେ ।

### ଟ୍ୟୁବ୍ ରିଙ୍ଗ୍

ଏଥିରୁ ଏକ ଆଧୁନିକ ଲୁକ୍ ମିଳିଥାଏ । ସୁନା, ରୂପା ଅବା ରୋଜଗୋଲ୍‌ଡରେ ନିର୍ମିତ ଏହି ମୁଦି ପିନ୍ଧିପାରିବେ । ଏହାକୁ ଅଙ୍ଗୁଳିର ଗୋଟିଏ ହାତରେ ପିନ୍ଧି ବାକିଗୁଡ଼ିକୁ ଖାଲି ରଖିଲେ ଏହା ହାତକୁ ସୁନ୍ଦର ଦେଖାଯାଏ ।



### ହୁପ୍ କାନଫୁଲ

ହୁପ୍ କାନଫୁଲ ସବୁ ମହିଳା ପିନ୍ଧିବାକୁ ପସନ୍ଦ କରନ୍ତି । ଏହା କେବେହେଲେ ପୁରୁଣା ହୁଏନି । ଏହା ଜ୍ୟାମିତିକ ଆକାର, ସାର୍ପ ଲାଇନ, ମିଶ୍ରଧାତୁର ଥାଏ । ଏହା ପ୍ରଫେସ୍‌ନାଲ ଏବଂ କାଜୁଆଲ ସବୁ ଆଉଟ୍‌ଫିଟ୍‌କୁ ଭଲ ମାନିଥାଏ ।

**ଆସେସ୍ ସିରିଜ ୫ମ ଟେଷ୍ଟ**

# ଆଉ ଏକ ପରାଜୟ ଦ୍ୱାରରେ ଇଂଲଣ୍ଡ

ସିଡନୀ, ୭।୧ (ଏଜେନ୍ସି):

ଘରୋଇ ଅଷ୍ଟ୍ରେଲିଆ ବିପକ୍ଷରେ ଏଠାରେ ଚାଲିଥିବା ଐତିହାସିକ ଆସେସ ସିରିଜର ଅନ୍ତିମ ତଥା ୫ମ ଟେଷ୍ଟ ନିର୍ଣ୍ଣାୟକ ମୋଡ଼ରେ ପହଞ୍ଚିଛି। ୧୮୩ ରନ ପଛରେ ଥାଇ ଦ୍ୱିତୀୟ ପାଳି ଆରମ୍ଭ କରିଥିବା ଭ୍ରମଣକାରୀ ଇଂଲଣ୍ଡ ବୁଧବାର ୪ର୍ଥ ଦିବସ ଶେଷ ସୁଦ୍ଧା ୮ ୱିକେଟ୍ ହରାଇ ୩୦୨ ରନ ସଂଗ୍ରହ କରିଛି। ଯୁବ ବାମହାତୀ ବ୍ୟାଟର୍ ଜ୍ୟାକବ ବେଥେଲ ୧୪୨ ରନ କରି ଅପରାଜିତ ରହିଛନ୍ତି। ନିଜର ଏହି ପ୍ରଥମ ଟେଷ୍ଟ ଶତକୀୟ ପାଳିରେ ବେଥେଲ ୨୩୨ ବଲ୍ ସାମ୍ନା କରି ୧୪୨ ରନ ସଂଗ୍ରହ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ବେନ୍ ଡକେଟ୍ ଓ ହ୍ୟାରୀ ବ୍ରୁକ୍ ୪୨ ରନ ଲେଖାଏ, ଜେମି ସ୍ମିଥ ୨୬, ବ୍ରାୟଡନ କ୍ରାସ ୧୬ ରନ କରି ଆଉଟ୍ ହୋଇଛନ୍ତି। ତେବେ ଓପନର୍ ଜ୍ୟାକ୍ କ୍ରଲୀ (୧), ପ୍ରଥମ ପାଳିର ଶତକ ହାସଲକାରୀ ଜୋ ରୁଟ୍ (୬), ଅଧିନାୟକ ବେନ୍ ଷ୍ଟୋକ୍ସ (୧) ଓ ୱିଲ୍ ଜ୍ୟାକ୍ସ (୦) ନିରାଶ କରିବା ଇଂଲଣ୍ଡ ପାଇଁ ପରାଜୟର ଆଶଙ୍କା ସୃଷ୍ଟି କରିଛି। ଘରୋଇ ଦଳ ପକ୍ଷରୁ ଦୁଇ ଦ୍ରୁତ ବୋଲର ବିଉ ୱେବଷ୍ଟର ୩ ଏବଂ ସ୍କଟ ବୋଲାଣ୍ଡ ୨ଟି ୱିକେଟ୍ ନେଇଛନ୍ତି। ହାତରେ ୨ଟି ୱିକେଟ୍ ବଳକାଥାଇ ଇଂଲଣ୍ଡ ମୋଟ ଉପରେ ୧୧୯ ରନରେ ଅଗ୍ରଣୀ ହାସଲ କରିଛି। ଗୁରୁବାର ମ୍ୟାଚର ଅନ୍ତିମ ତଥା ୫ମ ଦିବସ ହୋଇଥିବାରୁ ଅଷ୍ଟ୍ରେଲିଆ ବଳକା ୨ଟି ୱିକେଟ୍ ନେଇ ମ୍ୟାଚକୁ ହାତେଇ ନେବାକୁ ଲକ୍ଷ୍ୟ ରଖିଛି।

ପୂର୍ବରୁ ଇଂଲଣ୍ଡର ପ୍ରଥମ ପାଳି ସ୍କୋର ଜବାବରେ ଅଷ୍ଟ୍ରେଲିଆ ମଙ୍ଗଳବାର ୩ୟ ଦିବସ ଷ୍ଟମ୍ପ ସୁଦ୍ଧା ୭ ୱିକେଟରେ ୫୧୮ ରନ ସଂଗ୍ରହ କରିଥିଲା। ଏହି ଅସମାପ୍ତ ସ୍କୋରରୁ ବୁଧବାର ବ୍ୟାଟିଂ ଆରମ୍ଭ କରି ଘରୋଇ ଦଳ ଆଉ ୪୯ ରନ ଯୋଡ଼ି ୫୬୭ ରନରେ ଅଲ୍‌ଆଉଟ୍ ହୋଇଯାଇଥିଲା। ବିଉ ୱେବଷ୍ଟର ୭୧ ରନ କରି ଶେଷ ପର୍ଯ୍ୟନ୍ତ ଅପରାଜିତ ରହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓପନର୍ ଟ୍ରାଭିସ ହେଡ୍ ଟେଷ୍ଟ କ୍ୟାରିୟର ୧୧ତମ ଶତକ ସହ ୧୬୩, ଅଧିନାୟକ ଷ୍ଟିଭ ସ୍ମିଥ ୧୩୭ ରନ କରିଥିଲେ। ବୋଲିଂରେ ଜୋଶ୍ ଟଙ୍ଗ ଓ କ୍ରାସଙ୍କୁ ୩ଟି ଲେଖାଏ ୱିକେଟ୍ ମିଳିଥିଲା। ପୂର୍ବରୁ ଅଷ୍ଟ୍ରେଲିଆ ୩-୧ରେ ଅଗ୍ରଣୀ ରହି ଏହି ଟେଷ୍ଟ ସିରିଜକୁ ଆଗୁଆ କବଜା କରିନେଇଛି। ଯଦି ଏହି ୫ମ ମୁକାବିଲାରେ ବିଜୟୀ ହୁଏ ତେବେ ଘରୋଇ ଦଳ ୪-୧ରେ ଐତିହାସିକ ବିଜୟ ଲାଭ କରିବ।




### ସଂକ୍ଷିପ୍ତ ସ୍କୋର

**ଇଂଲଣ୍ଡ ପ୍ରଥମ ପାଳି: ୩୮୪/୧୦** (ରୁଟ୍-୧୬୦, ବ୍ରୁକ୍-୮୪, ନେସର- ୪/୬୦)

**ଅଷ୍ଟ୍ରେଲିଆ ପ୍ରଥମ ପାଳି: ୫୬୭/୧୦, ୧୩୩.୫ ଓଭର** (ହେଡ୍- ୧୬୩, ସ୍ମିଥ- ୧୪୮, ୱେବଷ୍ଟର- ଅପରାଜିତ- ୭୧, ଟଙ୍ଗ -୩/୯୭)

**ଇଂଲଣ୍ଡ ୨ୟ ପାଳି: ୩୦୨/୮, ୭୫ ଓଭର** (ଜାକବ ବେଥେଲ- ୧୪୨, ଡକେଟ୍- ୪୨, ବ୍ରୁକ୍- ୪୨, ରୁଟ୍- ୬, ଷ୍ଟୋକ୍ସ- ୧, ୱେବଷ୍ଟର- ୩/୫୧)।

# ଇତିହାସ ରଚିଲେ ସୂର୍ଯ୍ୟବଂଶୀ

ବେନୋନି, ୭।୧ (ଏଜେନ୍ସି): ଘରୋଇ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଅନୁଷ୍ଠିତ ଅନ୍ତିମ ତଥା ୩ୟ ଯୁଥ୍ (୧୯ ବର୍ଷରୁ କମ୍) ଦିନିକିଆ ମ୍ୟାଚକୁ ଭାରତ ୨୩୩ ରନର ବଡ଼ ବ୍ୟବଧାନରେ ବିଜୟୀ ହୋଇଛି। ବୈଭବ ସୂର୍ଯ୍ୟବଂଶୀ ସର୍ବକନିଷ୍ଠ ଅଧିନାୟକ(୧୪ ବର୍ଷ ୯ ମାସ) ଭାବେ ୬୩ ବଲ୍‌ରେ ଶତକୀୟ ପାଳି ଖେଳି ବିଶ୍ୱରେକର୍ଡ ସୃଷ୍ଟି କରିଛନ୍ତି। ପୂର୍ବରୁ ପ୍ରଥମ ଦୁଇଟି ଦିନିକିଆକୁ ଡିଏଲ୍ ପଦ୍ଧତିରେ ଯଥାକ୍ରମେ ୨୫ ରନ ଓ ୮ ୱିକେଟ୍‌ରେ ଜିତିଥିବା ଭାରତୀୟ ଯୁଥ୍ ଦଳ ଏଥିସହ ୩-୦ରେ ସିରିଜ କ୍ଲିନ୍‌ସୁଇପ୍ କରିଛି।

ତୃତୀୟ ଦିନିକିଆରେ ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଭାରତ ପାଇଁ ଅଧିନାୟକ ସୂର୍ଯ୍ୟବଂଶୀ (୧୨୭ ରନ) ଓ ଆରୋନ ଜର୍ଜ (୧୧୮ ରନ) ଓପନିଂ ୱିକେଟରେ ୨୫.୪ ଓଭରରେ ରେକର୍ଡ ୨୨୭ ରନ ଉଠାଇ ଦୃଢ଼ ମୂଳଦୁଆ ପକାଇଥିଲେ। ଫଳରେ ଭାରତ ୫୦ ଓଭରରେ ୭ ୱିକେଟ୍ ହରାଇ ୩୯୩ ରନର ବିଶାଳ ସ୍କୋର କରିଥିଲା। ଜବାବରେ ୩୯୪ ରନର ବିଶାଳ ଲକ୍ଷ୍ୟକୁ ପିଛା କରିଥିବା ଦକ୍ଷିଣ ଆଫ୍ରିକା ୩୫ ଓଭରରେ ୧୬୦ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ବିଜୟୀ ଭାରତୀୟ ଦଳର କିଶାନ କୁମାର ସିଂ ୩ଟି ଓ ମହମ୍ମଦ ଏନାନ ୨ଟି ୱିକେଟ ନେଇଥିଲେ। ମ୍ୟାଚରେ ୧୪ ବର୍ଷୀୟ ସୂର୍ଯ୍ୟବଂଶୀ ୭୪ ବଲରେ ୧୨୭ ରନ କରି ଆଉଟ୍ ହୋଇଥିଲେ। ଏହି ବିସ୍ଫୋରକ ପାଳିରେ ସେ ୯ଟି ଚୌକା ଓ ୧୦ଟି ଛକା ମାରିଥିଲେ। ଏଥିସହ ଯୁଥ୍ ଦିନିକିଆ କ୍ରିକେଟ୍ ଇତିହାସରେ ସର୍ବକନିଷ୍ଠ ଶତକ ହାସଲକାରୀ ଅଧିନାୟକ ହୋଇଛନ୍ତି। ସେ ମଧ୍ୟ ଯୁଥ୍ ଦିନିକିଆରେ ୨ୟ, ୩ୟ ଓ ୪ର୍ଥ ଦ୍ରୁତତମ ଶତକ ହାସଲକାରୀ ବ୍ୟାଟର୍ ହୋଇଛନ୍ତି। ପୂର୍ବରୁ ସୂର୍ଯ୍ୟବଂଶୀ ଇଂଲଣ୍ଡ ବିପକ୍ଷରେ ୫୨ ବଲ୍ ଓ ୟୁଏଇ ବିପକ୍ଷରେ ୫୬ ବଲରେ ଶତକ ମାରିଥିଲେ। ଦ୍ରୁତତମ ଯୁଥ ଦିନିକିଆ ଶତକ ପାକିସ୍ତାନର ସମୀର ମିନହାସ (୪୨ ବଲ)ଙ୍କ ନାମରେ ରହିଛି।

**ଯୁଥ୍ ଦିନିକିଆରେ ସର୍ବକନିଷ୍ଠ ଶତକ ହାସଲକାରୀ**

**ଭାରତୀୟ ଯୁଥ୍ ଦଳର ସିରିଜ କ୍ଲିନସୁଇପ୍**




**ଟି-୨୦ ବିଶ୍ୱକପ୍**

## ସାଣ୍ଟନରଙ୍କୁ ନେତୃତ୍ୱ

ଅକଲାଣ୍ଡ, ୭।୧ (ଏଜେନ୍ସି): ଆସନ୍ତା ମାସରେ ଭାରତ ଓ ଶ୍ରୀଲଙ୍କାରେ ମିଳିତ ଭାବେ ଆୟୋଜିତ ହେବାକୁ ଥିବା ଆଇସିସି ପୁରୁଷ ଟି-୨୦ ବିଶ୍ୱକପ୍ ଲାଗି ବୁଧବାର ନ୍ୟୁଜିଲାଣ୍ଡ ଦଳ ଘୋଷଣା କରାଯାଇଛି। ଅଭିଜ୍ଞ ଅଲ୍‌ରାଉଣ୍ଡର ମିଚେଲ ସାଣ୍ଟନରଙ୍କୁ ଘୋଷିତ ୧୫ ଜଣିଆ ଦଳର ନେତୃତ୍ୱ ଭାର ଦିଆଯାଇଛି। ସେହିଭଳି ଦ୍ରୁତ ବୋଲର ଜାକବ ଡଫିଙ୍କୁ ଏହି ଦଳରେ ସ୍ଥାନ ମିଳିଛି। ୩୧ ବର୍ଷୀୟ ଡଫିଙ୍କ ଏହା ପ୍ରଥମ ଟି-୨୦ ବିଶ୍ୱକପ୍ ହେବ। ଡଫି ବିଦାୟୀ ବର୍ଷ ୨୦୨୫ରେ ଅନ୍ତର୍ଜାତୀୟ କ୍ରିକେଟ୍‌ରେ ଦମ୍‌ଦାର ପ୍ରଦର୍ଶନ କରିଥିଲେ। ତିନୋଟି ଯାକ ଫର୍ମାଟ୍‌ରେ ସେ ମୋଟ୍ ୮୧ଟି ୱିକେଟ ନେଇ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଆଗାମୀ ବିଶ୍ୱକପ୍‌ରେ ନ୍ୟୁଜିଲାଣ୍ଡ ଗ୍ରୁପ୍-ଡି'ରେ ସ୍ଥାନ ପାଇଛି। ଏହି ଗ୍ରୁପ୍‌ରେ ନ୍ୟୁଜିଲାଣ୍ଡ ସହ ଆଫଗାନିସ୍ତାନ, ଦକ୍ଷିଣ ଆଫ୍ରିକା, କାନାଡା ଓ ୟୁଏଇ ରହିଛି। ଫେବୃଆରୀ ୮ରେ ଆଫଗାନିସ୍ତାନ ବିପକ୍ଷରେ ଖେଳି ନ୍ୟୁଜିଲାଣ୍ଡ ଏହାର ବିଶ୍ୱକପ୍ ଅଭିଯାନ ଆରମ୍ଭ କରିବ। ଏହି ମ୍ୟାଚଟି ଚେନ୍ନଇରେ ଖେଳାଯିବ।

**ନ୍ୟୁଜିଲାଣ୍ଡ ବିଶ୍ୱକପ୍ ଦଳ**

ମିଚେଲ ସାଣ୍ଟନର (ଅଧିନାୟକ), ଫିନ ଆଲେନ, ମାଇକେଲ ବ୍ରାସୱେଲ, ମାର୍କ ଚାପମାନ, ଡେଭନ କନୱେ, ଜାକବ ଡଫି, ଲକି ଫର୍ଗୁସନ, ମାଟ୍ଟ ହେନରୀ, ଡାରୀଲ ମିଚେଲ, ଆଦାମ ମିଲନେ, ଜେମ୍ସ ନିଶାମ, ଗ୍ଲେନ ଫିଲିପ୍ସ, ରାଚିନ ରବୀନ୍ଦ୍ର, ଟିମ ସୌଦୀ ଓ ଇଶ ସୋଧୀ। ରିଜର୍ଭ ଖେଳାଳି: କାଏଲ ଜେମିସନ।

## ଓଡ଼ିଶାର ଦ୍ୱିତୀୟ ବିଜୟ

କଟକ,୭।୧(ସମିସ): ଡାମନ ଏବଂ ଡିଉରେ ଚାଲିଥିବା ଖେଲୋ ଇଣ୍ଡିଆ ବିଚ୍ ସକର ଟୁର୍ଣ୍ଣାମେଣ୍ଟରେ ଓଡ଼ିଶା କ୍ରମାଗତ ଦ୍ୱିତୀୟ ବିଜୟ ହାସଲ କରିଛି। ବୁଧବାର ଓଡ଼ିଶା ମହିଳା ଫୁଟବଲ୍ ଦଳ ୮-୪ ଗୋଲରେ ଅରୁଣାଚଳପ୍ରଦେଶକୁ ପରାସ୍ତ କରିଛି। ପ୍ରଥମ ପିରିୟଡରେ ଓଡ଼ିଶା ୨ଟି ଗୋଲ ସ୍କୋର କରିଥିବା ବେଳେ ଅବଶିଷ୍ଟ ୨ଟି ପିରିୟଡରେ ଦଳ ପକ୍ଷରୁ ୩ଟି ଲେଖାଏ ଗୋଲ ହୋଇଥିଲା। ଓଡ଼ିଶା ପକ୍ଷରୁ ମନୀଷା ନାଏକ ସର୍ବାଧିକ ୫ଟି, ସତ୍ୟବତୀ ଖାଡିଆ ୨ଟି ଏବଂ ପ୍ରଜ୍ଞା କିଶାନ ଗୋଟିଏ ଗୋଲ ଦେଇଥିଲେ।

**ପୁରୁଷ ହକି ଇଣ୍ଡିଆ ଲିଗ୍**

## ରସେଲଙ୍କ ହ୍ୟାଟ୍ରିକ୍

ଚେନ୍ନଇ, ୭।୧ (ଏଜେନ୍ସି): ହକି ଇଣ୍ଡିଆ ଲିଗ୍ (ଏଚ୍‌ଆଇଏଲ୍) ର ପୁରୁଷ ଇଭେଣ୍ଟରେ ବୁଧବାର ଅନୁଷ୍ଠିତ ଏକ ମ୍ୟାଚରେ ଏଚ୍‌ଆଇଏଲ୍ ଗଭର୍ଣ୍ଣି କାଉନସିଲ୍ (ଜିସି) ବଡ଼ ବିଜୟ ହାସଲ କରିଛି। ସ୍ଥାନୀୟ ମେୟର ରାଧାକ୍ରିଷ୍ଣନ ଷ୍ଟାଡିୟମରେ ଅନୁଷ୍ଠିତ ଏହି ମ୍ୟାଚରେ ଏଚ୍‌ଆଇଏଲ୍ ଜିସି ୬-୩ ଗୋଲ୍‌ର ବଡ଼ ବ୍ୟବଧାନରେ ଶାରଚି ବେଙ୍ଗଲ ଟାଇଗର୍ସକୁ ପରାସ୍ତ କରିଛି। ବିଜୟୀ ଦଳର ନ୍ୟୁଜିଲାଣ୍ଡ ତାରକା କେନ୍ ରସେଲ ହ୍ୟାଟ୍ରିକ ଗୋଲ୍ ଦେଇ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓଡ଼ିଆ ଖେଳାଳି ସୁଦୀପ ଚିରମାକୋ, ସାମ୍ ୱାର୍ଡ ଓ ଜେମ୍ସ ଆଲବାରୀଙ୍କ ଷ୍ଟିକ୍ସରୁ ଗୋଟିଏ ଲେଖାଏ ଗୋଲ୍ ବାହାରିଥିଲା। ଦୁଇଟି ମ୍ୟାଚରୁ ଦୁଇଟି ବିଜୟ ସହ ଏଚଆଇଏଲ୍ ଜିସି ୬ ପଏଣ୍ଟ ପାଇ ୮ ଦଳୀୟ ଟେବଲ୍ ତାଲିକାର ଶୀର୍ଷରେ ରହିଛି। ସେହିଭଳି ପୁରୁଷ ବିଭାଗରେ ଅନ୍ୟ ଏକ ମ୍ୟାଚ୍‌ରେ ହାଇଦରାବାଦ୍ ତୁଫାନ୍ସ ୩-୨ ଗୋଲ୍‌ରେ ରାଞ୍ଚି ରୟାଲ୍ସକୁ ପରାସ୍ତ କରିଛି। ଅପରପକ୍ଷରେ ମହିଳା ବିଭାଗରେ ଜେଏସଡବ୍ଲ୍ୟୁ ସୁରମା ହକି କ୍ଲବ ୩-୨ ଗୋଲ୍‌ରେ ବେଙ୍ଗଲ ଟାଇଗର୍ସକୁ ହରାଇଛି। ଷଷ୍ଠ ମ୍ୟାଚରୁ ସୁରମାର ଏହା ୨ୟ ବିଜୟ।



## ସିନ୍ଧୁ, ସାତ୍ତ୍ୱିକ-ଚିରାଗ ଆଗେଇଲେ

କ୍ୱାଲାଲୁମ୍ପୁର, ୭।୧ (ଏଜେନ୍ସି): ଦୁଇଥରର ଅଲିମ୍ପିକ୍ସ ପଦକ ବିଜୟିନୀ ପିଭି ସିନ୍ଧୁ ଏଠାରେ ଚାଲିଥିବା ମାଲେସିଆ ଓପନ୍‌ରେ ବିଜୟରୁ ଅଭିଯାନ ଆରମ୍ଭ କରିଛନ୍ତି। ବୁଧବାର ଅନୁଷ୍ଠିତ ମହିଳା ସିଙ୍ଗଲ୍ସର ଏକ ମ୍ୟାଚରେ ସିନ୍ଧୁ ୨୧-୧୩, ୨୨-୨୦ ସିଧାସଳଖ ଗେମରେ ଚାଇନିଜ ତାଇପେଇର ସୁଙ୍ଗ୍ ସୁଓ-ୟୁନଙ୍କୁ ହରାଇଦେଇଛନ୍ତି। ଏହି ମ୍ୟାଚ୍ ଜିତିବାକୁ ସିନ୍ଧୁଙ୍କୁ ମାତ୍ର ୫୧ ମିନିଟ୍ ସମୟ ଲାଗିଥିଲା। ତାଇପେଇର ସୁଙ୍ଗଙ୍କ ବିପକ୍ଷରେ ସିନ୍ଧୁଙ୍କ ଏହା କ୍ରମାଗତ ୩ୟ ବିଜୟ ଥିଲା। ଅପରପକ୍ଷରେ ପୁରୁଷ ଡବଲ୍ସରେ ସାତ୍ତ୍ୱିକସାଇରାଜ ରାଙ୍କିରେଡ୍ଡୀ ଓ ଚିରାଗ ସେଟ୍ଟୀ ଯୋଡ଼ି ମଧ୍ୟ ସହଜ ବିଜୟ ସହ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ସାତ୍ତ୍ୱିକ-ଚିରାଗ ଯୋଡ଼ି ୨୧-୧୩, ୨୧-୧୫ ସିଧାସଳଖ ଗେମରେ ଚାଇନିଜ ତାଇପେଇର ଲି ଝେ-ହୁଇ ଓ ୟାଙ୍ଗ ପୋ-ସୁଆନଙ୍କ ପରାସ୍ତ କରିଥିଲେ।

## ଜାତୀୟ ଅସିଚାଳନା: ହରିୟାଣାକୁ ଡବଲ୍ ଟାଇଟଲ୍



କଟକ,୭।୧(ସମିସ): ସ୍ଥାନୀୟ ଜବାହରଲାଲ ନେହରୁ ଇଣ୍ଡୋର ଷ୍ଟାଡିୟମରେ ଚାଲିଥିବା ୩୩ତମ ଜାତୀୟ ଜୁନିଅର ଅସିଚାଳନା ଚାମ୍ପିଅନସିପରେ ହରିୟାଣା ଦଳ ପ୍ରାଧାନ୍ୟ ବିସ୍ତାର କରି ରଖିଛି। ଫଏଲ ଇଭେଣ୍ଟରେ ହରିୟାଣା ବାଳିକା ଦଳଗତ ଚାମ୍ପିଅନ ହୋଇଥିବାବେଳେ ବାଳକ ବର୍ଗରେ ମଧ୍ୟ ହରିୟାଣାକୁ ଦଳଗତ ସଫଳତା ମିଳିଛି। ମହିଳା ଏକକ ବର୍ଗରେ ହରିୟାଣାର ପ୍ରାଚୀ ଲୋହାନ ସ୍ୱର୍ଣ୍ଣ ଓ ଅନୁପ୍ରିୟା ରୌପ୍ୟ ପଦକ ହାସଲ କରିଛନ୍ତି। କେରଳର ନିଭେଘ୍ୟା ନାୟର ଏବଂ ମଣିପୁରର ନେଲସିରୋଜ୍ ଦେବୀ ଯୁଗ୍ମ ଭାବେ କାଂସ୍ୟ ପଦକ ଜିତିଛନ୍ତି। ଓଡ଼ିଶା ଅସିଚାଳନା ସଂଘର ସମ୍ପାଦକ ଦେବେନ୍ଦ୍ର କୁମାର ସାହୁ, ଉପସଭାପତି ରମେଶ ମଲ୍ଲିକ, ଯୁଗ୍ମ ସମ୍ପାଦକ ସୁମିତ ରଞ୍ଜନ ପୁରୋହିତ ଉପସ୍ଥିତ ରହି ପଦକ ବିଜୟୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ।

**ଜାତୀୟ ସିନିଅର ପୁରୁଷ ଭଲିବଲ୍**

## ଓଡ଼ିଶା ଦଳର ହ୍ୟାଟ୍ରିକ୍ ବିଜୟ



ଭୁବନେଶ୍ୱର, ୭।୧ (ସମିସ): ବାରଣାସୀରେ ଅନୁଷ୍ଠିତ ଜାତୀୟ ସିନିଅର ପୁରୁଷ ଭଲିବଲ୍ ଚାମ୍ପିଅନସିପ୍‌ର ୭୨ତମ ସଂସ୍କରଣରେ ଓଡ଼ିଶା ଏହାର ବିଜୟଧାରା ଜାରି ରଖିଛି। ବୁଧବାର ଅନୁଷ୍ଠିତ ଏକ ମ୍ୟାଚରେ ଓଡ଼ିଶା ଦଳ ୩-୧ (୧୯-୨୫, ୨୫-୧୪, ୨୬-୨୪, ୨୫-୧୯) ସେଟ୍‌ରେ ଆନ୍ଧ୍ର ପ୍ରଦେଶକୁ ପରାସ୍ତ କରିଛି। ଏଥିସହ ଓଡ଼ିଶା ପ୍ରତିଯୋଗିତାରେ ହ୍ୟାଟ୍ରିକ ବିଜୟ ଲାଭ କରିଛି। ପୂର୍ବ ଦୁଇଟି ମ୍ୟାଚରେ ଓଡ଼ିଶା ଯଥାକ୍ରମେ ୩-୧ ସେଟରେ ତେଲଙ୍ଗାନାକୁ ଏବଂ ୩-୦ ସେଟରେ ବିହାରକୁ ମାତ୍ ଦେଇଥିଲା। ଓଡ଼ିଶା ଦଳର ଏହି ସଫଳତାରେ ରାଜ୍ୟ ଭଲିବଲ୍ ସଂଘର ସଭାପତି ପ୍ରଫେସର ଅଚ୍ୟୁତ ସାମନ୍ତ, ସାଧାରଣ ସମ୍ପାଦକ ଗଗନେନ୍ଦୁ ଦାଶ ପ୍ରମୁଖ ଅଭିନନ୍ଦନ ଜଣାଇଛନ୍ତି।

## ଜାତୀୟ ଫୁଟ୍‌ସାଲରେ ଓଡ଼ିଶାରୁ ୧୬

ଭୁବନେଶ୍ୱର, ୭।୧ (ସମିସ): ଫରିଦାବାଦରେ ଆରମ୍ଭ ହୋଇଥିବା ସ୍ପେଶିଆଲ୍ ଅଲିମ୍ପିକ ଭାରତ ଜାତୀୟ ଫୁଟସାଲ୍ ପ୍ରତିଯୋଗିତାରେ ଭାଗନେବାକୁ ଓଡ଼ିଶାର ୧୬ ଜଣିଆ ଦଳ ହରିୟାଣା ଗସ୍ତ କରିଛି। ଓଡ଼ିଶା ମହିଳା ଦଳରେ ଦୀପିକା କୁମ୍ଭାର, ସୀମା ପଟେଲ, ଘରଣା ଦାସ, ମିନା ରାଓ, ବାସନ୍ତୀ ମହନ୍ତ, ସୋନାଲି ନାୟକ, ବିବେଶିଖା ବେହେରା ସ୍ଥାନ ପାଇଛନ୍ତି। ସସ୍ମିତା ରାଉତରାୟ ଦଳର କୋଚ୍ ରହିଛନ୍ତି। ସେହିଭଳି ପୁରୁଷ ଦଳ ସହ ରଞ୍ଜିତ ଖୁଣ୍ଟିଆ, ଦଧିଚି, ମହମ୍ମଦ ୱାସିମ ଆକ୍ରମ, ଇନ୍ଦ୍ରମଣି କାଣ୍ଡି, ଶ୍ୱେତରାଜ ସାମଲ, ଆଶୁତୋଷ ପଟ୍ଟନାୟକ ଗସ୍ତ କରିଛନ୍ତି। ନୀରଜ ସିଂ ଓ ତ୍ରିନାଲ ସାମଲ ପ୍ରଶିକ୍ଷକ ଦାୟିତ୍ୱ ସମ୍ଭାଳିବେ। ଏହି ଅବସରରେ ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗ, ସ୍ପେଶିଆଲ ଅଲିମ୍ପିକ୍ସ ଭାରତ ଓଡ଼ିଶାର ନିର୍ଦ୍ଦେଶକ ପ୍ରକାଶ ରଥ, ଅଧକ୍ଷା ସୁନୀତା ମୁଣ୍ଡ, ଉପାଧ୍ୟକ୍ଷ ଉମାକାନ୍ତ ଷଡ଼ଙ୍ଗୀ, କ୍ରୀଡ଼ା ନିର୍ଦ୍ଦେଶକ ସସ୍ମିତା ମହାପାତ୍ର, ସଂଯୋଜକ ଅର୍ପିତା ମହାପାତ୍ର, ମନତୋଷ ବେହେରା ସମସ୍ତଙ୍କୁ ଶୁଭେଚ୍ଛା ଓ ଶୁଭକାମନା ଜଣାଇଛନ୍ତି।

## ଅସ୍ମିତା ଜାତୀୟ ଜୋନାଲ ଆନ୍ତଃ ଭାରୋତ୍ତୋଳନରେ ଭାଗନେବ ଓଡ଼ିଶା



ଭୁବନେଶ୍ୱର, ୭।୧ (ସମିସ): ଉତ୍ତର ପ୍ରଦେଶର ମୋଦୀନଗରଠାରେ ଗୁରୁବାରଠାରୁ ଅସ୍ମିତା ଜାତୀୟ ଆନ୍ତଃଜୋନାଲ ଭାରୋତ୍ତୋଳନ ଚାମ୍ପିଅନସିପ୍ ଆରମ୍ଭ ହେବ। ଗତ ଜୋନାଲ ପ୍ରତିଯୋଗିତାରେ ଯେଉଁମାନେ ପଦକ ବିଜୟୀ ହୋଇଥିଲେ ସେମାନେ ଏଥିରେ ଭାଗନେବା ଲାଗି ଯୋଗ୍ୟ ବିବେଚିତ ହୋଇଛନ୍ତି। ଯୋଗ୍ୟତା ଅର୍ଜନ କରିଥିବା ପ୍ରତିଯୋଗୀମାନେ ହେଲେ ମୀନା ସାନ୍ତା (ବି), ମୀନା ସିଂ, ବନିତା ନାଏକ, ଶ୍ୱେତାଲିନା ମହାନ୍ତି, ଅଙ୍କିତା ପ୍ରଧାନ, ଆଲିଶା ବେହେରା, ରିମଝିମ ନାଏକ, ରୁମାଲି ପ୍ରଧାନ, ଟିନା ରାଉତ, ପ୍ରତିଭାରାଣୀ ପ୍ରଡ଼ା ଓ ମୌସୁମୀ ଦାସ। ତେବେ ଯୋଗ୍ୟ ବିବେଚିତ ହୋଇଥିଲେ ମଧ୍ୟ ପରୀକ୍ଷା ଲାଗି ପ୍ରୀତିମୟୀ ମହାନ୍ତି ଦଳ ସହ ଯାଇପାରୁନାହାନ୍ତି। ଯଜ୍ଞ ନାରାୟଣ ନନ୍ଦ, ଗୋପାଳ କୃଷ୍ଣ ଦାସ ଓ ପଦ୍ମିନୀ ମହାନ୍ତି କୋଚ୍ ଭାବେ ଦଳ ସହ ଗସ୍ତ କରିଛନ୍ତି। ଓଡ଼ିଶା ଭାରୋତ୍ତୋଳନ ସଂଘର ସମସ୍ତ କର୍ମକର୍ତ୍ତା ଏହି ଅବସରରେ ରାଜ୍ୟ ଦଳକୁ ଶୁଭେଚ୍ଛା ଜଣାଇଛନ୍ତି।

## ଆଥଲେଟ୍ ଜିନ୍‌ସନ୍ ଜନ୍‌ସନ୍‌ଙ୍କ ଅବସର ଘୋଷଣା

ନୂଆଦିଲ୍ଲୀ,୭।୧(ଏଜେନ୍ସି): ତାରକା ଭାରତୀୟ ଆଥଲେଟ ତଥା ଧାବକ ଜିନସନ ଜନସନ ବୁଧବାର ଅବସର ଘୋଷଣା କରିଛନ୍ତି। ଏସୀୟ କ୍ରୀଡ଼ା ସ୍ୱର୍ଣ୍ଣ ପଦକ ବିଜେତା ୩୪ ବର୍ଷୀୟ ଜିନସନ ଗତ କେତେବର୍ଷ ହେବ ଆଘାତ ସମସ୍ୟା ଦେଇ ଗତି କରୁଥିଲେ। ଏଥିସହ ଦୀର୍ଘ ୧୫ ବର୍ଷର ତାଙ୍କ ଜାଜ୍ଜୁଲ୍ୟମାନ କ୍ୟାରିୟରର ଅନ୍ତ ଘଟିଛି। ଜିନସନ ୨୦୨୩ ଅକ୍ଟୋବରରେ ହାଙ୍ଗଝୋଉ ଏସୀୟ କ୍ରୀଡ଼ାରେ ୧୫୦୦ମି ଦୌଡ଼ରେ କାଂସ୍ୟ ପଦକ ହାସଲ କରିଥିଲେ ଓ ଏହା ଥିଲା ତାଙ୍କ କ୍ୟାରିଅରର ଅନ୍ତିମ ଅନ୍ତର୍ଜାତୀୟ ପଦକ। ୨୦୧୮ ଜାକର୍ତ୍ତା ଏସୀୟ କ୍ରୀଡ଼ାରେ ସେ ୧୫୦୦ମିରେ ସ୍ୱର୍ଣ୍ଣିମ ସଫଳତା ହାସଲ କରି ଇତିହାସ ସୃଷ୍ଟି କରିଥିଲେ ଓ ଏହାଥିଲା ତାଙ୍କ କ୍ୟାରିଅରର ଶ୍ରେଷ୍ଠ ମୁହୂର୍ତ୍ତ। ସେ ୩ ମିନିଟ୍ ୪୪.୭୨ ସେକେଣ୍ଡ ସମୟ ନେଇ ସ୍ୱର୍ଣ୍ଣ ଜିତିଥିଲେ।



# ରେଭେନ୍ସାରେ ପୂର୍ବାଞ୍ଚଳ ଆନ୍ତଃବିଶ୍ୱବିଦ୍ୟାଳୟ ଟି-୨୦

### ଭାଗନେବେ ୭୪ ବିଶ୍ୱବିଦ୍ୟାଳୟ; ଓଡ଼ିଶାରୁ ୧୩



କଟକ,୭।୧(ସମିସ):

ରେଭେନ୍ସା ବିଶ୍ୱବିଦ୍ୟାଳୟ ଏବଂ ଆସୋସିଏସନ ଅଫ ଇଣ୍ଡିଆନ ୟୁନିଭର୍ସିଟି(ଏଆଇୟୁ)ର ମିଳିତ ଆନୁକୂଲ୍ୟରେ ଆସନ୍ତା ୧୦ ତାରିଖରୁ ପୂର୍ବାଞ୍ଚଳ ଆନ୍ତଃବିଶ୍ୱବିଦ୍ୟାଳୟ ଟି-୨୦ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହେବ। ଏହି ଟୁର୍ଣ୍ଣାମେଣ୍ଟରେ ରାଜ୍ୟର ୧୩ଟି ବିଶ୍ୱବିଦ୍ୟାଳୟକୁ ମିଶାଇ ଦେଶର ମୋଟ୍ ୭୪ଟି ବିଶ୍ୱବିଦ୍ୟାଳୟ ଦଳ ଭାଗନେବେ। ରେଭେନ୍ସା ବିଶ୍ୱବିଦ୍ୟାଳୟର ସିଣ୍ଡିକେଟ ହଲ୍‌ରେ ବୁଧବାର ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଟୁର୍ଣ୍ଣାମେଣ୍ଟ ଆୟୋଜନ ବାବଦରେ ବିସ୍ତୃତ ସୂଚନା ଦିଆଯାଇଥିଲା।

ଆୟୋଜକ ରେଭେନ୍ସା ବିଶ୍ୱବିଦ୍ୟାଳୟର ଗ୍ରାଉଣ୍ଡ ସମେତ ଟାଙ୍ଗୀସ୍ଥିତ ଡ୍ରିମସ ବିଶ୍ୱବିଦ୍ୟାଳୟ, କିଟ ବିଶ୍ୱବିଦ୍ୟାଳୟ, ଏମଜିଏମ ଏକାଡେମୀ ଏବଂ ବିଡାନାସୀ ଗ୍ରାଉଣ୍ଡରେ ଟୁର୍ଣ୍ଣାମେଣ୍ଟର ସମସ୍ତ ମ୍ୟାଚ୍ ଖେଳାଯିବ। ଓଡ଼ିଶାର ବ୍ରହ୍ମପୁର, ଏନଏଲୟୁ, ଏମଏସସିବି, ଓୟୁଏଟି, ଉତ୍କଳ, କିସ, ସମ୍ବଲପୁର, କିଟ୍, ସୋଆ, ବୁର୍ଲା, ଶ୍ରୀଶ୍ରୀ, ରେଭେନ୍ସା ଓ ଫକୀର ମୋହନ ବିଶ୍ୱବିଦ୍ୟାଳୟ ଟୁର୍ଣ୍ଣାମେଣ୍ଟରେ ଭାଗ ନେବେ। ୭୪ଟି ଯାକ ଦଳକୁ ୪ଟି ପୁଲ୍‌ରେ ବିଭକ୍ତ କରାଯାଇଛି। ଲିଗ୍ ପର୍ଯ୍ୟାୟର ମ୍ୟାଚ୍‌ଗୁଡିକ ନକଆଉଟ୍ ଭିତ୍ତିରେ ଖେଳାଯିବ। ତେବେ ଗତ ସଂସ୍କରଣରେ ଶ୍ରେଷ୍ଠ ଚାରି ଦଳ ପାଟଳିପୁତ୍ର ବିଶ୍ୱବିଦ୍ୟାଳୟ, ରବୀନ୍ଦ୍ର ଭାରତୀ ବିଶ୍ୱବିଦ୍ୟାଳୟ, ବିନୋବା ଭାବେ ବିଶ୍ୱବିଦ୍ୟାଳୟ ଓ ଲଳିତ ନାରାୟଣ ମିଥିଳା ବିଶ୍ୱବିଦ୍ୟାଳୟ ସିଧାସଳଖ ଲିଗ୍ ପର୍ଯ୍ୟାୟର ଫାଇନାଲ ରାଉଣ୍ଡ ଖେଳିବେ।

ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଦୁଇ ଦଳ ଅଲଇଣ୍ଡିଆ ଟୁର୍ଣ୍ଣାମେଣ୍ଟ ଖେଳିବାକୁ ଯୋଗ୍ୟତା ହାସଲ କରିବେ। ଏତଦବ୍ୟତୀତ ଗୋଟିଏ ଦଳ ଭିଜି ଟ୍ରଫି ଖେଳିବ। ରେଭେନ୍ସା ବିଶ୍ୱବିଦ୍ୟାଳୟର ଉଭୟ କ୍ୟାମ୍ପସରେ ଖେଳାଳି ଓ ମ୍ୟାଚ୍ ଅଫିସିଆଲଙ୍କ ରହଣୀ ବ୍ୟବସ୍ଥା କରାଯିବ। ୨୨ ତାରିଖରେ ରେଭେନ୍ସା ବିଶ୍ୱବିଦ୍ୟାଳୟ ଗ୍ରାଉଣ୍ଡରେ ଫାଇନାଲ ମୁକାବିଲା ହେବ ବୋଲି ସୂଚନା ଦିଆଯାଇଛି। ସାମ୍ବାଦିକ ସମ୍ମିଳନୀରେ ସ୍ପୋର୍ଟସ କାଉନସିଲ ଅଧ୍ୟକ୍ଷ ପ୍ରଫେସର ଧର୍ମବ୍ରତ ମହାପାତ୍ର, କ୍ରୀଡ଼ାଧିକାରୀ ଡଃ ଅଞ୍ଜନ କୁମାର ଖୁଣ୍ଟିଆ, କୁଳସଚିବ କାହ୍ନୁଚରଣ ମଲ୍ଲିକ, ପ୍ରଫେସର ସୁଦର୍ଶନ ମିଶ୍ର, ଡଃ ଈଶ୍ୱର ନାୟକ, ଡଃ ଯାଜ୍ଞସେନୀ ରାଉତ, ଡଃ ମନୋଜ ଦାସ, ଡଃ ସତ୍ୟବ୍ରତ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ରୁ ଦାସ
EXECUTIVE EDITOR: SAMARENDU DAS